ଗୋଧୂଳି

ଆଦାନ ପ୍ରଦାନ

ଗୋଧୂଳି

ଶୀଳଭଦ୍ର

ଅନୁବାଦ
ଭାରତ ଭୂଷଣ ମହାନ୍ତି

ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

ISBN 81-237-3426-୩

2000 (ଶକାବ୍ଦ 1922)

© ଲେଖକାଧୀନ

ଓଡ଼ିଆ ଅନୁବାଦ © ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ, 2000

Godhuli *(Oriya)*

ଟ.35.00

ନିର୍ଦ୍ଦେଶକ, ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ, ଏ-5, ଗ୍ରୀନ୍ ପାର୍କ
ନୂଆଦିଲ୍ଲୀ-110 016 କର୍ତ୍ତୃକ ପ୍ରକାଶିତ ।

ଭୂମିକା

ଶୀଲଭଦ୍ର ଛଦ୍ମ ନାମରେ ପଚାଶ ଦଶକରୁ ତୀବ୍ର ସମାଜ ଚେତନା, ମିତବ୍ୟୟିତା, ସୂକ୍ଷ୍ମ ନିରୀକ୍ଷଣ ଏବଂ ନିରପେକ୍ଷ ବସ୍ତୁନିଷ୍ଠତାରେ କ୍ଷୁଦ୍ର ଗଳ୍ପ ଲେଖୁଥିବା ବ୍ୟକ୍ତି ଜଣଙ୍କର ନାମ ରେବତୀ ମୋହନ ଦତ୍ତ ଚୌଧୁରୀ । ଅନୁଭୂତି ଓ ଧୀ-ଶକ୍ତିର ସଂଯୋଗ ତାଙ୍କ ଗଳ୍ପର ସ୍ୱକୀୟ ବୈଶିଷ୍ଟ୍ୟ । ଅ-ଗତାନୁଗତିକ, ଧୀଶକ୍ତି ନିର୍ଭର ଏବଂ ସଂଖ୍ୟାରେ ତୁଳନାତ୍ମକ ଭାବେ କମ୍ ହେବାରୁ ଶୀଲଭଦ୍ରଙ୍କ ଗଳ୍ପ ଜନପ୍ରିୟତା ଲାଭ କରିବାକୁ ସତୁରୀ ଦଶକ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଲା । 'ଆକୌ ମଧୁପୁର', 'ତର୍ପଣ', ଆଦି ଗଳ୍ପ ସଂକଳନରେ ସନ୍ନିବିଷ୍ଟ ଗଳ୍ପସମୂହ ଠାରୁ ଶୀଲଭଦ୍ରଙ୍କ ଗଳ୍ପ ଧୀରେ ଧୀରେ ଅଧିକ ଧୀଶକ୍ତି ନିର୍ଭର ହେବା କଥାଟା ଅନୁମାନ କରିହୁଏ । ତାଙ୍କ ଶେଷ ଗଳ୍ପମାନଙ୍କ ଭିତରେ ଗତାନୁଗତିକ ଗଳ୍ପ, ଚରିତ୍ରାଙ୍କନ ଏବଂ କଥନଶୈଳୀ ଦୂରେଇ ଯିବାଟା ପାଠକର ଦୃଷ୍ଟି ଆକର୍ଷଣ କରେ । ଶୀଲଭଦ୍ର କାହାକୁ ଅନୁକରଣ କରନ୍ତିନି । ତାଙ୍କର ଗୋଟାଏ ଗଳ୍ପ ଅନ୍ୟ ଗୋଟାଏ ଗଳ୍ପକୁ ମଧ୍ୟ ଅନୁକରଣ କରେନି । ସତୁରୀ ଦଶକରେ ଶୀଲଭଦ୍ର ଅସମୀୟା ସାହିତ୍ୟରେ ଅଗ୍ରଣୀ ଗଳ୍ପ ଲେଖକ ହିସାବରେ ପ୍ରତିଷ୍ଠିତ ହେବା ସମୟରେ ଉପନ୍ୟାସ ଲେଖିବାକୁ ଆରମ୍ଭ କରନ୍ତି । 'ମଧୁପୁର', 'ତରଙ୍ଗିନୀ', 'ଆଗମନୀର ଘାଟ', 'ଆହତ ଗୁଡ଼ି', 'ଗଧୂଳି' (ଗୋଧୂଳି) ଏବଂ 'ଅନୁସଂଧାନ' ହେଉଛି ଶୀଲଭଦ୍ରଙ୍କ ଉପନ୍ୟାସ । ଏହା ମଧ୍ୟରେ ପ୍ରଥମ ଚାରିଟି ସତୁରୀ ଦଶକରେ ଲେଖା ଏବଂ ପର ଦୁଇଟି ଅଶୀ ଦଶକରେ ଲେଖା ହୋଇଥିଲା । କ୍ଷୁଦ୍ରଗଳ୍ପ ପରି ଶୀଲଭଦ୍ରଙ୍କ ଉପନ୍ୟାସ ସାମଗ୍ରିକ ଭାବେ ଧୀଶକ୍ତି ନିର୍ଭର । 'ମଧୁପୁର', 'ଗଧୂଳି' ଆଦି ଉପନ୍ୟାସ ମାନଙ୍କରେ ଶୀଲଭଦ୍ର କାହାଣୀ ଏବଂ ନିର୍ମାଣ କୌଶଳ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆଣିଛନ୍ତି ।

'ମଧୁପୁର' ଉପନ୍ୟାସଟି ବିଭିନ୍ନ ଦିଗରୁ ଅ-ଗତାନୁଗତିକ । ବ୍ୟକ୍ତି ଏବଂ ସମାଜ ଭିତରେ ବହୁ ମାତ୍ରିକ ଦ୍ୱନ୍ଦ୍ୱ, ଗଳ୍ପ କଥନରେ ମିତବ୍ୟୟିତା, ଚରିତ୍ରମାନଙ୍କର ଚାଲିଚଳଣ ଏବଂ ଘଟଣା ପ୍ରବାହର ମୂଲ୍ୟାୟନ କ୍ଷେତ୍ରରେ ଅନିଶ୍ଚିତତା, କଥାକାରଙ୍କ ବହୁମାତ୍ରିକ ଚେତନା, ଐତିହାସିକ ପରିବର୍ତ୍ତନ ପ୍ରତି ନିରାବେଗ ବସ୍ତୁନିଷ୍ଠ ଦୃଷ୍ଟିଭଙ୍ଗୀ, ଅତୀତମୁଖୀ ନହୋଇ ଅତୀତ ରୋମନ୍ଥନ ଏଥିରେ ପରିଦୃଷ୍ଟ ହୁଏ । ସମୟ ଚେତନା ଦୃଷ୍ଟିରୁ ପ୍ରାୟ ଅର୍ଦ୍ଧଶତାବ୍ଦୀର ଛୋଟ ଛୋଟ ଘଟଣା ଆଗପଛ ହୋଇ, ଉପରତଳ ହୋଇ ସମୟରେ କୁଣ୍ଡଳୀ ତିଆରି କରି ଗଳ୍ପର ବୃତ୍ତାନ୍ତ ଅଗ୍ରସର ହୋଇଛି । ଏମିତି ଭାବେ ଅଗ୍ରସର ହେଉଥିବା ଗଳ୍ପଖଣ୍ଡମାନଙ୍କର ବୃତ୍ତାନ୍ତ ଉପନ୍ୟାସଟିରେ କିନ୍ତୁ କ୍ରମ ବା ଅନୁଶାସନହୀନ ଅଥବା ଅରାଜକ ଅବସ୍ଥା ସୃଷ୍ଟି କରିପାରିନି । ଅନ୍ତତଃ ବିଭିନ୍ନ ପ୍ରକାରର ଛୋଟ ଛୋଟ ଘଟଣାସବୁ କଥାକାରଙ୍କ ସୂକ୍ଷ୍ମ ଶ୍ଲେଷ ଓ ବୁଦ୍ଧିଦୀପ୍ତତାକୁ ସଂହତ ଏବଂ ଏକତ୍ରିତ

କରି ରଖିଛି । କାହାଣୀର ଗତି ସହଜ ନୁହେଁ । ବୃତ୍ତାକାର ଅଥବା କୁଣ୍ଡଳାକାର । ପ୍ରତିଟି ନୂତନ ଘଟଣାର ସଂଯୋଜନ ପୂର୍ବ ଘଟଣାକୁ ଆୟତନ, ଗଭୀରତା ଓ ତାତ୍ପର୍ଯ୍ୟ ପ୍ରଦାନ କରିଛି । ପ୍ରଚଣ୍ଡ ଗତିରେ ଛୋଟ ଛୋଟ ନୂଆ ଘଟଣାସବୁ ଆସି କାହାଣୀରେ ସଂଯୁକ୍ତ ହୋଇଛି । ସେ ସବୁ ନୂତନ ଇଙ୍ଗିତ ଓ ତାତ୍ପର୍ଯ୍ୟ ଏପରିଭାବେ ନେଇ ଆସିଛି ଯେ ପାଠକ ପ୍ରତିଟି ଘଟଣାର ଉପସ୍ଥିତି ଏବଂ କାହାଣୀରେ ତାର ଜ୍ୟାର୍ଯ୍ୟତାକୁ ମାନିନେବାକୁ ବାଧ ।

ମାତ୍ର ଚଉଷଠୀ ପୃଷ୍ଠାର 'ମଧୁପୁର' ଉପନ୍ୟାସଟିରେ ଅଧ୍ୟାୟର କୌଣସି ବିଭାଜନ ନାହିଁ, ବିଭାଜନ ହୋଇ ବି ପାରିବନି । କଥାକାରଙ୍କ ସ୍ମୃତିରେ ଉଦବେଳିତ ଚେତନା ସ୍ରୋତରୁ ମଧୁପୁରର ଛୋଟ ବଡ଼ ଘଟଣା ସବୁ ଯେଉଁ ଗତିରେ ବହି ଆସିଛି ଏବଂ ପ୍ରତିଟି ଛୋଟ ଘଟଣା ଅନ୍ୟ ଘଟଣା ସହିତ ଏବଂ ସାମଗ୍ରିକ ଭାବେ କାହାଣୀ ସହିତ ଏପରି ଭାବେ ସଂଯୁକ୍ତ ହୋଇଛି ଯେ, କୌଣସି ପ୍ରକାରର ଅଧ୍ୟାୟ ବିଭାଜନ ସମ୍ଭବ ନୁହେଁ । ଉଦ୍ଦେଶ୍ୟମୂଳକ ଭାବେ କଲେ ଅଧ୍ୟାୟ ବିଭାଜନର କାହାଣୀରେ ସଂହତି ବିନଷ୍ଟ ହେବାର ଆଶଙ୍କା ଅଛି । 'ମଧୁପୁର'ର ଦୈର୍ଘ୍ୟ ପ୍ରତି ଦୃଷ୍ଟି ଦେଲେ ଏହାକୁ ଉପନ୍ୟାସିକା ବୋଲି କୁହାଯାଇପାରେ, କିନ୍ତୁ ଗଳ୍ପ କଥନର ବିରାଳ ମିତବ୍ୟୟିତା, ପ୍ରତି ଘଟଣାର ଇଙ୍ଗିତ, ତାତ୍ପର୍ଯ୍ୟ ଏବଂ ଅନୁରଣନ ଦୃଷ୍ଟିରୁ ଏହା ଗୋଟିଏ ଉପନ୍ୟାସ । ଉପନ୍ୟାସଟିର କଥାବସ୍ତୁର ସାରାଂଶ ଗୋଟିଏ ବାକ୍ୟରେ କୁହାଯାଇ ପାରେ। ପରିବର୍ତ୍ତନ ସ୍ରୋତରେ ଭାସି ଯାଇ ନପାରୁଥିବାରୁ, ଦୂରଦୃଷ୍ଟିହୀନ ମଧୁପୁରର ଜମିଦାର କ୍ଷମତାରୁ ଅପସାରିତ ଏବଂ ପରାଜିତ ହୋଇଛନ୍ତି । କିନ୍ତୁ ନୂଆ ଓ ପୁରୁଣା ଭିତରେ ଦ୍ୱନ୍ଦ୍ୱ ଏବଂ ଜୟ ପରାଜୟକୁ କଥାକାର ଅନେକ କ୍ଷୁଦ୍ର ଘଟଣାମାନଙ୍କର ଇଙ୍ଗିତ ଏବଂ ଶ୍ଳେଷ ଦ୍ୱାରା ବିଭିନ୍ନ ଦିଗରୁ ଉପସ୍ଥାପନ କରିଛନ୍ତି । ଅଭ୍ୟାସ–ପରମ୍ପରା, ରୀତି–ନୀତି, ଆଭିଜାତ୍ୟ–ମୂଲ୍ୟବୋଧ, ଦୟା–ସ୍ୱେଚ୍ଛାଚାର, ରକ୍ଷଣଶୀଳତା–ପ୍ରଗତି, ଆନୁଗତ୍ୟ–ଅକୃତଜ୍ଞତା, ଅଜ୍ଞତା–ଚେତନା, ଗୋଲାମୀ–ପ୍ରତିବାଦ ଆଦି ଭିତରେ ଉପସ୍ଥିତ କୌଣସି ଦ୍ୱନ୍ଦ୍ୱକୁ କଥାକାର ବିଚାର କରି ସିଦ୍ଧାନ୍ତ ଦେଇ ନାହାନ୍ତି । ପତନମୁଖୀ ଆଭିଜାତ୍ୟ ସହ ସେ କାଳର ଆବେଗିକ ସମ୍ପର୍କକୁ କଥାକାର ଅଗ୍ରାହ୍ୟ କରି ନପାରିଲେ ବି ଐତିହାସିକ ବିବର୍ତ୍ତନର ସେ ନିରାବେଗ ଦର୍ଶକ ।

'ମଧୁପୁର'ର ଗଳ୍ପ କଥନ ବହୁମାତ୍ରିକ । ଉଦାହରଣ ସ୍ୱରୂପ ଛୋଟ ଘଟଣାଟିଏ ନିଆଯାଉ । କଥାକାରଙ୍କ ବାପା ଭଗୀରଥକୁ ଦୁଇଶହ ଟଙ୍କା ଧାର ନେଇ ଫେରେଇ ନଦେବାରୁ ଦିନେ ରାସ୍ତାରେ ଦେଖା ପାଇ ଦୁଇଟା ଚାପୁଡ଼ା ମାରି ଟଙ୍କା ଦୁଇଶହ ମାଫ୍ କରିଦେଲେ । ମଧୁପୁରର ଲୋକେ ବାପାଙ୍କୁ କିନ୍ତୁ ଖୁବ୍ ମାନନ୍ତି । ଜମିଦାରୀ ଶାସନ ବଞ୍ଚେଇ ରଖିବାକୁ ଜମିଦାରଙ୍କ ସ୍ୱଜାତି ସବୁ ସାଧାରଣ ମଣିଷଟିକୁ ଚାପୁଡ଼ା ଦି'ଟା ମାରିବାଟା ସାଧାରଣ କଥା ବୋଲି ଧରିନେଇଛନ୍ତି । କିନ୍ତୁ ଖାଲି ଚାପୁଡ଼ା ଦି'ଟାରେ ଦୁଇଶହ ଟଙ୍କା ଋଣରୁ ଭଗୀରଥ ମୁକ୍ତି ପାଇବାଟାରେ ସାଧାରଣ ଲୋକେ ଚାପୁଡ଼ା ମାରିଥିବା ଲୋକଟିର ବଦାନ୍ୟତାଟା ହିଁ ଦେଖି ପାରିଛନ୍ତି : ''ମଣିଷଟାର ମନ ଖୋଲା । ଚାପୁଡ଼ା ଦି'ଟାରେ ଦୁଇଶ ଟଙ୍କା ଛାଡ଼ି ଦେଲେ ।'' ଏଇ ଘଟଣାଟିକୁ ଅନ୍ୟ ଏକ ଦିଗରୁ ମଧ୍ୟ ବର୍ଣ୍ଣନା କରାଯାଇଛି । ଉନ୍ନତିର ଆକାଂକ୍ଷା ଏବଂ ସ୍ୱପ୍ନ ମଣିଷକୁ ଯେ କୌଣସି ବାଧା ଅତିକ୍ରମ କରିବାକୁ ମନୋବଳ ଦିଏ । ଲଜ୍ଜା–ସରମ, ଭୟ–ସଙ୍କୋଚ କୌଣସି କଥା ତାଙ୍କର ରାସ୍ତା ଅବରୋଧ କରି ପାରିବନି । ଏଇ ଦୃଷ୍ଟିକୋଣରୁ ବର୍ଣ୍ଣନା କରିଲା ବେଳେ ଭଗୀରଥ ଚାପୁଡ଼ା ଖାଇ ଲାଜ ଅପମାନରେ ମରିଯିବା ପରି ହୋଇଥିଲା ନା'

ନାହିଁ ସେ କଥା ଅନିଶ୍ଚିତ ହୋଇ ପଡ଼ିଛି । ଉନ୍ନତି କରିବା ପାଇଁ ଦୃଢ଼ପ୍ରତିଜ୍ଞ ଭଗୀରଥ ଉନ୍ନତି କରିଛି– ତା ପୁଅ ମଧୁପୁରର ପ୍ରଥମ ଇଂଜିନିୟର ହୋଇଛି, ଝିଅ ଏମ୍.ଏସ୍.ସି. ପାସ୍ କରିଛି । ଭଗୀରଥ ଚାପୁଡ଼ା ଖାଇବା କଥାଟା ଯଦିଓ ବହୁତ ଛୋଟ, କିନ୍ତୁ ଏହାର ତାତ୍ପର୍ଯ୍ୟ ଏବଂ ଅନୁରଣନ ଉପନ୍ୟାସର ମୂଳ କାହାଣୀ ପର୍ଯ୍ୟନ୍ତ ସଂପ୍ରସାରିତ ହୋଇଛି । ଦ୍ୱିତୀୟ ମହାସମର ଆଣିଥିବା ଦୁର୍ଯୋଗମାନଙ୍କୁ କେନ୍ଦ୍ର କରି ଯେଉଁ ବେପାରୀ ଦଳ ଗୋଟିଏ ରାତି ଭିତରେ ରାଜା ହୋଇଯାଇଛନ୍ତି, ସେମାନଙ୍କ ପାଇଁ ମଧ ଲାଜ–ସରମ ଅତିକ୍ରମ ନକରି ପାରିବା ବାଧା ନୁହେଁ । ପତନମୁଖୀ ଜମିଦାର ଏବଂ ଜମିଦାରଙ୍କ ସ୍ୱଜାତିଙ୍କ ପାଇଁ ଅତିକ୍ରମ ନକରିପାରିବା ବାଧାର ପ୍ରାଚୀର । ଅଭ୍ୟାସ, ପରମ୍ପରା, ରୀତି, ନୀତି, ଆଚାର, ଅନୁଷ୍ଠାନ ଆଦିଙ୍କ ସହ ଲାଜ ସରମ ପ୍ରଶ୍ନଟି ଯୁକ୍ତ ହୋଇ ଅଛି । ସେ ସବୁକୁ ଦୂରେଇ ଦେଇ ଏହାକୁ ଏକୁଟିଆ ପରୀକ୍ଷା କରି ହେବନି । ଆଚରଣ ବିଧି ଓ ରାଜନୀତିକୁ ନିର୍ଣ୍ଣୟ କରେ ସାମାଜିକ ସ୍ଥିତି । ଶ୍ରେଣୀ ଦୃଷ୍ଟିକୋଣରୁ ଭଗୀରଥ ଚାପୁଡ଼ା ଖାଇବା ସହ ଜଡ଼ିତ ଲଜ୍ଜାର ସ୍ୱରୂପ ଅଲଗା ହେବାଟା ସ୍ୱଭାବିକ ।

ବ୍ରିୟାନ୍ ମାକ୍‌ହେଲ୍ (Brian Mchale) 'ପୋଷ୍ଟ ମଡ଼ର୍ଣ୍ଣିଷ୍ଟ ଫିକ୍‌ସନ୍' (Post–modernist fiction) ଗ୍ରନ୍ଥରେ ଆଧୁନିକତାବାଦୀ ଉପନ୍ୟାସ ସଂପର୍କରେ ଏହି ମନ୍ତବ୍ୟ ପ୍ରଦାନ କରିଛନ୍ତି ଯେ, ଆଧୁନିକ ଉପନ୍ୟାସ ଆଧିପତ୍ୟ ବିସ୍ତାରକ (dominant) ଜ୍ଞାନ-ତାତ୍ତ୍ୱିକ (epistemological) । ସେସବୁ ଉପନ୍ୟାସରେ କୌଶଳ ସାହାଯ୍ୟରେ ଉଠାଯାଉଥିବା ପ୍ରଶ୍ନ ସବୁ ଏଇ ପ୍ରକାରର : ''ମୁଁ ନିଜେ ଗୋଡ଼ ରଖିଥିବା ପୃଥିବୀଟିକୁ ମୁଁ କେମିତି ବ୍ୟାଖ୍ୟା କରିବି ? ମୁଁ ବା ଏଠାରେ କଣ ? ଶିଖିବାକୁ କଣ କିଛି ଏଠାରେ ଅଛି ? କିଏ ବା କଣ ଜାଣେ ? ସେମାନେ କେମିତି ଜାଣନ୍ତି ଏବଂ କେତେ ନିଶ୍ଚିତ ଭାବେ ଜାଣନ୍ତି ? ଜ୍ଞାନକୁ ଜଣେ ଆଉ ଜଣକ ସହ କେଉଁ ଭାବେ ଯୁକ୍ତ କରେ ଏବଂ ସେଠାରେ ନିର୍ଭରଯୋଗ୍ୟତାର ପରିମାଣ କେତେ ? ଜଣେ ଆଉ ଜଣକ ସହ ଯୋଗାଯୋଗ କରି ଯାଉଥିବା ବେଳେ ଜ୍ଞାନ ବିଷୟରେ କେମିତି ପରିବର୍ତ୍ତନ ହୁଅନ୍ତି ? ଜଣା ଓ ଅଜଣା ମଝିରେ ସୀମାରେଖା କୋଉଠି ?'' ଧୀଶକ୍ତି ନିର୍ଭର ଶୀଳଭଦ୍ର ତାଙ୍କ ଉପନ୍ୟାସ 'ମଧୁପୁର', 'ଗଧୂଳି'ରେ ଉତ୍‌ଥାପନ କରିଥିବା ପ୍ରଶ୍ନ ସବୁ ହିଁ ପ୍ରାୟ ଜ୍ଞାନତାତ୍ତ୍ୱିକ । ମୂଲ୍ୟାୟନ କରି ରାୟ ପ୍ରଦାନ କରିବା ବିପରୀତେ କଥାକାର ଛୋଟ ବଡ଼ ଅନେକ ଘଟଣାମାନଙ୍କୁ କେନ୍ଦ୍ର କରି ଜ୍ଞାନତାତ୍ତ୍ୱିକ ପ୍ରଶ୍ନ ସବୁ ଉତ୍‌ଥାପନ କରି ଯାଇଛନ୍ତି । କୌଣସି ଘଟଣା ସଂପର୍କରେ ଚୂଡ଼ାନ୍ତ ଜ୍ଞାନ କଥାକାରଙ୍କ ପାଖରେ ମଧ ନାହିଁ : ''ହୀରାମନ୍ ଆଜିକାଲି ଆସନ୍ତିନି । ମରିଗଲେ ନିଶ୍ଚୟ । ଅନ୍ୟ କୌଣସି ସିଦ୍ଧାନ୍ତରେ ଉପନୀତ ହେବାରେ ଯୁକ୍ତି ନାହିଁ । କିନ୍ତୁ ତଥାପି ଏଇଟା ମୋର ଖାଲି ଅନୁମାନ । ପ୍ରତ୍ୟକ୍ଷ ଜ୍ଞାନ ନାହିଁ । ତେଣୁ ହୀରାମନ୍‌ଙ୍କ ଇତିହାସ ଅସମ୍ପୂର୍ଣ୍ଣ ।'' (ମଧୁପୁର) ।

'ଗଧୂଳି' ଉପନ୍ୟାସଟି ଅନ୍ତତଃ ଜୀବନରେ କୌଣସି ଉଲ୍ଲେଖଯୋଗ୍ୟ କାମ କରି ପାରିନଥିବା ଅବସରପ୍ରାପ୍ତ ଭୂଦେବ ଚୌଧୁରୀଙ୍କ ଜୀବନ କାହାଣୀ । କିନ୍ତୁ ଉଲ୍ଲେଖଯୋଗ୍ୟ କାମର ଭିତ୍ତି ସମ୍ପର୍କେ କଥାକାର ଜ୍ଞାନତାତ୍ତ୍ୱିକ ପ୍ରଶ୍ନ ଉତ୍‌ଥାପନ କରିଛନ୍ତି । ଉପନ୍ୟାସଟି ଆରମ୍ଭ ହୋଇଛି ଭୂଦେବ ଚୌଧୁରୀଙ୍କ ମୃତ୍ୟୁ ସଂବାଦରେ । ଛୋଟ ଅଧ୍ୟାୟଟିରେ ଦେଖିବାକୁ ଯେମିତି ବିସଙ୍ଗତି ଲାଗେ ମୃତ୍ୟୁର କଥା ଉଲ୍ଲେଖ କରା ହୋଇଛି—ଗୋଟିଏ ଆଲ୍‌ସିସିୟାନ୍ କୁକୁରର ମୃତ୍ୟୁ, ଗୋଟିଏ ପଙ୍ଗୁ ବାଳକର ସମ୍ଭାବ୍ୟ ମୃତ୍ୟୁ, ଏବଂ ପରବର୍ତ୍ତୀ ଅଧ୍ୟାୟରେ ଗୋଟିଏ ବାହୁରୀର ମୃତ୍ୟୁ

ଇତ୍ୟାଦି । ଏକୁଟିଆ ରହୁଥିବା ଅବସରପ୍ରାପ୍ତ ଲୋକଟିର ମୃତ୍ୟୁକୁ କେନ୍ଦ୍ରକରି କୌଣସି ଆବେଗ ଅନୁଭୂତିର ଚିହ୍ନ ସୃଷ୍ଟି କରାହୋଇନି । ବିଭିନ୍ନ ଲୋକଙ୍କର ଚିନ୍ତା ଏବଂ ମତାମତ ସାହାଯ୍ୟରେ ସୃଷ୍ଟି ହୋଇଥିବା ଭାବର ପରିମଣ୍ଡଳରେ ବ୍ୟକ୍ତିର ବିଚ୍ଛିନ୍ନତା ଏବଂ ଯନ୍ତ୍ରଣାବିହୀନ ମୃତ୍ୟୁର ଆକାଂକ୍ଷା ହିଁ ପାଠକର ଦୃଷ୍ଟି ଆକର୍ଷଣ କରେ । ଉପସ୍ଥିତ ଥିବା ଲୋକମାନଙ୍କ ଭିତରୁ ଜଣେ ଭୂଦେବ ଚୌଧୁରୀଙ୍କ ଘରକୁ ବିକ୍ରି କରିବେ କି ନାହିଁ ସେଇ କଥାଟା ତାଙ୍କ ଜୋଇଁକୁ ପଚାରିଛନ୍ତି । ଅନ୍ୟଜଣେ ମଦ ଖାଇ ଟଳମଳ ହୋଇ ମୃତ୍ୟୁ ସୃଷ୍ଟି କରିଥିବା ପରିସ୍ଥିତିରେ ବିସଙ୍ଗତି ପ୍ରକଟ କରିଛି । ବିଶେଷ କଷ୍ଟ ନପାଇ ହଠାତ୍ ମରିଥିବା ବୁଢ଼ା ଲୋକଟିର ମୃତ୍ୟୁ ସହିତ ପାପ ପୂଣ୍ୟ ଜଡ଼ିତ କରି ଉଠେଇଥିବା ପ୍ରଶ୍ନଟିକୁ ଅବାନ୍ତର ବୋଲି ପ୍ରମାଣ କରାହୋଇଛି । ମୃତ୍ୟୁ-ଲୋକ ବିଷୟରେ ସୃଷ୍ଟି କରିଥିବା ପୂଣ୍ୟାତ୍ମାଙ୍କ ଗଳ୍ପ ସବୁ ଯେ ପୁରା କଥା (Myth) ସେଇଟାକୁ ପ୍ରଥମ ଅଧ୍ୟାୟରେ ଅବତାରଣା କରାଯାଇଛି ।

କେବଳ ଅବସରପ୍ରାପ୍ତ ବୁଢ଼ାଲୋକଟିର ଜୀବନ ନୁହେଁ, ସବୁ ମଣିଷଙ୍କ ଜୀବନ ଖଣ୍ଡିତ ଓ ନିଃସଙ୍ଗ । ସ୍ନେହ ମମତାର କୌଣସି ବନ୍ଧନ ଜଣେ ଆଉ ଜଣକୁ ବାନ୍ଧି ରଖି ପାରିନି । କର୍ମହୀନତାକୁ ନିଃସଙ୍ଗତା ଏବଂ ଉଦ୍ଦେଶ୍ୟହୀନତାର କାରଣ ବୋଲି ନିର୍ଣ୍ଣୟ କରିବା ଜାଗାରେ କଥାକାର ରତିକାନ୍ତଙ୍କ ପଲେ ଗାଈ ଗୋରୁଙ୍କ ସହ ବ୍ୟସ୍ତତାର ଚୂଡ଼ାନ୍ତ ତାତ୍ପର୍ଯ୍ୟ ଏବଂ ଅର୍ଥକୁ ଅନିର୍ଣ୍ଣେୟ କରି ରଖିଛନ୍ତି । ଭୂଦେବ ଚୌଧୁରୀ କୌଣସି ଚିନ୍ତାକୁ ପରିଷ୍କାର ଭାବେ ରୂପ ଦେଇ ପାରନ୍ତିନି, କୌଣସି ଘଟଣା ବା କାମର ସଠିକ୍ ଅର୍ଥ ଏବଂ ତାତ୍ପର୍ଯ୍ୟ ଖୋଜି ପାଆନ୍ତିନି ଏବଂ ବ୍ରହ୍ମାଣ୍ଡର ନିଗୂଢ଼ ପରିକଳ୍ପନାରେ ନିଜର ସଠିକ ସ୍ଥାନ ନିର୍ଣ୍ଣୟ କରି ପାରନ୍ତିନି । ସବୁ ଅର୍ଥ ଓ ମୂଲ୍ୟବୋଧ ଆପେକ୍ଷିକ; ସମସ୍ତ କାର୍ଯ୍ୟ ଏବଂ ଘଟଣାମାନଙ୍କର ପରିଣତି ଅନିର୍ଣ୍ଣେୟ । ଚୌଧୁରୀ ଖାଲି ଜ୍ଞାନତାତ୍ତ୍ୱିକ ପ୍ରଶ୍ନ ଉତ୍ଥାପନ କରିପାରନ୍ତି :"ଏଇଟା କଣ ତାଙ୍କର ପରିସମାପ୍ତି ? ଭିନ୍ନ ମାତ୍ରିକ ନିଜସ୍ୱ ରୂପ ନାହିଁ । ଆମେ ଯେଉଁ ରୂପ ଦେଉ ସେଇଟା ହିଁ ତାର ରୂପ । (ପୃ.32) "ମାମୁଁ ଭାବନ୍ତି ଗଜାନନ ରାୟ ତାଙ୍କୁ ଠକେଇଛନ୍ତି, ଗଜାନନ ଭାବେ ମାମୁଁ ତାକୁ ଠକେଇଛନ୍ତି ।"(ପୃ,45)

ଜ୍ଞାନତାତ୍ତ୍ୱିକ ପ୍ରଶ୍ନ ସବୁର ଉତ୍‌ଥାପନ, ବିଚ୍ଛିନ୍ନତାବୋଧ, ପ୍ରେମ ବିହୀନ ଯୌନ ସମ୍ପର୍କ ଆଦି ଗୁଣମାନଙ୍କ ସମାହାର ଏବଂ କାହାଣୀ ନିର୍ମାଣ କୌଶଳ ଦୃଷ୍ଟିରୁ 'ଗଧୂଳି' ଗୋଟିଏ ଆଧୁନିକତାବାଦୀ ଉପନ୍ୟାସ । ମଣିଷର ଆଚରଣ ଏବଂ ମୂଲ୍ୟବୋଧ ଆପେକ୍ଷିକ ଏବଂ ଅପରିବର୍ତ୍ତନୀୟ ବୋଲି ଜାଣିଥିବାରୁ ସମୟ ସାପେକ୍ଷେ ସେ ସବୁ ପରିବର୍ତ୍ତନ ହେଲାବେଳେ ଭୂଦେବ ଚୌଧୁରୀ ଅଥବା କଥାକାର କୌଣସି ନୈତିକ ଉଦ୍‌ବେଗ ପ୍ରକାଶ କରିନାହାନ୍ତି; କିନ୍ତୁ ପରିବର୍ତ୍ତନ ବିଚ୍ଛିନ୍ନତାବୋଧ ଆଣିଛି ଏବଂ ଜ୍ଞାନତାତ୍ତ୍ୱିକ ପ୍ରଶ୍ନର ଅବତାରଣା କରିଛି :"ଅସଲରେ ସେଇଦିନ ହିଁ ସେ ନିଃସଙ୍ଗ ହୋଇଗଲେ । ଲାଜ ଘୋଡ଼େଇବାକୁ ସେ ଗୋଟିଏ ଖୋଳ ଭିତରେ ପଶିଗଲେ । ଧୀରେ ଧୀରେ ନିଜକୁ ସଙ୍କୁଚିତ କରିଦେଲେ । ସେ ନିଜ ଭିତରେ ପଶିଗଲେ ।" (ପୃ. 71);"ଅସଲରେ ପ୍ରତିଟି ଲୋକ ଗୋଟିଏ ଗୋଟିଏ ଅଭେଦ୍ୟ ଦୁର୍ଗ ।" (ପୃ 72); "ମିଛ କଥା । ଭିଡ଼ ଭିତରେ ଥାଇ ମଧ୍ୟ ମୁଁ ଏକୁଟିଆ । ମୁଁ, ମୁଁ । ପ୍ରତିଟି ମଣିଷ ଅଲଗା, ସମ୍ପୂର୍ଣ୍ଣ ଭାବେ ନିଃସଙ୍ଗ ।" (ପୃ,87); "ସାରା ରାତି ଅଧିକାରୀଙ୍କୁ ନିଦ ହେଲାନି । କ୍ଷୋଭ ନୁହେଁ, ଦୁଃଖ ନୁହେଁ, ଗୋଟିଏ ପ୍ରକାର ଶୂନ୍ୟତା । ସେ ଶୂନ୍ୟରେ ଭାସୁଥିଲା ଭଳି ଅନୁଭବ କଲେ ।"(ପୃ,93)

ଶୀଳଭଦ୍ର ଆତ୍ମସଚେତନ ଶିଳ୍ପୀ । ସେ ଗଳ୍ପ ଉପନ୍ୟାସ ପାଇଁ ନିର୍ବାଚନ କରା ବିଷୟବସ୍ତୁ କ୍ଷେତ୍ରରେ ଗ୍ରହଣ-ବର୍ଜନ ଏବଂ ଶିଳ୍ପରୂପ ନିର୍ମାଣରେ ଅଙ୍କଶାସ୍ତ୍ରୀୟ ସଂକ୍ଷିପ୍ତତା କାର୍ଯ୍ୟକାରୀ କରିପାରନ୍ତି । ତାଙ୍କ ଉପନ୍ୟାସରେ, ଏବଂ ବିଶେଷ କରି 'ମଧୁପୁର', 'ଗଧୂଳି' ଆଦିରେ ପରମ୍ପରାଗତ ନିଟୋଳ କାହାଣୀ, ଚରିତ୍ରାଙ୍କନ, କାଳାନୁକ୍ରମିକ ଗଳ୍ପ କଥନ, ଦ୍ୱନ୍ଦ୍ୱ, ପରିଣତି ଆଦି ଅନୁପସ୍ଥିତ । 'ଗଧୂଳି' ଉପନ୍ୟାସର କାହାଣୀ ଅନେକ ଛୋଟ ଛୋଟ କାହାଣୀମାନଙ୍କର ସମଷ୍ଟି । ଭୂଦେବ ଚୌଧୁରୀଙ୍କ କାହାଣୀଟି ବି ତା'ରି ଭିତରୁ ଗୋଟିଏ କାହାଣୀ । ଦିବାକର ଦାସ, ଗଜାନନ ରାୟ, ରବିନ ସହରିଆ, ଶରତ ଲହକର, ରତିକାନ୍ତ କଳିତା ଆଦି ବହୁତ ଲୋକଙ୍କର ଜୀବନର ଅର୍ଥ ଏବଂ ତାତ୍ପର୍ଯ୍ୟ ଏକାଠି ହୋଇ 'ଗଧୂଳି' ର କାହାଣୀ । ସେଇଥିପାଇଁ ଘଟଣାର ପାରମ୍ପର୍ଯ୍ୟ ନୀତି (Cause–effect relationship) ରକ୍ଷା କରି କାହାଣୀ ଆଗେଇ ଯିବାଟା ଏଇଠି ନାହିଁ । କାହାଣୀ ପାଇଁ ବସ୍ତୁଗତ ପର୍ଯ୍ୟାୟରେ (Material level) ଐକ୍ୟସୂତ୍ର ହେଉଛି ନୂଆ କରି ଗଢ଼ି ଉଠା ଶାନ୍ତିନଗର ନାଆଁରେ ଛୋଟ କାଟିଆ ସହର ବୋଲି କହି ହେଉଥିବା ଜାଗାଟି । ସଂଯୁତି (Structure) ଦିଗରୁ ଜ୍ଞାନତାତ୍ତ୍ୱିକ ପ୍ରଶ୍ନ, ବିଚ୍ଛିନ୍ନତା ଏବଂ ସୂକ୍ଷ୍ମ ଶ୍ଳେଷରେ ଭିନ୍ନ ଭିନ୍ନ ଛୋଟ ଘଟଣାମାନଙ୍କୁ ଏକତ୍ରିତ ଏବଂ କେନ୍ଦ୍ରାଭିମୁଖୀ କରିଛି ।

'ଗଧୂଳି' ର ଗୋଟିଏ ମୂଳ ବିଷୟ ପ୍ରେମବିହୀନ ଯୌନ ସମ୍ପର୍କ । ନିବାରଣ କୁମାର ବାପାଙ୍କ କଥା କହିଛନ୍ତି . ''ଏଇ ଛୋଟ ଝିଅଟା ଉପରେ ସେଦିନ ବାପା ବଳାତ୍କାର । ଏ ସବୁ ବାପାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ କଥା ନୁହେଁ । କିନ୍ତୁ ତା'ର ଏତେ ପରିମାଣରେ ରକ୍ତସ୍ରାବ ହେଉଥିଲା ଯେ ବାପାଙ୍କ ନିକଟ ବନ୍ଧୁ ଘୋଷ ଡାକ୍ତରଙ୍କୁ ଡକେଇ ଆଣିବାକୁ ପଡ଼ିଲା ।'' (ପୃ.10) ''ଘର ଭିତରକୁ ପଶିବା ସାଙ୍ଗେ ସାଙ୍ଗେ ସୁବ୍ରତ ତାଙ୍କୁ ଜାବୋଡ଼ି ଧରିବାରୁ ତାଙ୍କ ହାତରୁ ଗିଲାସଟା ପଡ଼ି ଝଣ ଝଣ ହୋଇ ସହସ୍ର ଖଣ୍ଡ ହୋଇଗଲା । ଅପ୍ରତ୍ୟାଶିତ ଆଘାତରେ ତାଙ୍କ ସାରା ଦେହଟା ଅବଶ ହୋଇଗଲା । ମନ ଜଡ଼ ହୋଇଗଲା । କଣ ହେଲା ସେ କିଛି ବୁଝିପାରିଲେନି ।.......ସୁବ୍ରତ ଯେତେବେଳେ ଘର ଭିତରୁ ବାହାରି ଗଲେ ଆତଙ୍କ ଓ ଯନ୍ତ୍ରଣାରେ ସୁରବାଳା ପ୍ରାୟ ଅଚେତନ ଅବସ୍ଥାରେ ବିଛଣାରେ ପଡ଼ିରହିଲେ ।'' (ପୃ.76); ''ସ୍ତ୍ରୀଙ୍କ କଥା ମନେ ପଡ଼ିଲେ ଭୂଦେବ ଚୌଧୁରୀଙ୍କ ମନ ଖରାପ ହୋଇଯାଏ । ସ୍ତ୍ରୀ ଙ୍କ ମନ ସେ କେବେ ବି ବୁଝିବାକୁ ଚେଷ୍ଟା କରିନାହାନ୍ତି । ପବନ ଏବଂ ପାଣି ପରି ସେ ଯେମିତି ଥିଲେ ସହଜଲଭ୍ୟ ପ୍ରାକୃତିକ ସମ୍ପଦ ।'' (ପୃ.69), ''ଦୁଇଟା କାନ, ଗୋଟିଏ ନାକ, ଦୁଇଟା ଆଖି । ତା'ରି ଭିତରୁ ଜଣେ ମୋର ସ୍ତ୍ରୀ, ଏକ ସାଥିରେ ଗୋଟାଏ ବିଛଣାରେ ଶୋଇପାରୁ । ଅନ୍ୟ ସହିତ ନୁହେଁ ।''(ପୃ.87)

ଚମତ୍କାର ବୁଦ୍ଧିଦୀପ୍ତତା ଏବଂ ଧୀଶକ୍ତି ପ୍ରୟୋଗ କ୍ଷେତ୍ରରେ ଶୀଳଭଦ୍ରଙ୍କର ଗଳ୍ପ, ଉପନ୍ୟାସ ଅସମୀୟା ସାହିତ୍ୟରେ ବିଶିଷ୍ଟ ସ୍ଥାନ ଅଧିକାର କରିଛି । କ୍ଷୁଦ୍ରଗଳ୍ପରେ ଖାଲି ଶୀଳଭଦ୍ର ହିଁ ଅଙ୍କଶାସ୍ତ୍ରର ସୂତ୍ରକୁ ସିଧାସଳଖ ଭାବେ ପ୍ରୟୋଗ କରିପାରନ୍ତି : ''କୌଣସି ଗୋଟିଏ ବିନ୍ଦୁରେ ଗୋଟିଏ ଫଳନ ଅବକଳନୀୟ ହେଲେ ଅବିଚ୍ଛିନ୍ନ ହେବ ହିଁ, କିନ୍ତୁ ଅବିଚ୍ଛିନ୍ନ ହେଲେ ଅବକଳନୀୟ ନ ହୋଇପାରେ ।'' (ବହିର୍ଭୂତ); 'ଗଧୂଳି' ଉପନ୍ୟାସରେ ମଣିଷର ପରିଚୟଜ୍ଞାପକ ଭିନ୍ନତା ଏବଂ ସାଦୃଶ୍ୟକୁ ନେଇ ଭୂଦେବ ଚୌଧୁରୀ ଚିନ୍ତା କରିଛନ୍ତି : ''ଅନ୍ୟ କୌଣସି ଗ୍ରହର ପ୍ରାଣୀ ଆମକୁ ଦେଖିଲେ ଭାବିବ ଆମେ ଗୋଟିଏ ପଲ ଭୋମି', ଆତ୍ମହନନ ପାଇଁ ଦଳବାନ୍ଧି ସମୁଦ୍ରକୁ

ଲମ୍ଫ ଦେବା ପାଇଁ ଠେଲାପେଲା କରୁଛୁ । .....ଯେ କୌଣସି ଦୁଇଜଣ ମଣିଷଙ୍କ ଆଖିର ଆକାରରେ ପାର୍ଥକ୍ୟ ଗୋଟିଏ ବର୍ଗ ଇଞ୍ଚର ଗୋଟିଏ ଭଗ୍ନାଂଶ ମାତ୍ର ।......ତଥାପି ପୃଥିବୀର କୋଟି କୋଟି ମଣିଷ ପ୍ରତ୍ୟେକ ଦେଖିବାକୁ ଅଲଗା ଅଲଗା ।'' (ପୃ.87); ବୁଦ୍ଧିଦୀପ୍ତତା ସାହାଯ୍ୟରେ ଶୀଳଭଦ୍ର ଅନନୁକରଣୀୟ ଭଙ୍ଗୀରେ ଗମ୍ଭୀର ନା ପତଳା ହାସ୍ୟରସ-ତାକୁ ଅନିଶ୍ଚିତ ରଖି ହାସ୍ୟ ବ୍ୟଙ୍ଗ ସୃଷ୍ଟି କରନ୍ତି । ଅନୀତା ବାପାଙ୍କୁ ଆତ୍ମଜୀବନୀଟିଏ ଲେଖିବାକୁ କହିବା ପରେ ବାପା ତାକୁ ପଚାରିଛନ୍ତି : ''ମାନେ, କେଉଁଠୁ ? ରିଟାୟାର କରିବା ପରଠୁଁ ନା ପୁରାପୁରି ଜନ୍ମ ହେଲା ଦିନଠାରୁ ?'' (ପୃ.105); ''ସଦାନନ୍ଦ ହାଜରିକା ଦକ୍ଷ ମଣିଷ । ଅଳପ ଦିନରେ ସେ ଶାନ୍ତିନଗର ଲୋକମାନଙ୍କୁ ଦୁଇ ଦଳରେ ଭାଗ କରିଦେଲେ ।'' (ପୃ.94); ଗୋରୁ-ଧାନଖିଆ ଗୋଟିଏ ଘଟଣାକୁ କେନ୍ଦ୍ର କରି ଦୁଇ ଦଳ ଲୋକଙ୍କ ଭିତରେ ଲାଗିଥିବା ମାଡ଼ଗୋଳ ଶେଷରେ ଦେଖାଗଲା ଗୁରୁତର ଭାବେ ଆହତ ହୋଇଥିବା ଲୋକଟି ଧାତୁବୁଢ଼ା ଏବଂ ମାଡ଼ଗୋଳରେ ନେତୃତ୍ୱ ନେଇଥିବା ଲୋକଟି ନରୋତ୍ତମ । କିନ୍ତୁ ''ନରୋତ୍ତମ ଓ ଧାତୁବୁଢ଼ା ଦୁଇଜଣଙ୍କର କାହାର ସାମାନ୍ୟ ପରିମାଣେ ଧାନଜମି ନାହିଁ, ଗୋରୁ ଗାଈ ବି ନାହାନ୍ତି ।'' (ପୃ.82); ''ମିଛ କହିବା ମୃଣାଳର ଜନ୍ମଗତ ଅଭ୍ୟାସ । ମିଛ ନକହି ସେ ରହିପାରିବନି । ଯେଉଁଠି କିଛି ପ୍ରୟୋଜନ, କିଛି ସ୍ୱାର୍ଥ ନାହିଁ, ଲାଭକ୍ଷତିର କୌଣସି ପ୍ରଶ୍ନ ନାହିଁ, ସେଠି ବି ସେ ମିଛ କଥା କହିବ ହିଁ । କଥା କହିଲେ ସ୍ୱୟଂକ୍ରିୟ ଭାବେ ତା ମୁହଁରୁ ଗଳଗଳ ହୋଇ ମିଛ କଥାଗୁଡ଼ା ବାହାରି ଆସେ ।.....ମିଛ କଥା ସେ ଇଚ୍ଛା କରି ବୋଧହୁଏ କୁହେନି । ଯେତେବେଳେ ଯାହା କୁହେ ସେ କେଜାଣି ସେତେବେଳେ ତାକୁ ବିଶ୍ୱାସ କରେ । ହୁଏତ ସେ ତା'ର ମନଗଢ଼ା ପୃଥିବୀରେ ବିଚରଣ କରେ ।''(ପୃ.57,61)

ଶୀଳଭଦ୍ରଙ୍କ ଗଳ୍ପ, ଉପନ୍ୟାସରେ ସମାଜ ଜୀବନର ଚେତନା ସ୍ପଷ୍ଟ । ଦରିଦ୍ରତା, ଦୁଃଖ, ଯନ୍ତ୍ରଣା, ମୋହ ଭଙ୍ଗ, ବିଷାଦ, ବିଚ୍ଛିନ୍ନତାବୋଧ, ନିଃସଙ୍ଗତା ଆଦିର କାହାଣୀ କହିଲା ବେଳେ ସେ ଆବେଗ–ସଂଯମ, ହୃଦୟ–ମଗଜ, ଯୁକ୍ତି–ବିଶ୍ୱାସ ଆଦିର ବିରୋଧ ଉତ୍ଥାପନ କରନ୍ତି, ମୂଲ୍ୟ ବିଚାର କରି ରାୟ ପ୍ରଦାନ କରନ୍ତିନି ଏବଂ ପାଠକର ଚିନ୍ତାକୁ ଉଦ୍ରେକ କରନ୍ତି । ତାଙ୍କର ଗଳ୍ପ, ଉପନ୍ୟାସ ଆଧୁନିକ ଅସମୀୟା ସାହିତ୍ୟକୁ ନୂତନ ରୂପ ପ୍ରଦାନକରିଛି । ଶୀଳଭଦ୍ର ଆଧୁନିକ ଅସମୀୟା ସାହିତ୍ୟର ଜଣେ ଅଗ୍ରଣୀ ଔପନ୍ୟାସିକ ।

ଆନନ୍ଦ ବରମୁଦୈ

ଏକ

ଭୂଦେବ ଚୌଧୁରୀ ମରିଗଲେ । ରାତିରେ ଶୋଇଥିବା ବେଳେ କେତେବେଳେ ଯେ ମରିଗଲେ କେହି କହି ପାରିଲେନି । ସକାଳେ ଉଠିବା ବହୁତ ଡେରି ହେବାରୁ ଚାକର ଟୋକା ଯୋଗେନ ତାଙ୍କୁ ଡ଼ାକିଲା, ସୋର ଶବ୍ଦ କିଛି ନପାଇ ଉଦ୍‌ବିଗ୍ନ ହୋଇ ଶେଷରେ ଘର ପାଖ ମଦନ ଦାସଙ୍କୁ ଡ଼ାକି ଆଣିଲା । ମଦନ ଦାସ ବ୍ୟାଙ୍କ୍‌କୁ ଯିବା ପାଇଁ ସ୍କୁଟର ଷ୍ଟାର୍ଟ କରୁଥିଲେ ।

''ମଉସା, ହୋ ମଉସା !''

ସୋର ଶବ୍ଦ କିଛି ନାହିଁ । ଦାସେ ମଧ ଉଦ୍‌ବିଗ୍ନ ହୋଇଗଲେ । ଯା ଭିତରେ ଆଉ ଦୁଇ ଚାରିଜଣ ଲୋକ ଆସି ପହଞ୍ଚିଲେ । ଏଇ ସମୟରେ ମୃଣାଳ କୋଉଠୁ ଆସି ପହଞ୍ଚିଲା । କବାଟ ବନ୍ଦ ଥିଲେ ଘର ଭିତରକୁ ପଶିବା ବାଟଟା ମୃଣାଳକୁ ଜଣାଥିଲା । ପଶ୍ଚିମ ପଟ ଝରକାକୁ ଟିକିଏ ଫାଙ୍କ କରି ଗୋଟାଏ କାଠି ପୂରେଇ ଛିଟିକିଣି ଖୋଲି ଦେଲା । ଗୋଟାଏ ଲୁହାଛଡ଼ ଢ଼ିଲା ହୋଇ ରହିଥିଲା, ସେ ତାକୁ କାଢ଼ି ଆସ୍ତେ ଭିତରକୁ ଡ଼େଇଁ ପଶିଗଲା ।

ଅଳ୍ପ ସମୟ ପରେ କବାଟଟାକୁ ଖୋଲି ଆଖି ପୋଛି ପୋଛି ଗମ୍ଭୀର ଭାବେ ବାହାରି ଆସିଲା । ଭୂଦେବ ଚୌଧୁରୀଙ୍କର ମୃତ୍ୟୁ ହୋଇଛି, କେତେବେଳୁ ମଲେଣି । ବିଛଣା ଉପରେ ଶାନ୍ତ ଭାବରେ ଶୋଇ ରହିଛନ୍ତି । ହଲଚଲର କୌଣସି ଚିହ୍ନ ନାହିଁ । କୃତ୍ରିମ ଦାନ୍ତଗୁଡ଼ା ଖୋଲି ଥୋଇ ଦେଇଥିବାରୁ ଗାଲ ଦୁଇଟା ଅସ୍ୱାଭାବିକ ଭାବେ ଭିତରକୁ ପଶିଯାଇଛି, କିନ୍ତୁ ମୁହଁରେ ଯନ୍ତ୍ରଣାର ଚିହ୍ନବର୍ଣ୍ଣ ନାହିଁ ।

ଭୂଦେବ ଚୌଧୁରୀଙ୍କ ଝିଅ ଦୁଇ ଜଣ ଖବର ପାଇ ଆସି ପହଞ୍ଚିଲେ । ବଡ଼ ଝିଅ ରାନୁ ଭାରି ଗମ୍ଭୀର ପ୍ରକୃତିର ଝିଅ । ସେ ଆସି ପରିସ୍ଥିତିର ଦାୟିତ୍ୱ ନେଇଛି, ଡ଼ାକ୍ତର ରମେଶ ବରୁଆଙ୍କୁ ଆବଶ୍ୟକମତେ ନିର୍ଦ୍ଦେଶ ଦେଉଛି ।

ସାନ ଝିଅ ଅନୀତା ରାସ୍ତାରୁ କାନ୍ଦ ବୋବାଳି ଛାଡ଼ି ଅସ୍ଥିର ଭାବେ ଘରେ ଆସି ପହଞ୍ଚିଲା । ଘରେ ଆସି ପହଞ୍ଚିବା ପରେ ତା କାନ୍ଦ ଆହୁରି ବଢ଼ିଗଲା । ବର୍ତ୍ତମାନ କ୍ଳାନ୍ତ ହୋଇ ବାପ ପାଖରେ ନିର୍ଜୀବ ଭାବରେ ପଡ଼ି ରହିଛି । ପିଲା ବେଳରୁ ସମସ୍ତଙ୍କର ଆଦର ଯତ୍ନ ପାଇଥିବାରୁ ଅନୀତା ଏବେ ବି ଛୁଆ ଝିଅଟେ ପରି ହଉଛି ।

ପଡ଼ାର ପ୍ରାୟ ସବୁଲୋକ ଆସି ପହଞ୍ଚୁଛନ୍ତି । ରମେଶ ବରୁଆ ଦରକାରୀ ଜିନିଷପତ୍ର ଆଣିବା ପାଇଁ କୁଞ୍ଜ ଠାକୁର ଦୋକାନକୁ ନିଜ ଗାଡ଼ି ଦେଇ ପଠାଇ ଦେଇଛନ୍ତି । କିଛି ଟୋକା ବାଉଁଶ ବନ୍ଧାବନ୍ଧି କରୁଛନ୍ତି ।

କିଛି ବୟସ୍କ ଲୋକ ଏପଟରେ ଥିବା ଚେୟାରରେ ବସି ମୃଦୁ ସ୍ୱରରେ କଥାବାର୍ତ୍ତା କରୁଛନ୍ତି । ଅନ୍ୟ ପଟରେ ଯୁବକମାନେ ବିଭିନ୍ନ ଭଙ୍ଗୀରେ ଠିଆ ହୋଇଛନ୍ତି, କେତେ ଜଣ ତଳେ ଘାସ ଉପରେ ବସିଛନ୍ତି । ବୟସ୍କ ଲୋକମାନଙ୍କ ଭିତରେ ଅଛନ୍ତି ଘର ପାଖ ଦିବାକର ଦାସ, ଗଜାନନ ରାୟ, ରବୀନ ସହରିୟା, ଶରତ ଇହଂକର ଏବଂ ରତିକାନ୍ତ କଳିତା । ସହରରୁ ମଧ ଲୋକ ଆସିଛନ୍ତି । ଏବେ ବି କିଛି କିଛି ଆସୁଛନ୍ତି ।

ରତିକାନ୍ତ କଳିତା କହିଲେ, ''କାଲି ସଞ୍ଜରେ ତାଙ୍କ ସହିତ ଦେଖା ହୋଇଥିଲା । କୁକୁଡ଼ାଟା ସେ ପର୍ଯ୍ୟନ୍ତ ଘରକୁ ନଫେରିବାରୁ, ତାକୁ ଖୋଜି ଖୋଜି ଶର୍ମା ବାବୁଙ୍କ ବାଡ଼ି ପଛ ଆଡ଼କୁ ଯାଇଥିଲି । ଖୋଜାଖୋଜି ପରେ ଚୌଧୁରୀ ଘର ଆଡ଼କୁ ଆସୁଥିଲି । ମୁଁ ସେତେବେଳେ ମୋର କୁକୁଡ଼ାକୁ ନେଇ ଚିନ୍ତିତ ଥିଲି । ଭଲଭାବେ କଥାବାର୍ତ୍ତା କରି ପାରିଲିନି ।''

ଦିବାକର ଦାସ କହିଲେ-''ସତରେ ?''

''ଆହା ଭାରି ଭଲ ମଣିଷଟିଏ ଥିଲେ । ସେଦିନ ଦେଖା ହେବାରୁ କାଳିଆ ଗାଈଟା କଥା ପଚାରୁଥିଲେ । ମଝିରେ ତାକୁ 'ଭୋକଲା' ହୋଇଥିଲା, ...''

''ଭୋକଲା କଣ ?''

''ତଣ୍ଟି ଫୁଲା, କିଛି ଖାଇ ହୁଏନି ।''

ଗଜାନନ ରାୟ କହିଲେ, ''ଶୁଣ, ସେଦିନ ମୋର ତାଙ୍କ ସହିତ ଦେଖା ହୋଇଥିଲା– କେତେଦିନ ହବଟି ? ତିନିଦିନ ଖଣ୍ଡେ ହେବ, ଡ଼ାଳିଆ ଫୁଲ ଚାରା ମାଗୁଥିଲେ । ଦେବି ଦେବି ବୋଲି ଦେଇ ପାରିଲିନି । ଭାରି ଦୁଃଖ ଲାଗୁଛି ।'' ରବୀନ ସହରିଆଙ୍କ ଆଖି ଆଗରେ ଭାସି ଉଠିଲା ତାଙ୍କ ଆଲ୍‌ସିସିଆନ କୁକୁର ଟମ୍‌ର ଶେଷ କିଛିଦିନର କଥା । ଶେଷ ବେଳକୁ ଟମ୍ ଭଲ ଭାବେ ଠିଆ ହୋଇ ପାରୁନଥିଲା । ପଛ ଗୋଡ଼କୁ ଘୋଷାରି ଘୋଷାରି କୌଣସି ପ୍ରକାରେ ଚଲା ବୁଲା କରୁଥିଲା । ଏତେ ପରିଶ୍ରମୀ କୁକୁରର ଶେଷରେ ଏଇ ପରିଣତି ! ବଡ଼ ମର୍ମନ୍ତୁଦ ଦୃଶ୍ୟ । ସହରୀୟା ତା ମୁଣ୍ଡରେ ହାତ ରଖିଲେ ସେଇ ଅବସ୍ଥାରେ ବି ତା ଲାଞ୍ଜଟାକୁ ଟିକେ ହଲେଇ ଦେଉଥିଲା । ମନେ ପଡ଼ିଲେ କଷ୍ଟ ଲାଗେ । ଆଜିକାଲି କୁକୁରଟାର ଏମିତି କଷ୍ଟ ଦେଖିବା ଉଚିତ ନୁହେଁ । ପଶୁ ଡ଼ାକ୍ତର ପଚାଶ ସି.ସି ନେମ୍ବୁଟାଲ ଇଂଜେକସନ୍ ଦେଲେ ସାଂଗେ ସାଂଗେ ସବୁ ଯନ୍ତ୍ରଣାର ଶେଷ । ଶାନ୍ତ ହୋଇ ଶୋଇ ପଡ଼େ । ସେ ନିଦ ଆଉ ଭାଙ୍ଗେନା ।

ପ୍ରକାଶ୍ୟରେ କହିଲେ-''ଦୁଃଖ କରିବା ପାଇଁ ଅବଶ୍ୟ କିଛି ନାହିଁ, ଭାରି ଭଲ ମରଣ ତାଙ୍କର । ନିଜେ କଷ୍ଟ ପାଇଲେନି କି କାହାରିକି କଷ୍ଟ ଦେଲେନି । ବୟସ ବି ତ ହେଲାଣି ।'' ସଦାନନ୍ଦ ହାଜରିକାଙ୍କୁ କଥାଗୁଡ଼ା ଭଲ ଲାଗିଲାନି । ତାଙ୍କ ମୁହଁରେ ବିରକ୍ତି ଭାବ ଫୁଟି ଉଠିଲା ।

''ବୟସ କଥା କହିବେନି । କୋଉ ଏମିତି ବେଶୀ ବୟସ ହୋଇଛି ? କାଲି ଭଳିଆ ଲାଗୁଛି, ସେଦିନ ବରଦଲୈ ବାବୁଙ୍କ ପୁଅ ବାହାଘର ଭୋଜି ଚାଲି ଚାଲି ଯାଇ ଖାଇ ଆସିଥିଲୁ । ସାମର୍ଥ୍ୟ ଥିଲେ ବୟସର କିଛି ଅର୍ଥ ନାହିଁ । ମୋରାରଜୀ ଦେଶାଇଙ୍କ ବୟସ ଆସି କେତେ ହେଲାଣି ?''

ଶରତ ଇହଙ୍କର ଭାବୁଥିଲେ ତାଙ୍କ ମରିବା ଆଗରୁ ଯଦି ତାଙ୍କ ବଡ଼ ପୁଅ କାହ୍ନୁ ଏମିତି ଶୋଇଥିଲା ବେଳେ ନଷ୍ଟ ନପାଇ ମରିଯା'ନ୍ତା । ନିଜ ଚିନ୍ତାରେ ଚମକି ଉଠିଲେ, ସାଙ୍ଗେ ସାଙ୍ଗେ ଉଠି ଠିଆ ହେଲେ । ''ମୁଁ ଯାଉଛି, ଏଠି ରହି ମୁଁ କଣ କରିବି ?'' ଚୌଧୁରୀଙ୍କ ଝିଅ ଦି ଜଣ

ଭିତରେ ଅଛନ୍ତି । ଇହକର ସାନ ଟୋଇଁ ରମେନ୍‌କୁ ଦେଖି କହିଲେ, "କଣ ଆଉ କରିବା ? ଜନ୍ମ ହେଲେ ମୃତ୍ୟୁ ହେବ ।"

ରମେନ୍ ସିଗାରେଟ୍ ଧୂଆଁକୁ ପାଟି ଭିତରୁ ବାହାର କରି ପାରିଲାନି । ଇହକରଙ୍କୁ କିଛି ନକହି ପାଟି ଚାପି ଚାପି ଦୂରକୁ ଚାଲିଗଲା । ଇହକର କ୍ଷୁର୍ଣ୍ଣ ଆଉ ଅବାକ ହୋଇ ତା ଆଡ଼କୁ ଅନେଇଲେ ଓ ଆସ୍ତେ ଆସ୍ତେ ସେ ଜାଗାରୁ ବାହାରି ଆସିଲେ ।

ଏଆଡ଼େ ଟୋକାମାନେ ଚେଷ୍ଟା କରି ମଧ୍ୟ ଯଥେଷ୍ଟ ପରିମାଣରେ ଗମ୍ଭୀର ହୋଇ ପାରୁନାହାନ୍ତି । କୌଣସି ପ୍ରକାରେ ଚପଳତା ଯେମିତି ପ୍ରକାଶ ନପାଏ ସେଥିପାଇଁ ଅନବରତ ଚେଷ୍ଟା କରୁଥିବାରୁ ମୁହଁର ଭାବ ସାମାନ୍ୟ ହେଲେ ବି ଅଛ ବହୁତ ପ୍ରକାଶ ପାଉଛି ।

ମଦନ ଦାସ ଅନ୍ୟମାନଙ୍କ କଥାବାର୍ତ୍ତା ହଟ୍ଟଗୋଳରେ ବହୁତ ସମୟ କଥା କହିବାକୁ ସୁଯୋଗ ପାଇ ନଥିଲେ । ସୁଯୋଗ ପାଇଲା ମାତ୍ରକେ ମୁହଁ ଖୋଲିଲେ ।

"ବଡ଼ ବାପାଙ୍କ କଥା ଟା ଠିକ୍ ଏମିତି । ରାତିରେ ଖିଆ ପିଆ ସରିଲା ପରେ ସମସ୍ତଙ୍କୁ ପାଖକୁ ଡ଼ାକିଲେ । ଶଶୀ ପଣ୍ଡିତଙ୍କୁ ଡ଼କେଇ ଆଣି ଗୀତା ପଢ଼ିବାକୁ କହିଲେ । ଆମେ ସମସ୍ତେ ଆଶ୍ଚର୍ଯ୍ୟ । ରାତି ଶେଷ ବେଳକୁ ବ୍ୟସ୍ତ ହୋଇ ହଠାତ୍ କହିଲେ ମୋତେ ବାହାରକୁ ନେଇଯାଅ । ଏ କଣ ଗୋଟାଏ କଥା ? ଭଲ ମଣିଷଟା, କଥାବାର୍ତ୍ତା କରୁଛନ୍ତି, ଠାକୁରଙ୍କ ନାମ ଜପୁଛନ୍ତି, ବାହାରକୁ କଣ ପାଇଁ ଯିବେ ? ସେ କିନ୍ତୁ ଭୀଷଣ ରାଗିଗଲେ । "କଣ ସବୁ କରୁଛ ? ମୋର ଯିବା ସମୟ ହେଲାଣି, ମୋତେ ବାହାରକୁ ନେଇ ଯାଅ ।" ଧରାଧରି କରି ବାହାରକୁ ଆଣି ତୁଳସୀ ଚଉରା ବେଦୀ ପାଖରେ ଶୁଆଇ ଦେଲୁ । ନାମ ସଂକୀର୍ତ୍ତନ କରିବାକୁ କହିଲେ । ନିଜେ ମଧ୍ୟ ଓଠ ଥରାଇ ଗାଇବାକୁ ଲାଗିଲେ । ନାରାୟଣ, ନା-ରା-ୟ-ଣ, ତାପରେ ଶେଷ ।"

କେହି କେହି ମନ୍ତବ୍ୟ କରିଥିଲେ ଯେ ପୁଣ୍ୟାତ୍ମା ଲୋକମାନଙ୍କର ମରଣ ଏମିତି ହୁଏ । ଆଉ କେହି କେହି ଖାଲି ପ୍ରତିବାଦ କରିବା ପାଇଁ ପ୍ରତିବାଦ କରିଥିଲେ ।

"କାଲି ଖବରକାଗଜରେ ଦେଖିଥିଲି ମଧ୍ୟ ପ୍ରଦେଶରେ କୋଉ ଗୋଟାଏ କୁଖ୍ୟାତ ଡ଼ାକୁ ପୁଲିସ୍ ଗୁଳି ମୁଣ୍ଡରେ ବାଜିବାରୁ ସାଙ୍ଗେ ସାଙ୍ଗେ ମରିଗଲା । ସେ ବି କଣ ଜଣେ ପୁଣ୍ୟାତ୍ମା ଲୋକ ଥିଲେ ?" ରମେନ୍ ଫିକ୍ କିନା ହସିଦେଲା । ସଚେତନ ହୋଇ ଚାରିଆଡ଼କୁ ଚାହିଁ ପୁଣି ସାଙ୍ଗେ ସାଙ୍ଗେ ଗମ୍ଭୀର ହେବାକୁ ଚେଷ୍ଟା କଲା । ଶ୍ମଶାନକୁ ଶବ ଯିବାରେ ବିଳମ୍ବ ହେବ । କିଏ ଜଣେ ଟ୍ରକ ଆଣିବାକୁ ଯାଇଛି ଯେ ଏପର୍ଯ୍ୟନ୍ତ ଆସି ପହଞ୍ଚୁନାହିଁ । ଠିକ୍ ଟଙ୍କା ଦେଲେ ବି ଏସବୁ କାମ ପାଇଁ ଟ୍ରକ ଦେବାକୁ ଲୋକେ ରାଜି ହୁଅନ୍ତିନି । ରବୀନ୍ ସହରିଆ ଚାଲିଗଲେ । ବୟସ୍କ ଲୋକମାନେ ଆସ୍ତେ ଆସ୍ତେ ଚାଲିଗଲେ । ସଦାନନ୍ଦ ହାଜରିକା ଗେଟ୍ ବାହାରକୁ ଆସି ପୁଣି ଫେରି ଆସିଲେ । ହଠାତ୍ ଗୋଟାଏ ଅଦମ୍ୟ କୌତୂହଳ ତାଙ୍କ ରାସ୍ତା ରୋକି ଦେଲା । ରମେନ୍‌କୁ ଦେଖି ଅତି ପାଖକୁ ଆସି ତାକୁ ପଚାରିଲେ—"ଘରଟାକୁ କଣ କରିବ ? ବିକ୍ରି କରିଦେବ କି ?" ରମେନ୍ ବୋକାଙ୍କ ପରି ତାଙ୍କ ଆଡ଼କୁ ଚାହିଁ ରହିଲା । କିଛି ଉତ୍ତର ଦେଲାନି । ହାଜରିକା କ୍ଷୁର୍ଣ୍ଣ ହୋଇ ବାହାରିଗଲେ । ଶସ୍ତା ହେଲେ ସେ କିଣି ପାରିଥାନ୍ତେ ।

ନିବାରଣ କୁମାର ସନ୍ତର୍ପଣରେ ପାଦ ଚାପି ଚାପି ଆସ୍ତେ ଆସ୍ତେ ଆସି ଚୌଧୁରୀଙ୍କ ଘର ସାମନାରେ ପହଞ୍ଚିଲେ । ଭିତରକୁ ନଯାଇ ଗେଟ୍ ଉପରେ କହୁଣୀରେ ଭରା ଦେଇ ଆଉକି

ଠିଆ ହେଲେ । ଖରାବେଳଟାରେ ମଦ ନିଶାରେ ଚୁର୍ । କ୍ଷୀଣ ଚେହେରା, ଫୁଲା ଫୁଲା ମୁହଁ, ଦୃଷ୍ଟି ଅସ୍ପଷ୍ଟ, ଆଖିରେ ଲେଞ୍ଜରା ଲାଗିଛି ।

"ଚୌଧୁରୀ ତାହେଲେ ଚାଲିଗଲେ ? ବାଃ, ଚମତ୍କାର !" ଗେଟ୍ ଆଗରେ ଏମିତି ଖୁମ୍ବଟା ପରି ଠିଆହେଲେ ଲୋକମାନଙ୍କର ଯିବା ଆସିବାରେ ଅସୁବିଧା ହୁଏ । କେହି ଜଣେ କିଛି କହିବାରୁ କୁମାର ବ୍ୟସ୍ତ ହୋଇ କେଇ ଇଞ୍ଚ ଘୁଞ୍ଚିଗଲେ । ମୁଣ୍ଡ ହଲାଇ ନିଜେ ନିଜେ ହସିବାକୁ ଲାଗିଲେ ।

"ସେଦିନ ମୋତେ କହୁଥିଲେ—କୁମାର ସାହେବ୍, ବୟସ ହେଲାଣି ଏସବୁ ନିଶା ଛାଡ଼ । ରାସ୍ତା ଘାଟରେ ଟଳମଳ ହୋଇ ଚାଲୁଚ, କେତେବେଳେ ଯେ ଗାଡ଼ି, ମଟର ଖୁନ୍ଦା ମାରି ଦେଇ ଯିବ ଠିକ୍ ନାହିଁ । ମୁଁ କହିଲି କିଛି ଚିନ୍ତା କରିବନି, ତୁମ ଆଗରୁ ମୁଁ ଯାଉନି । ଶ୍ମଶାନରେ ପୋଡ଼ି, ତୁମକୁ ଆଉ ପାରିକି ପଠେଇ ଦେଇ ତାପରେ ମୁଁ ଯିବି । ମୁଁ ଠିକ୍ କଥା କହିଥିଲି କି ନାହିଁ ?" ନିବାରଣ ଆଖିରୁ ଲୁହ ପୋଛିଲେ । ଯିଏ ତାଙ୍କ ପାଖ ଦେଇ ଯାଏ ତାକୁ ଖପ୍ କରି ଧରିପକେଇ ବୁଝେଇବାକୁ ଚେଷ୍ଟା କଲେ । "ବୁଝିଲ, ଚୌଧୁରୀ ହେଲେ ପୁଣ୍ୟାତ୍ମା ଲୋକ । ମୋ ପରି ନୁହଁନ୍ତି, କାହିଁକି ପଡ଼ି ରହିବେ ଶୁକୁ ଶୁକୁ ହେଲା ପର୍ଯ୍ୟନ୍ତ । ବେପରୁଆ ଭାବେ ଚାଲିଗଲେ । ଆମେ ପଡ଼ି ରହିବୁ । ନହେଲେ କଷ୍ଟ ଭୋଗିବ କିଏ ।"

ଯା ଭିତରେ ଦୁଇ ତିନିଜଣ ଟୋକା ଶ୍ମଶାନରେ ଦରକାରୀ ଜିନିଷ ସବୁ ନେଇ ଆସିଥିଲେ । ଗେଟ୍‌ଟା ଉପରେ ଏମିତି ବେପରୁଆ ଭାବେ ଆଉଜିଥିବା ଦେଖି କିଏ ଜଣେ କୁମାରଙ୍କୁ ରୁକ୍ଷ ଭାବେ କିଛି କହିଲେ ।

"ଉଠିଲ, ଉଠିଲ, ରାସ୍ତାଟା ଛାଡ଼ିଦେଲ ।"

ନିବାରଣ କୁମାର ବ୍ୟସ୍ତ ନହୋଇ ପ୍ରଥମେ ଟୋକାଟାର ମୁଣ୍ଡରୁ ପାଦ ପର୍ଯ୍ୟନ୍ତ ଲକ୍ଷ୍ୟ କଲେ । ତାପରେ ଗେଟ୍ ଖୋଲି ଆସ୍ତେ ଆସ୍ତେ ଭିତରକୁ ପଶି ଆସିଲେ ।

ବୁଢ଼ା ଲୋକମାନେ ସମସ୍ତେ ଚାଲି ଗଲେଣି । ନିବାରଣ କୁମାର ସିଧା ସଳଖ ଗୋଟାଏ ବାକ୍ସ ବୁଦା ପାଖକୁ ଯାଇ ପକେଟରୁ ଗୋଟାଏ ଛୋଟ ଚେପେଟା ବୋତଲ ବାହାର କରି ଆଉ କିଛି ମଦ ପିଇଦେଲେ ।

ରମେନ୍‌କୁ ଆଗରେ ଦେଖି ତା କାନ୍ଧ ଉପରେ ହାତ ରଖି ନିଜ ଭାରସାମ୍ୟ ରକ୍ଷା କଲେ । "ବୁଝିଲ, ତୁମମାନଙ୍କୁ ଜଣା ନାହିଁ, ମୁଁ ଜାଣିଛି । ଏମିତି ଗୋଟିଏ ମଣିଷ ଅନ୍ୟ କେଉଁଠି ମିଳିବନି । ସବୁ ଜିନିଷର କ୍ୱାଲିଟି କ୍ରମେ ଖରାପ ହୋଇ ଆସିଲାଣି । ଭଗବାନ ବି ଆଜିକାଲି ଏମିତି ମଣିଷଙ୍କୁ ସୃଷ୍ଟି କରୁନାହାନ୍ତି ।" ରମେନ୍ ହସିଲେ, ସଚେତନ ହୋଇ ଚାରି ଆଡ଼କୁ ଚାହିଁ ପୁଣି ଗମ୍ଭୀର ହେବାକୁ ଚେଷ୍ଟା କଲେ । ଚୌଧୁରୀଙ୍କ ଶବକୁ ଟ୍ରକ୍ ଉପରକୁ ଉଠେଇ ଦିଆଗଲା । କାନିରେ ଆଖି ଲୁହ ପୋଛୁ ପୋଛୁ ରାନୁ ଗମ୍ଭୀର ଭାବେ ଗେଟ୍ ବାହାରେ ଠିଆ ହେଲା । ଅନୀତା ଆକୁଳ ଭାବରେ ଜୋରରେ କାନ୍ଦିବାକୁ ଲାଗିଲା । ଦୁଇଜଣ ଦି ପାଖରୁ ତାକୁ ଧରି ରହିଥିଲେ । ଛାଡ଼ିଦେଲେ ମାଟି ଉପରେ କାନ୍ଦି ଗଡ଼ିବ ।

ଟଳମଳ ଭାବରେ ହଠାତ୍ ପଛଆଡ଼ୁ ଟ୍ରକ ଉପରକୁ ନିବାରଣ କୁମାର ଉଠୁଥିବା ବେଳେ ଗୋଡ଼ ଖସି ଯିବାରୁ ପଡ଼ିଗଲେ । ବ୍ୟସ୍ତ ହୋଇ କେତେଜଣ ତାଙ୍କୁ ଟେକି ଉପରକୁ ଉଠେଇ

ଦେବାକୁ ଚେଷ୍ଟା କଲେ । ଦୁଇ ତିନି ଜଣ ବିରକ୍ତ ହୋଇ ତାଙ୍କୁ ଧମକ ଦେଲେ । କୁମାର ବିହ୍ୱଳ ହୋଇ କହିଲେ—''ଚୌଧୁରୀଙ୍କୁ ମୁଁ କଥା ଦେଇଥିଲି ?''

''କୋଉ କଥା ?''

''ଶ୍ମଶାନରେ ତାଙ୍କୁ ପୋଡ଼ିଲା ପରେ ହିଁ ମୁଁ ଯିବି ।''

ରାନୁ ଟିକିଏ ଆଗେଇ ଆସି ପରିସ୍ଥିତିକୁ ସମ୍ଭାଳି ନେଲା ।

''ଟେକି ଉଠେଇ ନିଅ, ଭଲଭାବେ, ଆସ୍ତେ ଆସ୍ତେ । ଦେଖ କୋଉଠି ଆଘାତ ହୋଇଥିଲେ କଷ୍ଟ ପାଇବେ ।''

ଦୁଇ

କଲିକତାରେ ସବୁ ସାଙ୍ଗ ସାଥୀମାନେ ନିବାରଣ କୁମାରଙ୍କୁ ସାହେବ ବୋଲି ଡାକୁଥିଲେ । ସେତେବେଳେ ଭୂଦେବ ଚୌଧୁରୀ ପଞ୍ଜାବୀ ପାଇଜାମା ପିନ୍ଧୁଥିଲେ ଆଉ ପାଦରେ ସବୁ ସମୟରେ ବ୍ୟବହାର କରିହେଉଥିବା କାବୁଲି ଚପଲ । କାବୁଲି ଚପଲ ପିତା ଗୋଇଠି ପଛପଟେ ବୁଲେଇ ଆଣି ବାନ୍ଧୁ ନଥିଲେ । ସବୁବେଳେ ଆଗ ପଟରେ ଭାଙ୍ଗି ହୋଇ ରହୁଥିଲା । ଶୀତଦିନେ ଭୂଦେବ ଚୌଧୁରୀ ଏଣ୍ଡି ଚଦରଟାଏ ଦେହରେ ପକଉଥିଲେ ।

ସେ ସମୟରେ ବି ନିବାରଣ କୁମାର କୋଟ, ଟାଇ ପିନ୍ଧି ପୁରାପୁରି ସାହେବ । କ୍ଲାସକୁ ଯିବା ପ୍ରଶ୍ନ ନାହିଁ । ସିଗାରେଟ୍ ପ୍ୟାକେଟ୍‌କୁ ହାତରେ ଧରି ବୁଲୁଥିଲେ । ସେମାନଙ୍କ ହଷ୍ଟେଲରେ ନିୟମ କାନୁନ୍ ବହୁତ ଶିଥିଳ ଥିଲା । ଛାତ୍ର ଅବସ୍ଥାରୁ ସେ ମଦ ପିଇବା ଆରମ୍ଭ କରିଥିଲେ । ହଷ୍ଟେଲର ଚୌକୀଦାର କୁମାରର ଅନୁଗତ ଥିଲା । ମନଇଚ୍ଛା ବକ୍‌ସିସ୍ ପାଉଥିଲା । ଭୂଦେବ ଚୌଧୁରୀ ନିବାରଣ କୁମାରଙ୍କ ସହ ଘନିଷ୍ଠ ହେବା ଅସ୍ୱାଭାବିକ କଥା । ଉଭୟ ଥିଲେ ଭିନ୍ନ ଭିନ୍ନ ଜଗତର ପ୍ରାଣୀ । କିନ୍ତୁ ଘନିଷ୍ଠତା ଗଢ଼ି ଉଠିଲା । ବିଶ୍ୱଜିତ୍ ଚକ୍ଲିହା ଚୌଧୁରୀଙ୍କୁ କୁମାରର ହଷ୍ଟେଲକୁ ନେଇ ଆସିଥିଲେ । ସେ କୁମାର ସହିତ ପରିଚୟ କରାଇ ଦେଲେ । କୁମାରଙ୍କର ଗୋଟିଏ ବିଶିଷ୍ଟ ଗୁଣ ଥିଲା । ତତ୍‌କ୍ଷଣାତ୍ ମଣିଷକୁ ଆପଣାର କରିଦେଇପାରନ୍ତି । ତାଙ୍କ ସହିତ ରହୁଥିବା ପ୍ରତ୍ୟେକ ସାଥୀଙ୍କ ଧାରଣା ଯେ କୁମାର ସତରେ ତା'ରି ବିଷୟରେ ବେଶୀ ଚିନ୍ତା କରେ । ଆଖିରୁ ଅନ୍ତର ହେଲେ ମନରୁ ଅନ୍ତର ହୁଏନି । ଅଷ୍ଟ୍ରେଲିୟା ସହିତ ଭାରତର କ୍ରିକେଟ ଟେଷ୍ଟ ମ୍ୟାଚ୍ ଦେଖିବା ପାଇଁ କୁମାର ସିଜିନ୍ ଟିକେଟ୍‌ଟିଏ ଆଣି ଚୌଧୁରୀଙ୍କୁ ହଷ୍ଟେଲରେ ଦେଇଗଲେ ।

''ଦେଖି ନିଅ । ଏମିତି ସୁଯୋଗ ସବୁବେଳେ ପାଇବନି ।''

ସତକଥା । ବିଖ୍ୟାତ ଖେଳାଳୀମାନଙ୍କର ଖେଳ ଚୌଧୁରୀ ସେଇ ଥରେ ମାତ୍ର ଦେଖିଛନ୍ତି । ଅଷ୍ଟ୍ରେଲିଆ ଦଳରେ ଖେଳୁଥିଲେ ହେଡ଼େଟ୍, ମିଲାର୍ ଆଉ ଅନ୍ୟମାନଙ୍କର ନାଁ ମନେ ନାହିଁ । ଭାରତୀୟ ଦଳରେ ଥିଲେ ମର୍ଚ୍ଚାଣ୍ଟ, ହାଜାରେ, ଅମରନାଥ, ମୁସ୍ତାକ୍ ଅଲି ଆଦି ସେ ସମୟର ବିଶିଷ୍ଟ ଖେଳାଳୀ । ଏବେ ବି କ୍ରିକେଟ୍ ଖେଳ କଥା ମନେ ପଡ଼ିଲେ ଚୌଧୁରୀ ସେଇ

ସମୟର ଖେଳ କଥା କୁହନ୍ତି । ମୁସ୍ତାକ୍ ଅଲି ଆଗକୁ ଯାଇ କେମିତି ବଲ୍‌କୁ ମାରୁଥିଲେ ସେଇ ଦୃଶ୍ୟ ଏବେ ବି ତାଙ୍କ ଆଖି ଆଗରେ ନାଚି ଯାଉଛି । ପରେ ଚୌଧୁରୀଙ୍କୁ କୁମାର 'ତୁମେ' ବୋଲି ସମ୍ବୋଧନ କରିଥିଲେ । 'ଗାଁ-ମୁରବୀ ବୁଢ଼ା' କହି ଥଟ୍ଟା କରୁଥିଲେ । ଥଟ୍ଟା କରି କହୁଥିଲେ, "ମଣିଷ ମାରି ଆସି ଯଦି ତୁମେ ଏଣ୍ଡି ଚଦର ଦେହରେ ଘୋଡ଼ାଇ ପକେଇବ, ତାହେଲେ ନିଜ ଆଖିରେ ଦେଖିଲେ ବି କେହି ବିଶ୍ୱାସ କରିବେନି ଯେ ତୁମେ ଏଇ କାମ କରିଛ ।"

କୁମାର ହଷ୍ଟେଲ୍ ଛାଡ଼ିବାକୁ ବାଧ୍ୟ ହେଲା । ଗୋଟାଏ ବଡ଼ ଖରାପ ଘଟଣାଟିଏ ଘଟିଲା । ଶୁଣିବା କଥା, କେତେଦୂର ସତ ଚୌଧୁରୀ କହି ପାରିବେନି । କୁମାର ଏବଂ ଅନନ୍ତ ବୋଲି ନାଁ ଥିବା ଜଣେ ଟୋକା ମଦ ପିଇ ନିକଟରେ କାହା ଘରେ ପଶି ଗଣ୍ଡଗୋଳ କରିଥିଲେ ।

ଚୌଧୁରୀ ସେଇ ଘଟଣା ପରେ ନିବାରଣ କୁମାରଙ୍କୁ ଆଉ ଦେଖି ନାହାନ୍ତି । ଚାଳିଶ ବର୍ଷ ପରେ ପୁଣି ଏଠାରେ ଦେଖା ସାକ୍ଷାତ୍ ହେଲା ।

ଅବସର ନେଲା ପରେ ଚୌଧୁରୀ ସହର ଉପକଣ୍ଠରେ ଛୋଟ ଘରଟିଏ କରିଛନ୍ତି । ସେଇଟା ବି ହୋଇନଥାନ୍ତା । ଦିବାକର ଦାସ ଏବଂ ଗଜାନନ ରାୟ ଇତିମଧ୍ୟେ ସେଠାରେ ଘର କରିଦେଇଛନ୍ତି । ସେମାନେ ଜୋର ଜବରଦସ୍ତି କରି ଚୌଧୁରୀଙ୍କୁ ଅଳ୍ପ ଜାଗା କିଣେଇ ଦେଲେ । ଜିନିଷ ପତ୍ର ଯୋଗାଇ ଦେବାରେ ମଧ୍ୟ ସାହାଯ୍ୟ କଲେ । ସେମାନଙ୍କର ଉତ୍ସାହ ଆଉ ସହଯୋଗ ପାଇନଥିଲେ ଭୂଦେବ ଚୌଧୁରୀ କେବେ ବି ନିଜ ଚେଷ୍ଟାରେ ଘରଟିଏ କରି ପାରିନଥାନ୍ତେ ।

ଦିନେ ଖରାବେଳେ ନିବାରଣ କୁମାର ଚୌଧୁରୀଙ୍କ ନୂଆ ଘରେ ଆସି ଉପସ୍ଥିତ । ମଦ ପିଇ ବେହୋସ ଅବସ୍ଥା । ଦୁଆର ମୁହଁରେ ଠିଆ ହୋଇ ଅଳ୍ପ ଅଳ୍ପ ଟଳୁଥିଲେ । ଗୋଟିଏ ମଇଳା ପାଇଜାମା ଓ ଗେରୁଆ ରଙ୍ଗର ପଞ୍ଜାବୀ ପିନ୍ଧିଥିଲେ । ମୁଣ୍ଡବାଳ ଗୋଛାକ ଅବିନ୍ୟସ୍ତ । ଚୌଧୁରୀ ଭ୍ରୂକୁଞ୍ଚନ କରି ପଚାରିଲେ-"କଣ ଦରକାର ?" କିଛି ଉତ୍ତର ନଦେଇ ଲୋକଟା ଅପଲକ ନୟନରେ ଚୌଧୁରୀଙ୍କୁ ଚାହିଁ ରହିଥିଲା । ଚୌଧୁରୀ ଅସ୍ୱସ୍ତି ବୋଧ କରୁଥିଲେ । ବିରକ୍ତ ହୋଇ ଉଠିଲେ । ଲୋକଟା ହଠାତ୍ ବୋକା ମଣିଷଟେ ପରି ହସିଦେଲା ।

"ଗାଁ ମୁଖିଆ ନାଁ ?"

ଚୌଧୁରୀଙ୍କ ଘର ଭିତରକୁ କଲିକତାର ବିଗତ ସମୟର ଗୋଟାଏ ଅଂଶ ପଶି ଆସିଲା ।

"ଆହେ, କୁମାର ସାହେବ, ଆସ, ଆସ, ଆସ ।"

କୁମାରର ଅବସ୍ଥା ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲେ । କଥାରେ କିମ୍ବା ଚାହାଣୀରେ ଯେମିତି ଏଇ ଭାବ ପ୍ରକାଶ ନପାଏ ସେଥିପ୍ରତି ସତର୍କ ହୋଇଗଲେ । ଅତି ସାବଧାନ ହୋଇ ଆଗେଇ ଯାଇ ସେ କୁମାର ସହିତ ଭଲକରି କଥାବାର୍ତ୍ତା କରି ପାରିଲେନି ।

ପରେ ଦିବାକର ଦାସ ଚୌଧୁରୀଙ୍କୁ ସବୁକଥା ବୁଝାଇ କହିଥିଲେ । ସେମାନେ ଯେତେ ସବୁ ଜାଗା କିଣିଛନ୍ତି ସେ ସବୁ ଜାଗାର ମାଲିକାନା ଏକ ସମୟରେ କୁମାରଙ୍କର ଥିଲା । ମଦ ପିଇ କୁମାର ସବୁ ଜିନିଷ ଧ୍ୱଂସ କରିଦେଲେ । ଆମେ ନବ ବରୁଆଙ୍କ ଠାରୁ ଜାଗା କିଣିଛୁ । କିନ୍ତୁ ନବ ବରୁଆ କୋଉଠୁ ପାଇଲେ ? ଦି ହଜାର ଟଙ୍କା ଧାର ଦେଇ ସବୁ ଜାଗାକୁ ହାତ କରି ନେଇଛି ।

ଏ ସବୁ କଥା ଜାଣିଲା ପରେ ବି ଚୌଧୁରୀଙ୍କୁ କୁମାରଙ୍କ ସାଙ୍ଗ ଭଲ ଲାଗୁଥିଲା । ଜାହାପ୍ରତି କିଛି ଅଭିଯୋଗ ନାହିଁ, କ୍ଷୋଭ ନାହିଁ, ଅନୁଶୋଚନା ନାହିଁ । ଧନ ସମ୍ପତ୍ତି ନଷ୍ଟ ହୋଇଗଲା ବୋଲି ଅବଶୋଷ ନାହିଁ, ନିର୍ବିବାଦରେ ନିଜ ଅବସ୍ଥାକୁ ଗ୍ରହଣ କରି ନେଇଛନ୍ତି ।

"ଆରେ ଭାଇ, କପାଳ ଲିଖନ, ମୁଁ କଣ ବା କରିବି ଆଉ ତୁମେ ବା କଣ କରିବ ?"

"ବାଃ, ଭଲ ଯୁକ୍ତି କାଢୁଛ ! ମଦ ପିଇ ପିଇ ଧ୍ୱଂସ କରିଦେଲ, ଶେଷରେ ଦୋଷ ହେଲା କପାଳର ।"

"ଆରେ ଭାଇ, ମଦ ପିଇବା ମଧ୍ୟ କପାଳ ଲିଖନ । ଭାଗ୍ୟରେ ଲେଖା ଥିଲା ଯେ ମୁଁ ମଦ ପିଇ ପିଇ ସମ୍ପତ୍ତି ଧ୍ୱଂସ କରିବି । ସେଇୟା କରିଛି ।"

ଏମିତି ଲୋକକୁ କହି ଲାଭ କଣ ? କେବେ କେବେ କୁମାର ଚୌଧୁରୀଙ୍କ ଘରକୁ ଆସନ୍ତି । ବେଳେବେଳେ ମଦ ପିଇ ଆସନ୍ତି ଆଉ କେତେବେଳେ ଭଲ ଅବସ୍ଥାରେ ଆସନ୍ତି । ଚୌଧୁରୀଙ୍କୁ ଆସି ଥଟ୍ଟା କରନ୍ତି ।

"ଅଳ୍ପ ପିଇବ କି ? ଆଣିବି ?"

"ଏଇ, ଖବରଦାର୍ ।"

"ଅମୃତ ପାଣି ନପିଇ ଏମିତି ଦିନେ ମରିଯିବ, ବଡ଼ ଦୁଃଖର କଥା । ଭଲ ଜିନିଷ ଆଣିବି, ଯାହି ତାହି ଜିନିଷ ତୁମକୁ ଦେବିନି ।"

"କିଛି ଦରକାର ନାହିଁ ।"

ଚୌଧୁରୀ ଅସ୍ୱସ୍ତି ବୋଧ କଲେ କୁମାର ଖୁବ୍ ଉପଭୋଗ କରନ୍ତି ।

"ତୁମେ ପିଇଲେ ଅସୁବିଧା କିଛି ନାହିଁ । ମୁଁ ଭଦ୍ର ମଣିଷଙ୍କ ପରି ଚାଲୁଥିଲେ ବି ଲୋକେ ଟଳମଳ ହୋଇ ଯାଉଛି ବୋଲି ଦେଖନ୍ତି । କିନ୍ତୁ ମଦ ପିଇ ତୁମେ ରାସ୍ତାରେ ପଡ଼ି ଗଲେବି ଲୋକେ ଝୁଣ୍ଟି ପଡ଼ିଗଲ ବୋଲି କହିବେ ।

ସେଦିନ କୁମାର ଚୌଧୁରୀଙ୍କୁ ଥଟ୍ଟା କରି କହୁଥିଲେ ।

"କିହୋ, ଆଜି ହେବ କି ? ଭଲ ମାଲ୍‌ଟିଏ ଅଛି ।"

"ହଁ, ବୁଢ଼ା ବୟସରେ ଏଇଟା ବାକୀ ଅଛି ।"

କୁମାର ହଠାତ୍ ଗମ୍ଭୀର ହୋଇଗଲେ,

"ବୁଢ଼ା ବୟସ କଥା କଣ କହୁଛ କି ହୋ ?"

କୁମାର ଉତ୍ତେଜିତ ହୋଇ ଉଠୁଥିଲେ । ଘରେ କେହି ନଥିଲେ ବି କୁମାର ନିକଟକୁ ଆସି ଫୁସ୍ ଫୁସ୍ କରି କହିଲେ । "ମୋର କଲିକତାରେ ବି.ଏ. ପଢ଼ିବାକୁ ଯିବା ଠିକ୍ ଦି ଦିନ ଆଗର କଥା । ବାପାଙ୍କ ବୟସ ସେତେବେଳେ ପ୍ରାୟ ଷାଠିଏ । ଆମ ଘର ଚାକରାଣୀ ପ୍ରମିଳାର ବୟସ ସେତେବେଳେ କେତେ ବା ହେବ ? ତେର କି ଚଉଦ ? ଭାରି ଖୁସି ବାସିଆ, ସ୍ନେହ ମମତା ଥିବା ଝିଅଟିଏ । ସବୁବେଳେ ହସ ହସ ମୁହଁ । ଏଇ ଦୁଧଖିଆ କୁଆଟା ଉପରେ ବାପା ସେଦିନ ଜୋର ଜବରଦସ୍ତି କଲେ । ବାପାଙ୍କ ଏସବୁ ଦୋଷ ମନରେ ଧରିବା କଥା ନୁହେଁ । କିନ୍ତୁ ଝିଅଟିର ଏତେ ରକ୍ତସ୍ରାବ ହୋଇଥିଲା ଯେ ବାପାଙ୍କର ବନ୍ଧୁ ଡାକ୍ତର ଦୀନେଶ ଘୋଷଙ୍କୁ ଡ଼କେଇ ଆଣିବାକୁ ପଡ଼ିଲା ।" ତା ପରେ ବହୁତ ଦିନ କୁମାର ଆଉ ଏଆଡ଼େ ଆସି ନାହାନ୍ତି । ଦିନେ ଗୋଧୂଳି

ସମୟରେ ହଠାତ୍ ଆସି ପହଞ୍ଚିଲେ । ଗେଟ୍ ପାଖରୁ ନୁହେଁ, ପୂରା ପୁରି ରାଜରାସ୍ତାରେ ଠିଆ ହୋଇ ଚୌଧୁରୀଙ୍କୁ ଡ଼ାକିବାରେ ଲାଗିଥିଲେ ।

"ହୋ ମୁଖିଆ ବୁଢ଼ା, ମୁଖିଆ ବୁଢ଼ା ।"

ଡ଼ାକ ଶୁଣି ଚୌଧୁରୀ ବାହାରକୁ ଆସିଲେ ।

"ଆସ, ଆସ ।"

ରାସ୍ତା ଉପରେ କୁମାର ବଡ଼ ପାଟିରେ କହୁଥିଲେ ।

"କଣ, ପିଇବଟି ? ଆଜି ଭଲ ମାଲ୍ ଆଣିଛି ।"

"ଆସିଲ, ଆସ ।"

"ଯିବି କାହିଁକି ? ବେରସିକ କୋଉଠିକାର ।"

"ଦେଖ, ଟିକିଏ ସାବଧାନ ହୋଇ ଯିବ । ଗାଡ଼ି ମଟର ଧକ୍କା ମାରି ରାସ୍ତାରେ ପକେଇ ଦେଇଯିବ ।" କୁମାର ଛାତି ଦମ୍ଭ କରି ଠିଆ ହେବାକୁ ଚେଷ୍ଟା କଲେ ।

"କିଏ ମୋତେ ମାରିବ କିହୋ ? ପଚାଶ ବର୍ଷ ଧରି ମାଲ୍ ପିଉଛି । ତୁମେ ମଦ ନପିଇ କେତେଦିନ ବଞ୍ଚିବ ମୁଁ ଦେଖିବି । ଶ୍ମଶାନରେ ତୁମକୁ ନିଆଁ ଦେଇ ତା ପରେ ମୁଁ ଯିବି । ଲେଖି ରଖ । ମିଳେଇ ନବ, ତାପରେ ମୋତେ କହିବ ।"

ତିନି

ଶିଳ୍ପ କ୍ଷେତ୍ରରେ ଅନୁକରଣ କରିବାଟା କେବେ ଠିକ୍ ନୁହେଁ । ନିଜର ବୈଶିଷ୍ଟ୍ୟ ବଜାୟ ରଖି ପ୍ରତିଭାବାନ୍ ବ୍ୟକ୍ତି ଅନ୍ଧଭାବେ କାହାକୁ ଅନୁକରଣ ନକରି କାର୍ଯ୍ୟ କରିଗଲେ କମ୍ ପ୍ରତିଭାସଂପର୍ଣ୍ଣ ଲୋକ ବି ଗୁଣୀ ସମାଜରେ ସମାଦର ଲାଭ କରିପାରେ । ଅନୁକରଣ କରିବା ଅର୍ଥ ନିଜର ଦୀନତାକୁ ସ୍ୱୀକାର କରିବା । ଏହା ଦ୍ୱାରା ଅନ୍ୟ ସହିତ ସବୁବେଳେ ତୁଳନାମୂଳକ ମୂଲ୍ୟାୟନ କରିବା ପାଇଁ ବାଧ ହେବ । ପଶ୍ଚିମବଙ୍ଗର ଜଣେ ସାହିତ୍ୟିକ ଥରେ ଭୂଦେବ ଚୌଧୁରୀଙ୍କୁ କହିଥିଲେ, ରବୀନ୍ଦ୍ର ଯୁଗରେ ରବି ଠାକୁରଙ୍କୁ ଅନୁକରଣ କରି ବହୁତ ଲୋକ ବହୁତ କବିତା ଲେଖିଥିଲେ । ସେଥିରୁ କିଛି ଲୋକ ବାସ୍ତବରେ ଭଲ କବିତା ଲେଖିଥିଲେ । କିନ୍ତୁ କେହି ବିଶେଷ ନାମ ଯଶର ଅଧିକାରୀ ହୋଇ ପାରିନାହାନ୍ତି । ଖାଲି ନଜରୁଲ୍ ଇସ୍‌ଲାମ ଭିନ୍ନ ସ୍ୱରରେ କବିତା ସୃଷ୍ଟି କରିଥିବାରୁ ସେ ଯୁଗରେ ନିଜ ପାଇଁ ଗୋଟାଏ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରି ପାରିଥିଲେ ।

ସାନ ଝିଅ ଅନୀତା ଭୂଦେବ ଚୌଧୁରୀଙ୍କୁ ସବୁବେଳେ କୁହେ, "ଲେଖୁନା କାହିଁକି ? ସାରାଦିନ ଏଇମିତି ବସି ରହୁଚ । ଆତ୍ମଜୀବନୀଟିଏ ଲେଖ ।"

"ପାଗଳ ନା କଣ ? ଲେଖିବି ବୋଲି କହିଦେଲେ ଯଦି ଲେଖି ହୋଇଯାଉଥାଆନ୍ତା, ତେବେ ତ କିଛି ଅସୁବିଧା ନଥାଆନ୍ତା ।"

"କାହିଁକି, ତୁମେ ଆଗେ ଗଳ୍ପ ଲେଖୁ ନଥିଲ ? ବେଶ ଭଲ ଗଳ୍ପ ।" "ତୁମେମାନେ ଭଲ ନକହି କଣ ଖରାପ କହିବ ?" "ସତରେ ବାପା, ଲେଖା ଆରମ୍ଭ କରିଦିଅ, ଆଉ କାହାର

କିଛି ନ ହେଲେ ବି ତୁମ ସମୟର ଗୋଟାଏ ପ୍ରାମାଣିକ ବିବରଣୀ ହୋଇଯିବ ।'' ''ଲେଖିବା ପାଇଁ ଆଉ ବୟସ ନାହିଁରେ ମା ।'' ''ଇସ୍, ବର୍ଟ୍ରାଣ୍ଡ ରସେଲ୍ ନବେ ବର୍ଷ ବୟସରେ ଆତ୍ମଜୀବନୀ ଲେଖି ନଥିଲେ ?''

ବର୍ଟ୍ରାଣ୍ଡ ରସେଲ୍ କିଏ ଭୂଦେବ ଚୌଧୁରୀ କିଏ ! ଏ କ୍ଷେତ୍ରରେ ପ୍ରୟୋଗ ହୋଇଥିବା ପ୍ରଚଳିତ ଅଶ୍ଳୀଳ ବାକ୍ୟଟିଏ ଚୌଧୁରୀଙ୍କ ମନେ ପଡ଼ିଲା । ଝିଅ ଆଗରେ ସେ ବାକ୍ୟ ଉଚ୍ଚାରଣ କରିହେବନି । ଚୁପ୍ ହୋଇ ରହିଲେ । ଅନୀତା କହିଲା-''ତୁମ ପାଖରେ ତ ରସେଲଙ୍କ ଆତ୍ମଜୀବନୀ ଅଛି । ଭଲ କରି ଟିକିଏ ଦେଖ, କେମିତି ଲେଖିଛନ୍ତି ।'' ଅନୁକରଣ କରିବା କଣ ଏତେ ସହଜ ? ରସେଲ୍ ଏତେ ବିଶାଳ ଯେ ସେ ନିଜର ତ୍ରୁଟି ବିଚ୍ୟୁତି ଅକପଟରେ ପକାଶ କରିଦିଅନ୍ତି । ଏଇଥିପାଇଁ ତାଙ୍କ ଅଭ୍ରଭେଦୀ ପ୍ରତିଭାର ଅଳ୍ପ ବି ହାନୀ ହୋଇନି । ଚୌଧୁରୀଙ୍କର ବିଶ୍ୱାସ ଯେ ତାଙ୍କର ଯେଉଁ ପ୍ରତିଭା ଅଛି ସେଥିରେ ଶସ୍ତା ଗଳ୍ପ ଲେଖିଲେ ଅର୍ଦ୍ଧଶିକ୍ଷିତ ଯୁବକମାନେ ଏବେ ବି ସେ ଗଳ୍ପଗୁଡ଼ିକୁ ଭଲ ପାଇବେ ।

ଆରମ୍ଭ ହେଉଣୁ ନଦେହଉଣୁ ତ ଗୋଳମାଳ । ତାଙ୍କ ଜୀବନ କାହାଣୀରେ କଣ ଥାଉ ରହିବ ? କଣ ବା ସେ ଲେଖିବେ ? ଅତି ସାଧାରଣ ଜୀବନ, ତଳ ନୁହଁ କି ଉପର ନୁହଁ । ବୈଚିତ୍ର୍ୟହୀନ ଦିଗନ୍ତ ବିସ୍ତୃତ ଧୂସର ପ୍ରାନ୍ତର । କିଛି ନାହିଁ । ଭୂଦେବ ଚୌଧୁରୀ ତାଙ୍କ ଜୀବନରେ ଉଲ୍ଲେଖଯୋଗ୍ୟ କାମ ଗୋଟାଏ ବି କରି ନାହାନ୍ତି । ସକାଳେ ଉଠିଲି ଚାହା ଖାଇଲି, ଭାତ ଖାଇଲି ରାତିରେ ଶେଯ ଉପରେ ଶୋଇଲି । ତିନିଶହ ପଇଁଷଠି ଦିନ ସହିତ ବୟସ ଯେତେ ହେଲା ଗୁଣନ କରି ସେଇ ସଂଖ୍ୟାଟି ଲେଖିଦେଲେ ହେବ । ବ୍ୟତିକ୍ରମ ସବୁ ଧର୍ତ୍ତବ୍ୟ ନୁହେଁ । ଅକିଞ୍ଚିତ ଜୀବନରେ କୌଣସ ଗୋଟିଏ କାମକୁ ସେ ଭଲ ଭାବରେ କରି ପାରିନାହାନ୍ତି । ବସ୍‌ରେ ଚଢ଼ିବାକୁ ଗଲେ ପହୁଞ୍ଚଲେ ଡେରି । ବାହା ହେଲେ ଡେରିରେ, ଚାକିରୀ ପାଇଲେ ମଧ୍ୟ ଡେରିରେ । ଯେଉଁ ଘରେ ବର୍ତ୍ତମାନ ରହୁଛନ୍ତି ସେ ଘର ମଧ୍ୟ ତିଆରି ହୋଇଛି ବହୁତ ଡେରିରେ । ଅବସର ନେଲା ପରେ ଏଇଟା ସମ୍ଭବ ହୋଇଛି ଖାଲି ଦିବାକର ଦାସ ଏବଂ ଗଜାନନ ରାୟଙ୍କ ପାଇଁ । ତିନି ବେକୁ ସ୍କୁଲରେ ସାଥୀ ହୋଇ ପଢୁଥିଲେ । ସହର ଭିତରେ ସେତେବେଳେ ଜାଗାଟିଏ ପାଇବା ଅସମ୍ଭବ । ଏଆଡେ ସେତେବେଳେ ଘର ବାଡ଼ି ପ୍ରାୟ ନଥିଲା । ନିବାରଣ କୁମାରଙ୍କ ଗ୍ରାମ ଅତିକ୍ରମ କଲେ ବିସ୍ତୀର୍ଣ୍ଣ ପ୍ରାନ୍ତର । ଏଇ ନିର୍ଜନ ପଡ଼ିଆଟା ମଝିରେ ଏଇ ଦୁଇଜଣ ଘର ତିଆରି କରି ରହୁଛନ୍ତି । ଏମାନେ ଜୋର୍ କରି ଚୌଧୁରୀଙ୍କୁ ଅଳ୍ପ ଜାଗା କିଣେଇ ଦେଲେ । ବର୍ତ୍ତମାନ ପଡ଼ିଆ ସାରା ଘର ତିଆରି ହୋଇଯାଇଛି । ଛୋଟ ଗୋଟିଏ ସହର ପରି । ଏଠାକାର ଲୋକ ଏ ଜାଗାର ନାଁଆ ଦେଇଛନ୍ତି ଶାନ୍ତି ନଗର ।

ଚୌଧୁରୀଙ୍କର ଝିଅ ଦି' ଜଣ । ବଡ଼ ଝିଅ ରାନୁ ଆଉ ସାନଝିଅ ଅନୀତା । ବଡ଼ ଘର ତାଙ୍କର ପ୍ରୟୋଜନ ନଥିଲା । ଝିଅ ଦି' ଜଣଙ୍କର ବାହାଘର ହୋଇ ଯାଇଛି । ରାନୁର ବାହାଘର ହୋଇଛି ରମେଶ ବରୁଆଙ୍କ ସହିତ । ଜୋଇଁ ନାଁ କରା ଡାକ୍ତର । ଏଇ ସହରରେ ରହନ୍ତି । ସାନ ଜୋଇଁ ରମେନ୍ କଳିତା, ଇଂଜିନିୟର । ସେ ବର୍ତ୍ତମାନ ଏଇ ସହରରେ ରହୁଛନ୍ତି । ଅନୀତା ନିଜେ ଜଣେ ଭଲ ଛାତ୍ରୀ, ଇଂରାଜୀରେ ଏମ୍.ଏ. । ସ୍ଥାନୀୟ ଏକ କଲେଜରେ କାର୍ଯ୍ୟରତା ।

ଝିଅ ଦି ଜଣଙ୍କ ସ୍ୱଭାବ ସମ୍ପୂର୍ଣ୍ଣ ବିପରୀତ । ରାନୁର ପାଠ ପଢ଼ା ପ୍ରତି ଏତେ ଆଗ୍ରହ ନଥିଲା । କୌଣସି ପ୍ରକାରେ ବି.ଏ. ପାସ୍ କରିଥିଲା । ଛୋଟ ସମୟରୁ ସେ ଗମ୍ଭୀର ପ୍ରକୃତିର । ଘର ସଂସାର ଚଳେଇ ପାରିବ । ଧୀରେ ସୁସ୍ଥେ ଲୋକମାନଙ୍କୁ ଉପଦେଶ ପରାମର୍ଶ ଦେଇପାରିବ । ତା ଆଗରେ କେହି ଚପଳତା ପ୍ରକାଶ କରିବାକୁ ସାହସ କରନ୍ତିନି । ଅନ୍ୟମାନଙ୍କ କଥା ଛାଡ଼, ନିଜେ ଚୌଧୁରୀ ବି ତାଙ୍କ ବଡ଼ଝିଅକୁ ଅଳ୍ପ ଅଳ୍ପ ଭୟ କରି ଚଳନ୍ତି । ସିଗାରେଟ୍ ଖାଇବାକୁ ବାଧା ଦେଉଥିବାରୁ ରାନୁ ଆଗରେ ଘନ ଘନ ସିଗାରେଟ୍ ଟାଣିବାକୁ ସଙ୍କୋଚ ବୋଧ କରନ୍ତି । ବାହାଘର ପରେ ରାନୁ ବେଶୀ ଟାଣୁଆ ହୋଇଯିବାରୁ ଲୋକେ ରାନୁ ସହ ଖୁବ୍ ସାବଧାନରେ ଚଳନ୍ତି ।

ଅନୀତା ପିଲା ଦିନୁ ଚଞ୍ଚଳ । ସ୍କୁଲକୁ ଗଲାବେଳେ ତା ମା'ଙ୍କୁ ସବୁବେଳେ ଭୂଗୋଳ, ଅଙ୍କ ବହି ଖୋଜି ଆଣି ଦେବାକୁ ପଡୁଥିଲା । କୁଟା ଖଣ୍ଡିଏ ଦି ଖଣ୍ଡ କରିବନି । କାମ କିଛି କରେଇବାକୁ ଚାହିଁଲେ ତାକୁ ସମ୍ଭାଳିବା ପାଇଁ ଆଉ ଜଣେ ଲୋକ ଦରକାର । ଚା କପେ କରିବାକୁ ଗଲେ କପ୍ ପ୍ଲେଟ୍ ଭାଙ୍ଗିବ କି ପୋଷାକ ନିଆଁ ଲାଗିଯିବ ଠିକ୍ ନାହିଁ । ରାଗରେ ମା ତାକୁ କିଛି କରିବାକୁ ଦେଉନଥିଲେ । ଶାଶୁ ଘରକୁ ଗଲେ ତା'ର ଯେ କି ଦୁର୍ଗତି ହେବ ସେ କଥା କହି ତାକୁ ଭୟ ଦେଖଉଥିଲେ । ମା ମରିଗଲା ପରେ ବଡ଼ ଭଉଣୀ ତା'ର ଦାୟିତ୍ୱ ନେଇଥିଲା ।

ଅନୀତାର ସ୍ୱଭାବ ଏବେ ବି ପରିବର୍ତ୍ତନ ହୋଇନି, ଚୌଧୁରୀଙ୍କ ପାଖକୁ ଆସିଲେ ଆଗେ ଚାକର ଟୋକା ଯୋଗେନକୁ ଡାକ ମାରେ । ସାରା ଘରଟାରେ ବୁଢ଼ିଆଣୀ ଜାଲ. ଦୁଆର ମୁହଁରେ ଲେଦାଏ ଗୋବର । କଣ ଏମିତି ହୋଇଛି ? ଅଣ୍ଟାରେ କାନି ଖୋସିଦେଇ ନିଜେ ସଫା କରିବାରେ ଲାଗିଯାଏ, ଚୌଧୁରୀଙ୍କ ଚେୟାର ଟେବୁଲ୍ ସଫା କରେ, କାଗଜପତ୍ର ତଳେ ଥୋଇ ଅନ୍ୟ କିଛିରେ ମନ ଦେଇ ଏଆଡ଼ର କଥା ଭୁଲିଯାଏ । ସେ ଚାଲିଗଲା ପରେ ଚୌଧୁରୀ ସେ ସବୁକୁ ଉଠେଇ ନେଇ ପୁଣି ଟେବୁଲ ଉପରେ ରଖି ଦିଅନ୍ତି ।

ଚୌଧୁରୀଙ୍କ ଘର ଏବେ ବି ଅସମ୍ପୂର୍ଣ୍ଣ ଅଛି । ଏତେ ବର୍ଷ ଧରି ସେଇ ଏକ ଅବସ୍ଥାରେ ଅଛି । ଘର ଛାତ କଡ଼ରେ ଲୁହାଛଡ଼ ସବୁ ପଦାକୁ ବାହାରି ଭୂତ ଆଙ୍ଗୁଳି ପରି ଆକାଶ ଆଡ଼କୁ ଅନେଇ ରହିଛି । ଲୋକଙ୍କର ପରାମର୍ଶ ନେଇ ତିନି ତାଲା ପାଇଁ ଉପଯୁକ୍ତ ମୂଳଦୁଆ ପକେଇ କାମ ଆରମ୍ଭ କରିଥିଲେ । କ'ଣ ତାଙ୍କୁ ଭାବୁଥିଲେ କେଜାଣି ? ଭାବିଲେ ହସ ଲାଗେ ।

ଆତ୍ମଜୀବନୀଟିଏ ଲେଖା ଆରମ୍ଭ କଲେ କ୍ଷତି କ'ଣ ? ପୁସ୍ତକ ହିସାବରେ ଯେ ପ୍ରକାଶ କରିବାକୁ ହେବ ଏମିତି କିଛି ନାହିଁ । ଆତ୍ମଜୀବନୀ ଠିକ୍ ନୁହେଁ । ନୂତନ ପାରିପାର୍ଶ୍ୱିକତା ପ୍ରତି ତାଙ୍କର ପ୍ରତିକ୍ରିୟା । ଚୌଧୁରୀ ଆଗରୁ କେବେ ଭାବି ନଥିଲେ ଯେ ନିଜ ପୈତୃକ ଭିଟାମାଟି ଛାଡ଼ି ନୂଆ ଜାଗାରେ ଏକୁଟିଆ ଏମିତି ରହିବାକୁ ହେବ ।

ପ୍ରଥମେ ଦିବାକର ଦାସ, ଗଜାନନ ରାୟ ଏବଂ ଭୂଦେବ ଚୌଧୁରୀ ଏଇ ତିନିଘର ଲୋକେ ଏଇ ପଡ଼ିଆଟାରେ ଘରକରି ରହୁଥିଲେ । ଏମାନେ ସବୁଠାରୁ ଆଗ ଆସିଥିବା ଲୋକ । ତା ପରେ ବହୁତ ଲୋକ ଆସିଲେ । ସମସ୍ତେ ପ୍ରାୟ ଅବସରପ୍ରାପ୍ତ ଲୋକ । ଶାନ୍ତ ପରିବେଶରେ ଲମ୍ବା ଚଉଡ଼ା ଯାଗାରେ ରହିବାକୁ ଇଚ୍ଛା । ରତିକାନ୍ତ କଳିତା, ରବୀନ୍ ସହରିଆ, ଶରତ ଲହକର ଏବଂ ସଦାନନ୍ଦ ହାଜରିକା । ଚୌଧୁରୀଙ୍କର ଡାହାଣ ପଟ ଘରେ ରୁହନ୍ତି ମଦନ ଦାସ । ଜଣେ ଆୟୁର୍ବେଦ କଲେଜର ଅଧ୍ୟାପକଙ୍କ ଘର, ଦାସ୍ ଭଡ଼ା ନେଇଛନ୍ତି । ବର୍ତ୍ତମାନ ଜାଗାଟା ଗୋଟିଏ ଛୋଟ ସହର ପରି ହୋଇଛି, ଏଠାକାର ଲୋକେ ଜାଗାଟାର ନାଁ ଦେଇଛନ୍ତି ଶାନ୍ତି ନଗର ।

ଅବସର ନେଲାପରେ ଗୋଟାଏ ଅଦ୍‌ଭୁତ ଅବସ୍ଥା । ସରକାରୀ ଭାବେ ଲୋକଟାର ପ୍ରୟୋଜନ ଶେଷ ହୋଇଛି ବୋଲି ଘୋଷଣା କରିଦିଆ ହୋଇଛି । ଏମ୍.ଏ. ପାସ୍ କଲାପରେ ଭୂଦେବ ଚୌଧୁରୀ ଚାକିରି ନପାଇ ଘରେ ବସିଥିଲେ । ଆଡ୍ଡାରେ କେତେ ସମୟ ନଷ୍ଟ କରିଥିଲେ । କିନ୍ତୁ ପୃଥିବୀରେ ତାଙ୍କର କିଛି ପ୍ରୟୋଜନ ନାହିଁ, ଏମିତି ଗୋଟାଏ ଭାବ ତାଙ୍କର କେବେ ନଥିଲା । ନିଃଶେଷ ହୋଇଯାଇଥିବା ବ୍ୟାଟେରୀ, କାହାରି କିଛି କାମରେ ଲାଗିବନି । ଚାକିରି ଜୀବନରେ ଏ ଗୋଟାଏ ଅଭିଶାପ । ଅବସର ନେବାର ପ୍ରାୟ ଦୁଇ ବର୍ଷ ଆଗରୁ ଗୋଟାଏ ପ୍ରକାର ଶୂନ୍ୟତା ମନ ଭିତରେ ଆସ୍ତେ ଆସ୍ତେ ପ୍ରବେଶ କରେ । ଦରମାହାର ପରିବର୍ତ୍ତନ, ନୂଆ ଉଚ୍ଚ ପଦବୀ ସୃଷ୍ଟି, ଏସବୁଥିରେ ଆଗ୍ରହ ନଥାଏ, ଅର୍ଥାତ ଜୀବନରେ ଆଉ ଥରେ ନୂଆକରି ଆଶା କରିବାକୁ କିଛି ନାହିଁ । ପରିସମାପ୍ତିର ପଥରେ ଆଗେଇବାର ଆରମ୍ଭ । କିଛି ଗୋଟାଏ ଜିନିଷରେ ମନ ଲଗାଇ ବ୍ୟସ୍ତ ହୋଇ ରହିଲେ ଜୀବନର ଶେଷ କିଛିଦିନ ମଣିଷ ବଞ୍ଚିରହିପାରେ । ଗଜାନନ ରାୟ, ରତିକାନ୍ତ କଳିତା, ସହରିଆ ଆଦି ଏବେ ବି ନିଜ ମନକୁ ପାଇଲା ପରି କାମରେ ଚବିଶ ଘଣ୍ଟା ମତ୍ତ ହୋଇ ରହିଛନ୍ତି । ଭୂଦେବ ଚୌଧୁରୀଙ୍କର ଅବସରପ୍ରାପ୍ତ ଉଚ୍ଚ ଅଧିକାରୀ ଜୀତେନ୍ ଶର୍ମାଙ୍କ କଥା ମନେ ପଡ଼ିଲା । ଶର୍ମା ଶିକ୍ଷା ବିଭାଗରେ ଗୋଟିଏ କମିଟିରେ ସଦସ୍ୟ ଥିଲେ । ଚୌଧୁରୀ ବି ଗୋଟିଏ କମିଟିର ସଦସ୍ୟ ଥିଲେ । ମିଟିଙ୍ଗରେ ଅତି ତୁଚ୍ଛ କଥାକୁ ଶର୍ମା ଏତେ ଗୁରୁତର ବୋଲି ଧରୁଥିଲେ ଯେ ଚୌଧୁରୀ ଅସ୍ୱସ୍ତି ବୋଧ କରୁଥିଲେ ।

କାହିଁକି ହେବନି ? ଆତ୍ମ ଜୀବନୀ ଲେଖିବାକୁ ଚେଷ୍ଟା କଲେ ଦୋଷ କ'ଣ ? ପୁସ୍ତକ ଭାବରେ ଯେ ପ୍ରକାଶ କରିବେ ସେମିତି ତ କିଛି ନାହିଁ । ଅନ୍ତତଃ ଗୋଟାଏ କାମକୁ ନେଇ ବ୍ୟସ୍ତ ରହିବେ । ଚୌଧୁରୀ ଏବେ ବି ବଞ୍ଚି ରହିଛନ୍ତି । ଆଉ କିଛିଦିନ ହୁଏତ ବଞ୍ଚି ରହିବେ । ସେ ବିଶ୍ୱାସ କରିବାକୁ ଚାହାନ୍ତି ଏ ବିଶ୍ୱ ବ୍ରହ୍ମାଣ୍ଡର ନିଗୂଢ଼ ପରିକଳ୍ପନା ଭିତରେ ତାଙ୍କର ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନ ଅଛି । ବୋଧହୁଏ ଏଇଟାହିଁ ସତ୍ୟ । ବୋଧହୁଏ ନୁହେଁ, ନିଶ୍ଚୟ ସତ୍ୟ । ସେ କ'ଣ ଗୋଟାଏ ଯନ୍ତ୍ର ? ଭାଙ୍ଗି ଗଲା ଯେ ଶେଷ ହୋଇଗଲା ସେଇଠି ? ମଝିରେ ମଝିରେ ତାଙ୍କୁ କୌଣସି ଏକ ସତ୍ୟର ଆଭାସ ପାଇଲା ପରି ଲାଗେ । ସେ କିନ୍ତୁ ନିଶ୍ଚିତ ହୋଇ ପାରନ୍ତିନି । ଏଇଟା ତାଙ୍କ ପ୍ରୟୋଜନର ପ୍ରତିଫଳନ ନା ବାସ୍ତବ ? ତାଙ୍କ ପତ୍ନୀଙ୍କର ମୃତ୍ୟୁ ହୋଇଛି । ଏମିତି କ'ଣ ତାଙ୍କର ପରିସମାପ୍ତି ? ଭିନ୍ନ ଜଗତ ଭିତରେ ତାଙ୍କର କ'ଣ ଅସ୍ତିତ୍ୱ ନାହିଁ ? ସେ ପୂର୍ବ ଜନ୍ମ କଥା କହୁନାହାନ୍ତି । ମୃତ୍ୟୁ ପରେ ସ୍ୱର୍ଗ ବା ନର୍କଗାମୀ ହେବା କଥା ଭାବୁ ନାହାନ୍ତି । ସେ ବିଶ୍ୱାସ କରିବାକୁ ଚାହାନ୍ତି, ସର୍ବାନ୍ତକରଣେ ବିଶ୍ୱାସ କରିବାକୁ ଚାହାନ୍ତି ଯେ ମୃତ୍ୟୁ ପରେ ସାଙ୍ଗେ ସାଙ୍ଗେ ସତ୍ତାର ବିନାଶ ହୁଏନି । ନହେଲେ ଅନନ୍ତ ସମୟ ପରିପ୍ରେକ୍ଷୀରେ ଜୀବନର ଯଶ, ଅପଯଶ, ସାଫଲ୍ୟ ଆଉ ବ୍ୟର୍ଥତାର ଅର୍ଥ କିଛି ଖୋଜି ପାଇବା କଷ୍ଟ । ଅର୍ଥହୀନ ହିସାବ ନିକାଶ, ଲାଭ ଲୋକସାନ୍, କାହାରି କିଛି ମୂଲ୍ୟ ନାହିଁ । ଏମିତି ଗୋଟାଏ ଅସୁସ୍ଥ ଭାବାବେଗରେ ଆତ୍ମସମର୍ପଣ କରିବା ଅତ୍ୟନ୍ତ ବିପଜ୍ଜନକ । ଚୌଧୁରୀ ସଜାଗ ହେଲେ । ମୁଣ୍ଡକୁ ଥଣ୍ଡା କରିବା ପାଇଁ ରାସ୍ତା ଉପରକୁ ବାହାରିଗଲେ ।

ସେ ପଟରୁ ରତିକାନ୍ତ କଳିତା ଆସୁଥିଲେ । ଖୁବ୍ ବ୍ୟସ୍ତ ଭାବେ ।

''କଳିତା, କୋଉଠିକି ଯାଉଛ ?''

''ଓହୋ, ଆଉ ପାରି ହେବନି ଧଳା ତାଙ୍କୁରିଟା ଘରେ ନାହିଁ । ଆଜି ଗୋଟାଏ କୁଜାବୁଢ଼ା ଗାଈ ଚରାଇବାକୁ ଏପଟକୁ ଆସିଥିଲା । ସେ ବୋଧେ ଗୋରୁ ପଲ ଭିତରେ ଗାଁ ଆଡ଼କୁ ନେଇ ଯାଇଛି । ମହା ବଜାତ ବୁଢ଼ା ।''

''ଗାଁରେ ଖୋଜା ଖୋଜି କରିଛ ?''

''ଡରବର ହୋଇନଗଲେ କୋଉଠି ଖୋଜି ପାଇବି ? କାହାରିକୁ ନଜଣେଇ ଖୋଜିବାକୁ ହେବ । ପଣୀର ମାମୁଁ ପୁଅ ଘର ସେଠି । ଯାଏଁ, ପଣୀକୁ ଖୋଜେ । ଗଲେ ସେ କିଛି ଖବର ଦେଇ ପାରିବ ।''

ଚାରି

କେତେ ଆଉ ଶୋଇବ ବା ବସି ରହିବ ? କେତେ ବହିପତ୍ର ବା ପଢ଼ିବ ? ବେଳେବେଳେ ବହି ପଢିବାଟା ଗୋଟାଏ ପ୍ରକାର ଆଭିଜାତ୍ୟର ଅହଙ୍କାର ଭଳି ଲାଗେ । ଅବସର ନେଲା ପରେ ଏଇ ସମୟ କଟେଇବାଟା ହିଁ ଭୂଦେବ ଚୌଧୁରୀଙ୍କର ସବୁଠାରୁ ବଡ଼ ସମସ୍ୟା । କାହା ଘରକୁ ଯିବାକୁ ଭଲ ଲାଗୁନି । ତାଙ୍କ ପରି ସମସ୍ତେ ତ ବେକାର ନୁହନ୍ତି । କାହା ଘରକୁ ବୁଲିଗଲେ, ମୁହଁ ଉପରେ ଭଦ୍ରତା ଦେଖେଇଲେ ବି ଘର ଲୋକେ ଅଶାନ୍ତି ହେଉଥିବା ପରି ଲାଗେ । ଅବସର ନେଲାପରେ ରତିକାନ୍ତ କଳିତା କିନ୍ତୁ ସବୁବେଳେ ବ୍ୟସ୍ତ । ଏଇ ବୟସରେ ବି ଗୋଟିଏ ମୁହୂର୍ତ୍ତ ବସି ରହନ୍ତି ନାହିଁ । ବତକ, କୁକୁଡ଼ା, ପାରା ଏମାନଙ୍କୁ ଲାଳନ ପାଳନ କରିବାଟା ତାଙ୍କର ପ୍ରଧାନ କାମ । ଗୋଟିଏ ପଲ ଗାଈ ବି ଅଛି । ଏସବୁକୁ ରକ୍ଷଣାବେକ୍ଷଣ କରିବା, ଗାଈ ଦୁହିଁବା କମ୍ କାମ ନୁହଁ, କ୍ଷୀର ଦେଉନଥିବା ଗୋରୁଙ୍କୁ କେବେ କେବେ ବାହାରକୁ ଛାଡ଼ି ଦିଆଯାଏ । ସଞ୍ଜରେ କେଉଟି ନଆସିଲେ ଖୋଜି ଯିବାକୁ ପଡ଼େ । କାହା ଘରଆଗରେ ତ କାହା ବାଡ଼ିପଛରେ କିଛି ଠିକ୍ ନାହିଁ । କାହା ବାଡିରେ ପଶିଲେ ବାଡ଼େଇ କେହି ଗୋଡ଼ ଭାଙ୍ଗି ଦେଇପାରେ । ଧାନ ବିଲରେ ପଶିଲେ, କାଞ୍ଜିଆହୁଦାରେ ପୁରେଇ ଦେଇପାରେ । ଲଣ୍ଠନଟା ଧରି ରତିକାନ୍ତ କଳିତା ରାତି ଅଧରେ ଖୋଜିବାକୁ ଯାଆନ୍ତି । ବେଳେବେଳେ ଲୋକେ ଭଲକରି ଶିକ୍ଷା ଦେବା ପାଇଁ ନିକଟ କାଞ୍ଜିଆହୁଦାରେ ନଦେଇ ବହୁତ ଦୂରରେ ଥିବା କାଞ୍ଜିଆହୁଦାରେ ଛାଡ଼ି ଦେଇ ଆସନ୍ତି । କାହା ଫସଲ ନଷ୍ଟ କରି ଆସିଲେ ଘର ଲୋକେ ଆସି ଗାଳି ଗୁଲଜ କରି ଯାଆନ୍ତି । ଏତେ କଷ୍ଟ କରି କରିଥିବା ଫସଲ ନଷ୍ଟ କଲେ ଲୋକେ ରାଗିବେନି ନା ?

କାଳି ଗାଈଟା ଓଲେଇ । ଲୋକଙ୍କ ଗେଟ ବନ୍ଦଥିଲେ ବି ମୁଣ୍ଡରେ ଧାକ୍କାଧା କରି ଠେଲି ଗେଟ ଖୋଲି ଦିଏ, କେହି ତାକୁ ଧରି ମାରନ୍ତିନି କି ପିଟି ପାରନ୍ତିନି । କାହାକୁ ବାଡ଼ି ଧରି ଆସିବା ଦେଖି ବିଜୁଳି ବେଗରେ ପଳେଇଯାଏ । ବ୍ୟସ୍ତ ହୋଇ ପଳେଇଗଲା ବେଳେ ପାଖ ଫୁଲ-ପତ୍ର, ଗେଣ୍ଡୁଗଛ ମୁଞ୍ଜାକୁ କାମୁଡ଼ି ଉପାଡ଼ି ନେଇ ଯାଏ । ଗେଟ୍ ମାଖନର ବାଟ ଫେରିଲେ ଅନାୟାସରେ ବାଡ଼ ଡେଇଁ ଚାଲିଯାଏ । ଲୋକମାନେ ରତିକାନ୍ତ ବାବୁଙ୍କ ଘରେ ଅଭିଯୋଗ କରନ୍ତି । ଉତ୍ତେଜିତ ହୋଇ ଜୋର କରି ପଦେ ଶୁଣେଇ ଦିଅନ୍ତି । ଲୋକଟାର ଘର ଯେମିତି, ବଜାତ ଗାଈଟା ବି ସେମିତି । ସମ୍ଭାଳି ନପାରିଲେ ଗୋରୁ ରଖିବା ଉଚିତ ନୁହେଁ ବୋଲି ମନ୍ତବ୍ୟ ଦିଅନ୍ତି ।

ଚାକିରି ଜୀବନର ପ୍ରଥମ ଅବସ୍ଥାରେ ଭୂଦେବ ଚୌଧୁରୀଙ୍କ ପତ୍ନୀ କହିଥିଲେ– ''ଗାଇଟାଏ ରଖୁନା କାହିଁକି ? ଖାଣ୍ଟି କ୍ଷୀର ପାଇବ । ବୃନ୍ଦପ୍ରସାଦ ଆଜିକାଲି କେତେ ପାଣି ମିଶାଉଛି ଠିକ୍ ନାହିଁ, କି ପାଣି ଦେଉଛି ? କିଛିଦିନ ହେଲା ଏତେ ଖରାପ କ୍ଷୀର ଦେଉଛି ଯେ ଚା କଲେ ରଙ୍ଗଟା କେମିତି ହୋଇ ଯାଉଛି । କାହାକୁ ଚା କପେ ଦେବାକୁ ଖରାପ ଲାଗୁଛି ।''

''ଥୟ ଧର, ଗାଇ ରଖିବି ? ନଜର ଦେବ କିଏ ?''

''ବୀରେନ ତ ଅଛି । ଗାଇଟାଏ ରଖିବାକୁ ସିଏ ବି କହୁଛି ।''

''ସେ ଯଦି ହଠାତ୍ କୋଉଠିକି ଚାଲିଯା ? ଚାକର ଟୋକାକୁ କ'ଣ ବିଶ୍ୱାସ ? ମାସକୁ ଥରେ ଘରକୁ ନଗଲେ ତା'ର ହେବନି । ବୀରେନ କଥା ଛାଡ଼ ।''

''କଷ୍ଟେ ମଷ୍ଟେ ଦି ଦିନ ତୁମେ ସମ୍ଭାଳି ପାରିବନି ?''

''ପାରିବିନି । ପଘା ଛିଣ୍ଡେଇ କୁଆଡ଼କୁ ଗଲେ ମୁଁ ବାଟ ଘାଟରେ ବୁଲି ଗୋରୁକୁ ଯାଇ ଆଣି ପାରିବିନି ।''

''ସମସ୍ତେ ତ ସେମିତି ରଖୁଛନ୍ତି ?''

''ରଖନ୍ତୁ । ସମସ୍ତେ ଯାହା କରିବେ ମୁଁ ସେଇୟା କରିବି ? ଏସବୁ ଲୋକଙ୍କ ପାଖରୁ ଗାଳି ଖାଇବା କାମ ।''

ଚୌଧୁରୀ ରତିକାନ୍ତ କଳିତାଙ୍କୁ ପ୍ରାୟ ଗୋଧୂଳି ସମୟରେ ରାସ୍ତାରେ ଦେଖା ପାଆନ୍ତି ।

''କଳିତା, କୋଉଠିକି ଯାଉଛ ?

''ଆଉ ପାରିହେବନି, କୁକୁଡ଼ାଟା ଏପର୍ଯ୍ୟନ୍ତ ଆସିନି , ସେ ଏତେ ଡେରି କେବେ କରେନା । ଯେଉଁଠି ଥିଲେ ବି ଅନ୍ଧାର ହେବା ଆଗରୁ ଘରେ ଆସି ହାଜର ହେବ । କୁଆଡ଼େ ଗଲା ?'' ପୃଥିବୀଟାରେ କେତେ ଚାଞ୍ଚଲ୍ୟକର ଘଟଣା ଘଟୁଛି । ଯୁଦ୍ଧ, ବିପ୍ଳବ, ପ୍ରାକୃତିକ ବିପର୍ଯ୍ୟୟ । ରତିକାନ୍ତଙ୍କର ଭ୍ରୂକ୍ଷେପ ନାହିଁ ।

''କଳିତା, କୋଉଠିକି ଯାଉଛ ?''

''ଆଉ ପାରିହେବନି, ଗୁଣିଆ ବୁଢ଼ାକୁ ଆଣିବାକୁ ଯାଉଛି ।''

''କାହିଁକି ?''

''କାଳୀ ଗାଇଟାର ଭୋକଲା ହୋଇଛି ।''

''ସେଇଟା କ'ଣ ?''

''ବେକ ଫୁଲିବ, ଦାନାପାଣି ଛାଡ଼ି ଦେବ, ଉଠି ଠିଆ ହୋଇ ପାରୁନି ।''

''ଭେଟେନାରୀ ଡାକ୍ତରକୁ ଦେଖଉନା ?''

''ଲାଭ ନାହିଁ, ମୋର ବାଛୁରୀଟେ ମା କ୍ଷୀର ପିଇବା ଛାଡ଼ି ଦେଇଥିଲା । ଟଙ୍କା ଖର୍ଚ୍ଚ କରି ଡାକ୍ତର ଆଣିଲି । ଶେଷରେ ବାଛୁରୀ ମରିଗଲା ।'' ରତିକାନ୍ତ କଳିତା ସବୁବେଳେ ବ୍ୟସ୍ତ । ଗୋଟାଏ କାମରେ ଲାଗି ରହିଛନ୍ତି । ନହେଲେ ନିଜେ ଅଶାନ୍ତି ଭୋଗି ଥାଆନ୍ତେ, ଘରେ ମଧ୍ୟ ଅଶାନ୍ତି ସୃଷ୍ଟି କରିଥାଆନ୍ତେ । ଘର ଅବସ୍ଥା ଏମିତି ଖୁବ୍ ଭଲ, ଦି ଆର୍ ଭାବେ ଅବସର ନେଇଛନ୍ତି । ବଡ଼ ପୁଅ ଓକିଲ । ସମ୍ପର୍କୀୟମାନେ କେବେ କେବେ ବଡ଼ ପୁଅକୁ କହନ୍ତି–''ବୁଢ଼ାଟା ରାସ୍ତା ଘାଟରେ ଏମିତି ଗାଇ ଖୋଜି ଖୋଜି ବୁଲୁଛି, ମନା କରୁନା କାହିଁକି ? ଲୋକେ କ'ଣ କହିବେ ?''

''କିଏ କ'ଣ କହୁଛି କହୁ ? ବାପାଙ୍କ ବୟସ କେତେ ହେଲାଣି ଜାଣିଛ, ସତୁରୀ ପାର ହୋଇ ଗଲାଣି । ସେଭେନ୍‌ଟି ପ୍ଲସ । ଏଇ କେତେଟା ଗାଈକୁ ନେଇ ବ୍ୟସ୍ତ ଅଛନ୍ତି ବୋଲି ଭଲ ଅଛନ୍ତି । ଘରେ ବସେଇ ରଖିଲେ ଦିନ ଦି'ଟାରେ ମରିଯିବେ । ଗାଈ ରଖିବାରେ ଖର୍ଚ୍ଚ କେତେ ହୁଏ ଜାଣ ? କ୍ଷୀର କିଣିଲେ ଶସ୍ତା ହୁଅନ୍ତା । ସକାଳୁ ସକାଳୁ ବାପା ଗାଈ ଦୁହିଁ ଯେତେବେଳେ ବାଲ୍ଟିଟା ଧରି ଆସନ୍ତି, ସେତେବେଳେ ମୁହଁକୁ ଦେଖିଲେ ଆମେ ବୁଝିପାରୁ ପ୍ରତିଦିନ ନୂଆ କରି ସୃଷ୍ଟିର ଆନନ୍ଦ ଉପଭୋଗ କରୁଛନ୍ତି ।''

ନିଜେ ଚିନ୍ତା କରିବା କଥା ନୁହେଁ । କିଛିଦିନ ହେଲା ଏମିତି ଗୋଟାଏ ଅସ୍ୱସ୍ତିକର ଚିନ୍ତା ଭୂଦେବ ଚୌଧୁରୀଙ୍କ ମନ ଭିତରେ ଖେଳୁଛି । କ'ଣ କଲେ ସେ ତାଙ୍କ ଜୀବନରେ ? ନିଜେ କ'ଣ ସୃଷ୍ଟି କରିଛନ୍ତି ? ଗୋଟିଏ ଶସ୍ୟ କଣା, ଆଉ ଗୋଟିଏ ପାଙ୍କିବାକ କବିତା ? ମଝି ମଝିଆ ଲୋକ । ଦଲାଲ–ବିଦ୍ୟାର ଦଲାଲ । ଏପଟରୁ ଆଣି ସେପଟରେ ବୋଝଟାକୁ ମାତ୍ର ଓହ୍ଲେଇ ଦେଇଛନ୍ତି । ମନେ ମନେ ନିଜ ଗୌରବ କହି ଲାଭ ନାହିଁ । ରତିକାନ୍ତ କବିତାଙ୍କ ସହିତ ତୁଳନା କରି ନିଜକୁ ବଡ଼ ଭାବିବାରେ କିଛି ଯୁକ୍ତି ନାହିଁ । ସର୍ବସ୍ୱୀକୃତ ଏଇ ଆତ୍ମ ପ୍ରବଞ୍ଚନାର କିଛି ଅର୍ଥ ନାହିଁ ।

ଭୂଦେବ ଚୌଧୁରୀ ହଠାତ୍ ସତର୍କ ହୋଇ ଠେଲା ଠେଲି କରି ମନରୁ ଏଇ ଅବାଞ୍ଛିତ ଚିନ୍ତାକୁ ଜୋର କରି ବାହାର କରିଦେବାକୁ ଚେଷ୍ଟା କଲେ ।

ପାଞ୍ଚ

ରବୀନ ସହରିଆ ସବୁ ସମୟରେ ବ୍ୟସ୍ତ । ଟାଟା କମ୍ପାନୀରେ ବଡ଼ ଇଂଜିନିଅର ଥିଲେ । ଅବସର ନେଲା ପରେ ଏଇଠି ଘର କରିଛନ୍ତି । ପୁଅ ବି ଜଣେ ଇଂଜିନିୟର । ଝିଅଟାର ବାହାଘର ହୋଇଛି ଗୋଟିଏ ଇଂଜିନିୟର ସହ । ଆମେରିକାରେ ସମସ୍ତେ ଭଲଭାବେ ରହୁଛନ୍ତି । ବୁଢ଼ା ବୁଢ଼ୀ ଦି ଜଣ ପଲେ କୁକୁର ନେଇ ଏଠାରେ ବ୍ୟସ୍ତ । ଦେଖା ହେଲେ ସହରିଆ ଭୂଦେବ ଚୌଧୁରୀଙ୍କୁ ଡାକ ଦିଅନ୍ତି, ''ଆମ ଆଡ଼େ ଆସିବେ, ଆସୁ ନାହାନ୍ତି କାହିଁକି ? କାମ ଧନ୍ଦା କିଛି ନାହିଁ, ଆସିଲେ ବସି କଥାବାର୍ତ୍ତା ଅଳ୍ପ କରି ପାରିବା ।''

ମିଛ କଥା, ସହରିଆଙ୍କୁ କଥାବାର୍ତ୍ତା କରିବାକୁ ସମୟ ନାହିଁ । ପଲେ କୁକୁର ନେଇ ବ୍ୟସ୍ତ । କାହାକୁ କୁକାର୍ଯ୍ୟରୁ ନିବୃତ୍ତ କରିବା, କାହାକୁ ପିଟି ଠିକ୍ କରିବା, ଏସବୁ କାମରେ ବ୍ୟସ୍ତ । ଗୋଟିଏ ମୁହୂର୍ତ୍ତ ସ୍ଥିର ହୋଇ ବସିବାକୁ ସମୟ ନାହିଁ । ଚୌଧୁରୀଙ୍କୁ ଭୟ ଲାଗେ । କୁକୁରମାନଙ୍କୁ ତାଙ୍କର ପିଲା ଦିନରୁ ଭୟ । ଚଉଦଟା ଇଂଜେକ୍‌ସନ ଯେ ନେବାକୁ ହେବ ସେ କଥା ଭାବିଲେ ତାଙ୍କର ହୃତକମ୍ପ ଜାତ ହୁଏ । ଥରେ ତାଙ୍କର ପୁତୁରାକୁ ଇଂଜେକ୍‌ସନ ଦେବାକୁ ପଡ଼ିଥିଲା । ପେଟରେ ଇଂଜେକ୍‌ସନ ଦେବା ଯାଗାଟା ଟାଣ ହୋଇ ଫୁଲି ଯାଇଥିଲା । ସହରିଆଙ୍କ ଘରକୁ ଯିବାପାଇଁ ଚୌଧୁରୀଙ୍କର ଆପତ୍ତି ନାହିଁ । କୁକୁର ଭୟରେ ଯିବାକୁ ସାହସ କରନ୍ତିନି । ପ୍ରଥମ

ଦିନ ଯାଇ ପହଞ୍ଚିବା ସାଙ୍ଗେ ସାଙ୍ଗେ ବହୁତ ଲମ୍ବା ଲମ୍ବା ଲୋମ ଥିବା ଛୋଟ କୁକୁରଟାଏ ତାଙ୍କୁ ପ୍ରଦକ୍ଷିଣ କରିବାକୁ ଆରମ୍ଭ କଲା । ତାଙ୍କର ଜିଭ ଶୁଖି ଗଲା । ଡରୁଛନ୍ତି ବୋଲି ଜାଣି କୁକୁରଟି ଖୁବ୍ ବୋଧହୁଏ ମଜା କରୁଥିଲା । ଡେଇଁ ଦେହ ଉପରେ ଚଢ଼ିବାକୁ ଚେଷ୍ଟା କଲା । ନର୍ଭସ ହୋଇ ଚୌଧୁରୀ ବାରଣ୍ଡା ଖୁଣ୍ଟକୁ କୁଣ୍ଢେଇ ଉପରକୁ ଚଢ଼ିବାକୁ ଚେଷ୍ଟା କଲେ । ଅସମ୍ଭବ ପ୍ରୟାସ । ପିଲାଦିନେ ଗୁଆ ଗଛ ଚଢ଼ିବା ଅଭ୍ୟାସ ଥିଲେ ବି ବୁଢ଼ା ବୟସରେ ସେମିତି ଚଢ଼ିବା କଷ୍ଟକର । ଏଆଡ଼େ ସହରିଆ ତାଙ୍କୁ ଆଶ୍ୱସ୍ତ କରୁଛନ୍ତି ।

"ଭୟ ନାହିଁ, ଭୟ ନାହିଁ, କିଛି କରିବନି, କିଛି କରିବନି, ଏମିତି ମଜା କରୁଛି । ଓହ୍ଲେଇ ଆସନ୍ତୁ, ଓହ୍ଲେଇ ପଡ଼ନ୍ତୁ, ପଡ଼ିଯିବେ, ସାବଧାନ ।" ସହରିଆ କୁକୁରଟା ଧରିଲା ପରେ ଚୌଧୁରି ନିଶ୍ୱାସ ନେଇ ପାରିଲେ । ସେ ପାରୁପର୍ଯ୍ୟନ୍ତ ସହରିଆଙ୍କ ଘରକୁ ଯିବା ପାଇଁ ଇଚ୍ଛା କରନ୍ତିନି । କୁକୁରଗୁଡ଼ା ଭାରି ଟିଙ୍ଗା । ସେମାନେ ବୁଝି ପାରନ୍ତି ଯେ ଚୌଧୁରୀ ସେମାନଙ୍କୁ ଭୟ କରନ୍ତି । ଚୌଧୁରୀଙ୍କୁ ଡରେଇ ସେମାନେ ମଜା ପାଆନ୍ତି । ଏଇଟା ଗୋଟାଏ ଭଲ ଖେଳ । ବସି କଥାବାର୍ତ୍ତା କରୁଥିଲା ବେଳେ ସେ ସବୁବେଳେ ସନ୍ତ୍ରସ୍ତ ହୋଇଥାଆନ୍ତି । କଥାବାର୍ତ୍ତାରେ ମନ ନଥାଏ । କୋଉଠୁ, କୋଉ କୁକୁର କେତେବେଳେ ଆସି ପହଞ୍ଚିବ ଠିକ୍ ନାହିଁ । ହଠାତ୍ ସୋଫା ପଛ ପଟରୁ ବାହାରି ଆସି ତାଙ୍କ କୋଳରେ ବସି ତାଙ୍କ ମୁହଁ ଚାଟିବାକୁ ଚେଷ୍ଟା କରିଦିଏ । ସେ ଉଦ୍‌କଣ୍ଠାରେ ଜଡ଼ ହୋଇ ପଥର ମୂର୍ତ୍ତି ପରି ବସି ରୁହନ୍ତି । ତାପରେ ସହରିଆଙ୍କୁ କଥାବାର୍ତ୍ତା କରିବାକୁ ସମୟ କାହିଁ ? ଗୋଟାଏ କୁକୁରକୁ ମାଡ଼ ଦିଅନ୍ତି, ଆଉ ଗୋଟାକୁ ଠେଲି ଦୂରକୁ ପଠେଇ ଦିଅନ୍ତି । ଗୋଟାଏ ରାସ୍ତାରେ ଛେଳି ଦେଖି ମହା ଉତ୍ସାହରେ ଗୋଡ଼େଇ ଗଲେ ତାକୁ ଯାଇ ନେଇ ଆସନ୍ତି । କେହି ବା ପାଖରେ ଯାଉଥିବା ବେଳେ ଚା କପ୍, ଆଉ ଟ୍ରେ ତା ସହିତ ଟି-ପୟଟାକୁ ଓଲଟେଇ ଦେଲା, ଗୋଟିଏ ମୂହୂର୍ତ୍ତ ସ୍ଥିର ହୋଇ ବସିବାକୁ ସମୟ ନାହିଁ । ଗାଳିଗୁଲଜ କରି ଶାସନ କରି ନ ପାରିଲେ ସହରିଆଙ୍କ ପତ୍ନୀ ବାଡ଼ିଟାରେ ବାଡ଼େଇବା ଭଙ୍ଗୀ କରନ୍ତି । ସହରିଆ ଏଆଡ଼େ ଆସିବାକୁ ଦିଅନ୍ତିନି ।

" କୋଉଠିକି ଯିବେ ଯେ ? ବସନ୍ତୁନା ।"

ସାଙ୍ଗେ ସାଙ୍ଗେ ସେ ବାରଣ୍ଡା ଆଡ଼କୁ ଦୌଡ଼ି ଯାଆନ୍ତି । ଖଟ୍‌କରି ଗେଟ୍ ଖୋଲିବା ଶବ୍ଦ ହେବା ସାଙ୍ଗେ ସାଙ୍ଗେ କୁକୁର ସବୁ ଖେଳ କଉତୁକ ଛାଡ଼ି ଏକା ସାଙ୍ଗରେ ଭୁକି ଭୁକି ବଡ଼ ପ୍ରତ୍ୟାଶା ନେଇ ଉର୍ଦ୍ଧ୍ୱଶ୍ୱାସରେ ବାରଣ୍ଡା ଆଡ଼କୁ ଦୌଡ଼ି ଆସନ୍ତି । ସେମାନଙ୍କୁ ସମ୍ଭାଳିବା ପାଇଁ ସହରିଆ ବ୍ୟସ୍ତ ହୋଇ ତାଙ୍କ ପଛେ ପଛେ ଗୋଡ଼େଇ ଯାଆନ୍ତି ।

କୁକୁର ସମ୍ବନ୍ଧରେ ଭୁଦେବ ଚୌଧୁରୀଙ୍କର ଗୋଟାଏ ଭୟ ଭାବ ଅଛି । ପାଖ ଆଖରେ କୁକୁର ଥିଲେ ସେ ଅସ୍ୱସ୍ତି ବୋଧ କରନ୍ତି । କୁକୁରମାନେ ମଧ ଏଇଟାକୁ ଠିକ୍ ବୁଝନ୍ତି, ସେମାନେ ତାଙ୍କୁ ଡରେଇ ଭଲ ପାଆନ୍ତି । ସାନ ଶଳାର ଆଲ୍‌ସିସିଆନ କୁକୁର କଥା ମନେ ପଡ଼ିଲେ ଏବେ ବି ତାଙ୍କ ଛାତି ଭୟରେ ଥରିଉଠେ । ସାନ ଶଳା ଏସ୍.ପି. । ଘରେ ତାଙ୍କର ଗୋଟାଏ ବଡ଼ ଆଲ୍‌ସିସିଆନ୍ କୁକୁର ଥିବାରୁ ଚୌଧୁରୀ ତାଙ୍କ ଘରକୁ ଯିବାକୁ ଇଚ୍ଛା କରୁନଥିଲେ । ଜିବୁଗଡ଼ରେ ଗୋଟିଏ ମିଟିଙ୍ଗ୍‌କୁ ଯିବା ବାଟରେ ସେ ସର୍କିଟ୍ ହାଉସରେ ରହିଥିଲେ । ଯେହେତୁ ତାଙ୍କ ଶ୍ୟାଳକ ସାହେବ ସେ ଜିଲ୍ଲାରେ ପୋଲିସ୍ ମୁଖ୍ୟ ଥିଲେ, ସେ ତାଙ୍କୁ ତାଙ୍କ ଜିନିଷପତ୍ର ସମେତ ନିଜ ଘରକୁ

ନେଇଗଲେ । ସକାଳେ ସେ ନିଦରେ ଶୋଇଥିବା ବେଳେ ମୁହଁରେ କ'ଣ ଗୋଟାଏ ନାଳୁଆ ନାଳୁଆ ଲାଗିବାରୁ ଚମକି ଯାଇ ଜୋରରେ ଠେଲି ଦେଲେ । ଆଖି ଖୋଲି ଯାହା ଦେଖିଲେ ଭୟରେ ତାଙ୍କ ହୃତକମ୍ପ ବନ୍ଦ ହୋଇଗଲା ପରି ଲାଗିଲା । ଆଲସିସିଆନ କୁକୁର ଆଗ ଗୋଡ଼ ଦି'ଟାକୁ ବିଛଣା ଉପରକୁ ଉଠାଇ ଜିଭଟାକୁ ଲହ ଲହ କରି ତାଙ୍କ ମୁହଁକୁ ଚାଟିବାରେ ଲାଗିଛି । ସେ ପଥର ହୋଇ ପଡ଼ି ରହିଲେ, ନିଶ୍ୱାସ ନେବାକୁ ଭୟ କରୁଥିଲେ । ଭାଗ୍ୟକୁ ସାନ ଶଳାଙ୍କ ପତ୍ନୀ ଆସି ବ୍ୟସ୍ତ ହୋଇ କୁକୁରଟାକୁ ଟାଣି ଟାଣି ନେଇ ଗଲେ ।

ଚୌଧୁରୀ ଯେତେବେଳେ କଲେଜରେ ପଢୁଥାନ୍ତି, ସେତେବେଳେ ତାଙ୍କ ଘରେ ଗୋଟିଏ କୁକୁର ଥିଲା । ଏମିତି ଗୋଟାଏ ଚାହାଣୀ ଥିବା କୁକୁର ଅନ୍ୟ କୋଉଠି ଦେଖି ନାହାନ୍ତି । ଏତେ ଗମ୍ଭୀର ଯେ ଦେଖିଲେ ସମ୍ଭ୍ରମରେ ଚାଳିବାକୁ ମନହୁଏ । ଦେଶୀ କୁକୁର, କିନ୍ତୁ ଚେହେରା ଖୁବ୍ ବଡ଼ । ଛୋଟ ଛୋଟ ସାଧାରଣ କଥାରେ ମୁହଁ ବୁଲେଇ ଅନେଇବନି । ରୋଷେଇ ଘର ବାରଣ୍ଡା ଉପରେ ବସି ମୁଣ୍ଡ ଟେକି ଦୂରକୁ ଅନେଇଥାଏ । ପାରିପାର୍ଶ୍ୱିକ ସମ୍ବନ୍ଧରେ ସମ୍ପୂର୍ଣ୍ଣ ନିର୍ବିକାର । ଦିନରେ କାହାରିକୁ କିଛି କୁହେନି । କେହି ନୂଆ ଲୋକ ଆସିଲେ ଥରୁଟିଏ ମୁହଁ ବୁଲେଇ ଅନାଏ । ଥରେ ପଛକୁ ବୁଲି ଅନେଇଦେଲେ ଯଥେଷ୍ଟ । ଛାତିରେ ରକ୍ତ ଜମା ହୋଇ ବରଫ ହୋଇଯାଏ । ରାତିରେ ବାହାର ଲୋକ କେହି ଭିତରକୁ ଆସିବା ଅସମ୍ଭବ । ଖୁବ୍ ଜୋର ଭୁକି ଗୋଡ଼େଇ ଯାଏ ।

ଥରେ ପୂଜା ଛୁଟିରେ ଘରକୁ ଆସିଲାବେଳେ ଟ୍ରେନ୍‌ରେ ବହୁତ ଡେରି ହୋଇଗଲା । ଚୌଧୁରୀ ଘରେ ପହଞ୍ଚିଲା ବେଳକୁ ରାତି ଗୋଟାଏ ଖଣ୍ଟେ ହୋଇଯାଇଥିଲା । ଘର ଚାରିପଟେ ପାଚେରୀ ବୁଲିଛି । ରାତିରେ ଗେଟ୍ ଭିତର ପଟରୁ ବନ୍ଦ କରାହୋଇଥିଲା । ଡାକି ଡାକି କାହାରିକୁ ନିଦରୁ ଉଠେଇ ନପାରି ଗେଟ୍ ଉପରକୁ ଚଢ଼ି ଭିତରକୁ ଡେଇଁ ପଡ଼ିଲେ । ସାଙ୍ଗେ ସାଙ୍ଗେ ଭୁଲୁ ଭୋ ଭୋ ଭୁକି ଗୋଡ଼େଇ ଆସିଲା ।

"ଭୁଲୁ, ମୁଁ, ମୁଁ..... ।"

ଭୟରେ କଣ୍ଠ ବୋଧହୁଏ କେମିତି ଗୋଟାଏ ହୋଇଯାଇଥିଲା । ଭୁଲୁ ଚିହ୍ନିଲା ପରି ଲାଗିଲାନି, ପାଖକୁ ଆସି ଆକ୍ରମଣ ଉଦ୍ଦେଶ୍ୟରେ ଡେଇଁ ପଡ଼ିବା ମାତ୍ରକେ ଚୌଧୁରୀ ଆଖି ବନ୍ଦ କରିଦେଲେ । ଗୋଡ଼ ପାଖରେ କୁଁ କୁଁ ଶବ୍ଦ ଶୁଣି ଚୌଧୁରୀ ଆଖି ଖୋଲି ଚାହିଁଲେ । ଭୁଲୁ ଆକ୍ରମଣ କୋଉଠି କରିଛି ? ଶେଷ ମୁହୂର୍ତ୍ତରେ ଗନ୍ଧ ଶୁଂଘି ଚୌଧୁରୀଙ୍କୁ ଚିହ୍ନି ପାରିଥିବାରୁ ଲଜ୍ଜ୍ୟା ଓ ଅନୁଶୋଚନାରେ ମରିଯିବା ପରି ହେଉଛି । ପୁରା ପେଟଟାକୁ ମାଟି ଉପରେ ରଖି ଗୋଡ଼ତଳେ କୁଁ କୁଁ ହେଉଛି । ସତରେ ବଡ଼ ଦୁଃଖ ଲାଗିବା କଥା । ଭୁଲୁକୁ ଚାହିଁଲେ ସମ୍ଭ୍ରମ ଉଦ୍ରେକ ହୁଏ । ସେଇ ଭୁଲୁର ଏମିତିଆ ଅନୁତପ୍ତ ହେବା ଦୃଶ୍ୟ ଭାରି ମର୍ମସ୍ପର୍ଶୀ । ତା ସ୍ୱଭାବର ସମ୍ପୂର୍ଣ୍ଣ ବିପରୀତ । ଭୁଲୁର ଆତ୍ମଧିକ୍କାର ପ୍ରକାଶ ଦେଖି ଚୌଧୁରୀଙ୍କ ଆଖି ଛଳ ଛଳ ହୋଇଗଲା ।

"ଉଠ, ଉଠ, ହେଲା, ଯା ।"

ସେ ମାଟି ଉପରେ ବସି ପଡ଼ି ଭୁଲୁ ମୁଣ୍ଡକୁ ସାଉଁଳେଇ ଦେଲେ । ଭୁଲୁର ଲାଞ୍ଜ ହଲାଟା ଚଞ୍ଚଳ ହେଲା । ଏଇ ଥରୁଟିଏ ମାତ୍ର ସେ ଗୋଟାଏ କୁକୁରର ଖୁବ୍ ପାଖକୁ ଆସିଥିଲେ ।

ଛଅ

ନଗର ନହେଲେ ବି ଶାନ୍ତିନଗର ଗୋଟାଏ ଛୋଟ ସହର ବୋଲି କହିହେବ । ନିବାରଣ କୁମାରଙ୍କ ଘର ସାମନାରେ ଗୋଟିଏ ବଡ଼ ପଡ଼ିଆ ଥିଲା । ପ୍ରଥମେ କୌଣସି କଥାକୁ ଖାତିର ନକରି ସେଇଠି ଘର କରି ରହିଲେ ଦିବାକର ଦାସ ଓ ଗଜାନନ ରାୟ । ସେମାନଙ୍କ ଉତ୍ସାହ ଦେଖି ଆସି ରହିଲେ ଭୂଦେବ ଚୌଧୁରୀ । ତାପରେ ଦେଖୁ ଦେଖୁ ସାରା ପଡ଼ିଆଟା ଘରରେ ଭର୍ତ୍ତି ହୋଇଗଲା । ଶରତ ଲହକର ପ୍ରଥମରୁ ଆସି ରହିଥିବା ଲୋକ । ଲୋକଟା କାହା ସହିତ ବିଶେଷ କଥାବାର୍ତ୍ତା କରେନି । ସବୁବେଳେ ମନ ମାରି ରହୁଥାଏ ।

ଶରତ ଲହକରଙ୍କ ବଡ଼ ପୁଅର ଜ୍ଞାନ ନାହିଁ ବୋଲି କହିବା ଭୁଲ ହେବ । ମଣିଷ ଚିହ୍ନିପାରେ, ଅନ୍ତତଃ ଲହକରଙ୍କୁ ଭଲକରି ଚିହ୍ନିଥାଏ । ବୟସ ପ୍ରାୟ ତିରିଶ ହେଲାଣି । ବୁଦ୍ଧିବୃତ୍ତି ବର୍ତ୍ତମାନ ବି ବର୍ଷିକିଆ ଛୁଆ ପରି । କିଛି ସମୟ ପରେ କୋଉଠୁ ବୁଲାବୁଲି କରି ଆସିବା ସାଙ୍ଗେ ସାଙ୍ଗେ ଏବେ ବି ତାଙ୍କୁ କୋଳକୁ ନେଇ ଗେଲ କରିବାକୁ ପଡ଼େ । ଜନ୍ମ ବେଳରୁ ପଙ୍ଗୁ, ମାଦଳ ପରି । ଏତେ ବର୍ଷପରେ ବି ପାଞ୍ଚ ବର୍ଷିଆ ପୁଅର ଆକାର ପରି ହୋଇଛି । ଚାଲିବା ତ ଦୂର କଥା, ବସିବାକୁ ସେ ଅକ୍ଷମ । ପଡ଼ିଯିବ ବୋଲି ରେଲିଂ ଥିବା ଗୋଟିଏ ଛୋଟ ଖଟ ଉପରେ ତାକୁ ଶୋଇ ଦିଆଯାଏ ।

ବୁଦ୍ଧି ବୃଦ୍ଧି ନହେଲେ ବି ନିଶ, ଦାଢ଼ି ଗଜୁରିଛି । ଦେଖିଲେ ଡର ଲାଗେ । ଛୋଟ ପିଲାଙ୍କର ଯଦି କେମିତି ଆଖି ପଡ଼ିଗଲା ଡରରେ ସେମାନେ ଚିଲା ଚିଲି ଆରମ୍ଭ କରିଦିଅନ୍ତି । ସେଥିପାଇଁ ଲହକର ତାକୁ ଲୋକ ନ ଦେଖିବା ଜାଗାରେ ରଖନ୍ତି । ଏ ଗୋଟାଏ ଭୟଙ୍କର ଅଭିଶାପ ।

ଏତେ ଦିନ ମା ହିଁ ପୁଅଟାର ଦେଖାଶୁଣା କରୁଥିଲେ । ପତ୍ନୀଙ୍କ ମୃତ୍ୟୁ ପରେ ଶରତ ଲହକରଙ୍କ ଦୁଃଖର ସୀମା ନାହିଁ । ପୁଅଟା ଲୁଗା ପଟା ନଷ୍ଟ କରେ । ସେ ସବୁକୁ ଠିକ୍ ଠାକ୍ କରିବାକୁ ପଡ଼େ । ନିଜେ ଖାଇ ପାରେନା, ଖୋଇଦେବାକୁ ପଡ଼େ । ଅନ୍ୟମାନେ ପାରନ୍ତିନି କି ଇଚ୍ଛା ବି କରନ୍ତିନି । ଏମିତି କିମ୍ଭୂତ କିମାକାର ଜନ୍ତୁଟେ ପରି ମଣିଷଟା । ତା ପାଖକୁ ଆସିବା ପାଇଁ ସମସ୍ତଙ୍କର ସ୍ୱୟଂକ୍ରିୟ ଭାବେ ଏକ ତୀବ୍ର ବିତୃଷ୍ଣା ଅନୁଭବ ହୁଏ ।

ଲହକରଙ୍କ ଅନ୍ୟ ପିଲାପିଲିଙ୍କର କିଛି ଖୁଣ ନାହିଁ । ତାଙ୍କର ଆଉ ଜଣେ ପୁଅ ସୁଧାଂଶୁ ଏବେ ଅନ୍ୟ ଜାଗାରେ ଘର ଭଡ଼ାକରି ରହୁଛି । ହଜାର ରକମ ଚେଷ୍ଟା କରି ବି ସୁଧାଂଶୁର ପତ୍ନୀ ରାଧିକା ଏଇଘରେ ରହିବା ପାଇଁ ମାନସିକ ଭାବେ ନିଜକୁ ପ୍ରସ୍ତୁତ କରିପାରିଲେନି ।

ଦିନେ ସେ ଘର ଭିତରକୁ ପଶି ଆସୁ ଆସୁ ଦେଖିଲେ ବଡ଼ ପୁଅ ଅକ୍ଷମ ଭାବେ ତାର ଜନନେନ୍ଦ୍ରିୟଟାକୁ ଧରାଧରି କରୁଛି । ବିସ୍ମିତ ଓ ଆତଙ୍କିତ ହୋଇ ସେ ଦେଖିଲେ ଯେ ତାର ଇନ୍ଦ୍ରିୟଟା ଟାଣ ହୋଇ ଆସୁଛି । କ'ଣ ହେଲା ସେ କହି ପାରିବେନି । ଆତଙ୍କରେ ଶିହରି ଉଠି ବାହାରି ଆସିଲେ । ତା'ପର ଠାରୁ ତାଙ୍କର ଅନବରତ କେମିତି ବାନ୍ତି ବାନ୍ତି ଭାବ ଲାଗି ରହିଥିଲା । ଶରତ ଲହକରଙ୍କ ମନରେ ଶାନ୍ତି ନାହିଁ । ତାଙ୍କର ମୃତ୍ୟୁ ହେଲେ ଏଇଟାର ଯେ କ'ଣ ହେବ ?

ତାଙ୍କର ବୟସ ହେଲାଣି, ଦେହରୁ ବଳ କମି ଗଲାଣି, ପାରୁ ନାହାନ୍ତି । ତାଙ୍କର କିଛି ହୋଇଗଲେ ୟା'ର ଯେ କ'ଣ ହେବ ? ଚାଲବୁଲ କରି ପାରୁଥିବା ବେଳେ ଯଦି ପୁଅଟାର ମରଣ ହୋଇଯାଏ ତାହେଲେ ମଙ୍ଗଳ । ନିଜ ଚିନ୍ତାର ଗତି ଲକ୍ଷ୍ୟକରି ସେ ଚମକି ଉଠନ୍ତି । ତାଙ୍କୁ ଦେଖିଲା ମାତ୍ରେ ପୁଅଟା ଆକୁଳ ହୋଇ ଉଠେ । କୋଳକୁ ଉଠେଇ ଦେଇ ଗେଲ, ଆଦର କଲେ ଶାନ୍ତ ହୁଏ । ଆଜିକାଲି ତାକୁ କୋଳକୁ ନେବାରେ କଷ୍ଟ ହୁଏ ।

ଶରତ ଲହକରଙ୍କ ମନରେ ଶାନ୍ତି ନାହିଁ । ନିକଟରେ ଭୂଦେବ ଚୌଧୁରୀଙ୍କ ଘର । ଘରେ ଥିଲାବେଳେ ଅସହ୍ୟ ଲାଗିଲେ ସେ ବେଳେବେଳେ ଚୌଧୁରୀଙ୍କ ଘରକୁ ଯାଆନ୍ତି ।

''ହୋ ଚୌଧୁରୀ, ଚୌଧୁରୀ ।''

''ଆସନ୍ତୁ .....ଆସନ୍ତୁ ।''

ଲହକର ବସିଲା ପରେ ଅନ୍ୟମନସ୍କ ହୋଇ ପଚାରିଲେ, ''ମଧ୍ୟ ପ୍ରାଚ୍ୟରେ କାଣ୍ଡ ସବୁ କେମିତି ଚାଲିଛି ? ତୃତୀୟ ବିଶ୍ୱଯୁଦ୍ଧ ଲାଗିବ ନାଁ କ'ଣ ?''

ମଧ୍ୟ ପ୍ରାଚ୍ୟର ଘଟଣା ଜାଣିବାକୁ ତାଙ୍କର ତିଳେମାତ୍ର ଆଗ୍ରହ ନାହିଁ । ଚୌଧୁରୀ କ'ଣ କୁହନ୍ତି ସେ କଥାରେ ଆଦୌ ମନ ଦିଅନ୍ତିନି । ତାଙ୍କ ମନ ଅନ୍ୟ ଚିନ୍ତାରେ ବ୍ୟସ୍ତ, କଥା ମଝିରେ ସେ ଚୌଧୁରୀଙ୍କୁ ପ୍ରଶ୍ନ କଲେ, ''ଆଜି ରିସର୍ଚ୍ଚ ଡାଇଜେଷ୍ଟରୁ ଗୋଟିଏ ପ୍ରବନ୍ଧ ପଢ଼ିଲି । 'ମର୍ସି କିଲିଙ୍ଗ' ଉପରେ ଲେଖା । ଆପଣଙ୍କ ମତ କ'ଣ କହିଲେ ଦେଖି ?'' ମଧ୍ୟପ୍ରାଚ୍ୟର ରାଜନୀତି ବିଷୟରେ ସମୀକ୍ଷା କରୁଥିଲା ବେଳେ ଏମିତି ଗୋଟାଏ ପ୍ରଶ୍ନ ଶୁଣି ଚୌଧୁରୀ ଥତମତ ହୋଇଗଲେ ।

''ହଠାତ୍ କିଛି କହିବା ମୁସ୍କିଲ ।''

''ସତକଥା କହିବା ମୁସ୍କିଲ । ଜୀବନ ନେବାର ଅଧିକାର କାହାର ଅଛି କି ? ଖାଲି ଚାଲବୁଲ କରିପାରିଲେ ଜୀବନର ମୂଲ୍ୟ ବେଶୀ ହେବ କି ?''

ଚୌଧୁରୀ ନୀରବ ରହିଲେ । ଏତେ ନିକଟରେ ରହି ବି ସେ ବୁଝି ପାରନ୍ତିନି ଲହକର କେମିତିଆ ଗୋଟିଏ ବୋଝ ମୁଣ୍ଡେଇ ଚାଲିଛନ୍ତି । ଲହକରଙ୍କୁ କେହି ସାହାଯ୍ୟ କରି ପାରିବେନି, ସେ ସମ୍ପୂର୍ଣ୍ଣ ଏକୁଟିଆ । ଲହକରଙ୍କୁ ଫେରି ଆସିବା ଦେଖି ଟୋକାଟା ଆକୁଳ ହେବାକୁ ଆରମ୍ଭ କଲା । ଶାନ୍ତ କରେଇବାକୁ ଲହକର ତାକୁ କୋଳକୁ ନେଲେ । ତାଙ୍କ ଅଣ୍ଟା ହାଡ଼ଟା କଡ଼ ମଡ଼ କଲା । ସତରେ ଆଜିକାଲି ତାଙ୍କୁ ଭାରି କଷ୍ଟ ହେଉଛି । କାନୁ ଗଭୀର ତୃପ୍ତିରେ ଶାନ୍ତ ହୋଇ ତାଙ୍କ କୋଳରେ ଶୋଇଗଲା । କାନୁକୁ ଖଟ ଉପରେ ରଖି ଅଣ୍ଟାରେ ହାତ ଦେଇ ଠିଆ ହେଲେ । ଅଣ୍ଟାଟା କଟମଟ କରୁଛି । ସତରେ ଆଜିକାଲି ତାଙ୍କୁ ଭାରି କଷ୍ଟ ହେଉଛି ।

ସାତ

ଭୂଦେବ ଚୌଧୁରୀଙ୍କ ସାନ ଝିଅ ଅନୀତା ତାଙ୍କୁ ଆତ୍ମଜୀବନୀ ଲେଖିବାକୁ ଲଗେଇଛି । ଆତ୍ମଜୀବନୀ ଲେଖିବାରେ କ'ଣ ବା ଅଛି ? ଆତ୍ମଜୀବନୀ ଲେଖିବା ମାନେ ସ୍ମୃତିଚାରଣ କରିବା ।

ଅଳ୍ପ କିଛି ଲେଖିବାକୁ ଚେଷ୍ଟା କରିବେ ବୋଲି କାଗଜ ଗଦା ଭିତରୁ ଧଳା କାଗଜ ଖଣ୍ଡିଏ ଖୋଜି ପାଇଲେ ନାହିଁ । ସେଇ ଚେଷ୍ଟାକୁ ପରିହାର କରି ବେତ ଚେୟାରଟିଏ ନେଇ ବାରଣ୍ଡା ଉପରେ ବସି ରହିଲେ ।

ବହି ଦୋକାନ ବନ୍ଦ ଥିଲେ କେବେକେବେ ଦିବାକର ଦାସ ଭୂଦେବ ଚୌଧୁରୀଙ୍କ ଘର ଆଡ଼େ ଆସନ୍ତି । ବାରଣ୍ଡାରେ ଦୁଇଟା ବେତ ଚେୟାର ପକେଇ ଦି ଜଣ ବସନ୍ତି । କଥା ବାର୍ତ୍ତା ବେଶୀ ହୁଏନି । କେବେ କେବେ ଯୋଗେନ୍ ନିଜ ଆଡୁ ଚା ଦୁଇ କପ୍ କରି ଆଣି ଦେଇଯାଏ । କଥାବାର୍ତ୍ତା ନକରି ବୋଧହୁଏ ମନର ଭାବ ଆଦାନ ପ୍ରଦାନ କରିବା ସମ୍ଭବ । କିଛି ସମୟ ନୀରବରେ ବସି ରହନ୍ତି । ସମୟ ଗଡ଼ିଗଲେ ଦାସ ଉଠି ତାଙ୍କ ଘରକୁ ଚାଲିଯାଆନ୍ତି । କେବେ କେବେ ଯିବାବେଳେ କୁହନ୍ତି ''ଯାଉଛି'', କେବେ କେବେ ନୀରବରେ ଉଠି ଚାଲିଯାଆନ୍ତି । ସେ ଦିନ ଚୌଧୁରୀ ଦିବାକର ଦାସଙ୍କୁ ବାଟେଇ ଦେବାକୁ ଗେଟ୍ ପର୍ଯ୍ୟନ୍ତ ଗଲେ । ଗେଟ୍ ବନ୍ଦ କରି ନିକଟରେ ଠିଆ ହୋଇଥିଲେ । ଦାସ ତଳମୁହାଁ ହୋଇ ଆସ୍ତେ ଆସ୍ତେ ଚାଲିଚାଲି ଘରକୁ ଯାଉଥିଲେ । ଅତି ଶାନ୍ତ ଏବଂ ମନ୍ଥର ଭଙ୍ଗୀ । ଆଗେ ସେ ଏମିତି ନଥିଲେ । ସେତେବେଳେ ସେ ଖୁବ୍ ସପ୍ରତିଭ ଆଉ ସ୍ଫୂର୍ତ୍ତିବାନ୍ ଟୋକାଟିଏ ଥିଲେ । କଲିକତାରେ ପହଞ୍ଚିବା ପରେ ଭୂଦେବ ଚୌଧୁରୀ ବାଉଳା ହେବା ପରି ହୋଇଗଲେ । ଭିଡ଼, ବ୍ୟସ୍ତତା ଓ ହୁଳହୁଳ ଦେଖି ସେ ହତାଶ ହୋଇଯାଇଥିଲେ । ନାଁ, ଆଉ ହେବନି, ତାଙ୍କ ଦେଇ ହେବନି । ଗଳି ରାସ୍ତା ଚିହ୍ନି ଖୋଜି ବାହାର କରି କେବେ ବି ଏଠାରେ ଚଳି ହେବନି ।

ଦିବାକର ଦାସ, ଅଘୋର ଓ ସତ୍ୟେନ୍ କଲିକତାରେ କେମିତି ଚଳିବାକୁ ହେବ ଚୌଧୁରୀଙ୍କୁ ଶିଖେଇବା ପାଇଁ ଦାୟିତ୍ୱ ନେଲେ । ଚଳନ୍ତା ଟ୍ରାମରୁ କେମିତି ଓହ୍ଲେଇବାକୁ ହେବ, ସଠିକ ନମ୍ବର ଦେଖି କେମିତି ବସ୍ ଧରିବାକୁ ହେବ, ଏସବୁ ତ ଅଛି । ତା ଉପରେ ସେମାନେ ଚୌଧୁରୀଙ୍କୁ ସାଙ୍ଗରେ ନେଇ ସବୁ ଦର୍ଶନୀୟ ସ୍ଥାନ ଦେଖେଇ ଆଣିଥିଲେ । ଭିକ୍ଟୋରିଆ ମେମୋରିଆଲ, ଲେକ୍, ଚିଡ଼ିଆ ଘର, ବେଲୁଡ଼ ମଠ । ହିସାବ ନିକାଶ କରି ଦାସ କହିଥିଲେ, ''ହେଲା ତ ? ଆଉ କିଛି ପ୍ରଶ୍ନ ଅଛି କି ପଚାରିବାକୁ ?'' ଅର୍ଥାତ୍ ପୂଜା ଛୁଟୀରେ ଘରକୁ ଗଲେ ଚିହ୍ନା ଲୋକେ କ'ଣ କ'ଣ ଦେଖିଛନ୍ତି ବୋଲି ଚୌଧୁରୀଙ୍କୁ ପଚାରି ପାରନ୍ତି । ହଠାତ୍ ସେ ନିଜ କପାଳରେ ହାତ ଥାପୁଡ଼ାଇ ବିରକ୍ତି ପ୍ରକାଶ କଲେ ।

''ଯାଃ, ଅସଲ ଜିନିଷ ଦେଖିବା ବାକୀ ରହିଗଲା । ବଙ୍ଗାଳୀଙ୍କୁ ହାଇକୋର୍ଟ ଦେଖେଇବା ତ ହୋଇନି !'' ଯେଉଁ ଦିବାକର ଦାସ ଆଘାତ ପାଇଥିଲେ ତାକୁ ସମ୍ଭାଳି ପାରିଲେନି । ସେ କେମିତି ହତଭମ୍ବ ହୋଇଗଲେ । ଆଉ ପରବର୍ତ୍ତୀ ସମୟରେ ସେ ସେମିତି ଅଚଳ ଅବସ୍ଥାରେ ରହିଗଲେ ।

ସେତେବେଳେ ଚୌଧୁରୀ, ଦିବାକର ଦାସଙ୍କ ମେସ୍ ଛାଡ଼ି ମିଶନାରୀ ହଷ୍ଟେଲକୁ ଚାଲିଗଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହୋଇ ଆସୁଥାଏ । ଭାରତ ସ୍ୱାଧୀନ ହୋଇପାରେ ବୋଲି ଭାବିବାଟା ଅସମ୍ଭବ ନୁହେଁ ବୋଲି ଲାଗୁଥାଏ । ପରେ ଲୋକେ ଏସବୁ ବଡ଼ ବଡ଼ ଘଟଣାକୁ ନେଇ ବେଶୀ ଦିନ ଚାଞ୍ଚଲ୍ୟ ଅନୁଭବ କରନ୍ତିନି । ସେମାନେ ଆଗେ ଯେମିତି ଚଳୁଥିଲେ ବା ଭବିଷ୍ୟତରେ ଯେମିତି ଚଳିବେ ସେମିତି ଚଳୁଥିଲେ । କ୍ରିପ୍ସ୍ ମିଶନର କ'ଣ ହେବ ନ ହେବ ଅପେକ୍ଷା

ଅଷ୍ଟ୍ରେଲିଆ ସର୍ଭିସ ଦଳର କ୍ରିକେଟ୍ ଖେଳକୁ ନେଇ ଅଧିକ ଉତ୍ତେଜନା ଅନୁଭବ କରୁଥିଲେ ।

ମଝିରେ ମଝିରେ ଅବଶ୍ୟ ସମସ୍ତେ ହୁ'କିନା ମାତି ଯାଉଥିଲେ । ଆଇ.ଏନ୍.ଏ.କର୍ମଚାରୀ ମାନଙ୍କର ବିଚାର ବିରୁଦ୍ଧରେ ପ୍ରତିବାଦ ହୋଇଥିଲା । ମିଟିଙ୍ଗ୍ ହୋଇଥିଲା, ପଟୁଆର ବାହାରିଥିଲା ।

ପୁଲିସ୍ ଗୁଳିରେ ମଣିଷ ମରିଥିଲେ । କିଛି ସମୟ ଗୋଳମାଳ । ପୁଣି ଶାନ୍ତ । ଏସବୁ ହେଲା ବ୍ୟତିକ୍ରମ । ଅଳ୍ପ କିଛି ଦିନ ପରେ ପୁଣି ଜୀବନ ଯାତ୍ରା ସ୍ୱାଭାବିକ ଛନ୍ଦରେ ଗଡ଼ି ଚାଲିଥିଲା । ଗପ, ଆଡ୍‌ଡା, ସିନେମା ଦେଖା, ବଜାର କରିବା, ସ୍କୁଲ-କଲେଜ, ଅଫିସକୁ ଯିବା—ସ୍ୱାଭାବିକ ଗତାନୁଗତିକ ଜୀବନ । କ୍ରିପସ୍ ମିଶନ, ନୌ-ସେନାଙ୍କର ବିଦ୍ରୋହ ଘଟଣା ତମି ରହିଗଲା । ସାମୟିକ ଭାବେ କିଛି ହେଲେ ବି କିଛି ଦିନ ପରେ ପରିସ୍ଥିତି ପୁଣି ଶାନ୍ତ ହୋଇଯାଏ । ପୁଣି ଚୌଧୁରୀ ହଷ୍ଟେଲରେ ସାଙ୍ଗୋଟାଙ୍କ ସହିତ ଚେସ୍ ଖେଳନ୍ତି । କ୍ଲାସକୁ ନଯାଇ 'ଦି ଗ୍ଲୋବ' ସିନେମା ହଲ୍‌ରେ କନ୍‌ସେସନ୍ ରେଟରେ ନୁନ୍ ସୋ ଦେଖିବାକୁ ଯାଆନ୍ତି । ଶାନ୍ତ ନିରୁଦ୍‌ବେଗ ଜୀବନ ।

ପ୍ରଥମେ କୋଉଠୁ ଆଖିରେ ନପଡ଼ିଲା ପରି ସାମାନ୍ୟ ଦିଶାଲ୍ଭ ଧୂଆଁ ବାହାରି ଆସି ଦେଖୁ ଦେଖୁ ଘୋର କୃଷ୍ଣବର୍ଣ୍ଣ ମେଘ ପରି କୁଣ୍ଡଳୀ ପ୍ରାୟ ସାରା କଲିକତା ସହରକୁ ଆବୃତ୍ତ କରିଦେଲା । କେହି ଠେଲା ଗାଡ଼ିରେ ମାଲ୍ ବୋହି ଆସୁଥିଲେ, କେହି ରାସ୍ତା କଡ଼ରେ ଧୂପକାଠି ବିକ୍ରି କରୁଥିଲେ । ଆଉ କେହି ହୁଏତ ରେସ୍ତୋରାଁ ରେ ବସି ଏକୁଟିଆ ଚୁପଚାପ ଚାହା ପିଉଥିଲେ । ହଠାତ୍ ସମସ୍ତେ ସମସ୍ତଙ୍କ କଥା ଭୁଲିଯାଇ ହିଂସାରେ ଉନ୍ମତ୍ତ ହୋଇ ପରସ୍ପର ଉପରକୁ ଡେଇଁ ପଡ଼ିଲେ । ରକ୍ତପିପାସୁ ଆଦିମ ବର୍ବର ଜନ୍ତୁ ।

କଲିକତା ସାମ୍ପ୍ରଦାୟିକ ହତ୍ୟାକାଣ୍ଡ ଏ ଜାତି ଇତିହାସରେ ଏକ କଳଙ୍କିତ ସମୟ । ଏହି ଘଟଣା ପ୍ରମାଣ କରିଦିଏ ଯେ କେତେ ଦୋହଲୁଥିବା ମାନ ମୂଳଦୁଆ ଉପରେ ଆମ ସଭ୍ୟତାର ସୁଦୃଶ୍ୟ ହର୍ମ୍ୟ ଦଣ୍ଡାୟମାନ । ଗୋଟାଏ ଝୁଙ୍କାରେ ସାଙ୍ଗେ ସାଙ୍ଗେ ଚୁନା ହୋଇ ଧୂଳିସାତ ହୋଇଗଲା ! ପିଶାଚଙ୍କ ପରି ଅନ୍ଧାରୁଆ ଗାତରୁ କଳା କଳା ଛାଇମାନେ ଧାଡ଼ି ବାନ୍ଧି ବାହାରି ଆସିଲେ । ସାପ ଭଳି—କିନ୍ତୁ ସାପ ଠାରୁ ଆହୁରି ଭୟଙ୍କର ।

ସେ ସମୟ କଥା ମନେ ପଡ଼ିଲେ ଭୂଦେବ ଚୌଧୁରୀଙ୍କ ଦେହ ଶିହରି ଉଠେ । ସେଇ ପୃଥିବୀଟା ଯେମିତି ସବୁବେଳେ ଦେଖିଥିବା ସ୍ୱାଭାବିକ ପୃଥିବୀ ନୁହେଁ । ପରିଚିତ ପୃଥିବୀ କୋଉଠିକୁ ଦୂରେଇ ଗଲା । ଶ୍ମଶାନଟା ଯେମିତି ହଠାତ୍ ତାର ପରିଧି ବିସ୍ତାର କରି ସାରା ସହରଟାକୁ ଦଖଲ କରି ନେଲା । ମହା ଶ୍ମଶାନରେ ପିଶାଚଙ୍କର ଉଲ୍ଲାସ । ଗୋଟିଏ ପଟରେ "ଆଲ୍ଲା ହୋ ଆକବର" ଆଉ ପଟରେ "ବନ୍ଦେ ମାତରମ୍ ।" ଐଶ୍ୱର୍ଯ୍ୟପୂର୍ଣ୍ଣ ସୁନ୍ଦର ଶବ୍ଦ ମାନଙ୍କର କି ଲଜ୍ଜାଜନକ ଅପପ୍ରୟୋଗ ! ଓଲଟ ପାଲଟ ଅବସ୍ଥା ।

ହଷ୍ଟେଲରେ ଚୌଧୁରୀ ଓ ତାଙ୍କ ସାଥୀମାନେ ଯାନ୍ତ୍ରିକ କଣ୍ଢେଇ ପରି ବୁଲାବୁଲି କରିବାକୁ ଲାଗିଲେ । ବିମୂଢ଼ ଓ ଅସହାୟ । ଆତଙ୍କରେ ବିସ୍ଫୋରିତ ଚକ୍ଷୁ । ତୀବ୍ର ଆତଙ୍କର ଚାପରେ ନିଶ୍ୱାସ ବନ୍ଦ ହେବାକୁ ବସୁଛି । ବିଜଳାଙ୍କ ଆଶା, ଶରବିନ୍ଦ ପ୍ରେମ, ରୁଦ୍ଧ କ୍ରନ୍ଦନ ହଷ୍ଟେଲର ଚୌହଦୀ ଭିତରେ ବିଛାଡ଼ି ହୋଇ ପଡ଼ିଥିଲା ।

କୌଣସି ପ୍ରକାରେ ଦିନଟା ପାର ହୋଇଗଲେ ବି ରାତି କୌଣସିମତେ ପାର କରିବା

କଷ୍ଟ । ପୃଥିବୀଟା ଯେମିତି ଆହ୍ନିକ ଗତି ବନ୍ଦ କରିଦେଇଛି । ହଷ୍ଟେଲ ଚାରିପଟେ ଉଚ୍ଚା ଉଚ୍ଚା ଦିଆଲ ବୁଲିଛି । ଚୌହଦୀ ବାହାରକୁ କେହି ଯାଆନ୍ତିନି । ସନ୍ଧ୍ୟାରେ ଭାତ, ଡାଲି ଖାଇ ତଳ ସିଡ଼ି ଦେଇ ସମସ୍ତେ ଛାତ ଉପରକୁ ଉଠି ଯାଆନ୍ତି । ଛାତ ଉପରେ ସ୍ତୂପାକାରରେ ଭଙ୍ଗା ଇଟା ଜମା କରାହୋଇଥିଲା । ଛାତ୍ରାବାସ ତତ୍ତ୍ୱାବଧାରକ ଫାଦର ଉଇଲିୟମଙ୍କ ଆଖି ଆଗରେ ହଷ୍ଟେଲର ସାମନା ସିଡ଼ିକୁ ଭାଙ୍ଗି ଯଥେଷ୍ଟ ପରିମାଣରେ ଇଟା ସଂଗ୍ରହ କରାଯାଇଥିଲା ।

ଗଣ୍ଡଗୋଳ ଆରମ୍ଭ ହୋଇ ଗଲାଣି ବୋଲି ହଷ୍ଟେଲରେ କେହି ଜାଣିନଥିଲେ । କ'ଣ ଗୋଟାଏ ହୋଇଛି ବୋଲି ବାସୁଦେବକୁ ଦେଖି ସନ୍ଦେହ ହେଲା । ସନ୍ଧ୍ୟା ଚାରିଟା ବେଳେ ସେ କାଖ ତଳେ ଦୁଇଟା ହ୍ୱିସ୍କି ବୋତଲ ନେଇ ନିର୍ବିକାର ଭାବେ ହଷ୍ଟେଲ ଭିତରକୁ ପଶି ଆସିଥିଲା । ଚୌଧୁରୀ ତଳେ ଗାଧୋଉଥିଲେ । ଚୌଧୁରୀଙ୍କୁ ଦେଖି ବାସୁଦେବ ଫିକ୍ କିନା ହସିଦେଲା । ବୋଧହୁଏ ଅଳ୍ପ ପିଇଦେଇ ଆସିଥିଲା ।

ଚୌଧୁରୀ ପଚାରିଲେ ''ଏଗୁଡ଼ା କୋଉଠୁ ଆଣିଲ ?'' ବାସୁଦେବ ନିର୍ବିକାର ହୋଇ ଉତ୍ତର ଦେଲା, ''ପାର୍କ ଷ୍ଟ୍ରିଟରେ ଦୋକାନ ସବୁ ଲୁଟପାଟ୍ ହେଉଛି । ଲୋକମାନେ ଭଙ୍ଗାଭଙ୍ଗି କରି ଜିନିଷ ପତ୍ର ନଷ୍ଟ କରୁଛନ୍ତି । ସେଇ ଯେଉଁ ରେଡ଼ିଓ ଦୋକାନଟା ? ସବୁ ରେଡ଼ିଓକୁ ଭାଙ୍ଗି ରାସ୍ତାରେ ଫୋପାଡ଼ି ଦେଇଛନ୍ତି । ଖୁବଚାନ୍ଦର ମଦ ଦୋକାନର ଏତେ ବଢ଼ିଆ ଜିନିଷଗୁଡ଼ାକୁ ଫୋପାଡ଼ି ନଷ୍ଟଭ୍ରଷ୍ଟ କରୁଛନ୍ତି । ଖରାପ ଲାଗିଲା, ବୋତଲ ଦି' ଟା ନେଇ ଆସିଲି ।''

''ପିଇ ଦେଇଛ ନାଁ କ'ଣ ?''

''ଏକଦମ୍ ନେହିଁ ।''

ବାସୁଦେବ ପୁଣି ଫିକ ଫିକ୍ ହସିବାକୁ ଲାଗିଲା । ବଡ ଫୁର୍ତ୍ତି । ପାଚେରୀ ପାଖ ଟା ଛୋଟ କୁଡ଼ିଆ ଭିତରେ ବୋତଲ ଦି' ଟାକୁ ରଖି ପୁଣି ବାହାରି ଗଲା । ଅଳ୍ପ ସମୟ ପରେ ହୁଲସ୍ଥୁଲ । ହଷ୍ଟେଲର ସାମନା ରାସ୍ତାରେ କିଛି ଲୋକ ପଛକୁ ଚାହିଁ ଚାହିଁ ଊର୍ଦ୍ଧ୍ୱଶ୍ୱାସରେ ଦୌଡ଼ି ଚାଲିଗଲେ । ବାସୁଦେବ ପୁଣି ଦୁମ୍ ଦୁମ୍ ହୋଇ ଦୌଡ଼ି ଭିତରକୁ ପଶିଆସିଲା ।

''ଆରେ ବାପ୍‌ରେ !''

''କ'ଣ ହେଲା ?''

''ମିଲିଟାରୀ ଆ ଗିୟା, ଗୋଲି ଚଲାତା ହାୟ ।''

ପରିସ୍ଥିତିଟା ଯେ ଏବେ ଗୁରୁତର ପ୍ରଥମେ ପ୍ରଥମେ ଚୌଧୁରୀ ବୁଝିପାରିନଥିଲେ । ଅଚାନକ ଅସମୟଟାରେ ଫାଦର ଉଇଲିୟମ୍ ଊର୍ଦ୍ଧ୍ୱଶ୍ୱାସରେ ହଷ୍ଟେଲରେ ଆସି ପହଞ୍ଚିଲେ । କେହି ଯେମିତି ହଷ୍ଟେଲ ବାହାରକୁ ନଯାଆନ୍ତି ନିର୍ଦ୍ଦେଶ ଦେଲେ । ପିଲାମାନଙ୍କୁ ମନାକରିଲେ କୋଠରୀ ଭିତରୁ ବାହାରି ବାହାରେ ବୁଲାବୁଲି କରିବାକୁ । ହଷ୍ଟେଲ ଗେଟ୍ ସ୍ଥାୟୀ ଭାବେ ବନ୍ଦ କରିଦିଆଗଲା । ସେ ଦିନ ରାତିରେ ସମସ୍ତେ ଜାଣିପାରିଲେ ଯେ ପରିସ୍ଥିତି ଭୟଙ୍କର । ନାରକୀୟ ଉଲ୍ଲାସ, ଆତଙ୍କର ଚିତ୍କାର ''ଆଲ୍ଲା ହୋ ଆକବର,'' ''ବନ୍ଦେ ମାତରମ୍ ।'' ହଷ୍ଟେଲରେ ଶବ୍ଦ ଶୁଣି ହୁଏ, ସ୍ପଷ୍ଟ ଭାବେ କିଛି ଦେଖି ହୁଏନି । ଦିଗନ୍ତ–ରେଖାସବୁର ଗୋଟାଏ ଗୋଟାଏ ଅଂଶ ହଠାତ୍ ଉଦ୍‌ଭାସିତ ହୋଇଯାଏ । ସ୍ପଷ୍ଟ ଦେଖି ହୁଏନି । ଧୂଆଁଳିଆ ଦୃଶ୍ୟ । ଅସ୍ପଷ୍ଟ କୋଳାହଳ । କୁଣ୍ଡଳୀ ପକେଇଥିବା କଳା ଧୂଆଁର ସ୍ତମ୍ଭ ଅସ୍ପଷ୍ଟ କିନ୍ତୁ ଭୀତିପ୍ରଦ । ଛାତ ଉପରେ ଠିଆ ହୋଇ

ସମସ୍ତେ ବିମୂଢ଼ ହୋଇ ଅନେଇ ରହିଲେ ।

ଆତଙ୍କରେ ଛାତି ଭିତରଟା ଦୁମ୍ ଦୁମ୍ କରୁଥାଏ । ଦିନ ପରେ ଦିନ ଏମିତି ତୀବ୍ର ଆତଙ୍କର ପ୍ରହାର ସହ୍ୟ କରି ରହିବା ବଡ଼ କଷ୍ଟ । ହଷ୍ଟେଲକୁ ଆକ୍ରମଣ କରିବା ମତଲବ ଥିଲେ ଶୀଘ୍ର କରନ୍ତୁ । ଭଙ୍ଗାରୁଜା କିଛି ଗୋଟାଏ ହୋଇଯାଉ । ଏମିତି ଭାବେ ରାତି ସବୁ କଟେ । ଦିନ ଆଲୁଅରେ ଆତଙ୍କର ତିକ୍ତତା ଆସ୍ତେ ଆସ୍ତେ କମି ଆସେ । ଦିନରେ ଆକ୍ରମଣ କଲେ ଲୋକମାନଙ୍କୁ ଦେଖି ହେବ । ସେମାନଙ୍କ ମୁହଁର ଭାବ ଆଉ ଆଖିର ଚାହାଣୀକୁ ଠଉରେଇ ହେବ ।

ତୃତୀୟ ଦିନ ରାତିରେ ଉନ୍ମତ୍ତ ଭାବେ ହାଲ୍ଲା କରି ଦଳେ ଲୋକ ତିନିଟା ଟ୍ରକରେ ହଷ୍ଟେଲ୍ ଆଗରେ ରହିଗଲେ । ମିଶନାରୀ ଫାଦରର ପୋଷାକ ପିନ୍ଧିଥିବା ଫାଦର ଉଇଲିୟମ ସାଙ୍ଗେ ସାଙ୍ଗେ ଗେଟ୍ ଆଡକୁ ଆଗେଇ ଗଲେ । ନିକଟରେ ରହୁଥିବା ମାଲିକ୍ ସାହେବଙ୍କୁ ସେ ଡ଼କେଇ ପଠେଇଲେ । ମାଲିକ୍ ସାହେବ ସେଇ ଅଞ୍ଚଳର ଭାରୀ ପ୍ରଭାବଶାଳୀ ଲୋକ । ଶାନ୍ତ, ସୌମ୍ୟ ଚେହେରା । ଦେଖିଲେ ଭକ୍ତି ଜାଗେ । ଟ୍ରକ୍‌ଗୁଡ଼ା ଆସ୍ତେ ଆସ୍ତେ ଚାଲିଗଲା । ମାଲିକ୍ ସାହେବ ଆଲ୍ଲାଙ୍କ ନାମରେ ଶପଥ ନେଇ ଲୋକମାନଙ୍କୁ ବିଶ୍ୱାସ ଦେଲେ ଯେ ଏଇଟା ଖ୍ରୀଷ୍ଟାନ୍ ଛାତ୍ରମାନଙ୍କର ହଷ୍ଟେଲ ।

ଫାଦର ଉଇଲିୟମ୍ ଓ ମାଲିକ୍ ସାହେବ, ଜଣେ ଖ୍ରୀଷ୍ଟିୟାନ ଆଉ ଜଣେ ମୁସଲମାନ୍ । ମୁସଲ୍‌ମାନ୍ ଅଧ୍ୟୁଷିତ ଅଞ୍ଚଳରେ ଏଇ ମହାପ୍ରାଣ ଦୁଇଜଣ ଅନ୍ଧ ଉନ୍ମତ୍ତତାର ମଝିରେ ଏଇ ହିନ୍ଦୁ ପିଲାମାନଙ୍କୁ ରକ୍ଷା କରିଥିଲେ । ଏଇ ଗୋଳମାଳ ଭିତରେ ମାଲିକ ସାହେବ କୌଣସି ପ୍ରକାରେ ଏତେଗୁଡ଼ାଏ ପିଲାଙ୍କର ଖାଇବା ପାଇଁ ଜିନିଷପତ୍ର ମଧ୍ୟ ଯୋଗାଡ଼ କରିଦେଇଥିଲେ ।

ଅବିମୃଶ୍ୟକାରିତା, ନହେଲେ ଆଉ କଣ ବୋଲି କହିହେବ ? ହେଲା, ଖବର ସଂଗ୍ରହ କରିଥିଲେ ବା କଣ କରିପାରିଥାନ୍ତେ ! ଏମିତି ଗୋଟାଏ ଭୟଙ୍କର ବିପଦରେ ମୁଣ୍ଡ ପୁରେଇବା କଣ ଦରକାର ଥିଲା ? ଉପାୟ ନାହିଁ, ସ୍ୱଭାବ । ନହେଲେ ଅନ୍ୟ କିଛି ଯୁକ୍ତି ଖୋଜି ବାହାର କରିବା କଷ୍ଟ । କଥାଗୁଡ଼ା ମନେ ପଡ଼ିଲେ ଭୂଦେବ ଚୌଧୁରୀଙ୍କୁ ଦୁଃଖ ଲାଗେ, ମୁଣ୍ଡ ବି ଗରମ ହୋଇଯାଏ । ନିଷ୍ଫଳ ଆବେଗର ପ୍ରକାଶ । ଏମିତି କରି ମଲା ।

ସଂଧ୍ୟାର ଠିକ୍ ଆଗରୁ ବନ୍ଦ ହୋଇଥିବା ହଷ୍ଟେଲ୍‌ର ଗେଟ୍ ଆଗରେ ଭୀଷଣ ଗୋଳମାଳ । ହଷ୍ଟେଲ ଗେଟ୍‌ର ଠିକ୍ ଆଗରେ ଦୁଇଟା ଲୋକଙ୍କୁ ଛୁରୀ ମରା ହୋଇଛି । ଫାଦର ଉଇଲିୟମ ସେତେବେଳେ ରାତି ଦିନ ସବୁବେଳେ ହଷ୍ଟେଲ୍‌ରେ ରହୁଥାନ୍ତି । ସେ ଦୌଡ଼ିଗଲେ । ହଷ୍ଟେଲ୍‌ର ପିଲାମାନେ ଶଂକାକୁଳ ଭାବେ ଗେଟ୍‌ର ଲୁହା ଜାଲି ଫାଙ୍କରେ ଉହୁଙ୍କି ଦେଖିବାକୁ ଚେଷ୍ଟା କରୁଥିଲେ । ହଠାତ୍ ଚୌଧୁରୀଙ୍କ ଗୋଡ଼ରୁ ମୁଣ୍ଡ ଯାଏଁ ଗୋଟାଏ ବୈଦ୍ୟୁତିକ ଶିହରଣ ଖେଳିଗଲା ।

ଅଘୋର, ଦିବାକର !

ଦୁଇଜଣଙ୍କୁ ଧରାଧରି କରି ହଷ୍ଟେଲ ଭିତରକୁ ଅଣାହେଲା । ଅଘୋର ବିଶ୍ୱାସ ମରିଯାଇଛି । ଦିବାକରର ଆଘାତ ସେତେ ଗୁରୁତର ନୁହେଁ ।

ନିଷ୍ଫଳ କ୍ଷୋଭରେ ଚୌଧୁରୀ ଚିତ୍କାର କରି ଉଠିଲେ, "ତୁମେ ସବୁ ଏଆଡ଼େ କାହିଁକି ?"

ଦିବାକର ବିହ୍ୱଳ ହୋଇ କହିଲା ''ଅଘୋର କହୁଥିଲା—ଭୂଦେବ ଲାଗି ଖରାପ ଲାଗୁଛି । କଣ ପୁଣି ହେଲା ତା'ର ? ଖବରଟା ନେବା ଉଚିତ, ସମ୍ଭବ ହେଲେ ତାକୁ ସେଠୁ ନେଇ ଆସିବା ।''

କିଛିଦିନ ପରେ ସଶସ୍ତ୍ର ପୋଲିସ ପହରା ଭିତରେ ହଷ୍ଟେଲରୁ ସବୁ ଟୋକାମାନଙ୍କୁ ବାହାରକୁ ଅଣାଯାଇଥିଲା । ଚୌଧୁରୀ ଓ ତାଙ୍କ ବନ୍ଧୁମାନଙ୍କୁ ଶିଆଲଦା ଷ୍ଟେସନକୁ ଅଣା ହୋଇଥିଲା । ସେତେବେଳେ ବି ମୃତଦେହଗୁଡ଼ା ରାସ୍ତାରେ ବିଛାଡ଼ି ହୋଇ ପଡି ରହିଥିଲେ । ଏତେଗୁଡ଼ାଏ ମୁର୍ଦ୍ଦାରର କିଛି ବ୍ୟବସ୍ଥା କରିବା ସମ୍ଭବ ନଥିଲା । ଚୁନ ପକା ହୋଇଥିବା ଅବସ୍ଥାରେ ସେତେବେଳେ ମଧ୍ୟ ରାସ୍ତାରେ ପଡ଼ିଥିଲେ । ଅସହ୍ୟ ଦୁର୍ଗନ୍ଧ । ଷ୍ଟେସନକୁ ଗଲା ବାଟରେ କେହି କାହାକୁ ପଦେ କଥା ବି କହିନଥିଲେ । କହିବା ପାଇଁ କିଛି ନ ଥିଲା ।

ଘରପୋଡ଼ି ଦେଖିଥିବା ଗୋରୁ ଆକାଶରେ ଲୋହିତ ମେଘ ଦେଖିଲେ ଆତଙ୍କିତ ହୋଇଯାଏ । ସାଂପ୍ରଦାୟିକ ସଂଘର୍ଷ କଥା ଶୁଣିଲେ ଚୌଧୁରୀ ଥରି ଉଠନ୍ତି । ମଣିଷର ମନ ଭିତରେ ସୁପ୍ତ ହୋଇ ରହିଥିବା ସବୁଠାରୁ ଘୃଣ୍ୟ ବର୍ବରତାର ନିର୍ଲ୍ଲଜ ପରିପ୍ରକାଶ । ବୃଦ୍ଧ, ନାରୀ ଶିଶୁଙ୍କ ନିର୍ବିଚାର ଭାବେ ନୃଶଂସ ହତ୍ୟା । ଦୁର୍ବଳ ଅସହାୟ ବୋଲି ଜାଣି ମଧ୍ୟ ଆକ୍ରମଣ । ଯୋଉ କୁ-ପ୍ରବୃତ୍ତିକୁ ଜୋର କରି ଦମନ କରିବାକୁ ମାନବ ସଭ୍ୟତା ସହସ୍ର ସହସ୍ର ବର୍ଷ ନେଇଥିଲା ମୁହୂର୍ତ୍ତକ ଭିତରେ ସେଇ କୁ-ପ୍ରବୃତ୍ତି ପୁଣି ଜାଗ୍ରତ ହୋଇ ଉଠିଲା । ଏଇ ପ୍ରବୃତ୍ତି ପାଖରୁ ନିଷ୍କୃତି ପାଇବା ବଡ କଠିନ । ଶିକ୍ଷିତ, ଅଶିକ୍ଷିତ କାହାର ନିସ୍ତାର ନାହିଁ । ଅନ୍ୟାୟର ସଂଜ୍ଞା ମଧ୍ୟ ପରିବର୍ତ୍ତନ ହୋଇଯାଏ । ସବୁ କ୍ଷେତ୍ରରେ ହତ୍ୟା କରିବାଟା ଦୋଷଯୁକ୍ତ ହୁଏ ନାହିଁ । ନିଜ ସଂପ୍ରଦାୟ ଲୋକଙ୍କୁ ହତ୍ୟା କରିବାଟାହିଁ ସେଇ ସଂପ୍ରଦାୟ ପାଇଁ ଅନ୍ୟାୟ ଅନ୍ୟ ସଂପ୍ରଦାୟରେ ଶହ ଶହ ମଣିଷଙ୍କ ହତ୍ୟା କଲେ ବି ଆଖିରେ ପଡେ ନାହିଁ । ମନ ଭିତରେ ବିରାଗ ସୃଷ୍ଟି ହୁଏନି । ବାଇବେଲ୍ ଅନୁଶାସନର ଅର୍ଥ ଅଲଗା ହୋଇଯାଏ । ହତ୍ୟା କରିବନି । ଏଇ ଅନୁଶାସନ ନିଜ ସଂପ୍ରଦାୟ ଲୋକମାନଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ।

ସେ ସମୟ କଥା ମନେ ପଡିଲେ ଭୂଦେବ ଚୌଧୁରୀ ଏବେବି ଉତ୍ତେଜିତ ହୋଇଯାନ୍ତି ।

ଆଠ

ଚୌଧୁରୀ ତାଙ୍କ ଜୀବନରେ ଅନାୟାସରେ ନୂତନ ମତ ଗ୍ରହଣ କରିଛନ୍ତି ଆଉ ଅତି ସହଜରେ ସେ ସବୁକୁ ପରିତ୍ୟାଗ କରିଛନ୍ତି । ସତ୍ୟ ଭାରି ଭ୍ରାନ୍ତିଜନକ । ଜଣଙ୍କ ପାଇଁ ଯାହା ସତ୍ୟ ଅନ୍ୟ ଜଣଙ୍କ ପାଇଁ ସେଇଟା ସତ୍ୟ ନହୋଇ ପାରେ । ପ୍ରତ୍ୟେକ ମତବାଦକୁ କିଛି ଲୋକ ସମର୍ଥନ କରନ୍ତି, ଆଉ କିଛି ଲୋକ ତାକୁ ବିରୋଧ କରନ୍ତି । ହାଇଫଙ୍ଗ୍ ବନ୍ଦରରେ ମାଇନ୍ ଖଞ୍ଜିବାକୁ ନେଇ ଟାଇମ୍ସ୍ ପତ୍ରିକାରେ ଗୋଟିଏ ସ୍ତମ୍ଭରେ ତଳ ଲିଖିତ ଚିଠି ଦୁଇଟି ବାହାରିଥିଲା ।

''ଭ୍ରଷ୍ଟାଚାରୀ ଶାସକଙ୍କୁ ଉଦ୍ଧାର କରିବା ପାଇଁ ଆମ ସରକାର ଆମକୁ ତୃତୀୟ ବିଶ୍ୱଯୁଦ୍ଧ ନିକଟକୁ ନେଇ ଆସିଛି ।''

"ଆମ ପ୍ରେସିଡ଼େଣ୍ଟ ଶେଷ ପର୍ଯ୍ୟନ୍ତ ଯୋଗ୍ୟ ନେତୃତ୍ୱର ପରିଚୟ ଦେଇଛନ୍ତି । ସଭିଏଁ ତାଙ୍କୁ ସମର୍ଥନ କରିବା ଉଚିତ । ଆମେରିକା ହାନୋଇ ଆଉ ହାଇଫଙ୍ଗକୁ ଧୂଳିସାତ୍ କରିବା ଉଚିତ ।"

ଚୌଧୁରୀ କୋଉଠି ଦେଖିଥିଲେ ତାଙ୍କର ଠିକ୍ ମନେ ନାହିଁ, ମଣିଷ ଯାହା ବିଶ୍ୱାସ କରିବାକୁ ଚାହେଁ ତା ପାଇଁ ସେଇଟା ହିଁ ସତ୍ୟ, ଭାରି ଉପାଦେୟ କଥା ସବୁ । ବିଶେଷ କରି ସାମ୍ପ୍ରଦାୟିକ ସଂଘର୍ଷ ସମୟରେ ସତ୍ୟର ସଂଜ୍ଞା ପରିବର୍ତ୍ତନ ହୋଇଯାଏ । 1942 ମସିହା କଲିକତା ହତ୍ୟାକାଣ୍ଡ ବିଷୟରେ ଚିନ୍ତା କଲେ ଚୌଧୁରୀଙ୍କର ଏ ବିଷୟରେ ଆଉ ସନ୍ଦେହ ରହେନି । ଯେତେ ଉଦ୍‌ଭଟ ହେଉ, ଗୋଟିଏ ସଂପ୍ରଦାୟ ବିରୁଦ୍ଧରେ ପ୍ରଚାରିତ ଯେ କୌଣସି ଗୁଜବକୁ ଅନ୍ୟ ସଂପ୍ରଦାୟର ଲୋକେ ତତ୍‌କ୍ଷଣାତ ସତ୍ୟ ବୋଲି ବିଶ୍ୱାସ କରି ନିଅନ୍ତି ।

ଏକ ସମୟରେ ମୁଦ୍ରାଟିର ଦୁଇ ପାର୍ଶ୍ୱ ଦେଖି ପାରିବାଟା ଏତେ ଆନନ୍ଦଦାୟକ ଅନୁଭୂତି ନୁହେଁ । ଏମିତି ହେଲେ ଲୋକଙ୍କର କାର୍ଯ୍ୟକଳାପରେ ବଡ଼ ବ୍ୟାଘାତ ସୃଷ୍ଟିହୁଏ ।

ଏମ୍.ଏ କ୍ଲାସରେ ନାଁ ଲେଖେଇବାକୁ ଚୌଧୁରୀଙ୍କର ବହୁତ ଡେ଼ରି ହେଲା । ବିଶ୍ୱବିଦ୍ୟାଳୟ ବ୍ୟବସ୍ଥାପନାରେ ଥିବା କୌଣସି ହଷ୍ଟେଲ୍ କିମ୍ବା ମେସ୍‌ରେ ସେ ସିଟ୍ ପାଇଲେନି । ସେ ଗୋଟିଏ ହୋଟେଲ୍‌ରେ ରହୁଥିଲେ । ହୋଟେଲ୍‌ରେ ରହି ତ ପଢ଼ି ପାରିବେନି । ଚୌଧୁରୀଙ୍କ ଅଞ୍ଚଳରୁ କେତେ ଜଣ ଟୋକା ହରିସନ ରୋଡ୍‌ରେ ଗୋଟାଏ ମେସ୍‌ରେ ରହୁଥିଲେ । ଅଘୋର ବିଶ୍ୱାସ ଆଉ ସତ୍ୟେନ୍ ସରକାର ଚୌଧୁରୀଙ୍କୁ ତାଙ୍କ ମେସ୍‌କୁ ନେଇଗଲେ । ଚୌଧୁରୀ ପଚାରିଲେ, "ସିଟ୍ ଅଛି ?"

ଅଘୋର କହିଲା, "କିଛି ଗୋଟାଏ କରିବା ।" ହେବାକୁ ଅସୁବିଧା ନାହିଁ । ଦୁଇତାଲା ଘର ବାର ନମ୍ବର କୋଠରୀରେ ଅଘୋର ଓ ଅନ୍ୟମାନେ ରୁହନ୍ତି । ସେଠାରେ ଆଠଜଣ ଖଣ୍ଡେ ଟୋକା ସେତେବେଳେ ରହୁଥାନ୍ତି । ଆଉ ଜଣେ ବେଶୀ ହୋଇଗଲେ କିଛି ଅସୁବିଧା ନାହିଁ । କୋଠରୀଟାରେ ତକ୍ତପୋସ୍‌ଟାଏ ବି ନାହିଁ । ସମସ୍ତେ ଚଟାଣ ଉପରେ ବିଛଣା ପକେଇ ଶୋଇ ଯାଆନ୍ତି । ଦିନବେଳେ ବିଛଣାକୁ କାନ୍ଥରେ ଡେ଼ରି ଦିଅନ୍ତି । କିଏ କାହା ବିଛଣାରେ ଶୁଏ ଠିକ ନାହିଁ । ଆସିବା ଡେ଼ରି ହେଲେ କେହି ନିଜ ବିଛଣା ବି ପାଇନପାରେ ।

ସେଠାରେ ରହୁଥିବା ସବୁ ଟୋକା ଚୌଧୁରୀଙ୍କ ଆଦ୍ରର । ଅଘୋର ଓ ସତ୍ୟେନ ଚୌଧୁରୀଙ୍କ ସହିତ ସ୍କୁଲରେ ପଢୁଥିଲେ । ଦିବାକର, ସତ୍ୟ ଓ ଅନ୍ୟମାନେ ନିଜ ଅଞ୍ଚଳର ପିଲା ହେଲେ ବି ତାଙ୍କର ଚିହ୍ନା ପରିଚୟ ହୋଇ ନଥିଲା । ଏଠାରେ ଚିହ୍ନା ପରିଚୟ ହେଲା । ଖାଲି ନାଁ କୁ ସମସ୍ତେ ଛାତ୍ର । କେହି ପ୍ରାୟ କ୍ଲାସ୍‌କୁ ଯାଆନ୍ତିନି । କାହାରି ବହିପତ୍ର ନାହିଁ । ହଠାତ୍ କେବେ କେହି କ୍ଲାସକୁ ଗଲେ ବହି ଗୋଟାଏ ପକେଟ୍‌ରେ ପୁରାଇ ନେଇ ଯାଏ । କ୍ଲାସକୁ ଯାଇ ବସିବାକୁ ସମୟ ନାହିଁ । ଘର ଟଙ୍କା ଉପରେ ନିର୍ଭର କରି କାହାରି ଚଳିଯିବାର ଉପାୟ ନାହିଁ । ପ୍ରତ୍ୟେକଙ୍କୁ ନିଜ ବ୍ୟବସ୍ଥା ନିଜେ କରିବାକୁ ପଡ଼େ । ଦିବାକର ଟିଉସନ୍ କରେ । ଅଘୋର କୋଉ ଗୋଟାଏ ବେସରକାରୀ ପ୍ରତିଷ୍ଠାନରେ କାମ କରେ । ସତ୍ୟେନ ପୁଅ, ଝିଅଙ୍କୁ ଗୀତ ଶିଖାଏ ।

ତଦୁପରି ମେସ୍‌ରେ ଦିବାକର ହେରିକାଙ୍କ କୋଠରୀଟାକୁ ଗୋଟାଏ ଧର୍ମଶାଳା ବୋଲି କୁହାଯାଇପାରେ । ସେଆଡୁ କେହି କଲିକତା ଆସିଲେ ଜିନିଷପତ୍ର ନେଇ ସିଧାସଳଖ ସେଠାରେ

ଆସି ପହଞ୍ଚନ୍ତି । ଆଉ ଜଣେ ଅଧେ କେହି ଥିଲେ ବି କିଛି ନାହିଁ । ମଣିଷଙ୍କ ସ୍ରୋତ । କଲିକତାକୁ ତ ଲୋକ ଆସିବେ । ହାଇକୋର୍ଟ କାମ, ବିଶ୍ୱବିଦ୍ୟାଳୟ କାମ, ଜଟିଳ ରୋଗ ଚିକିତ୍ସା କରିବାକୁ ପଡ଼ିଲେ ରୋଗୀକୁ ନେଇ ଲୋକେ କଲିକତା ଆସନ୍ତି । ଦୋକାନ ଜିନିଷପତ୍ର କିଣିବାକୁ ଦୋକାନୀ ମାନେ ଆସନ୍ତି । ଏମିତି ବି ବୁଲା ବୁଲି କରିବାକୁ ଆସନ୍ତି ।

ସମସ୍ତେ ଜାଣି ଯାଇଛନ୍ତି ଯେ କଲିକତା ଗଲେ କିଛି ଅସୁବିଧା ହେବନି । ହରିସନ ରୋଡ଼ ମେସ୍‌ରେ ପହଞ୍ଚିଗଲେ ହେଲା । ସେଠାରେ ଯେ ଖାଲି ରହିବାକୁ ସୁବିଧା ସେୟା ନୁହେଁ, ଟୋକାଗୁଡ଼ା ଭାରି ଭଲ । ବହୁତ ସାହାଯ୍ୟ କରନ୍ତି । କଲିକତା ଭଳି ଜାଗା, ତିହ୍ନା ପରିଚୟ ନଥିଲେ ଦିନରେ ବି ଅନ୍ଧାର । କାହାକୁ ଡାକ୍ତର ପରାମର୍ଶ ଦରକାର, ଆଉ କାହାକୁ ଗୋଟାଏ ଭଲ ଓକିଲ ଦରକାର । କେତେ ପ୍ରକାର କାମ । ଚିହ୍ନା ଲୋକ ସାଙ୍ଗରେ ନଥିଲେ କିଏ କଣ କିଛି ପାଇ ପାରିବ ? ବୁଲିବାକୁ ଆସିଥିବା ଲୋକଙ୍କୁ ଯାଦୁଘର, ଚିଡ଼ିଆଖାନା, ହାଇକୋର୍ଟ ଇତ୍ୟାଦି ଦେଖେଇବାକୁ ପଡ଼େ । କଲିକତା ଆସି ଯଦି ଏସବୁ ନଦେଖିଲା ତାହେଲେ କେମିତି ହେବ ? ଧର୍ମପ୍ରାଣ ଲୋକଙ୍କୁ କାଳୀ ଘାଟ ମନ୍ଦିରକୁ ନେବାକୁ ପଡ଼େ । ତା ସହିତ ପୁଣି ଟୋକାଗୁଡ଼ା ଭାରି ଚାଲାକ । କଲିକତାର ଗଳିଗଳି ସେମାନଙ୍କର ନଖ ଦର୍ପଣରେ । କୋଉଠି କେଉଁ ଜିନିଷ ଶସ୍ତା ସେକଥା ଜାଣନ୍ତି । ଦୋକାନୀମାନେ ସେମାନଙ୍କୁ ସାଙ୍ଗରେ ନେଇ ଶସ୍ତା ଜିନିଷପତ୍ର କିଣି ଉଠପୁଲୁ ହୋଇଯାଆନ୍ତି । ବୃନ୍ଦାବନ ନାମୋହନ ଟୋକାମାନଙ୍କ ସାନିଧ୍ୟ ପାଇ ଅଭିଭୂତ । ରାତିରେ ମଦ ପିଇ ଟୋକାଗୁଡ଼ାଙ୍କୁ ଧରାଧରା କରି ଟଙ୍କା ଦେବାକୁ ଚାହାନ୍ତି । ଯୋଉ ଦାମରେ ମାଲ ସବୁ ସେ କିଣିଛି ସେଥିରୁ ଅତି କମରେ ଦଶ ହଜାର ଟଙ୍କା ଲାଭ ହେବ ! ପିଲାମାନେ ଏତେ ଭଲ । ସେମାନଙ୍କୁ ସାଙ୍ଗରେ ନେଇ ଦିନସାରା ବୁଲିଛି, ଅଥଚ ମେସ୍‌ରେ କଷ୍ଟକରି ଚଳୁଛନ୍ତି । ହାତରେ ଟଙ୍କା ନେବାକୁ ହେବ । ମାଗଣାରେ ଦେଉଛି ନା କଣ ? ଲାଭ ହେବ ବୋଲି ସିନା ଟୋକାମାନେ ଟଙ୍କା ସବୁ ନନେଇ ମନ ଦୁଃଖରେ ସେ କାନ୍ଦି ପକେଇଲା ।

ଅଘୋର ହେରିକା ଦୁଇ ସପ୍ତାହ ଭିତରେ ଭୂଦେବ ଚୌଧୁରୀଙ୍କୁ କଲିକତା ଚିହ୍ନେଇ ଦେଲେ । ଏକୁଟିଆ ସେ ବର୍ତ୍ତମାନ ଶ୍ୟାମ ବଜାର ଗଳିରେ ଘର ଖୋଜି ବାହାର କରିପାରିବେ । ଆଉ ସେ ସହିତ ଆଉ କିଛି ଆବଶ୍ୟକୀୟ ଖବର ମଧ୍ୟ ଜାଣିଲେ । ଆର୍ମ ଷ୍ଟ୍ରୀଟ୍ ଲୋଟସ୍ ହୋଟେଲରେ ପାଞ୍ଚ ଅଣା ପଇସା ଦେଇ ପୁରି, ଲୁଚି, ବୁଟ ଡାଲି ପେଟ ପୁରା ଖାଇ ପାରିବେ । ଦେଓକ ଖାନା ରୋଡ଼ ପାଖ ଗଳି ଭିତରେ ଅପରିଷ୍କାର ଛ୍ୟାମ ପୋଷ୍ଟ ଆଲୁଅରେ ଗଛତଳ ଭଙ୍ଗା ବେଞ୍ଚରେ ବସି ଅତି ଶସ୍ତାରେ ମୋଗଲାଇ ପରଟା, କୁକୁଡ଼ା ମାଂସ ଖାଇ ପାରିବେ । ମେସ୍ ପାଖ ଅଭୟ ଭାଇଙ୍କ ଚା ଦୋକାନ କେବେବେଳେ ଖୋଲେ ଠିକ୍ ନାହିଁ । ତାଙ୍କ ମର୍ଜି ହେଲେ ଦୋକାନ ଖୋଲନ୍ତି । କେବେ କେବେ ସାରାଦିନ ଦୋକାନ ବନ୍ଦ ଥାଏ । ଆଉ କେବେ ନିର୍ଧୂମ ଖରାବେଳକୁ ଦୋକାନ ଖୋଲେ, କେବେ ପୁଣି ରାତିରେ । ଦୋକାନ ଖୋଲା ଦେଖିଲେ ସମସ୍ତେ ହୁଡ଼ହାଡ଼ ମଣିଯାଆନ୍ତି । ଦୋକାନ ଭିତରେ ଅନ୍ୟ କିଛି ନାହିଁ, ଖାଲି ଚା ଆଉ ବିସ୍କୁଟ । ଅଦ୍ଭୁତ ଚା । ଅଭୟ ଭାଇଙ୍କ ଚା'ର ଗନ୍ଧ ଆଉ ସ୍ୱାଦ କଥା ଚୌଧୁରୀ ଆଜି ପର୍ଯ୍ୟନ୍ତ ଭୁଲି ନାହାନ୍ତି ।

ପଢ଼ାପଢ଼ି କାହାର ନାହିଁ । ସେ ପାଇଁ କାହାର ଚିନ୍ତା ବି ନାହିଁ । ମେସ୍‌ରେ ଅନ୍ୟ ଟୋକା ମାନଙ୍କ ଚଳିବାର ଛନ୍ଦ ସହିତ ଭୂଦେବ ଚୌଧୁରୀଙ୍କର ଛନ୍ଦ ଆସ୍ତେ ଆସ୍ତେ ମିଳିଗଲା । ଏକାକୁ

ରାତି ଅଧ ପର୍ଯ୍ୟନ୍ତ ତାଙ୍କର ସମୟ ନାହିଁ । ଅଘୋର ଚୌଧୁରୀଙ୍କୁ କହିଲା, ''ତୁ ତ ଏବେ ପକ୍କାଟିଏ ହୋଇ ଗଲୁଣି, ଶରତଦାଦାଙ୍କ ଆଖି ଦେଖେଇବା ବ୍ୟବସ୍ଥା ତୁ କର । ମୁଁ ବୃନ୍ଦାବନକୁ ନେଇ ହାଉଡ଼ା ହାଟକୁ ଯିବି । ଗୋଟିଏ କାମ କର, ରଘୁକୁ ସାଙ୍ଗରେ ନେଇ ଡ଼ାକ୍ତର ସାମନ୍ତଙ୍କୁ ଦେଖେଇବା ବନ୍ଦୋବସ୍ତ କର ।''

ରଘୁ ମଧୁପୁର ଆଡ଼ର ଟୋକା । କ୍ୟାମ୍ବଲ୍ ମେଡ଼ିକାଲ ସ୍କୁଲରେ ପଢ଼େ । ଡ଼ାକ୍ତର ସାମନ୍ତ କ୍ୟାମ୍ବଲ ମେଡ଼ିକାଲ ସ୍କୁଲର ଅଧ୍ୟାପକ ।

ସମୟ ନାହିଁ, ଅବସର ନାହିଁ, ସବୁବେଳେ ବ୍ୟସ୍ତ । ପଢ଼ାପଢ଼ି ବିଷୟରେ ଚିନ୍ତା କରିବାକୁ କାହାରି ସମୟ ନାହିଁ । ଅଘୋର ଓ ଅନ୍ୟମାନଙ୍କ ସହିତ ଭୂଦେବ ଚୌଧୁରୀଙ୍କ ଜୀବନର ଛନ୍ଦ ମିଳି ଯାଇଥିଲା । ଯା ଭିତରେ ଅଘୋର ହେରିକା ତାଙ୍କୁ ଦୁଇଟା ଟିଉସନ୍ ବ୍ୟବସ୍ଥା କରିଦେଲେ । ସମୟ ପାଇଲେ ଟିଉସନ୍ କରନ୍ତି । ସ୍ଥାନୀୟ ବହୁତ ଲୋକମାନଙ୍କ ସହ ମେସ୍ ପିଲାମାନଙ୍କର ଘନିଷ୍ଠତା ଅଛି ।

''କିହୋ ? ଏତେ ଦିନ ଧରି କିଛି ଖବର ନାହିଁ । ତୁମ ମାଉସୀ ଭାରି ରାଗିଛନ୍ତି । କାଲି ଖରାବେଳେ ତୁମେ ସମସ୍ତେ ଏଠାରେ ଭାତ ଖାଇବ, ଫାଙ୍କି ଦେଲେ କିନ୍ତୁ ଭଲ ହେବନି ।''

କିଏ ମାଉସୀ, କିଏ ନୂଆ ବୋଉ, କିଏ ବା ମଝିଆ ଅପା । ପରବର୍ତ୍ତୀ ସମୟରେ ଏଇ ବନ୍ଧନ କାହାକୁ ବାନ୍ଧି ରଖି ପାରେନା । ନିକୃଷ୍ଟ ଖାଦ୍ୟ, ନିକୃଷ୍ଟ ପୋଷାକ, କୌଣସି କଷ୍ଟକୁ କଷ୍ଟ ବୋଲି ଗ୍ରହଣ କରନ୍ତିନି । ନିଃସ୍ୱାର୍ଥ, ନିର୍ଲୋଭ, ସନ୍ୟାସୀଙ୍କ ଭଳି । କାହା ପାଖରେ କିଛି ଅଭିଯୋଗ ନାହିଁ, କାହା ପ୍ରତି ବିଦ୍ୱେଷ ନାହିଁ । ପ୍ରଚଳିତ ମାନଦଣ୍ଡରେ ମାପି ଦେଖିଲେ ଏଇ ଟୋକାଗୁଡ଼ାଙ୍କ ଭିତରୁ ଜଣକୁ ବି ବଡ଼ ଲୋକ ବୋଲି ଗଣ୍ୟ କରିହେବନି । ପାଠ ଶାଠରେ ଭଲ ନୁହନ୍ତି । ଆର୍ଥିକ ଅବସ୍ଥା ଶୋଚନୀୟ । ଜ୍ଞାନ ଆଉ ବୁଦ୍ଧି ସୀମିତ । ସ୍ୱଭାବ, ଚରିତ୍ର ନିର୍ମଳ ବୋଲି କହି ହେବନି । ଅଘୋର ଲୁଚେଇ ଲୁଚେଇ ମଦ ପିଉଥିଲା, ଦିବାକର ପ୍ଲାସ ଖେଳି ଟଙ୍କା ରୋଜଗାର କରୁଥିଲା । ଅତୁଲ ଭାଇ ସମସ୍ତଙ୍କ ଠାରୁ ବୟସରେ ବଡ଼ । ଅତୁଲ ଭାଇ ଦିନେ ପୁରାପୁରି ଉଭାନ ହୋଇଯାଉଥିଲା । ରାତି ବେଶୀ ହେଲେ, ଯଦି ନଫେରନ୍ତି, କେହି ଜଣେ ମନ୍ତବ୍ୟ କରୁଥିଲେ :''ଅତୁଲ ଭାଇ ଆଜି ତାହେଲେ ଶଶୁର ଘର ଯାଇଛି'', ଅର୍ଥାତ୍ ନିଷିଦ୍ଧ ଜାଗାକୁ ଯାଇଛି ।

ଚୌଧୁରୀ ତାଙ୍କ ଜୀବନରେ ବହୁତ ବଡ଼ ବଡ଼ ଲୋକଙ୍କ ସଂସର୍ଶରେ ଆସିଛନ୍ତି । ଶିକ୍ଷାଗତ ଯୋଗ୍ୟତାରେ ବଡ଼ । ପଦ ମର୍ଯ୍ୟାଦାରେ ବଡ଼ । ଦେଶର ନେତା, ପୂଜନୀୟ ବ୍ୟକ୍ତି, ଏମାନଙ୍କ ସହିତ ତୁଳନା କଲେ ସେଇ ଟୋକାଗୁଡ଼ାଙ୍କର କିଛି ନାହିଁ । ତଥାପି ହତଭାଗ୍ୟ ଟୋକା କେଇଜଣଙ୍କ ସ୍ମୃତି ଭୂଦେବ ଚୌଧୁରୀଙ୍କ ମନ ଆକାଶରେ ଏବେ ବି ଉଜ୍ଜ୍ୱଳ ହୋଇ ଜଳୁଛି ।

ନଅ

ହରିସନ ରୋଡ୍ ମେସ୍ ଛାଡ଼ି ନଥିଲେ ତାଙ୍କ ଅବସ୍ଥା ଯେ କଣ ହୋଇଥାନ୍ତା ସେ କଥା ଭାବିଲେ ଏବେ ବି ଭୂଦେବ ଚୌଧୁରୀଙ୍କ ଦେହ ଥରିଯାଏ । ଅଘୋର ମିଛଟାରେ ପ୍ରାଣ ବିସର୍ଜନ ଦେଲା ।

ଆତ୍ମହତ୍ୟା ବୋଲି କହି ହେବ । ସତ୍ୟେନ୍ ସରକାର ମଧୁପୁରରେ ଗୋଟାଏ ମନୋହରୀ ଦୋକାନ ଖୋଲିଛି । ବିକ୍ରି ବିଶେଷ ନାହିଁ । ପଲେ ପୁଅ ଝିଅଙ୍କୁ ନେଇ କଷ୍ଟରେ ଗୁଜୁରାଣ ମେଣ୍ଟାଉଛି । ଦିବାକର ଦାସ ସେଇ ଯେଉଁ ଆଘାତ ପାଇଲେ ଆଜି ପର୍ଯ୍ୟନ୍ତ ସେ ଆଘାତକୁ ଭୁଲି ନାହାନ୍ତି । କିଛି କହିଲେ, ଅଳ୍ପ ସମୟ ଶୂନ୍ୟ ଦୃଷ୍ଟିରେ ବକ୍ତା ଆଡ଼କୁ ଚାହିଁ ରହନ୍ତି । ସତେକି କଥା ଗୁଡ଼ା କିଛି ବୁଝି ନାହାନ୍ତି । ଅବା ସେ ଅନ୍ୟ କେଉଁଠାରେ ଥିଲେ ଏଇ ବର୍ତ୍ତମାନ ଆସି ପହଞ୍ଚିଛନ୍ତି ।

ଦିବାକର ଦାସ ଏବେ ସାଧନା ବୁକ ଷ୍ଟଲ୍‌ରେ କାମ କରନ୍ତି । ଦୋକାନରେ କ୍ୟାସ୍ ବାକ୍ସ ପାଖରେ ସେ ବସି ଥାଆନ୍ତି । ଅସଲ କଥା ହେଲା ସେ ଚାକିରୀରୁ ଅବସର ନେଇଥିଲେ । ସରୋଜ ଦତ୍ତ ତାଙ୍କୁ ବୋର ବାବୁଦସ୍ତି ଟାଣି ନେଇ କ୍ୟାସ ବାକ୍ସ ପାଖରେ ବସାଇ ଦେଇଛନ୍ତି । ଦୋକାନରେ ଦିନକୁ ହଜାର ଟଙ୍କାର ବିକ୍ରୀ-ନଗଦ କାରବାର । ଏତେ କର୍ମଚାରୀ, କିଏ କଣ କରିବ ଠିକ ନାହିଁ । ଦିବାକର ଦାସଙ୍କୁ ଟଙ୍କା ପଇସାର ଦାୟିତ୍ୱ ଦେଇ ନିଶ୍ଚିନ୍ତ ।

ସରୋଜ ଦତ୍ତଙ୍କ ବାପା ଘନଶ୍ୟାମ ଦତ୍ତ, ବି ଏ ପାସ କଲା ପରେ ଶିଲଂରେ ରହି କିଛି କାମ ଧନ୍ଦା ଯୋଗାଡ଼ କରି ପାରିନଥିଲେ । ପାନ ବଜାର ଭିଶୋଇଙ୍କ ପରାମର୍ଶ ନେଇ ବ୍ୟବସାୟ ଆରମ୍ଭ କରିଦେଲେ । ଧୁବୁଡ଼ୀରେ ସେ ଗୋଟିଏ ବହି ଦୋକାନ ଖୋଲିବାକୁ ସିଦ୍ଧାନ୍ତ କଲେ । ଦିବାକର ଏ ସମୟରେ ଘନଶ୍ୟାମଙ୍କୁ ସାହାଯ୍ୟ କଲେ । କଲିକତାରେ ଅଲି ଗଳି ସେମାନଙ୍କ ନଖ ଦର୍ପଣରେ । ସ୍କୁଲ ପାଠ୍ୟପୁସ୍ତକ ବାଦ ଅଳ୍ପ ଖୁଣ ଥିବା, ଖରାପ ହୋଇଯାଇଛି ବୋଲି ଅଲଗା କରି ରଖିଥିବା ସିଲକଟ, ବହି ଇତ୍ୟାଦି ଅତି କମ ଦାମରେ କିଣି ଆଣିଲେ । ଲକ୍ଷ୍ମୀଙ୍କ ପୁରାଣ ସତ୍ୟନାରାୟଣଙ୍କ ଉପାଖ୍ୟାନ ବାତ୍ସ୍ୟ ଚଳିତ ଉପନ୍ୟାସ, ଏମିତି ପୁରୁଣା ବହି ପ୍ରାୟ ଓଜନ ଦରରେ ଯୋଗାଡ଼ କଲେ । ସାଧନା ବୁକଷ୍ଟୋର ଏମିତି ଆରମ୍ଭ ହେଲା । ଘନଶ୍ୟାମ ଦତ୍ତଙ୍କ ପ୍ରତି ଭାଗ୍ୟ ସୁପ୍ରସନ୍ନ ଥିଲା । ଦୋକାନରେ ଖୁବ ଭଲ ଲାଭ ହେବାକୁ ଲାଗିଲା । ତାଙ୍କର ଅମାୟିକ ସ୍ୱଭାବ ପାଇଁ ଲୋକେ ତାଙ୍କୁ ଖୁବ ଭଲ ପାଉଥିଲେ ।

ଘନଶ୍ୟାମ ଦତ୍ତଙ୍କର ସାହସ ଓ ଚେଷ୍ଟା ଥିଲା । ମନରେ ଉଚ୍ଚାଭିଳାଷ ଥିଲା । ଧୁବୁଡ଼ୀରେ ଦୋକାନ କରି ଖାଇ ପିଇ ରହିପାରିଲେ ବି ସେମିତି କିଛି ବେଶୀ ଉନ୍ନତିର ଆଶା ନାହିଁ । କୌଣସି କଥାକୁ ଖାତିର ନକରି ଧୁବୁଡ଼ୀରୁ ଦୋକାନଟା ଉଠେଇ ନେଇ ପାନ–ବଜାରରେ ଭିଶୋଇଙ୍କ ଘର ସାମନାରେ ଦୋକାନ ଖୋଲି ଦେଲେ । ଶୁଭାକାଂକ୍ଷୀ ସମସ୍ତେ ତାଙ୍କ କାର୍ଯ୍ୟ କଳାପ ଦେଖି ବିରକ୍ତ ହୋଇଥିଲେ । ଉପଦେଶ ଦେଇଥିଲେ । ''କ'ଣ ଏସବୁ କରୁଛ ? ସ୍କୁଲ ଫୁଲ୍‌ରେ କୋଉଠି ପଶିଯାଅ । ଡି ସି ଅଫିସ୍‌ରେ କିଛି ଲୋକଙ୍କୁ ଭର୍ତ୍ତି କରାଯିବ, ଚେଷ୍ଟା କରି ଦେଖୁନ ? କିଛି କଲେ ଆମେ ବି ଚେଷ୍ଟା କରି ଦେଖିବୁ ।''

ପ୍ରଥମ ଅବସ୍ଥାରେ ଖାଇବା ପିଇବା ଭଉଣୀ ଘରେ ହେଉଥିବାରୁ ସେ ଦୋକାନଟାକୁ ଚଳେଇ ପାରିଲେ । ଘନଶ୍ୟାମ ଦତ୍ତଙ୍କ ବ୍ୟବହାର ଖୁବ୍ ଭଲ । ସବୁ ଲୋକ ତାଙ୍କୁ ଆଦର କରୁଥିଲେ । ଏଠି ବେଳୁ ଆସ୍ତେ ଆସ୍ତେ ବଢ଼ିବାକୁ ଲାଗିଲା । ଧୀରେ ଧୀରେ ସେ ଅସମୀୟା ପାଠ୍ୟ ପୁସ୍ତକ ପ୍ରକାଶ କରିବାକୁ ଆରମ୍ଭ କରିଲେ । ନାଁ କୁ ସାଧନା ପ୍ରକାଶନୀ । ନିଜସ୍ୱ ଛପାଖାନା ନାହିଁ । କଲିକତାରେ ସବୁ କାମ ହୁଏ । କଲିକତାରେ କାମ ସବୁ ଦିବାକର ଦାସ କରୁଥିଲେ । ଛୋଟକାଟିଆ ପ୍ରେସ୍‌ଟିଏ ଠିକ୍ କରିବା, କମ୍ ରେଟ୍‌ରେ କମ୍ପୋଜ କରିବା, ପ୍ରୁଫ୍ ଦେଖିବା, ଅନ୍ୟ

କେଉଁଠାରେ ଛପା ବନ୍ଦୋବସ୍ତ କରିବା, ବୈଠକଖାନାକୁ ବାଇଣ୍ଡରକୁ ଡାକି ବନ୍ଧେଇବା, ଏଇ ସମସ୍ତ କାମକୁ ଦାସେ ଯତ୍ନର ସହିତ କରୁଥିଲେ । ଅସଲ କଥା ପ୍ରଥମରୁ ସେ ସାଧନା ପ୍ରକାଶନୀ ସହିତ ଯୁକ୍ତ ହୋଇ ଯାଇଥିଲେ ।

ପ୍ରଥମେ ଘନଶ୍ୟାମ ଦତ୍ତ ପୁରୁଣା ଯନ୍ତ୍ରପାତି କିଣି ଏଠାରେ ଗୋଟିଏ ଛୋଟ ଛାପାଖାନା ଖୋଲିଲେ । ଦାସଙ୍କୁ ଜୋର କରି ଆଣି ଏଇ ଛାପାଖାନା କାମରେ ଲଗେଇ ଦେଲେ । ମ୍ୟାନେଜର ହୁଅନ୍ତୁ କିବା ପ୍ରୁଫ୍ ରିଡର ହୁଅନ୍ତୁ, ଛାପାଖାନାର ଭିତିରିଆ କାର୍ଯ୍ୟ ସେ ଚଳେଇଥିଲେ ।

ଘନଶ୍ୟାମ ଦତ୍ତ କେମିତିଆ ଅବସ୍ଥାରେ ବ୍ୟବସାୟ ଆରମ୍ଭ କରିଥିଲେ, ଆଜି ତାଙ୍କ ଅବସ୍ଥା ଦେଖି କେହି ଅନୁମାନ କରି ପାରିବେନି । କୋଡ଼ିଏ ପଚିଶ ବର୍ଷ ଭିତରେ କୋଉଠିକି ଉଠିଗଲେ । ଇନ୍ଦ୍ରଜାଲ । ପ୍ରାସାଦ ସଦୃଶ ତାଙ୍କ ଘର ସାମନା ଦେଇ ଯାଉଥିବା ବାଟୋଇର ମନରେ ସ୍ୱୟଂକ୍ରିୟ ଭାବେ କୌତୂହଳ ଉଦ୍ରେକ ହୁଏ—ଆରେ ବାପ୍‌ରେ, ଏଇଟା କାହା ଘର ? ଦତ୍ତ ପରିବାରର ଧନ ସମ୍ପତ୍ତି କଳନା କରିବା କଷ୍ଟ । ଅତ୍ୟାଧୁନିକ ଛାପାଖାନା, ବିରାଟ ଆଧୁନିକ ବହି ଦୋକାନ । ଘନଶ୍ୟାମ ଦତ୍ତ ଆଜିକାଲି ସକ୍ରିୟ ହୋଇ କାମ ଧନ୍ଦା ବୁଝନ୍ତିନି । ତଥାପି ସେ ଘରେ ବସି ବସି ସବୁ କାମର ଖବର ରଖନ୍ତି ।

ଘନଶ୍ୟାମ ଦତ୍ତଙ୍କ ତିନିପୁଅ ଉଚ୍ଚ ଶିକ୍ଷିତ, ଭଦ୍ର ଆଉ କର୍ମଠ । ବଡ଼ ପୁଅ ଅନୁପମ ଦତ୍ତ ଗୋଟାଏ ବଡ଼ ସରକାରୀ ପ୍ରତିଷ୍ଠାନରେ ଉଚ୍ଚପଦସ୍ଥ ଅଫିସର । ସାନ ପୁଅ ଲୁଇଭିଲ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ । ମଝିଆ ପୁଅ ସରୋଜ ବ୍ୟବସାୟ ପରିଚାଳନା କରେ । ଘନଶ୍ୟାମ ଦତ୍ତ ନାମ ସଂକୀର୍ତ୍ତନରେ ମଜ୍ଜିଥିଲେ ବି ଚାରିଆଡ଼େ ତାଙ୍କ ନଜର ଥାଏ । ସରୋଜ ଦତ୍ତ କଥା ଉଠେଇଲାରୁ ଘନଶ୍ୟାମ ଦତ୍ତ କହିଲେ, ''ସତେ ନାଁ କଣ ?''

କଥାର ସୁରରୁ ସରୋଜ ଟିକିଏ ଇତସ୍ତତ ହେଲା । ''ପ୍ରେସ୍‌ରେ କାମ ଧନ୍ଦା ଏତେ ବେଶୀ ହେଲାଣି ଯେ ଦୋକାନ ଖବର ଭଲଭାବେ ରଖିବାଟା ଅସମ୍ଭବ ହୋଇଯାଉଛି । ମୁଁ ଭାବୁଛି ଦୋକାନକୁ ବନ୍ଦକରି ଏ ପାଖରେ ଜୋର ଦେବାଟା ଭଲ ।''

''ସତେ ?''

''ଏତେ ବଡ଼ ଦୋକାନ, ବିକ୍ରୀ ବଟା ବି ଭଲ । ସେଇ ଅନୁପାତରେ ଲାଭ କିନ୍ତୁ ଆଦୌ ନାହିଁ ।''

''କେମିତି ହେବ ? ନଗଦ କାରବାର । ବିଶ୍ୱାସୀ ଭଲ ମଣିଷଟେ ନ ଥିଲେ ଲାଭ କେମିତି ହେବ ?''

''ଆଜିକାଲି ଭଲ ମଣିଷଟେ ପାଇବା ହଠାତ୍ କୋଉଠି ସମ୍ଭବ ?''

''ଦରକାର ହେଲେ ମୁଁ ବସିବି ।''

''କଣ ଯେ କହୁଛ ?''

''ମୁଁ ଯେତେଦିନ ବଞ୍ଚିଛି ସାମାନା ବୁଜ୍ଷଳ ଚଳିବ । ତା ପରେ ତୁମେମାନେ ଯାହା କରିବ, କରିବ ।''

ସରୋଜ ନୀରବ ରହିଲା ।

ଘନଶ୍ୟାମ ଦତ୍ତ କହିଲେ–''ଗୋଟାଏ କାମ କର, ଦିବାକର ଦାସଙ୍କୁ ଡାକି କ୍ୟାସ୍

ବାକ୍ସଟା ଧରେଇ ଦିଅ ।

''ସେ କଣ ଆସିବେ ?''

''ମୁଁ କହିଛି ବୋଲି କହିବ । ମୁଁ ଅନୁରୋଧ କରିଛି ବୋଲି କହିବ । କିଛି ଦିନ ଆସି ସେ କିଛି ଗୋଟାଏ ଠିକ୍ ଠାକ କରିଦେଇ ଚାଲିଯିବ ।''

ହରିସନ୍ ରୋଡ଼ ମେସ୍‌ର ଅଶୁଭ ପ୍ରଭାବରୁ ଦୂରେଇ ନଯାଇଥିଲେ ତାଙ୍କର ଯେ କଣ ହୋଇଥାନ୍ତା ଏକଥା ଭାବିଲେ ଏବେ ବି ଭୂଦେବ ଚୌଧୁରୀଙ୍କ ଦେହ ଥରିଉଠେ । ତାମୁଲୀ ହିଁ ତାଙ୍କୁ ଜୋର କରି ମିଶନାରୀ ହଷ୍ଟେଲକୁ ନେଇଗଲା । ଏ ଆଡ଼େ, ମେସ ପିଲାମାନଙ୍କ ସହ ଚୌଧୁରୀ ଏମିତି ମିଳିଯାଇଥିଲେ ଯେ ବିଖ୍ୟାତ ମିଶନାରୀ ହଷ୍ଟେଲରେ ସିଟ୍ ପାଇ ବି ସେ ଯିବେ କି ନ ଯିବେ ଭାବୁଥିଲେ ।

ଦିବାକର ହେରିକା ତାଙ୍କୁ ଜୋର ଜବରଦସ୍ତି ପଠାଇଦେଲେ । ''ଯା, ଯା ଏଇଠି ରହିଲେ ପଢାପଢି କିଛି ହେବନି । ଦେଖ୍, ମୋର ଆସି କେତେ ବର୍ଷ ହେଲା, ବି କମ୍ ପଢୁଛି । ଇଚ୍ଛା ଥିଲେ ବି ପଢାପଢି କରିବାକୁ ଉପାୟ ନାହିଁ । ଛଏ ଗୋଟେ ବଜାର । ଯାଅ, ଏମିତି ସୁଯୋଗ ଛାଡିବା ଉଚିତ ନୁହେଁ ।''

''ଦେଖିବା ।''

''ଦେଖା ଦେଖି କିଛି ନାହିଁ, ତାଛଡ଼ା ମେସ୍ ମ୍ୟାନେଜର୍ ଆପତ୍ତି କରୁଛି । ଆମ କୋଠରୀରେ ନିୟମତଃ ଚାରିଟା ସିଟ । ଅତିଥି ଭାବେ କେହି ରହିଲେ ଖରାପ ଭାବନ୍ତିନି । ଚାର୍ଜ ବେଶୀ ପାଆନ୍ତି । ମେସର ଲାଭ । ସତରେ ଯାଅ, ନଯିବାର କିଛି ମାନେ ନାହିଁ ।''

ମିଶନାରୀ ହଷ୍ଟେଲର ବାତାବରଣ ଅଲଗା । ସବୁ ପିଲାଙ୍କ ଘର ସ୍ୱଚ୍ଛଳ । ପାଠରେ ମଧ ଭଲ । ସିରିଣୀଙ୍କ ଘରର ପିଲା । ବହୁତ ବେଶୀ ବାହାରର ହୈଚୈରେ ମନ ଦିଅନ୍ତିନି । କାହା ସହିତ ଖରାପ ବ୍ୟବହାର କରନ୍ତିନି । କାହାକୁ ମୁଣ୍ଡରେ ବସେଇ ନାଚନ୍ତିନି । ଅଭିଭାବକ ଏମାନଙ୍କ ଭବିଷ୍ୟତ ବିଷୟରେ ନିଶ୍ଚିତ ହୋଇ ପାରିବେ । ଏଇ ପିଲାମାନେ ସତର୍କ । ତତ୍‌କ୍ଷଣାତ୍ ସୁଅରେ ଭାସି ଯାଆନ୍ତିନି । ନୂତନ ବୋଲି କୌଣସି ମତବାଦକୁ ହଠାତ ଗ୍ରହଣ କରିନିଅନ୍ତିନି । ସମାଜର ସୁଦୃଢ ସ୍ତମ୍ଭ ।

ପରେଶ ସେନ୍ ବୋଲି ଜଣେ ପିଲାର ମନ୍ତବ୍ୟକୁ ମନେପକେଇଲେ ସବୁ କଥା ହୃଦୟଙ୍ଗମ କରିହେବ । ଏଇ ବୟସରେ ଯା ହୁଏ । ଈଶ୍ୱର ଏବଂ ଅନ୍ୟାନ୍ୟ ଦେବଦେବୀ ଅଛନ୍ତି ନା ନାହାନ୍ତି ତାକୁ ନେଇ ପୋର୍ଟିକୋରେ ହଷ୍ଟେଲ୍‌ର କିଛି ପିଲାଙ୍କ ଭିତରେ ଉତ୍ତେଜିତ ଭାବେ ଆଲୋଚନା ଚାଲିଥିଲା । ପରେଶ ସେନ୍, ଲମ୍ବା ଚଉଡ଼ା, ଗମ୍ଭୀର ପ୍ରକୃତିର ପିଲା । ତାଙ୍କ ଉପର କ୍ଲାସରେ ପଢୁଥିବା ପିଲାମାନେ ମଧ ତାଙ୍କୁ ପରେଶ ଭାଇ ବୋଲି ଡ଼ାକୁଥିଲେ । ପରେଶ ଭାଇ କିଛି ମନ୍ତବ୍ୟ ନଦେଇ ଚୁପ୍ ଚାପ୍ କଥାସବୁ ଶୁଣୁଥିଲେ । ହଠାତ୍ ବିରାଜ ତାଙ୍କୁ ସାକ୍ଷୀ କଲା । ''ପରେଶ ଭାଇ ଖୁବ୍ ଚୁପ୍‌ଚାପ୍ ଦେଖୁଛି । ତୁମେ କଣ କହୁଛ ? ଆମେ ଯେ ଏଇ ଦେବାଦେବୀଙ୍କୁ ପୂଜା କରୁ, ଏଇ ଦେବାଦେବୀ ସତରେ ଅଛନ୍ତି ନା ? ଏସବୁ କଣ ମଣିଷ ସୃଷ୍ଟି କରିନାହାନ୍ତି ?''

ପରେଶ ଭାଇ ଅସ୍ୱସ୍ତି ବୋଧ କରିବାକୁ ଲାଗିଲେ । ଅଳ୍ପ ସମୟ ନୀରବ ରହି ଗମ୍ଭୀର ହୋଇ କହିଲେ, ''ଦେଖ ବିରାଜ୍, ଏ ବିଷୟରେ କିଛି ମନ୍ତବ୍ୟ ନଦେବାଟା ହିଁ ଭଲ । ମା କାଳୀଙ୍କ

କଥା ଭାବ । ନାହାନ୍ତି ଯଦି ନାହାଁନ୍ତି, କିନ୍ତୁ ଯଦି ଅଛନ୍ତି ? ସେତେବେଳେ ନାହାନ୍ତି ବୋଲି କହିଦେଲେ ରାଗରେ ଅଧିର ହେବନି ତ ? ଖାଲିଟାରେ ଛାଡ଼ି ଦେବ ? ଏସବୁ କଥାକୁ ନେଇ ଯୁକ୍ତି ତର୍କ ନକରିବାହିଁ ଭଲ ।''

ପରେଶ ଭାଇ ସମସ୍ତଙ୍କୁ ତୁ ତା କରି ଡ଼ାକୁଥିଲେ । ସେଇଟା କିଛି ନୁହେଁ । କଥା ହେଲା, ପରେଶ ଭାଇଙ୍କ ଏଇ କଥାଗୁଡ଼ା ସତରେ ବଡ଼ ମୂଲ୍ୟବାନ କଥା । ନିରାପତ୍ତା ବଜାୟ ରଖି ଚଳିବାଟା ହିଁ ପ୍ରଧାନ କଥା ।

ଏଇ ସମୟରେ ବାହାରର ସବୁ କଥାରୁ ଭୂଦେବ ଚୌଧୁରୀ ମୁକ୍ତ ହୋଇ ଯାଇଥିଲେ । ରାଜନୈତିକ ଆଉ ସାମାଜିକ ସବୁ ସମସ୍ୟାଠାରୁ ଦୂରରେ । ପୃଥିବୀଟା ଯେମିତି ତାକୁ ସେମିତି ଗ୍ରହଣ କରିବାକୁ ଇଚ୍ଛା ହୋଇଥିଲା । ସେମିତି ଦେଖିଲେ ପୃଥିବୀଟା କୋଉ ଏମିତି ଖରାପ୍ ଯେ ? ଏଇଠି ତାଙ୍କ ସ୍ଥାନ ଅଛି । ପଢ଼ାପଢ଼ି କରି ଭଲଭାବେ ପାସ୍ କରି ଗୋଟାଏ ଡ଼ିଗ୍ରୀ ହାସଲ କରିପାରିଲେ କିଛି କାମ ଧନ୍ଦା କରି ଯାହି ତାହି ଭାବେ ଭଲରେ ଚଳି ହୋଇଯିବ । ତାଙ୍କ ଦିଗନ୍ତ ସୀମିତ ହୋଇ ଆସିଥିଲା । ଏଇଟା ହିଁ ଭଲ, ସହଜ ସୁନ୍ଦର ଜୀବନ ।

ଏଇ ହଷ୍ଟେଲରେ ଥିଲାବେଳେ ଭୂଦେବ ଚୌଧୁରୀ ଚେସ୍ ଖେଳିବା ଶିଖିଲେ । ସରକାର ଅର୍ଥାତ୍ ହଷ୍ଟେଲ୍‌ର ମ୍ୟାନେଜର ତାଙ୍କୁ ଶିଖେଇଲେ । ଚେସ୍ ଖେଳିଲେ ଏତେ ମଗ୍ନ ହେବାକୁ ପଡ଼େ ଯେ ଅନ୍ୟ କିଛି ଚିନ୍ତା ମୁଣ୍ଡରେ ପଶେନି । ସଞ୍ଜରେ ସବୁଦିନ ସେ ସରକାର ବାବୁଙ୍କ ସହିତ ଚେସ୍ ଖେଳିବାକୁ ଆରମ୍ଭ କଲେ । ଚାଲ୍ ଦେବାବେଳେ ଭୁଲ କଲେ ସରକାର ବାବୁଙ୍କ ରାଗ ଖୁବ୍ ଚଢ଼ିଯାଏ ।

''କଣ କଲ ? ଘୋଡ଼ା ମୁହଁରେ ହାତୀଟା କାହିଁକି ଥୋଇଲ ? ଚେସ୍ ଖେଳ ଛାଡ଼ି ଦିଅ । ପ୍ରଥମ ବାର୍ଷିକ ଶ୍ରେଣୀର ଛାତ୍ର ସହ ଲୁଡୁ ଖେଳିବା ଆରମ୍ଭ କରିଦିଅ ।''

ଦଶ

ଦିବାକର ଦାସଙ୍କ ବି. କମ୍. ପରୀକ୍ଷା ପାସ୍ କରିବା ହେଲାନି । ସାଂପ୍ରଦାୟିକ ସଂଘର୍ଷରେ ଜଖମ ହେଲା ପରେ ଲୋକଟା କେମିତି ଅନ୍ତଃର୍ମୁଖୀ ହୋଇଗଲା । କୋଉ କାମରେ ଆଗ୍ରହ ନାହିଁ, କଥା ବାର୍ତ୍ତା ବିଶେଷ କରେନି । ଏଇ ସମୟରେ ଘନଶ୍ୟାମ ଦତ୍ତ ହିଁ ତାଙ୍କୁ କଲିକତାରେ ବହି ପ୍ରକାଶର ସଂପୂର୍ଣ୍ଣ ଦାୟିତ୍ୱ ଦେଇ ନିଶ୍ଚିତ ହେବାରୁ ଦାସେ ଯେମିତି ସବୁ ସମ୍ଭାଳି ନେଲେ । କାମଟା ତାଙ୍କ ମନକୁ ପାଇଲା ପରି କାମ । ଏଇଠି ସେ ମନ ପ୍ରାଣ ଦେଇ କାମରେ ଲାଗିଗଲେ ।

ଘନଶ୍ୟାମ ଦତ୍ତ ପୁରୁଣା କାଳିଆ ଲୋକ, ଅନୁଭୂତି ପ୍ରବଣତା ଛାଡ଼ି ପାରିନାହାନ୍ତି । ଗୌହାଟୀରେ ପ୍ରେସ୍ ଖୋଲି ସେ ଦିବାକର ଦାସଙ୍କୁ ପ୍ରେସ୍ କାମରେ ଲଗାଇଦେଲେ । ଦତ୍ତଙ୍କ ଦୂର ସମ୍ପର୍କୀୟ ଝିଆରୀ ଜଣଙ୍କ ସହିତ ଦାସଙ୍କୁ ବାହା କରେଇ ଦେଲେ । ବାହାଘର କଥା ଉଠିବାରୁ ଦାସେ ଲଜ୍ଜିତ ହୋଇଯାଇଥିଲେ । ଦତ୍ତ ଗଦଗଦ ହୋଇଥିଲେ ।

''ଲାଜ କଣ ? ବାହା ହେବା କଥା ଯଦି ଏବେ ବାହା ହୋଇ ପଡ଼ । ତିରିଶ ବର୍ଷ ହେବା ଆଗରୁ ବାହା ହୋଇଯିବା ଠିକ୍ । ଯଦି ମନ ନାହିଁ ତାହେଲେ ପୁରା ପୁରି ବାହା ନହୁଅ ।''

''ନାଇଁ, ମାନେ ଘର ଦୁଆର... ।''

''ରହୁନା । ସବୁ ଜଞ୍ଜାଳରୁ ମୁକ୍ତ ହୋଇ ବାହା ହେବି ବୋଲି ଚାହିଁଲେ ଅବସର ନେଲା ଆଗରୁ ବାହା ହେବାଟା କିନ୍ତୁ ଉଚିତ ହେବନାହିଁ ।''

''ନାଇଁ, ମାନେ... ।''

''ରଖ ତୁମର ମାନେ । ଏଇ ଝିଅଟି ଯଦି ପସନ୍ଦ ହେଉନି ତାହେଲେ ଆଉ ଗୋଟିଏ ଝିଅ ଦେଖିବା । ମୋର ସମ୍ପର୍କୀୟ ଝିଆରୀ ବୋଲି ମୁଁ କହୁନାହିଁ । ଝିଅଟିକୁ ମୁଁ ଜାଣେ ବୋଲି କହୁଛି । ଦେଖିବାକୁ ସୁନ୍ଦର , ସ୍ୱଭାବ ଚରିତ୍ର ବି ଭଲ ।''

ଗଜାନନ ରାୟଙ୍କୁ ଟିକିଏ ବେଶୀ ଜମି ଦରକାର । ନୂଆ କରି ଫୁଲ ପ୍ରତି ତାଙ୍କର ଆକର୍ଷଣ ହୋଇଛି । ବୟସ ବଢ଼ିବା ସାଙ୍ଗେ ସାଙ୍ଗେ ଜୀବନ ପ୍ରତି ସେ ନିସ୍ପୃହ ହୋଇ ଯାଇନାହାନ୍ତି । ନବ ବରାଙ୍କଠାରୁ ସେ ତିନି ବିଘା ଜମି କିଣି ଘର ତିଆରି କଲେ । ଗଜାନନ ରାୟଙ୍କ ଦେଖାଦେଖି ଦିବାକର ଦାସ ମଧ୍ୟ ସାମୟିକ ଉଚ୍ଛ୍ୱାସରେ ରାୟଙ୍କ ଘର ନିକଟରେ ଘର କରିବେ ବୋଲି ଅଳ୍ପ ଜମି କିଣିଲେ ।

ଘନଶ୍ୟାମ ଦତ୍ତ ପଚାରୁଥିଲେ,''ଏତେ ଦୂରରେ ? ନିକଟରେ ତ କେଉଁଠି ଅଳ୍ପ ଜମି କିଣିଥିଲେ ଭଲ ହୋଇଥାନ୍ତା ।'' ''ବାପ୍‌ରେ, ଯୋଉ ଦର, ଏଇଠି କେମିତି କିଣି ହେବ ?''

''ତୁମକୁ ମୁଁ କହୁନାହିଁ ନା, ତୁମର କିଛି ଗୋଟାଏ ବ୍ୟବସ୍ଥା ନକରି ମୁଁ ଯାଉନି ।''

''ଆପଣ ଏସବୁକୁ ନେଇ ଚିନ୍ତା କରିବେନି । ବୁଢ଼ା ବୁଢ଼ୀ ଦି'ଜଣ କୌଣସି ମତେ ଚଳିଯିବୁ ।'' ଘନଶ୍ୟାମ ଦତ୍ତ କହିଲେ, ''ତୁମକୁ ପେନସନ୍ ଦେବା କଥା ଭାବୁଥିଲି । ସେଇଟା କରୁନି, ମୁଁ ମଲା ପରେ ସେମାନେ ଯଦି ବନ୍ଦ କରିଦିଅନ୍ତି ତୁମେ କୋଉଠିକି ମାମଲା କରିବାକୁ ଯିବ ? ତୁମକୁ ଯାହା ଦେବା କଥା ଏବେ ଦେଇଦେବି । ଫିକ୍ସ ଡ଼ିପୋଜିଟ୍ କରିଦେବ । ମୋର ବୟସ ହେଲାଣି, ଦେହ ପା କଥା କିଛି କହି ହେବନି ।''

ସକାଳେ ବର୍ଷା ହୋଇଥିଲା । ଭୂଦେବ ଚୌଧୁରୀଙ୍କ ଘରକୁ ପଶିଲା ବେଳେ ଗେଟ୍ ସାମନାରେ ଗଜାନନ ରାୟ ଝଟଡ଼ା ଖାଉ ଖାଉ ନିଜକୁ ସମ୍ଭାଳି ନେଲେ । ଚୌଧୁରୀ ବାରଣ୍ଡାରେ ବସିଥିଲେ । ଉଦ୍‌ବିଗ୍ନ ହୋଇ କହିଲେ— ''ଦେଖିଚାହିଁ ।''

ରାୟ କୃତ୍ରିମ ରାଗ ଦେଖାଇ କହିଲେ—''କଣ ଏଠି କରିଛ ହେ ? ଗେଟ୍ ଆଗଟାରେ ଏମିତି ଖସଡ଼ା କାହିଁକି କରିଛ । ମଣିଷକୁ ଝଟଡ଼ା ଖୁଆଇବାକୁ ଚାହୁଁଛ ?''

''ବୃଦ୍ଧ ବୟସରେ ତୁମର କାହିଁକି ପଦସ୍ଖଳନ ହେଉଛି ଯେ... ?'' ଗଜାନନ ରାୟ ଚୌଧୁରୀଙ୍କ ପାଖକୁ ପ୍ରାୟ ଆସନ୍ତି । ଅତୀତରେ ବହୁତ କଠିନ ସଂଗ୍ରାମ କରିଛନ୍ତି । ମେଧାବୀ ଛାତ୍ର ଥିଲେ । ଭାଗ୍ୟ ଖରାପ, ମାଟ୍ରିକ ପରୀକ୍ଷା ଆଗରୁ ଟାଇଫଏଡ଼୍ ହେଲା । ସେମିତି ଅବସ୍ଥାରେ ପରୀକ୍ଷା ଦେଇ ପ୍ରଥମ ଶ୍ରେଣୀ ପାଇଲେ ବି ଅଳ୍ପ ନମ୍ବର ପାଇଁ ବୃତ୍ତି ପାଇଲେନି । ଢ଼ାକାର ଆମାସାନୁଲ୍ଲାରେ ଓଭରସିଅର ପଢ଼ିବାକୁ ଗଲେ । ସେଠାରେ ଟଙ୍କା ପଇସା ଅଭାବରୁ ପାଠ ପଢ଼ା ଛାଡ଼ିଦେଲେ । ସମ୍ପର୍କୀୟ ମାମୁଁଙ୍କ ସହିତ ଠିକା କାମ ଆରମ୍ଭ କଲେ । କାମଧନ୍ଦା ଗଜାନନ ରାୟ

ଦେଖନ୍ତି । ପଡ଼ିଆ, ଜଙ୍ଗଲ, ରାସ୍ତା କଡ଼ରେ ତ୍ରିପାଲରେ ତମ୍ବୁଟାଣି ସେ ରହୁଥାନ୍ତି । ରାୟ ଦରମା ପାଇବେ ନା କାମର ଲାଭ ଅଂଶ ପାଇବେ କିଛି ଠିକ୍ ଠାକ୍ ହୋଇନାହିଁ । ମାମୁଁ କାମଧନ୍ଦା ଦେଖିବାକୁ ଟଙ୍କା ପଇସା ଦିଅନ୍ତି । ସେଇଥିରେ ଗଜାନନ ରାୟ ଚଳି ଯାଆନ୍ତି । ମାମୁଁ ଠିକା କାମରେ ମନ ନଦେଇ ଧୁବୁଲୀରେ ଜମି କିଣି ଘର ତିଆରି କରି ଭଡ଼ା ଦେବାକୁ ଆରମ୍ଭ କଲେ । ସ୍ଥାୟୀ ସମ୍ପତ୍ତି କରିବାକୁ ଇଚ୍ଛା । ପଚାଶ ଦଶକରେ ଠିକା କାମ କମିଗଲା । ମାମୁଁ ଟଙ୍କା ପଇସା ଦେବାରେ ଏପଟସେପଟ କଲେ । ତିରିଶ ଟଙ୍କା ଦରକାର ଥିଲେ କୋଡ଼ିଏ ଟଙ୍କା ଦିଅନ୍ତି, ସେତକ ମଧ୍ୟ ବିରକ୍ତ ହୋଇ । କାମ କରୁଥିବା ଲୋକଙ୍କୁ ମଜୁରୀ ଦେଲା ପରେ ରାୟଙ୍କ ପାଇଁ ନଥାଏ । ତାଙ୍କର ସଂସାର ଚଳେଇବା କଷ୍ଟ ହେଲା । ଯା ଭିତରେ ସେ ବାହା ହୋଇଛନ୍ତି । ପୁଅ ଝିଅ ମଧ୍ୟ ହୋଇଛି । କାମଧନ୍ଦା ଯେତେଦିନ ଭଲ ଚାଲିଥିଲା, ତାଙ୍କ ଘର ସଂସାର ଚଳୁଥିଲା । ଏବେ ତାଙ୍କର ମୁସ୍କିଲ ହେଲା । ମାମୁଁ କହିଲେ, ''ନାଇଁ, ଠିକା କାମ ଆଉ କରିହବନି । ଛୋଟ ଲୋକଙ୍କ କାରବାର । ବୁଢ଼ା ବୟସରେ ଏସବୁ ପାରିବିନି । ଘର ଭଡ଼ାରୁ ଏ ବୟସରେ କୌଣସି ମତେ ଚଳି ଯାଇ ହେବ । ତୁ କଣ କରିବୁ ଭାବୁଛୁ ?''

''ଦେଖେ, ହିସାବ ପତ୍ର କରି ମୁଁ କଣ ପାଇବି....''ମାମୁଁ ବାକ୍ୟଟି ଶେଷ କରିବାକୁ ଦେଲେନି । ବସିଥିଲେ, ତତ୍‌କ୍ଷଣାତ୍ ଡ୍ରେଇଁ ପଡ଼ିଲା ପରି ଠିଆ ହୋଇଗଲେ । ''କଣ ପାଇବୁ ? ପାଇବୁ କଣ ? ବାହାଘର ବେଳେ କେତେ ଟଙ୍କା ନେଇଛୁ, ମନେ ଅଛି ? ତୋ ବଡ଼ ପୁଅକୁ ଡ଼ିପ୍‌ଥେରିଆ ହେଲାବେଳେ କେତେ ଟଙ୍କା ଖର୍ଚ୍ଚ କରିଥିଲୁ ? ହିସାବ ଅଛି ? ତୋ ହାତରେ ଟଙ୍କା ପଇସା ସବୁ ଥିଲା । ତୁ ହିଁ ଖର୍ଚ୍ଚ କରିଛୁ । ମନଇଚ୍ଛା ଟଙ୍କା ନେଇଛୁ । ମୁଁ ସବୁ ଜାଣି ବି କିଛି କହିନି । ହିସାବ ଦେଖେଇବାକୁ ଆସିଛୁ । କାଗଜ ପତ୍ର ଆଣ, ତୁ ହିସାବ କର ।''

''ନାଇଁ, ମାନେ, ଲାଭରୁ ମୋ ଭାଗ. .''

''ଭାଗ ? କୋଉ ଭାଗ ? ଭାଗୀଦାର ମୋର କାହିଁକି ଦରକାର ? ତୋତେ ଭାଗ ଦେବାକୁ ମୁଁ କହିଛି ?''

''କିଛି ଗୋଟାଏ ହେବ ବୋଲି ତ କହିଥିଲ ?''

''ଠିକ୍ କହିଛି । ଖାଇବାକୁ ନପାଇ ଘରଟା ଭିତରେ ମରିବାକୁ ଯାଉଥିଲୁ । ଦୟାକରି କାମ ଦେଇଥିଲି । ମନ ଇଚ୍ଛା ବି ନିଜ ହାତରେ ଖର୍ଚ୍ଚ କରିଛୁ । ଚକ୍ଷୁ ଲଜ୍ଜାରେ କିଛି କହିନି । ଭାଗ ? କୋଉ ଭାଗ ? ଭାଗ କୋଉଠି ଅଛି ?'' ଟଙ୍କା ପଇସା କଥା ଉଠିଲେ ମାମୁଁଙ୍କ ମୁଣ୍ଡ ଗରମ ହୋଇଯାଏ । ଚିଲ୍ଲା ଚିଲ୍ଲି କରି ହୁଲସ୍ଥୁଲ କରି ଦିଅନ୍ତି । ପଡ଼ାଖଣ୍ଡକର ସବୁ ଲୋକ ଆସି ଜମା ହୋଇଯାଆନ୍ତି ।

''ଲୁଟପାଟ କରି ଖାଇଲୁ, ମୋ ବ୍ୟବସାୟଟା ଉଠିଗଲା । ଦୁଧ ଦେଇ ନାଗ ସାପ ପାଳିଥିଲି । ମୋର ସର୍ବନାଶ କରିଦେଲୁ । ଖବରଦାର୍, ମୋର ଘର ମାଡ଼ିବୁ ନାହିଁ । କିଛି ଭଲ ହେବନି । ଯା, ମୋ ନାଆଁରେ କୋର୍ଟରେ କେସ୍ ଦାଏର କର । କେସ୍ ବେଶ୍ କରି ଆଦାୟ କର, ଯା ।'' ୟା ପରେ ଗଜାନନ ରାୟଙ୍କୁ ଗାଳି ଗୁଲଜ କରି ମାମୁଁ–ଭଣଜା ସଂପର୍କକୁ ଛିନ୍ନ କରିଦେଲେ ।

କୋର୍ଟ କଚେରୀକୁ ଯିବା ପ୍ରଶ୍ନ ଉଠୁନି । ଲେଖା ପଢ଼ା କିଛି ହୋଇନି । ମାମୁଁଙ୍କୁ

ମାରିଦେବା କଥା ରାୟ ଭାବିଲେ । ଧୂବୁଡୀର ଘରଗୁଡ଼ାକରେ ଗୋଟିଏ ପଟରୁ ନିଆଁ ଲଗେଇଦେବା ପାଇଁ ଭାବିଲେ । ଉତ୍ତପ୍ତ ମସ୍ତିଷ୍କର ବିକୃତ କଳ୍ପନା । ମାମୁଁ ଭାବନ୍ତି ଗଜାନନ ରାୟ ତାଙ୍କୁ ଠକିଲେ, ଗଜାନନ ଭାବେ ମାମୁଁ ତାଙ୍କୁ ଠକିଲେ ।

ଏଆଡ଼େ ରାୟଙ୍କ ଗାଆଣି ଗାଇଲେ ସରିବନି । ସେ ସମୟରେ ଠିକା କାମଧନ୍ଦା କିଛି ନାହିଁ । ଛୋଟ ଛୋଟ କାମଧନ୍ଦା ପାଇଁ ଠିକାଦାରମାନଙ୍କ ଭିତରେ ମନ ଫଟା ଫଟି । ଅଫିସରେ ଜଣାଶୁଣା ଅଛି. ଛୋଟ ମୋଟ କାମ ପାଇ ପାରିଥାନ୍ତେ, କିନ୍ତୁ କାମଟିକୁ ରଖିବାକୁ ସମୟ ନାହିଁ । ଏଣେ ହାତରେ କାଣି କଉଡ଼ିଟିଏ ବି ନାହିଁ । ମାମୁଁଙ୍କ ସହିତ କାମ ଧନ୍ଦା କରୁଥିଲା ବେଳେ ସେ କମ ଟଙ୍କା ପଇସା ରୋଜଗାର କରୁନଥିଲେ । ମନଇଚ୍ଛା ଖର୍ଚ୍ଚ କରିଛନ୍ତି । ସଞ୍ଚୟ କରିବା ପାଇଁ କେବେ ଭାବି ନାହାଁନ୍ତି । ଚଳୁଛି । ଚଳିବ । ପ୍ରଥମେ ପ୍ରଥମେ ରାୟ ଯା'ଠୁ ଦୁଇଶ ତା'ଠାରୁ ତିନିଶ ଧାର ଉଧାର କରି ଚଳିଲେ । ସାଇକେଲ, ଘଡ଼ି, ରେଡ଼ିଓ ବିକ୍ରୀ ଶେଷ । ପରେ, ଦଶ ଟଙ୍କା, ପାଞ୍ଚ ଟଙ୍କା, ଦୁଇ ଟଙ୍କା ବି ଧାର କରିବାକୁ ଲାଗିଲେ । ମହେନ୍ଦ୍ର ଠିକାଦାର ଗଜାନନ ରାୟଙ୍କ ବନ୍ଧୁ । ଯା ଭିତରେ ଗଜାନନ ତାଙ୍କ ଠାରୁ ଥରେ ଦୁଇଶ ଆଉଥରେ ପଚାଶ ଟଙ୍କା ଧାର କରି ସାରିଲେଣି । ପୁଣି ସେ ମହେନ୍ଦ୍ର ଠିକାଦାରଙ୍କ ପାଖକୁ ଗଲେ ।

"ଦଶ ଟଙ୍କା ଅନ୍ତତଃ ଦିଅ । କାଲିଠାରୁ ଘରେ ସମସ୍ତେ ଅଖିଆ ଅଛନ୍ତି । ତୁମ ପାଖରେ କ'ଣ ଆଉ ଲୁଚେଇବି ?"

ମହେନ୍ଦ୍ର ଠିକାଦାର କିଛି କହିଲେନି । ସ୍ଥିର ଦୃଷ୍ଟିରେ ଗଜାନନ ରାୟଙ୍କ ରୁକ୍ଷ ଚେହେରା ଆଡ଼କୁ ଅନାଇ ରହିଥିଲେ । ଚେହେରା ଆଉ ପୋଷାକରୁ ଦାରିଦ୍ର୍ୟ ସ୍ପଷ୍ଟ ରୂପେ ଫୁଟି ଦିଶୁଛି । ଗଜାନନ କହିଲେ, "ପାଞ୍ଚ ଟଙ୍କା ଅନ୍ତତଃ ଦିଅ. ଅଳ୍ପ କିଛି ଡ଼ାଲିଚାଉଳ ନେଇ ପିଲାମାନଙ୍କୁ ଖୁଆଇବି ।" ମହେନ୍ଦ୍ର ଠିକାଦାର ତଥାପି ନିରୁତ୍ତର; ଗଜାନନ ପୁରାପୁରି ଆତ୍ମ ସଂଯମ ହରେଇ ବସିଲେ । ଥପ କରି ସେ ମହେନ୍ଦ୍ରଙ୍କ ଡ଼ାହାଣ ହାତକୁ ଧରି ପକେଇଲେ ।

"ଦୁଇ ଟଙ୍କା ଦିଅ । ସେରେ ଚାଉଳ ନେଇଯିବି ।" ମହେନ୍ଦ୍ର ଠିକାଦାର ହାତକୁ କାଢ଼ିନେଇ ଅଦ୍ଭୁତ ଭାବେ ଗଜାନନ ରାୟଙ୍କ ଆଡ଼କୁ ଚାହିଁଲେ । "କାମ କରୁନା କାହିଁକି ? ଭିକ ମାଗି କେତେ ଦିନ ଚଳିବ ? ଆଜି ମୋ ଠାରୁ ଟଙ୍କା ଦି'ଟା ନେଇ ପିଲାପିଲିଙ୍କୁ ଖୋଇବ, କାଲି କ'ଣ କରିବ ?"

"କାମଧନ୍ଦା କୋଉଠି ପାଇବି ? ଦେଉନା, ତୁମେ ହିଁ ଦିଅ । ତୁମର କିଛି ଜାଗାରେ କାମ ଚାଲିଛି ?"

"ଶିଳ୍ପ କେନ୍ଦ୍ରରେ ଘରଟା କରୁଛି । ପଥର ଗୋଡ଼ି ଦେଖାଦେଖି କରିବାକୁ ଲୋକ ଦରକାର, କରିବ ?" ଗଜାନନ ରାୟ ସ୍ତମ୍ଭିତ ହୋଇଗଲେ ।

"କ'ଣ କହିଲ ? କୁଲି କାମ କରିବାକୁ କହିଲ ? ଟଙ୍କା ଦି' ଟା ମାଗୁଛି ବୋଲି ଏତେ ବଡ଼ ଅପମାନ ?"

"ଭିକ ମାଗିବା ଠାରୁ କାମ ଧନ୍ଦା କରିବାରେ ଅପମାନ କମ ।"

"ଠିକ୍ ଅଛି । ସେୟା କରିବି ।"

"ଦଶ ଟଙ୍କା ନିଅ । କାଲି ସକାଳେ କାମକୁ ଯିବ ।"

"ନାଇଁ, ଦରକାର ନାହିଁ । ଆଜି ଠାରୁ କାମ କରିବି । କାମ ଶେଷ କରି ସଞ୍ଜରେ ମଜୁରୀ ଟଙ୍କା ନେବି ।" ସେଇଠୁ ଆରମ୍ଭ । ତାହା ହିଁ ନୂଆ ଜୀବନର ଥାପନା । ଗଜାନନ ରାୟ ଏଇ ନିର୍ମମ ସତ୍ୟକୁ ସ୍ପଷ୍ଟ ଭାବେ ଉପଲବ୍ଧି କଲେ । ଭିକ ନୁହେଁ ତ ଆଉ କ'ଣ ? ନିଜ ପ୍ରତି ସହାନୁଭୂତିରେ ତାଙ୍କ ଆଖିରୁ ଲୁହ ଦି'ଟୋପା ଗଡ଼ି ପଡ଼ିଲା । ପ୍ରାଣପଣେ ଚେଷ୍ଟା କରି ଆଖି ଲୁହକୁ ରୋକି ଦେଲେ ।

ତାଙ୍କ ମନ, ଦେହ ଆଉ ଶରୀରର ମାଂସପେଶୀମାନେ ପ୍ରତିବାଦ କରି ଉଠିଲେ । ତଥାପି ଗଜାନନ ରାୟ ଶୋଭେଲ୍ ମାରି ଚାଲିଥିଲେ । ପାପୁଲୀରେ ପାଣି ଫୁଟୁକା ହୋଇଗଲା । ଫୁଟୁକା ଗୁଡ଼ା ଫାଟି ଯିବାରୁ ରକ୍ତ ବାହାରିଲା । ତୀବ୍ର ଯନ୍ତ୍ରଣାକୁ ଖାତିର ନକରି ସେ କାମ କରିଗଲେ । ପାଣି ପରି ଝାଳ ବୋହି ଯାଉଥିଲା । ଅସମ୍ଭବ କ୍ଲାନ୍ତିରେ ଅନ୍ଧାର ଦେଖା ଯାଉଥିଲା । ପ୍ରତିଥର ଶୋଭେଲଟାକୁ ଉଠେଇ ଧରିଲାବେଳେ ତାଙ୍କର ସାରା ଦେହଟା ଭୀଷଣ ଯନ୍ତ୍ରଣାରେ ଆର୍ତ୍ତନାଦ କରି ଉଠୁଥିଲା । ତଥାପି ସେ ଛାଡ଼ିଲେନି । ମହେନ୍ଦ୍ର ଠିକାଦାର ବିସ୍ମିତ ହୋଇ କିଛି ସମୟ ତାଙ୍କ ଆଡ଼କୁ ଅନାଇ କିଛି ନ କହି ନୀରବରେ ଦୂରେଇ ଗଲେ ।

ଅଖିଳ ଭାରତୀୟ ଶିଳ୍ପ କେନ୍ଦ୍ରର ପ୍ରେସିଡ଼େଣ୍ଟ କମଳା ଆସ୍ତାନା ଧୂବୁରୀକୁ ଆସିଥିଲେ । ସ୍ଥାନୀୟ ଶାଖା କେନ୍ଦ୍ରର ପ୍ରେସିଡ଼େଣ୍ଟ ଦୀପ୍ତି କରୁଆଙ୍କୁ ସାଙ୍ଗରେ ନେଇ ହଠାତ ସେ ଥରେ ଶାଖା କେନ୍ଦ୍ରଟାର କାମ ଦେଖିବାକୁ ଆସିଥିଲେ । ମହେନ୍ଦ୍ର ଠିକାଦାର୍ କାମ ଜାଗାରେ ଉପସ୍ଥିତ ନ ଥିଲେ । ଗଜାନନ ଶୁଦ୍ଧ ଇଂରାଜୀରେ ନୂଆ ଘରଟାର ନିର୍ମାଣ କାର୍ଯ୍ୟ ବିଷୟରେ ସବୁକଥା ତାଙ୍କୁ ବୁଝେଇ ଦେଲେ । ଜଣେ ସାଧାରଣ ମଜଦୁର ମୁହଁରୁ ଏତେ ଶୁଦ୍ଧ ଇଂରାଜୀ ଶୁଣି, ଆଉ କାମ ବିଷୟରେ ଏତେ ନିର୍ଭୁଲ ଧାରଣା ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲେ । ତାଙ୍କ ମନରେ ଗଭୀର ଛାପ ପଡ଼ିଥିଲା ।

ପରଦିନ ପୁଣି ଆସି ଗଜାନନ ରାୟଙ୍କୁ ଦେଖା କରି ତାଙ୍କୁ ସବୁକଥା ପଚାରିଥିଲେ । ସେତେବେଳେ ତାଙ୍କୁ ଗୋଟିଏ ଦରଖାସ୍ତ ଦେବାକୁ କହିଲେ । ଗୌହାଟୀ କେନ୍ଦ୍ରରେ କାମ ବ୍ୟବସ୍ଥା କରି ସେ ଗଜାନନ ରାୟଙ୍କୁ ଗୌହାଟୀ ପଠେଇ ଦେଲେ ।

ସେଠୁ ଆରମ୍ଭ, ସେଇଠୁ ହିଁ ନୂଆ ଜୀବନର ଥାପନା । ଶିଳ୍ପ ପ୍ରତି ଯେଉଁ ଅନୁରାଗ ସୁପ୍ତ ହୋଇ ରହିଥିଲା, ସେଇ ଅନୁରାଗ ଅନୁକୂଳ ବାତାବରଣରେ ବିକଶିତ ହୋଇଗଲା । କାମ କରି ବେଠି ଖଟୁଛନ୍ତି ବୋଲି ତାଙ୍କୁ ଲାଗିଲାନି । ବରଂ କାମ କରି ସେ ଅକୃତ୍ରିମ ଆନନ୍ଦ ପାଇଲେ । ତାଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ଆସିଲା । ସେ ନିଜକୁ ଜଣେ ସୁଖୀ ମଣିଷ ହିସାବରେ ଗଣ୍ୟ କରିବା ଅବସ୍ଥା ଆସିଯାଇଥିଲା । ଧୀରେ ଧୀରେ କାମରେ ତାଙ୍କର ଉନ୍ନତି ହେଲା ।

ସେ ଅଳ୍ପଦିନ ତଳେ ଆସାମ ଶିଳ୍ପ କେନ୍ଦ୍ରର ସେକ୍ରେଟେରୀ ପଦରୁ ଅବସର ନେଇଛନ୍ତି । ଗଜାନନ ରାୟଙ୍କ ଶାନ୍ତିନଗରର ଘରଟା ଗୋଟିଏ ଶିଳ୍ପ ସଂଗ୍ରହାଳୟ ବୋଲି କହିହେବ । ବିଶେଷ କରି ତାଙ୍କର ଗୋଆଲପଡ଼ିଆ ଲୋକ ସଂସ୍କୃତିର ସଂଗ୍ରହ, ଏକମାତ୍ର ଅକୃତ୍ରିମ ତଥା ପ୍ରାମାଣ୍ୟ ସଂଗ୍ରହ । ଘର ଚାରିପଟେ ଯେ କେତେ ଫୁଲ ଗଛ ଲଗେଇଛନ୍ତି ତାର ହିସାବ ନାହିଁ । ଦେଶ ବିଦେଶର ଅଜସ୍ର ପ୍ରକାରର ଫୁଲ । ଅଜସ୍ର ଧରଣର ଦୁଷ୍ପ୍ରାପ୍ୟ ଗଛଲତା । ଏଇ କେତେଟା ବର୍ଷ ଭିତରେ ଘରଟା ଗୋଟିଏ ଆଶ୍ରମ ପରି ହୋଇଯାଇଛି ।

ଏଗାର

ସକାଳେ ଗାଧୁଆଘରେ ବାଲ୍ଟିରେ ପାଣି ପଡ଼ିବା ଶବ୍ଦ ଶୁଣି ଭୂଦେବ ଚୌଧୁରୀଙ୍କ ମନଟା ଖୁସି ହୋଇଗଲା । ତଥାପି ମନ୍ଦ ରକ୍ଷା । ଗତକାଲି ସାରାଦିନ ପାଣି ଆସିନଥିଲା । ଏଆଡ଼େ ପାଣି ଯୋଗାଣ ବ୍ୟବସ୍ଥା ଏବେ ବି ତ୍ରୁଟିପୂର୍ଣ୍ଣ ହୋଇ ରହିଛି ।

ଜନତା ଷ୍ଟୋଭ୍‌ରେ ପାଣି ଗରମ କରି ଗୋଟେ କପ୍ ଚା କରିବାକୁ ଯାଇ ଦେଖିଲେ ଡ଼ବାରେ ଟିକିଏ ହେଲେ ବି ଚା ଗୁଣ୍ଡ ନାହିଁ । କାଲି ସରି ଯାଇଥିଲା । ଆଣିବାକୁ ମନେ ନ ଥିଲା । କଳରେ ପାଣି ଆସୁଥିବା ଦେଖି ମନଟା ଯାହା ଭଲ ଲାଗୁଥିଲା, ପୁଣି ବିତୃଷ୍ଣାରେ ଭରିଗଲା । ସକାଳେ ଚା କପେ ନ ପିଇଲେ ତାଙ୍କୁ ଭଲ ଲାଗେନି । ହୁଏତ ତିନି ଛକ ଦୋକାନରୁ ଚା ଗୁଣ୍ଡ କିଣି ଆଣିବାକୁ ପଡ଼ିବ, ନ ହେଲେ ସେଇଠି ଷୈଲେନ୍ ଦୋକାନରେ ବସି ଚା କପେ ପିଇବାକୁ ହେବ । ଆଜିକାଲି ରେଷ୍ଟୋରାଁରେ ବସି ଚା ପିଇବାକୁ ସେ ଅସ୍ୱସ୍ତି ବୋଧ କରନ୍ତି । ଚାରିଆଡ଼େ ଭିଡ଼ ହୋଇଥିବା ଟୋକାଗୁଡ଼ାକ ଭିତରେ ନିଜ ଉପସ୍ଥିତି ଭାରି ବିସଦୃଶ ଭଳି ଲାଗେ । ଟୋକାମାନେ ବି ବିରକ୍ତ ହୁଅନ୍ତି । ଏ ବୁଢ଼ାଟା ପୁଣି ଏଠି କାହିଁକି ?

ତାଙ୍କର ରାଗ ହୁଏ । ରେଷ୍ଟୋରାଁରେ ଖାଇବେନି, ସିଟି ବସ୍‌ରେ ଉଠିବେନି, କଣ ସେ କରିବେ ? ଉଇହୁଙ୍କା ଭିତରେ ପଶି ଧ୍ୟାନମଗ୍ନ ହୋଇ ରହିବେ ?

ଚୌଧୁରୀଙ୍କ ମନ ବିତୃଷ୍ଣାରେ ଭରି ଉଠିଥିଲା । ଗାଁରେ କାହା ଘରେ ବାହାଘର ହେଲେ, ନାମ-ସଂକୀର୍ତ୍ତନ ହେଲେ ଯୋଗେନକୁ ପଠେଇବାକୁ ହେବ । ନଯିବା କଥା କହିଲେ ମୁହଁଟାକୁ ହାଣ୍ଡି ପରି କରି ରହିବ । କାଲି ଆସିବାର ଥିଲା । କିଛି ଗୋଟାଏ ଆଳ ଦେଖେଇବ । ମା ଦେହ ଭଲ ନାହିଁ, ବସ୍ ପାଇଲାନି । ବୁଢ଼ା ମଣିଷଟେ ଏକୁଟିଆ ପଡ଼ି ରହିଛି, ଟିକିଏ ବିବେଚନା ନାହିଁ । ଏତେ ବିଚାର ବିବେଚନା କରିବା କ୍ଷମତା ଥିଲେ ଅନ୍ୟ ଲୋକଙ୍କ ଘରେ ଅଇଁଠା ବାସନ ଧୋଇ ଖାଆନ୍ତା କାହିଁକି ?

ଦି'ହାତରେ ପ୍ୟାଣ୍ଟଟାକୁ ଧରି ଗୋଟାଏ ଗୋଡ଼ ପୁରେଇବାକୁ ଯେତିକି ସମୟ ଗୋଟିଏ ଗୋଡ଼ରେ ଠିଆ ହୋଇ ରହିବାକୁ ପଡ଼େ, ସେତିକି ସମୟ ଭିତରେ ଭୂଦେବ ଚୌଧୁରୀ କେବେ କେବେ ପଡ଼ିଯିବେ ଯେମିତି ଅନୁଭବ କରନ୍ତି । ପ୍ୟାଣ୍ଟରୁ ହାତ ଗୋଟାଏ ଉଠେଇ ସାଙ୍ଗେ ସାଙ୍ଗେ କାନ୍ଥରେ କିମ୍ବା ଅନ୍ୟ କେଉଠି ଭରା ଦେବାକୁ ପଡ଼େ । ସତକଥା, ସେ ବହୁତ ବୁଢ଼ା ହୋଇଗଲେଣି । ଆଜିକାଲି ବୁଢ଼ା ହେବା ଗୌରବ କଥା ନୁହେଁ । ଏଇ ଦେଶଟା ଆମେରିକା ପରି ହୋଇଗଲାଣି । ବୁଢ଼ାମାନଙ୍କୁ ଅପଦାର୍ଥ ଓ ମୂର୍ଖ ବୋଲି ଗଣ୍ୟ କରାହୁଏ । ଆଗେ ବୁଢ଼ା ଲୋକଙ୍କୁ ସମସ୍ତେ ଭକ୍ତି କରୁଥିଲେ । ସେମାନଙ୍କୁ ଅଭିଜ୍ଞ ଆଉ ଜ୍ଞାନୀ ବୋଲି ଧରାଯାଉଥିଲା । କଥାରେ ଅଛି-ବଡ଼ ବଡୁଆଙ୍କଠୁ ବୁଦ୍ଧି ନବ ।

ପୃଥିବୀଟା ଯେତେବେଳେ ଧୀରେ ଧୀରେ ଅଗ୍ରଗତି କରେ ସେତେବେଳେ ଲୋକେ ଏତେ ଶୀଘ୍ର ନୂଆ ପରିବେଶ ପରିସ୍ଥିତି ସହ ସଂସ୍ପର୍ଶଶୂନ୍ୟ ହୋଇ ଯାଆନ୍ତିନି । ଏବେ ପରିସ୍ଥିତି ଅଲଗା । ତା ଉପରେ ବୁଢ଼ା ବୁଢ଼ା ରାଜନୈତିକ ନେତାମାନେ ସେମାନଙ୍କର ଲୋଭ, ଲାଳସାର ନଗ୍ନ

ପରିପ୍ରକାଶ ଦେଖାଇ ବୃଦ୍ଧା ଲୋକଙ୍କ ପ୍ରତି ଲୋକଙ୍କର ଯେତିକି ସମ୍ମାନ ଥିଲା ସେତକ ନଷ୍ଟ କରିଛନ୍ତି । ଥିରୁ ଥିରୁ ଅବସ୍ଥାରେ କି ଲୋଲୁପ ଦୃଷ୍ଟି, କି ଆକ୍ରୋଶ ।

ଭୂଦେବ ଚୌଧୁରୀଙ୍କ ଶଶୀ ଦାଦାଙ୍କ କଥା ମନେ ପଡ଼ିଲା । ଏହି ପୃଥିବୀରେ ରହି ବି ପୃଥିବୀର ଧୂଳି ମାଟିରୁ ଦୂରରେ । ନିର୍ଲୋଭ, ନିରାସକ୍ତ, ପ୍ରାୟ ଋଷି ପରି । ଅନ୍ତତଃ ଋଷିମାନେ ଏମିତି ହେବା ଉଚିତ୍ । କାହା ଉପରେ ରାଗ ନାହିଁ, କୋଉ କଥାରେ ବିରକ୍ତି ନାହିଁ । ସମସ୍ତଙ୍କ ଦୁର୍ବଳତାକୁ ସହାନୁଭୂତି ଦୃଷ୍ଟିରେ ଦେଖନ୍ତି । ଏ ସବୁ କୋଉଠୁ ଆସେ ?

ଚତୁଷ୍ପାଠୀ (ଟଉପାଢ଼ୀ)ର ଶିକ୍ଷକ ହେଲେ ବି ଶଶୀ ଦାଦା ନିଜ ଚେଷ୍ଟାରେ ଇଂରାଜୀ ଶିଖିଥିଲେ । ଭୂଦେବ ଚୌଧୁରୀ ଦାଦା ବୋଲି ଡ଼ାକୁଥିଲେ ବି ଶଶୀ ବାବାଙ୍କ ସହ ପାରିବାରିକ ସଂପର୍କ ନଥିଲା । ଶଶୀ ଦାଦାଙ୍କ ସାଙ୍ଗିଆ ଗୋସ୍ୱାମୀ । ସେ କାଳରେ ବୟସରେ ବଡ଼ ହେଲେ କିଛି ଗୋଟାଏ ସମ୍ବନ୍ଧ ଧରି ସଂବୋଧନ କରିବା ପ୍ରଥା ଥିଲା । ଶଶୀ ଦାଦା ଭୂଦେବ ଚୌଧୁରୀଙ୍କୁ ଖୁବ୍ ସ୍ନେହ କରୁଥିଲେ । ଖାଲି ଭୂଦେବ ଚୌଧୁରୀ ନୁହନ୍ତି, ପାଠ ପଢ଼ାରେ ମନ ଥିବା ପ୍ରତ୍ୟେକ ପିଲାଙ୍କ ପ୍ରତି ତାଙ୍କର ସସ୍ନେହ ଦୁର୍ବଳତା ଥିଲା । ଶଶୀ ଦାଦା କେବେ କେବେ ଭୂଦେବ ଚୌଧୁରୀଙ୍କ ସହ ଇଂରାଜୀ ଭାଷାରେ ଲେଖା ଭାରତୀୟ ଦର୍ଶନ ବହି ସମ୍ପର୍କରେ ଆଲୋଚନା କରୁଥିଲେ । ତାଙ୍କ ଜ୍ଞାନର ପରିଧିର ବିସ୍ତୃତିକୁ ଲକ୍ଷ୍ୟ କରି ଚୌଧୁରୀ ଅଭିଭୂତ ହୋଇଯାଉଥିଲେ । ଅବଶ୍ୟ ନିଜ ଚେଷ୍ଟାରେ ଶିଖି ଥିବାରୁ ସେ ଇଂରାଜୀ ଉଚ୍ଚାରଣ କେବେକେବେ ଗଣ୍ଡଗୋଳ କରି ଦେଉଥିଲେ । କିନ୍ତୁ ସେଥିପାଇଁ ଅସୁବିଧା ହୁଏ ନାହିଁ । ଚୌଧୁରୀଙ୍କ ପାଇଁ ଭାଗ୍ୟର ପ୍ରତିଶବ୍ଦ 'ଫରଚୁନ', ଶଶୀ ଦାଦାଙ୍କ ପାଇଁ 'ଫରଟୁନ' ।

ଅଧ୍ୟାପକ ପ୍ରଫୁଲ୍ଲ ବରୁଆଙ୍କ ପ୍ରତିଷ୍ଠାର ମୂଳଦୂଆ ହେଉଛି ତାଙ୍କର 'ବେଦର ଭୂମିକା' ବହି । ଏଇ ବହିଖଣ୍ଡକ ଲେଖିଥିବାରୁ ବରୁଆ ଜଣେ ବିଦଗ୍ଧ ପଣ୍ଡିତ ବୋଲି ଗଣ୍ୟ ହୁଅନ୍ତି । ଚୌଧୁରୀ କିନ୍ତୁ ଅସଲ କଥାଟା ଜାଣନ୍ତି । ବହିଟାର ଅସଲ ଲେଖକ ହେଲେ ଶଶୀନାଥ ଗୋସ୍ୱାମୀ । ପ୍ରଫୁଲ୍ଲ ବରୁଆ ସମ୍ପାଦନା କରି ଅଳ୍ପ ଆଧୁନିକ ଶୈଳୀରେ ସଜେଇ ଦେଇଛନ୍ତି । ପ୍ରଫୁଲ୍ଲ ବରୁଆ ବହିଟାକୁ ଖାଲି ନିଜ ନାଁରେ ଛପାଇ ଦେଇଛନ୍ତି । ଶଶୀ ଦାଦାଙ୍କ ନାଁ କୋଉଠି ନାହିଁ । ତାଙ୍କ ଠାରୁ ସାହାଯ୍ୟ ପାଇଛନ୍ତି ବୋଲି କୋଉଠି କୃତଜ୍ଞତା ସ୍ୱୀକାର ନାହିଁ । ରାଗରେ ଚୌଧୁରୀଙ୍କ ମୁଣ୍ଡ ଗରମ ହୋଇଗଲା । କିନ୍ତୁ ଶଶୀ ଦାଦାଙ୍କ ଭାବାନ୍ତର ନାହିଁ । ସେ ପ୍ରଶ୍ରୟ ଦେବା ହସଟିଏ ହସିଦେଲେ । ଦେଖିଲେ ରାଗ ଦୂରେଇଯାଏ ।

''ରହନା, ଏତେ ରାଗ କାହିଁକି ? ମୁଁ ଯେ ନାମର ପ୍ରତ୍ୟାଶୀ ତୁମକୁ କିଏ କହିଛି ? ସମସ୍ତେ କଥା କଥାକେ ବେଦ ଉପନିଷଦ କଥା କୁହନ୍ତି, କିନ୍ତୁ କିଛି ଜାଣନ୍ତିନି । ପ୍ରଫୁଲ୍ଲ ଏଇଟା ଭଲ କାମ କରିଛି ।'' ପ୍ରଫୁଲ୍ଲ କରିଛି ?''

ଚୌଧୁରୀ ଯେତେବେଳେ ଛାତ୍ର, ପ୍ରଫୁଲ୍ଲ ବରୁଆ ସେତେବେଳେ ସେଇ କଲେଜରେ ଶିକ୍ଷକ । ତାଙ୍କ ରାଗ ଦେଖି ଶଶୀ ଦାଦା ହସିଲେ ।

''ତିଷ୍ଠ, ତିଷ୍ଠ, ରାଗ କରିବନି । ପ୍ରଫୁଲ୍ଲର ନିଜର ଯଥେଷ୍ଟ ଅବଦାନ ଅଛି । ମୁଁ ଖାଲି ଯୋଜନା କରିଦେଇଛି । ସଜାସଜି କରି ସେ ହିଁ ସବୁ କଥାକୁ ଠିକ୍ ଠାକ୍ କରିନେଇଛି । ତାକୁ ଦୋଷ ଦିଅନି । ଛାଡ଼, ଏସବୁ ଛୋଟ କଥା ।''

"ଛୋଟ କଥା ?"

ପ୍ରଫୁଲ୍ଲ ବରୁଆ ଆଜି ସର୍ବଭାରତୀୟ ଖ୍ୟାତିସମ୍ପନ୍ନ ମଣିଷ । କେତେ କେତେ ପ୍ରତିଷ୍ଠାନର ସଦସ୍ୟ । ଅନେକ ସଭାର ସଭାପତି । ଯେତେବେଳେ ସ୍କୁଟର ଦୁର୍ଘଟଣାରେ ଶଶୀ ଦାଦାଙ୍କ ଦ୍ୱିତୀୟ ପୁଅର ମୃତ୍ୟୁ ହେଲା, ଚୌଧୁରୀ ସେତେବେଳେ କେମିତି ତାଙ୍କ ଆଗକୁ ଯିବେ ସେ କଥା ଭାବି ଭାବି ଅସ୍ଥିର ହୋଇଗଲେ । ଯିବାକୁ ତ ହେବ । ଶଶୀ ଦାଦା ଅବିଚଳ । ଦୁଃଖ ଅଛି, ହାହାକାର ନାହିଁ । ଗୀତାରେ ଉଲ୍ଲେଖ ଥିବା ସୁଖ ଓ ଦୁଃଖରେ ନିର୍ବିକାର ସ୍ଥିତପ୍ରଜ୍ଞ ପୁରୁଷ । ଚୌଧୁରୀଙ୍କୁ ଶାନ୍ତ ଭାବେ ସେ ହିଁ ସାନ୍ତ୍ୱନା ଦେଲେ ।

"ଆହା, ଦୁଃଖ କରି କଣ ହେବ ? ଜନ୍ମ ହେଲେ ମରଣ ନିଶ୍ଚିତ ।" ସବୁବେଳେ ବ୍ୟବହାର ହେଉଥିବା ଅର୍ଥହୀନ ବାକ୍ୟ ନୁହେଁ—ସେ ସଂପୂର୍ଣ୍ଣ ଭାବେ ଏଇ ସତ୍ୟକୁ ବିଶ୍ୱାସ ଏବଂ ତାକୁ ସହଜ ଭାବେ ମାନି ନେଇଛନ୍ତି । ଶଶୀ ଦାଦା ମରି ଗଲେଣି । ଲୋକେ ତାଙ୍କ କଥା ପାସୋରି ଦେଲେଣି । କୀର୍ତ୍ତିର ଦୃଶ୍ୟମାନ କିଛି ନିଦର୍ଶନ ସେ ଛାଡ଼ି ଯାଇନାହାନ୍ତି । କେତେ ଜଣ ଶ୍ରଦ୍ଧାଶୀଳ ଭକ୍ତଙ୍କ ମନରେ ଏବେ ବି ତାଙ୍କ ସ୍ମୃତି ଜାଗ୍ରତ ହୋଇ ରହିଛି । ଏମାନଙ୍କ ମୃତ୍ୟୁ ପରେ କିଛି ରହିବନି । କିନ୍ତୁ ଏଇ ସହଜ କଥାକୁ ଚୌଧୁରୀ ବିଶ୍ୱାସ କରିବାକୁ ରାଜି ନୁହନ୍ତି । କିଛି ଗୋଟାଏ ରହିଯାଏ, ନିଶ୍ଚୟ ରହିଯାଏ ।

ବାର

ଅନନ୍ତକାଳ ଆଉ ଅସୀମ ବ୍ରହ୍ମାଣ୍ଡ ପରିପ୍ରେକ୍ଷୀରେ ମଣିଷର ସବୁ ଉଦ୍ୟମ ତାହେଲେ କଣ ଶୂନ୍ୟ, ବୁଦ୍ ବୁଦ୍ ପରି କ୍ଷଣସ୍ଥାୟୀ ? ଅବସର ନେଲା ପରେ ମଝିରେ ମଝିରେ ଏଇସବୁ ଚିନ୍ତା ଭୂଦେବ ଚୌଧୁରୀଙ୍କୁ ଜାବୁଡ଼ି ଧରେ । ଆଗେ ଏସବୁ କଥା ଭାବିବାକୁ ସମୟ ନଥିଲା । ଉତ୍ତର ନ ଥିବା ଏସବୁ ପ୍ରଶ୍ନମାନଙ୍କ ପାଖରୁ ନିସ୍ତୃତି ପାଇବାକୁ ବାହାରକୁ ବାହାରି ଯାଆନ୍ତି ।

ଭୂଦେବ ଚୌଧୁରୀଙ୍କ ହାତରେ ଆଗେ ସମୟ ନଥିଲା । ଅବସର ପରେ ତାଙ୍କର ଅପୂରନ୍ତ ସମୟ । ଏମିତି ବସି ରହିଲେ ସମୟ ନଷ୍ଟ ହେଉଛି ବୋଲି ମନେ ହୁଏ । ଅଭ୍ୟାସ ହୋଇଯାଇଛି । ବୁଲାବୁଲି କଲେ ସେ ଚିନ୍ତା ସବୁ ମନକୁ ଆସେନି । ଆଗେ ବୁଢ଼ା ଜଣେ ବୁଲାବୁଲି କରୁଥିବା ଦେଖିଲେ ସେ ହସୁଥିଲେ । କହୁଥିଲେ, "ବୁଢ଼ାର କାମ ଧନ୍ଦା କିଛି ନାହିଁ, ଘରେ ବସି କରିବ କଣ ?" ଆଗେ ସେ ଦେଖୁଥିଲେ ବାହାଘର ଛାମୁଣ୍ଡିଆ ତଳେ କିଛି ବୁଢ଼ା ଲୋକ ବସି ଘଣ୍ଟା ଘଣ୍ଟା ଗପ କରୁଥିଲେ । ଏବେ ତା'ର କାରଣ ବୁଝି ପାରିଛନ୍ତି । ସେ ବିଭିନ୍ନ ସମସ୍ୟା ବିଷୟ ଆଲୋଚନା କରି ଉପଲବ୍ଧି କରନ୍ତି ଯେ ସେମାନେ ଏବେ ବି ବଞ୍ଚି ରହିଛନ୍ତି । ଆଲୋକ ଆଉ ରଙ୍ଗର ଉଜ୍ଜ୍ୱଳ ସମାରୋହରୁ ଦୂରେଇ ଯାଇ ନିଜକୁ ଅନ୍ତଃହୀନ ଶୂନ୍ୟତାର ମଝିକୁ ଟାଣି ନେଇ ଯିବାରେ ସ୍ୱାଭାବିକ ଆତଙ୍କ ।

ଚୌଧୁରୀ ବି ବୁଲାବୁଲି କରନ୍ତି । ଆଗରୁ ଯାହା ଘରକୁ ଦିନେ ହେଲେ ବି ଯାଇନାହାନ୍ତି

ତାଙ୍କ ଘରେ ଯାଇ ପହଞ୍ଚି ଯାଆନ୍ତି, ଆତ୍ମୀୟତାର କ୍ଷୀଣ ସୂତ୍ର ଧରି, ପରିଚୟର କିଛି ଗୋଟାଏ ଅସ୍ପଷ୍ଟ ରେଖା ଅନୁସରଣ କରି । ସକାଳେ ଉଠି ସେ ଭାବି ନିଅନ୍ତି—ଆଜି କୋଉଠିକି ବୁଲି ଯାଇ ପାରିବେ ।

ପ୍ରତୁଲ ଦତ୍ତ ସାର୍ ତ ବଞ୍ଚିଛନ୍ତି । ନିଶ୍ଚୟ ଅଶୀ ବର୍ଷ ଉପରେ ହେବ । ଭୂଦେବ ଚୌଧୁରୀଙ୍କ ସେ ଶିକ୍ଷକ ଥିଲେ । କିଛିଦିନ ତଳେ ଚୌଧୁରୀ ତାଙ୍କୁ ରାସ୍ତାରେ ଦେଖିଥିଲେ । ଏବେ କେତେ ଦିନ ହେଲା ଦେଖା ହୋଇନି । ବାସ୍ତବରେ ଜଣେ ଭଲ ଅଧ୍ୟାପକ ଥିଲେ । ସୁନ୍ଦର ଭାବେ ସବୁକଥା ବୁଝେଇ ଦେଉଥିଲେ । ଅଧ୍ୟାପକ ଦତ୍ତ ପଢ଼ାଉଥିବା ବିଷୟଟିରେ ପ୍ରତି ବର୍ଷ କିଛି ଛାତ୍ର ଲେଟର ମାର୍କ (ଅଶି ବା ଅଶିରୁ ବେଶି) ପାଉଥିଲେ । ସେଥର କେବଳ ଚୌଧୁରୀ ଲେଟର ମାର୍କ ପାଇଲେ । ଦତ୍ତ ତାଙ୍କୁ କହିଥିଲେ, ''ତୁମେ ମୋର ମାନ ରଖିଲ ।''

ଏଇ କେତେ ବର୍ଷ ଭିତରେ ଜାଗାଗୁଡ଼ିକର ଚିହ୍ନି ନପାରିବା ପରି ପରିବର୍ତ୍ତନ ହୋଇଛି । ବଡ଼ ବଡ଼ ତିନି ମହଲା, ଚାରି ମହଲା କୋଠା । ଅସଂଖ୍ୟ ନୂଆ ନୂଆ ଗଳି । ଚୌଧୁରୀଙ୍କ ମୁଣ୍ଡ ଗୋଳମାଳ ହୋଇଗଲା । କେତେଜଣ ଯୁବକ ପାନ ଦୋକାନ ଆଗରେ ଠିଆ ହୋଇ କଥାବାର୍ତ୍ତା କରୁଥିଲେ । ''ଆଚ୍ଛା, ପିଲାମାନେ, ତୁମେ ମାନେ କଣ ଏଇ ଜାଗାର ?'' ''କାହିଁକି ? କଣ କହୁନାହାନ୍ତି ?''

''ପ୍ରଫେସର ପ୍ରତୁଲ ଦତ୍ତଙ୍କ ଘରଟା କୋଉଠି କହି ପାରିବ କି ?'' ''ପ୍ରଫେସର ? ଏଠାରେ ତ କେହି ପ୍ରଫେସର ନାହାନ୍ତି ।'' ''ପ୍ରଫେସର ମାନେ , ସେ ବହୁତ ଦିନ ତଳେ ରିଟାୟାର କରିଛନ୍ତି ।''

''ବୁଢ଼ା ମଣିଷ ଜଣେ ନାଁ ?'' ପାନ ଦୋକାନୀଟି ପଚାରିଲା ।

''ହଁ ।''

''ବୁଝିଲି,ଶମ୍ଭୁ ଦତ୍ତର ଅଜା, ଏଇ ଆଗ ଘରଟା ।'' ଗୋଟିଏ ସମୟରେ ଘରଟା ବହୁତ ସୁନ୍ଦର ଥିଲା । ଏବେ ଜରାଜୀର୍ଣ୍ଣ ଅବସ୍ଥା । ଦୁଇ ପଟରେ ଦୁଇଟା ଅଟ୍ଟାଳିକା ଚାପି ହୋଇ ଆସୁଛି । ବାରଣ୍ଡାରେ ବାଉଁଶ ଜାଲି ଦିଆହୋଇଛି । ଅଧ୍ୟାପକ ଦତ୍ତବାରଣ୍ଡାରେ ବେତ ଚେଆର ଉପରେ ବସିଛନ୍ତି ।

''ସାର୍ ।''

ଦତ୍ତ ଚିହ୍ନି ପାରିଲେନି । ଦ୍ୱାର ଖୋଲି ସେ ଅନିଶ୍ଚିତ ଭାବେ ଚୌଧୁରୀଙ୍କ ମୁହଁ ଆଡ଼କୁ ଅନେଇ ରହିଲେ ।

''ମୁଁ ଭୂଦେବ ।''

''ଆରେ, ଆସ,ଆସ,ଆସ ।''

ଖୁବ୍ ଖୁସି ।

''ଏଇଠି ବସିବା ନା ଭିତରକୁ ଯିବା ?''

''ଆଉ ସାର୍ । ଏଇଠି ହେବ ।''

''ତା ପରେ ? ଖବର କଣ କୁହ, ତୁମେ ତ କ୍ୟାମ୍ପସ୍‌ରେ ଅଛ ନା କଣ ?''

''ନାଇଁ ସାର୍, ରିଟାୟାର କଲିଣି ।''

"ରିଟାୟାର କଲ ? କେବେ ?"

"ତିନି ବର୍ଷ ଖଣ୍ଡେ ହେଲା ।"

"ସମୟ କେମିତି ଏବେ ଯିବ କହିବା ମୁସ୍କିଲ । ଭଲ ଅଛ ତ ?" "ହଁ, ଆପଣଙ୍କୁ ଆଗେ ବୁକ୍‌ସ ଲିମିଟେଡ୍‌ରେ ପ୍ରାୟ ଦେଖୁଥିଲି । ବହୁତ ଦିନ ହେବ ଦେଖିନି । ସେଥିପାଇଁ ଖବର ଜାଣିବାକୁ ଆସିଲି । ଆପଣଙ୍କ ଦେହ ଭଲ ଅଛି ନା ସାର୍ ?" "ନାଇଁରେ । ଆଉ.... ।"

ପ୍ରତୁଲ ଦତ୍ତ ନାସ୍ତିସୂଚକ ଭଙ୍ଗୀ କଲେ ।

"କଣ, ଖରାପ ?"

"ସେମିତି କିଛି ନାହିଁ । ଦୁର୍ବଳତା, ଆଜକୁ ଛଅ ମାସ ହେଲା ଗେଟ୍ ବାହାରେ ଗୋଡ଼ ଦେଇନି, ଅଳ୍ପ ସମୟ ଠିଆ ହୋଇ ରହିଲେ ମୁଣ୍ଡ ବୁଲେଇ ଦିଏ ।"

"ବ୍ଲଡ୍ ପ୍ରେସର ଚେକ୍ କରିଛନ୍ତି ?"

"ବହୁତ ହାଇ ।"

"ଔଷଧ କଣ ଖାଉଛନ୍ତି ? ଏଡ୍‌ଲଫିନ୍ ?"

"ନାଇଁ । ଏଡ୍‌ଲଫିନ୍ ଆଜିକାଲି କାମ ଦେଉନି । ଅନ୍ୟ କଣ ଗୋଟାଏ ଦେଇଛି । ରୁହ, ଆଣିବାକୁ କହେ ।"

"ଆଉ ସାର୍ ।"

"କାହିଁକି, ଥିବ କାହିଁକି ?"

ବ୍ଲଡ୍ ପ୍ରେସର ବଢ଼ିଯାଇପାରେ ଭାବି ଚୌଧୁରୀ ଚୁପ୍‌ଚାପ୍ ରହିଲେ । ପ୍ରତୁଲ ଦତ୍ତ ଭିତରକୁ ଗଲେ । ଲୋକଟା ବେଶୀ ବୁଢ଼ା ହୋଇଯାଇଛି । ସାଦୃଶ୍ୟଟା ଆଖି ଆଗରେ ଭାସି ଉଠିବାରୁ ଚୌଧୁରୀଙ୍କୁ ଅସ୍ୱସ୍ତି ଲାଗିଲା । ପ୍ରତୁଲ ଦତ୍ତଙ୍କ ବେକଟା ଦେଖିବାକୁ ପର ଉଠିନଥିବା ଚଢ଼େଇ ଛୁଆର ବେକ ପରି । ଅଧାପକ ଦତ୍ତ ଦୁଃଖ କଲେ ।

"ଆଗେ ସାରା ଦିନ ବହିପତ୍ର ନେଇ କଟାଉଥିଲି । ଆଜିକାଲି ତା'ବି ପାରୁନି । ଦୁଇ ଧାଡ଼ି ପଢ଼ିଲେ, ଆଖିରୁ ପାଣି ବାହାରୁଛି । ରାତିରେ ଶୁଆ ପାରୁନି । ଏଇଟା ହୋଇଛି ସବୁଠାରୁ ବଡ଼ ଅଶାନ୍ତି ।" ଚୌଧୁରୀ ଅଧ୍ୟାପକ ଦତ୍ତଙ୍କ ମାନସିକ ଅବସ୍ଥା ବୁଝି ପାରନ୍ତି । ସମ୍ପୂର୍ଣ୍ଣ ନିଃସଙ୍ଗ । ଖାଲି ମଣିଷଙ୍କ ଠାରୁ ନୁହଁ, ଘଟଣା ପ୍ରବାହ ଠାରୁ ବିଚ୍ଛିନ୍ନ । "ପୁଅମାନେ ବାହାରେ କାମ କରନ୍ତି । ରିଟାୟାର ପରେ ମୁଁ କଲିକତାରେ ଜାଗା କିଣି ଘର ତିଆରି କଲି । ନାଁ, ସେଠାରେ ରହି ପାରିଲିନି । କିଛିଦିନ ରହିଲା ପରେ ଅସ୍ଥିର ଲାଗିଲା । ଘର ଜାଗା ବିକ୍ରୀ କରି ଚାଲି ଆସିଲି । ଦେହର ଶିରାଗୁଡ଼ା ଏଇ ଜାଗାରେ ଚେର ଲଗେଇ ଦେଇଛନ୍ତି । ଏ ଜାଗା ଛାଡ଼ି ଯିବା ଯେ ମୋ ପାଇଁ ଅସମ୍ଭବ ଅନ୍ୟ କେହି ସେ କଥା ବୁଝି ପାରନ୍ତିନି । ଆତ୍ମୀୟ ସ୍ୱଜନ ରାଗନ୍ତି, ବିରକ୍ତ ହୁଅନ୍ତି । କିନ୍ତୁ ମୁଁ କଣ କରିବି ? ପାରୁନି ଯେ ।"

. ଏ ହେଉଛି ଜୀବନର ଏକ ମର୍ମନ୍ତୁଦ ପରିଣତି । ଜଣେ ଆଦର୍ଶବାଦୀ ଶିକ୍ଷକର ନିଜ ମନଗଢ଼ା ପୃଥିବୀରେ ରହିବାକୁ ଚେଷ୍ଟା । ଯେଉଁ କଲେଜରେ କାମ କରୁଥିଲେ ଏବେ ବି ସେ ନିଜକୁ ସେ କଲେଜର ଅଂଶ ବୋଲି ଭାବନ୍ତି । ଛାତ୍ର ହୁଅନ୍ତୁ, ଶିକ୍ଷକ ହୁଅନ୍ତୁ, କଲେଜ ସହିତ ଯୁକ୍ତ ପ୍ରତ୍ୟେକଙ୍କ ସହିତ ସେ ଏକାତ୍ମତା ଅନୁଭବ କରନ୍ତି । କଲେଜ ଛାଡ଼ିବା ଅନେକ ଦିନ

ହେଲାଣି । କଲେଜ ତାଙ୍କୁ ଭୁଲି ଯାଇଛି, କିନ୍ତୁ ସେ କଲେଜଟାକୁ ଭୁଲି ପାରିନାହାନ୍ତି । ଏଇଟା ହିଁ ଟ୍ରାଜେଡ଼ି ।

ଅବସର ନେଲାପରେ ବି ନିଜ ବିଭାଗକୁ ପ୍ରତୁଲ ଦତ୍ତ ଯାଉଥିଲେ । ଏତେ ଦିନର ଅଭ୍ୟାସ ଛାଡ଼ି ପାରୁନଥିଲେ । ଯୁବ ଅଧ୍ୟାପକମାନଙ୍କୁ (ପ୍ରାୟ ସମସ୍ତେ ତାଙ୍କର ପ୍ରାକ୍ତନ ଛାତ୍ର) ସେ ପରାମର୍ଶ ଦେଉଥିଲେ । କିନ୍ତୁ ଧୀରେ ଧୀରେ ବୁଝିପାରିଲେ ଯେ ଶିକ୍ଷକମାନେ ଏସବୁ ଭଲ ପାଉନାହାନ୍ତି । କର୍ତ୍ତୃତ୍ୱହୀନ ମଣିଷର ଅହେତୁକ ହସ୍ତକ୍ଷେପ । ଆଗରୁ ବୁଝିବା ଉଚିତ ଥିଲା । ନୂଆ ମୁଖ୍ୟ ଅଧ୍ୟାପକ ଯେଉଁଦିନ ତାଙ୍କ ଆଗରେ ବିରକ୍ତି ପ୍ରକାଶ କରୁଥିବାର ସେ ଜାଣିଲେ, ପ୍ରକୃତରେ ସେ ନିଃସଙ୍ଗ ହୋଇଗଲେ । ଲାଜ ଘୋଡ଼ାଇବା ପାଇଁ ସେ ଗୋଟିଏ ଖୋଳ ଭିତରେ ପଶିଗଲେ । ଆସ୍ତେ ଆସ୍ତେ ଖୋଳର ଆବରଣ ମୋଟା ହୋଇଗଲା ।

କିନ୍ତୁ ନିଜକୁ ଦୂରରେ ରଖିଲେ ବି କଲେଜଟାର ନାମ ଉଲ୍ଲେଖ ମାତ୍ରେ ତାଙ୍କ ମନ ବୀଣା ସ୍ୱରର ଐକ୍ୟତାନ ବାଜି ଉଠେ । ବି.ଏସ୍.ସି.ପରୀକ୍ଷା ଫଳ ଜାଣିବାକୁ ଉଦଗ୍ରୀବ ହୋଇ ଅପେକ୍ଷା କରନ୍ତି । ଉଲ୍ଲାସର ଆତିଶଯ୍ୟରେ ସମ୍ପୂର୍ଣ୍ଣ ଅନାସକ୍ତ ଲୋକଙ୍କ ଆଗରେ ବି ଉଲ୍ଲାସ ପ୍ରକାଶ କରିଦିଅନ୍ତି ।

''ଏଥର ଆମ କଲେଜର ଛାତ୍ର ଫାଷ୍ଟ କ୍ଲାସ ପାଇ ହୋଇଛି । ଚାରିଜଣ ଫାଷ୍ଟ କ୍ଲାସ ଭିତରୁ ତିନି ଜଣ ଆମ କଲେଜର ।'' କଲେଜର ଛାତ୍ରମାନେ ତାଙ୍କୁ ଚିହ୍ନି ପାରନ୍ତିନି । ପ୍ରାୟ ସବୁ ନୂଆ ଶିକ୍ଷକ ତାଙ୍କୁ ଚିହ୍ନନ୍ତିନି । ପାର୍କରେ ଗୋଟିଏ କୋଣରେ ପରିତ୍ୟକ୍ତ ଭଗ୍ନ ମୂର୍ତ୍ତି । ଅଳସ କୌତୂହଳରେ କେବେ କେବେ କେହି ଜଣେ ପଚାରେ, ''ଏଇଟା କାହାର ମୂର୍ତ୍ତି ?'' କଲେଜର କମନ୍ ରୁମରେ ଅଧ୍ୟାପକ ପ୍ରତୁଲ ଦତ୍ତଙ୍କ କଥା ପଡ଼ିଲେ ନୂଆ ଶିକ୍ଷକମାନେ ପ୍ରଶ୍ନ କରନ୍ତି, ''ପ୍ରତୁଲ ଦତ୍ତ ? ହୁ ଇଜ୍ ହି ? କିଏ ସେ ?''

ତେର

ଭୂଦେବ ଚୌଧୁରୀଙ୍କର ଦୁଇଟି ଝିଅ । ବଡ଼ ଝିଅ ରାନୁ ଗମ୍ଭୀର ପ୍ରକୃତିର । ବଡ଼ ଜ୍ୱାଇଁ ରମେଶ ବରୁଆ ନାଆଁ ଥିବା ଡାକ୍ତର । ଚବିଶ ଘଣ୍ଟା ବ୍ୟସ୍ତ । ସାମାଜିକ ସମ୍ପର୍କ ରଖି ଚଳିବା ତାଙ୍କ ପକ୍ଷେ ମୁସ୍କିଲ । ସାନ ଜ୍ୱାଇଁ ରମେନ୍ ଇଂଜିନିଅର । ପିଲାଟା ଭଲ, କିନ୍ତୁ ହାଲୁକା ମିଜାଜର । ଅନୀତା ସହ ଭଲ ମିଳିଛି । ରମେନ ଶ୍ୱଶୁରଙ୍କ ଆଗରେ ଚଟ କରି କହିବା କଥା କହି ଅନୀତା ଠାରୁ ଗାଳି ଶୁଣେ ।

''ଟୋକାଟିଏ ଆପଣଙ୍କୁ ଦେଲେ କିଛି କାମ ହେବନି । ସାରାଦିନ ଟହଲ ମାରି ବୁଲୁଥିବ, କାମ ବେଳେ ଖୋଜିଲେ ମିଳିବନି । ଝିଅଟାଏ ରଖୁ ନାହାନ୍ତି କାହିଁକି ?''

ଅନୀତା ରମେନ୍‌ର କଥା ବନ୍ଦ କରିବାକୁ ଚେଷ୍ଟା କଲା । ରମେନ୍ ତା କଥାରେ ଯୁକ୍ତି କରିବାକୁ ଆରମ୍ଭ କରିଦେଲା ।

''ଏ ବୟସରେ ଭୟ କିଛି ନାହିଁ, କିଏ କି ବଦନାମ କରିବ ?''

ଅନୀତା ଧମକ ଦେଲା ।

''ଚୁପ ହେଲ, ସବୁ ବାଜେ କଥା ।''

''ହଉ, ହଉ, ହଉ, ମୁଁ କିଛି କହିବିନି ।''

ଅନୀତା ବାପାଙ୍କୁ କହିଲା, ''ଆମ ପାଖରେ କିଛି ଦିନ ରହି ଆସିଲେ କ୍ଷତି କ'ଣ ? ଭାଏ ଜଣେ ଚୌକିଦାରକୁ ଏଠାରେ ରହିବା ପାଇଁ କହିଦେବେ ।'' ରମେନ ଶାଶ୍ୱଙ୍କୁ ଅନେଇ ମୁହଁ ଖୋଲିଲା ।

''ଜାହିଁକି ନେବନି, ଠିକ କଥା, ଚାଲନ୍ତୁ !''

''ତୁମେ ଟିକେ ଚୁପ ରହ ବାପା ବୁଝନି । ଅଚ୍ଛ ଯଦି ହୋଇଥିଲା, ଥାନ୍ତି ଭଲ ଅଛି । ଦରକାର ପଡ଼ିଲେ ମୁଁ ନିଜେ ଯାଇ ପହଞ୍ଚିବି ।''

ରମେନ୍ ପୁଣି କହିଲା,

''ସଙ୍କୋଚ କରିବାର କ'ଣ ଅଛି ? ଝିଅ ଘରେ ରହିଲେ ଲୋକେ କ'ଣ କହିବେ ବୋଲି ଭୟ କରୁଛନ୍ତି ?''

ଅନୀତା ପୁଣି ଧମକ ଦେଲା ।

''ତୁମେ ଚୁପ୍ ହେବ ନା ନାହିଁ ।''

''ହଉ, ହଉ । ଠିକ ଅଛି, ଠିକ୍ ଅଛି ।''

ଚୌଧୁରୀ ରମେନ କଥାରେ ବିଶେଷ କାନ ଦିଅନ୍ତିନି । ସେ ରମେନ୍‌କୁ ଖୁବ ଭଲ ପାଆନ୍ତି । ବିଶେଷ କରି କୌତୁକପୂର୍ଣ୍ଣ ଭାବେ ନାଚୁଥିବା ଚଞ୍ଚଳ ଆଖି ଯୋଡ଼ିକୁ ଦେଖିଲେ ତାଙ୍କୁ ଖୁବ୍ ଭଲ ଲାଗେ । ମୃଣାଳ ଠାରୁ ଖବର ଶୁଣି ଅନୀତା ଭୂଦେବ ଚୌଧୁରୀଙ୍କ ପାଖକୁ ଆସିଛି । ମୃଣାଳ କହିଛି ବଡ଼ ବାପାଙ୍କର ଦେହ ଭୀଷଣ ଖରାପ, ଘରେ କେହି ବି ନାହିଁ । ବଡ଼ ଅସୁବିଧା ହେଉଛି । ଭାଗ୍ୟକୁ ଯେମିତି ସେ ଆସି ପହଞ୍ଚି ଯାଇଥିଲା । ଏଇ ଦି ଦିନ ରନ୍ଧା ବଢ଼ା କାମ, ଧନ୍ଦା ସବୁ ସେ ତୁଲାଇଛି ।

ଅନୀତା ଅଭିଯୋଗ କରିଥିଲା, ''ଖବର ଦେଇନ କାହିଁକି ?'' ଖବର ଦେବ କେମିତି ? ସେଇ ଯେ ଆସିଛି ଘରକୁ ତା ପରେ ଆଉ ବାହାରି ଯାଇ ପାରିନାହିଁ । ଏବେ ବଡ଼ ବାପାଙ୍କ ଦେହ ଅଳ୍ପ ଭଲ ହୋଇଛି ବୋଲି, ଅନୀତାକୁ ଖବରଟା ଦେଇଗଲା । ସେ ନିଜେ ବି ଆଉ ଦୁଇଦିନ ରହିଥିଲେ ଆସନ୍ତା । ଉପାୟ ନାହିଁ, ସେ ପଟେ ତା'ର କାମ ଅଚଳ । ନଗଲେ ଗୋଳମାଳ ।

ଅନୀତା ପୁଣି ପଚାରିଲା,

''କ'ଣ ଖରାପ ? କିଏ ଦେଖୁଛି ? ଡାକ୍ତରଙ୍କୁ ଖବର ଦେଇଛ ?'' ମୃଣାଳ ଅନିତା କଥାରେ ଜବାବ ଦେଲାନି, ବ୍ୟସ୍ତ ହୋଇ ପଡ଼ିଲା । ''ମାଏ, ବସ୍ ଟାଇମ୍ ହେଲାଣି, ଗୋଟାଏ କଥା, ଦଶଟା ଖଣ୍ଡେ ଟଙ୍କା ଦେ' । ଖୁଚୁରା ପଇସା ମୋ ପାଖରେ ନାହିଁ, ବସ୍‌ରେ ଶହେ ଟଙ୍କା ଖୁଚୁରା କିଏ ଦେବ ? ଡେରି କରନା, ଶୀଘ୍ର ଦେ ।''

ମିଛ କଥା କହିବା ମୃଣାଳର ଜନ୍ମଗତ ସ୍ୱଭାବ । ମିଛ ନକହି ସେ ରହି ପାରିବନି ।

ଯୋଉଠି କିଛି ଦରକାର ନାହିଁ, କିଛି ସ୍ୱାର୍ଥ ନାହିଁ, ଲାଭ କ୍ଷତିର ପ୍ରଶ୍ନ ନାହିଁ, ସେଇଠି ବି ମିଛ କଥା କହେ । କହିବା ଆରମ୍ଭ କଲେ ଗଳ ଗଳ ହୋଇ ତା ପେଟରୁ ମିଛ କଥା ସବୁ ବାହାରି ଆସେ ।

ଭୂଦେବ ଚୌଧୁରୀ ଅନୀତାକୁ କିଛି କହିଲେନି । ମୃଣାଳର କଥା କେତେ ଯେ ବିଶ୍ୱାସ ଯୋଗ୍ୟ ସେ କଥା ସେମାନେ ଜାଣନ୍ତି, ଅପ୍ରୟୋଜନୀୟ କଥୋପକଥନ ।

ଦୁଇଦିନ ତଳେ ହଠାତ୍ ମୃଣାଳ ଆସି ହାଜର । ଚାକର ଟୋକା ଘରେ ନାହିଁ ବୋଲି ଶୁଣି ଅସ୍ୱାଭାବିକ ଭାବେ ବ୍ୟସ୍ତ ହୋଇ ପଡ଼ିଲା ।

''ରନ୍ଧା ବଢ଼ା କିଏ କରୁଛି ? ଆପଣଙ୍କର ଥଣ୍ଡା ଛାଡ଼ିନାହିଁ ଦେଖୁଛି । ଜ୍ୱର ଅଛି କି ? ଖାଉଛନ୍ତି କେମିତି ? ଏଇ ବୟସରେ, ଛିଃ, କ'ଣ ଏସବୁ କାଣ୍ଡ ? ନିଜ ଉପରେ କାହିଁକି ଏତେ ଅତ୍ୟାଚାର ? ରାନୁ ଅପାକୁ ଡାକି ଆଣେ ? ଅନୀତାକୁ ଖବର ଦେବି ? ଛାଡ଼, ଛାଡ଼, କିଛି ଚିନ୍ତା କରିବେନି । ଯୋଗେନ୍ ନଆସିଲେ ମୁଁ ଏଇଠି ରହିବି । ରାଧୁଆବେଳେ ଖାଇବା ପିଇବା ହେଲାଣି ନା ନାହିଁ ? ଛିଃ, ଏସବୁ କଥା କରିବାକୁ ଆପଣଙ୍କର ବଳ ବୟସ ଅଛି ? ରାନୁ ଅପା ପିଲା ପିଲିଙ୍କୁ ନେଇ ବ୍ୟସ୍ତ, କିନ୍ତୁ ଅନିତା କ'ଣ କରୁଛି ? ଆସି ପାରୁନି ? ଭଲକରି ଶୁଣେଇ ଦେବି, ଖରାପ ଭାବିଲେ ଭାବୁ ।''

ମୃଣାଳର କଥା ସୁଅରେ ଚୌଧୁରୀଙ୍କ ଭାସିଗଲା ପରି ଅବସ୍ଥା । ଚୌଧୁରୀ ସୁଯୋଗ ଦେଖି କହିଲେ–''ଆଚ୍ଛା, ରହ ଟିକେ, ଏତେ ବ୍ୟସ୍ତ ହେଉଛୁ କାହିଁକି ? ମୋର କିଛି ହେଉନି । ଟିକିଏ ଥଣ୍ଡା ଧରିଛି ।''

''ଠିକ୍ ଅଛି, ଠିକ୍ ଅଛି । କିଛି ଚିନ୍ତା ନାହିଁ । ଦୁଇ ଦିନ ଖଣ୍ଡେ ରହି ମୁଁ ସବୁ ସମ୍ଭାଳି ନେବି । ଚା ଏବେ ଦରକାର ନାହିଁ । ଦୋକାନରେ ପିଇଦେବି । କିଛି ଟଙ୍କା ଦେଲେ । ମାଛ ଆଣିବି । ରାତିରେ ଅନ୍ୟ କିଛି ରାନ୍ଧିବିନି । ମାଛ ଝୋଳ, ଭାତ ହେବ ନାଁ ରୁଟି କରିବି ? ଇଚ୍ଛା ହେଲେ ପରଟା କରି ଦେବି ।'' ରାତି ନଅଟା ପର୍ଯ୍ୟନ୍ତ ଅପେକ୍ଷା କରି ଚୌଧୁରୀ ନିଜେ ଭାତ ରାନ୍ଧିବାକୁ ଗଲେ । ମୃଣାଳ ନଥିଲେ ସେ ପାଉଁରୁଟି ଓ କ୍ଷୀର ଖାଇ ରାତିଟା ଚଳେଇ ଦେଇଥାନ୍ତେ । ରାତି ଏଗାରଟା ଖଣ୍ଡେ ବେଳେ ମୃଣାଳ ବ୍ୟସ୍ତ ହୋଇ ଆସିଲା ।

''ଆଉ ହେବନି । ରବୀନ୍ ଦାସଙ୍କର ବଡ଼ ଆକ୍‌ସିଡେଣ୍ଟ । ସେଇଠି ଏତେ ରାତି । ସିଟି ବସ୍ ପାଇଲିନି । ଲାଇନ୍ ବସ୍‌ରେ ଆସି ତିନି ଛକରୁ ଚାଲି ଚାଲି ଆସିଲି ।''

ମୃଣାଳ କଥାକୁ ଗୁରୁତ୍ୱ ନ ଦେଲେ ବି ଦୁର୍ଘଟଣା କଥା ଶୁଣି ଚୌଧୁରୀ ଶଙ୍କିତ ହୋଇଗଲେ ।

''କି ଆକ୍‌ସିଡେଣ୍ଟ ?''

''ମଟର ଆକ୍‌ସିଡେଣ୍ଟ ।''

''କୋଉଠି ? କେମିତି ?''

''ଘରେ ।''

''ଘରେ ? କେମିତି ?''

''ଚକ ଲଗାଉଥିଲେ । 'ଜ୍ୟାକ୍' ଟା ଖସିଯିବାରୁ ଡ଼ାହାଣ ହାତଟା ପୂରା ପୁରି ଛେଚଡ଼ା

ହୋଇଯାଇଛି ।''

''ଡ଼ାକ୍ତରଙ୍କୁ ଦେଖେଇଛନ୍ତି ?''

''ନାଇଁ । ଡ଼େଟଲ ଦେଇ ନିଜେ ବାନ୍ଧି ଦେଇଛନ୍ତି ।'' ବିଶେଷ କିଛି ହୋଇନି ଜାଣି ଚୌଧୁରୀ ଆଶ୍ୱସ୍ତ ହେଲେ ।

''ହଉ ଯା, ଚାଲ୍ ଭାତ ଖାଇବା । ବେଶୀ ରାତି ହେଲାଣି ।''

''ଭାତ ? କିଏ ରାନ୍ଧିଲା ?''

''କିଏ ଆଉ ରାନ୍ଧିବ ? ଯା, ହାତ ମୁହଁ ଧୋଇ ଆ ।''

''କଣ ହେଲାନା, ରବୀନ୍ ଦାସଙ୍କ ଘରେ ମୁଁ ଖାଇ ଆସିଛି । ବେଶୀ ରାତି ହେଲାଣି, ସକାଳ ପାଇଁ କଣ ବ୍ୟବସ୍ଥା ?'' ଆପଣ ଖାଇ ଯାଆନ୍ତୁ, ଆଦୌ ଛାଡ଼ିଲେନି, ଜୋର କରି ଧରିଲେ । ଆଜି ଆଉ ହେବନି ।

''ହେବ । ପାଉଁରୁଟି ଅଛି ।''

''ମଇଦା ଅଛି ନାଁ ନାହିଁ ?''

''ଅଛି ।''

''ଘିଅ ?''

''ଘିଅ କୋଉଠୁ ପାଇବୁ ? ଡ଼ାଲ୍‌ଡା ଅଛି ବୋଧେ ।'' ''ଠିକ ଅଛି । ସକାଳେ ଲୁଚି କରିବି । ଗରମ ଗରମ ଲୁଚି ଆଉ ଆଳୁ ପିଆଜ ଭଜା, ଫାଷ୍ଟ କ୍ଲାସ ହେବ । ଡ଼େରି କରୁଛନ୍ତି କାହିଁକି ? ବହୁତ ରାତି ହେଲା, ଦେହ ଖରାପ, ଖାଇ ଶୋଇ ପଡ଼ନ୍ତୁ ।'' ସକାଳ ନଅଟା ପର୍ଯ୍ୟନ୍ତ ସେ ଶୋଇ ରହିଲା । ଚୌଧୁରୀ ଚା କରିଦେଲେ । ପାଉଁରୁଟି ଓ ଚା ଖାଇ ସେ ପୁଣି ବାହାରି ଗଲା । ଗଲାବେଳେ ବଡ଼ ପାଟିରେ କହିଗଲା ।

''ଦାଦା, ଗାଧୁଆବେଳେ ପୁଣି ଓସ୍ତାଦି କରି ଭାତ ରାନ୍ଧିବେନି । ଏମିତି ଆପଣଙ୍କ ଦେହ ଭଲ ନାହିଁ । ମୁଁ ଏଇ ଯିବି ଆଉ ଆସିବି । ଆସି ଭାତ ରାନ୍ଧିବି । ମୁଗ ଡ଼ାଲି ଅଛି ? ଲହୁଣୀ ? ତା ହେଲେ ଠିକ୍ ଅଛି । ଆସିଲାବେଳେ ମୁଁ ନେଇ ଆସିବି ।''

ମୃଣାଳ ଆସିଲାନି । ଗାଧୁଆବେଳେ ଅନୀତା ଘରେ ଭାତ ଖାଇ, ଦଶଟଙ୍କା ନେଇ ଘରକୁ ଚାଲିଗଲା । ଚୌଧୁରୀଙ୍କ ଦେହ ଭୀଷଣ ଖରାପ ବୋଲି ସିଏ ଖବର ଦେଇଗଲା ।

ମୃଣାଳର ବାପା ଗିରିପଦ ବରୁଆ ଭୂଦେବ ଚୌଧୁରୀଙ୍କ ମାମୁଁ ପୁଅ । ବରୁଆ ଚୌଧୁରୀଙ୍କୁ ନିଜ ସାନଭାଇ ପରି ସ୍ନେହ କରୁଥିଲେ । ଖୁବ୍ ଅଳ୍ପ ବୟସରେ ମରିଗଲେ । ଗୋଟିଏ ପୁଅ ମୃଣାଳ ସେତେବେଳେ ଛୋଟ । ମଲା ପୂର୍ବରୁ ବରୁଆ ଚୌଧୁରୀଙ୍କ ହାତ ଧରି କହିଥିଲେ, ''ଭୂଦେବ, ପୁଅଟାକୁ ଦେଖିବୁ, ତାକୁ ମଣିଷ କରିବୁ ।''

ମୃଣାଳକୁ ମଣିଷ କରିଛନ୍ତି ବୋଲି ଚୌଧୁରୀ ଗର୍ବ କରି ପାରନ୍ତିନି । ପିଲାଟା ଭଲ କିନ୍ତୁ ଟିକିଏ ବି ଦାୟିତ୍ୱଜ୍ଞାନ ନାହିଁ । କୋଉ କଥାରେ ତା ଉପରେ ନିର୍ଭର କରି ହେବନି । ଛୋଟ କଥାରେ ବି ତାକୁ ବିଶ୍ୱାସ କରିବା କଷ୍ଟ । ମିଛ କହିବା ତାର ଗୋଟାଏ ରୋଗ । ଯୋଉଠି ମିଛ କହିବା କିଛି ଦରକାର ନାହିଁ, ଲାଭ କ୍ଷତିର ପ୍ରଶ୍ନ ନାହିଁ, ସେଠାରେ ବି ନିଃସ୍ୱାର୍ଥ ଭାବେ ଅନର୍ଗଳ ମିଛ କଥା କହିଯାଏ ।

କିଛିଦିନ ପରେ ମୃଣାଳ ପୁଣି ଚୌଧୁରୀଙ୍କ ଘରେ ଆସି ହାଜର । ବ୍ୟସ୍ତ ଓ ଆତଙ୍କିତ– ମାଳିଗାଁ ପର୍ଯ୍ୟନ୍ତ ଏବେ କର୍ଫ୍ୟୁ ହୋଇଯାଇଛି । ସାଂଘାତିକ ଅବସ୍ଥା, ଭୟଙ୍କର ଗଣ୍ଡ ଗୋଳ । ସେ ରାସ୍ତାରେ ପଚାଶଟା ଖଣ୍ଡେ ଶବ ପଡ଼ିଥିବାର ସେ ନିଜେ ଦେଖି ଆସିଛି । ଭିତରେ ଯେ କଣ ହୋଇଛି କେହି କହି ପାରିବେନି ।

"ତୁ ଆସିଲୁ କେମିତି ?"

"ପୋଲିସ ଗାଡ଼ିରେ ତିନି ଛକ ପର୍ଯ୍ୟନ୍ତ ଆସିଲି ।"

"ହାତ ଗୋଡ଼ ଧୋଇ ପକା, ଡେ଼ରି ହେଲାଣି, ଭାତ ଅଳ୍ପ ଖାଇ ଦେ.. ।"

"ନାଇଁ, ନାଇଁ, ଭାତ ଖାଇବାକୁ ସମୟ ନାହିଁ, ଆପଣଙ୍କୁ ଖବର ଦେବାପାଇଁ ଏଠାକୁ ଆସିଲି । ନହେଲେ ଚିନ୍ତା କରିବେ । ମୁଁ ଯାଉଛି । ପଶ୍ଚିମ ଆଡ଼େ କେବେ କର୍ଫ୍ୟୁ ହେବ, କିଛି ଠିକ୍ ନାହିଁ । ପୋଲିସ କହୁଥିଲା ପରିସ୍ଥିତି ଭାରି ଖରାପ ।"

"ଯିବୁ କେମିତି ? ଗାଡ଼ି ଚାଲୁଛି ?"

"ତିନି ଛକ ପର୍ଯ୍ୟନ୍ତ ଯାଇ ଦେଖେ, ପୋଲିସ୍ ଗାଡ଼ି ଯାଉଛି । ଯିବି ଯେମିତି ହଉ । ମୋତେ ସମସ୍ତେ ଜାଣନ୍ତି । ନେଇ ଯିବେ । ଦାଦା, ଦଶଟା ଖଣ୍ଡେ ଟଙ୍କା ଦେଲ । ଗୌହାଟୀ ଗଜେନ ପାଖରୁ ପାଇବାର ଥିଲା । ଆଜି କୋଉଠିକି ଟଙ୍କା ମାଗିବାକୁ ଯିବି ?" ମୃଣାଳର କଥା ଶୁଣି ବିଶ୍ୱାସ ନକରିଲେ ବି ଚୌଧୁରୀ ଅଳ୍ପ ଉତ୍କଣ୍ଠିତ ହୋଇଗଲେ । କିନ୍ତୁ କୋଉଠି କିଛି ଚାଞ୍ଚଲ୍ୟ ନାହିଁ । କିଛି ସମୟ ପରେ ସାଢ଼େ ଗୋଟାଏ ଖଣ୍ଡେ ବେଳେ ପଡ଼ୋଶୀ ମଦନ ଦାସ, ସ୍ତ୍ରୀ, ପିଲାଟିକୁ ନେଇ ସେ ଆଡ଼ୁ ଆସୁଥିବା ଦେଖି ଚୌଧୁରୀ ଡ଼ାକିଲେ ।

"ହେ, ମଦନ, ତୁମେମାନେ କୋଉଠୁ ଆସିଲ ?"

"ଆଉ କହିବେନି । ପିଲାଟାର ଉତ୍ପାତରେ ରହି ନପାରି ମର୍ଣ୍ଣିଂ ସୋ ସିନେମା ଦେଖି ଆସିଲୁ ।"

"ଗୌହାଟୀର ଅବସ୍ଥା ବର୍ତ୍ତମାନ କେମିତି ?"

"କାହିଁକି ? କଣ ହୋଇଛି ଗୌହାଟୀ ?"

"କର୍ଫ୍ୟୁ ଜାରିହୋଇଛି ନାଁ କଣ ?"

"କର୍ଫ୍ୟୁ ? କିଏ କହିଲା ? ନାଇଁ ତ ?"

"ମାଳିଗାଁଓରେ କୁଆଡ଼େ ଗଣ୍ଡଗୋଳ ହୋଇଛି ?"

"ନାଇଁ ତ ? ଏଇ ଆମେ ତ ସେ ଆଡ଼ୁ ଆସିଲୁ । ଓହୋ, ଗୋଟିଏ ପକେଟମାରକୁ ଲୋକେ ଧରିଥିଲେ । ସେ ଘଟଣାକୁ ନେଇ ଅଳ୍ପ ଗୋଳମାଳ ହୋଇଥିଲା ବୋଲି ଶୁଣିଲି ।"

ମୃଣାଳ ଏକ କଳ୍ପନା ରାଜ୍ୟରେ ବାସ କରେ । ମିଛ କଥା ସେ ବୋଧହୁଏ ଇଚ୍ଛା କରି କୁହେନି । ଯେତେବେଳେ ଯାହା କହେ କେଜାଣି ସେ ସେଇଟାକୁ ବିଶ୍ୱାସ କରେ । ହୁଏତ ସିଏ ତା ମନଗଢ଼ା ପୃଥିବୀରେ ବିଚରଣ କରେ ।

ଭୂଦେବ ଚୌଧୁରୀ ନିଜେ ବି ଗୋଟିଏ ମନଗଢ଼ା ପୃଥିବୀରେ କଣ ବାସ କରନ୍ତିନି ? ତାଙ୍କ ମନଗଢ଼ା ପୃଥିବୀ ସହିତ ଦୃଶ୍ୟମାନ ପୃଥିବୀରେ ସବୁବେଳେ ସଂଘାତ କଣ ହୁଏନି ? ଚୌଧୁରୀ ଆପୋଷ କରି ପାରନ୍ତି, ମୃଣାଳ ଆପୋଷ କରିବା ଶିଖିନି ।

ଚଉଦ

ଭୂଦେବ ଚୌଧୁରୀଙ୍କ ସାନଝିଅ ଅନୀତା ତାଙ୍କୁ ଆତ୍ମଜୀବନୀ ଲେଖିବାକୁ ବାଧ୍ୟ କରୁଛି । ଲେଖିବି ବୋଲି ଭାବିଲେ କଣ ଲେଖି ପାରିବେ ? ଭୋକ ଲାଗିଲେ କଦଳୀ କଣ ଆପେ ଆପେ ପାଚିଯିବ ?

ଜୀବନୀ ଲେଖିବାକୁ ଯାଇ ସେ କଣ ଲେଖିବେ ? ମୂଲ୍ୟବୋଧ, ଆଦର୍ଶ, ଅନୁଭୂତି ଏସବୁ ତାଙ୍କ ଜୀବନରେ ସହଜ ଭାବେ ଚିହ୍ନଟ ହୋଇ ସ୍ଥିର ହୋଇ କଣ ରହିଛି ? ଅସ୍ଥିର ଆଉ ଚଞ୍ଚଳ । ସବୁ ଜଆର ଚିହ୍ନି ନପାରିଲା ପରି ପରିବର୍ତ୍ତନ ହୋଇଛି । ପୁରୁଣା ଧାରଣା ଅବଶେଷରେ ନୂଆ ଧାରଣା ସହ ମିଳି ନୂଆ ଧାରଣାର ରୂପ ଆଉ ଗୁଣ ଦୁଇଟାର ପରିବର୍ତ୍ତନ ହୋଇଛି ।

ସାରା ଜୀବନ ସେ ନୂଆ ମୂଲ୍ୟବୋଧ, ନୂଆ ସଂସ୍କାର ଆଉ ନୂଆ ଭାବଧାରା ଆହରଣ କରି ଆସିଛନ୍ତି । ଏଇ ପ୍ରକ୍ରିୟା ଆଜି ଶେଷ ହୋଇନି । ଦିନେ ଯତ୍ନ କରି ଗ୍ରହଣ କରିଥିବା ଧ୍ୟାନ–ଧାରଣାକୁ ଅନ୍ୟ ଦିନେ ଅନାୟାସରେ ଦୂରେଇ ଦେଇଛନ୍ତି । ସମ୍ପୂର୍ଣ୍ଣ ଭାବେ କଣ ଦୂରେଇ ଦେଇଛନ୍ତି ? ଅବଶିଷ୍ଟ କିଛି କଣ ରହିଯାଇନି ?

ଭୂଦେବ ଚୌଧୁରୀଙ୍କ ଆଇମା ଦେବାଦେବୀଙ୍କ ପୂଜାପୂର୍ବିରେ ପକ୍ଷପାତଶୂନ୍ୟ ଥିଲେ । ପୁରୋହିତଙ୍କୁ ଡକାଇ ଶାଳଗ୍ରାମ ପଥର ଉପରେ ଶହେ ଆଠ ତୁଳସୀ ପତ୍ର ଚଢ଼ାଉଥିଲେ, ପୁଣି ସମାନ ଭକ୍ତିରେ କାଳୀ ପୂଜା ମଧ୍ୟ କରୁଥିଲେ । ପୁରାପୁରି ଗଣତାନ୍ତ୍ରିକ ମତବାଦ । ଗଣେଶ, ଲକ୍ଷ୍ମୀ, ସରସ୍ୱତୀ କୌଣସି ପୂଜା ଛାଡ଼ନ୍ତିନି । ତା ଭିତରେ ପୁଣି ସତ୍ୟନାରାୟଣ ପୂଜା, ଏଆଡ଼େ ସୁବଚନୀ ପୂଜା, ମନସା ପୂଜା ମଧ୍ୟ ଅଛି । ଶିବ ଚତୁର୍ଦ୍ଦଶୀ ଦିନ ଶିବ ମୃତ୍ତିକା ସଂଗ୍ରହ କରି ନିଜ ହାତରେ ଶିବଲିଙ୍ଗ କରି ସେ ଶିବ ପୂଜା କରୁଥିଲେ । ତା ଉପରେ ତିଥି ନେଇ ନାମ କୀର୍ତ୍ତନ । ସେଆଡ଼େ ନାମ ଧରା 'ବୋଲି' କହୁଥିଲେ । ସକାଳେ ଚୌଧୁରୀହେରିକା ସାହିରେ ଘରେ ଘରେ ଖବର ଦେଇ ଆସନ୍ତି । ସଞ୍ଜରେ ସ୍ତ୍ରୀ ଲୋକମାନେ ଏକାଠି ହୋଇ ନାମ କୀର୍ତ୍ତନ କରୁଥିଲେ ।

ଗୋଧୂଳିରେ ତୁଳସୀ ଚଉରା ମୂଳରେ ଦୀପ ଜଳାଇ ଦେଉଥିଲେ । ଘରେ ସମସ୍ତେ ସଞ୍ଜରେ ଗୋଡ଼ ହାତ ଧୋଇ ଚଉରା ମୂଳରେ ମୁଣ୍ଡିଆ ମାରୁଥିଲେ । ଆଇମା ପାଖରେ ଠିଆ ହୋଇ ଠାକୁରଙ୍କ ଆଶୀର୍ବାଦ ପ୍ରାର୍ଥନା କରୁଥିଲେ ।

''ବାବା ବଳରାମ, ଦେଖିବୁ ବାବା, ନାଁ ଦେବୁ, ଯଶ ଦେବୁ, ସୁମତି ଓ ସୁବୁଦ୍ଧି ଦେବୁ ।'' ଦେବତାମାନେ ଆଇମାର ଏଇ ପ୍ରାର୍ଥନାରେ କେତେ ସାହା ହୋଇଛନ୍ତି ଚୌଧୁରୀ କହି ପାରିବେନି । ନିଶ୍ଚୟ ବହୁତ ବେଶୀ ନୁହେଁ ବୋଲି ତାଙ୍କ ଧାରଣା ।

ଧର୍ମର ଦାର୍ଶନିକ ତତ୍ତ୍ୱ ଭିତରେ ଆଇମା ମୁଣ୍ଡ ପୂରେଇ ନଥିଲା । ଅଦ୍ୱୈତବାଦ, ଏକେଶ୍ୱରବାଦ ଏ ସବୁ ଶବ୍ଦ ତା ପାଇଁ ଅର୍ଥହୀନ । ଖାଲି ଭୂଦେବ ଚୌଧୁରୀ ନୁହଁନ୍ତି, ସମସ୍ତଙ୍କର ଧର୍ମ ଦୀକ୍ଷା ଆରମ୍ଭ ହୁଏ ଆଇମାଙ୍କ ଜରିଆରେ । ଚୌଧୁରୀଙ୍କର ସେଇଟା ହୋଇଥିଲା । ଧର୍ମ ବିଷୟରେ ତାଙ୍କ ଧାରଣା ଅସ୍ପଷ୍ଟ ଆଉ ଆବେଗପ୍ରବଣ । ଯଦିବା ଅନେକ ପୁସ୍ତକ ସେ ବିଷୟରେ ଅଧ୍ୟୟନ କରିଛନ୍ତି, ତାଙ୍କର ଏଇ ମାନସିକ ଅବସ୍ଥା ପରିବର୍ତ୍ତନ ହୋଇନି । ବରଂ ସେଥିପାଇଁ

ମନରେ ସଂଘାତ ସୃଷ୍ଟି ହୋଇଛି । ସଂସ୍କାର ଛାଡ଼ି ପାରନ୍ତିନି, ପୁରାପୁରି ବିଶ୍ୱାସ କରି ପାରନ୍ତିନି । ଏବେ ବି କାମାକ୍ଷା ମନ୍ଦିର ପାଖରେ ଗାଡ଼ି ଗଲାବେଳେ ଆଖି ଉପରକୁ ଉଠେଇ ଭୁବନେଶ୍ୱରୀ ମନ୍ଦିରକୁ ଚାହିଁ ପ୍ରଣାମ କରନ୍ତି । ଲୋକେ ନଦେଖି ପ୍ରଣାମ କରନ୍ତି କିନ୍ତୁ ପ୍ରଣାମ ନକରି ରହି ପାରନ୍ତିନି ।

ପିଲାଦିନେ ଚୌଧୁରୀ ତାଙ୍କ ପଢ଼ା ଘରେ ଗୋଟିଏ କୋଣରେ ପୋଥି ସ୍ଥାପନ କରିଥିଲେ । ପ୍ୟାକିଙ୍ଗ୍ ହୋଇଥିବା ବାକ୍ସ ଉପରେ ସରସ୍ୱତୀଙ୍କ ଗୋଟିଏ ବନ୍ଧେଇ ଫଟୋ, ଫଟୋ ଦି' ପଟେ ଦୁଇଟା ମାଟି ମୂର୍ତ୍ତି, ଗୋଟିଏ ଗଣେଶଙ୍କର ଆଉ ଗୋଟିଏ ମହାଦେବଙ୍କର । ବାକ୍ସ ଚାରିପଟେ ବୋତଲରେ ବାକ୍ସ ଗଛ ପୁରେଇ ସଜେଇ ରଖିଥିଲେ । ବୋତଲ ପାଣି ଭିତରେ କଟା ଡାଳରୁ ଚେର ଗଜେଇ ଥିଲା । ଶେଫାଳି ଫୁଲ ଫୁଟିବା ସମୟରେ ପୂର୍ବଦିନ ଗୋଧୂଳିରେ କଢ଼ ଧରିଥିବା ଛୋଟ ଛୋଟ ଶେଫାଳି ଡାଳ ଆଣି ବୋତଲରେ ରଖୁଥିଲେ । ରାତିଟା ଭିତରେ କଢ଼ ସବୁ ଫୁଟି ସରସ୍ୱତୀଙ୍କ ଫଟୋ ଆଗରେ ଝଡ଼ି ପଡୁଥିଲା । ସବୁଦିନେ ସକାଳେ ଚୌଧୁରୀ ଗୋଟାଏ ଅଦ୍ଭୁତ ଆନନ୍ଦ ଅନୁଭବ କରୁଥିଲେ ।

ଆଈମା ପାଖରୁ ଚୌଧୁରୀ ଯୋଉ ଧର୍ମ ଶିକ୍ଷା ପାଇଥିଲେ, ମହିମ ଶର୍ମା ତାକୁ ଆହୁରି ବେଶୀ ସବଳ କରି ଦେଲେ । ମହିମ ଶର୍ମା ସ୍କୁଲ ଶିକ୍ଷକ । ହିନ୍ଦୁ ଧର୍ମ ଆଉ ସଂସ୍କୃତିକୁ ପୁନରୁଜ୍ଜୀବିତ କରିବାକୁ ବଦ୍ଧପରିକର । ହିନ୍ଦୁ ମିଶନର ସକ୍ରିୟ ସଦସ୍ୟ ସ୍ୱାମୀ ଓଙ୍କାରାନନ୍ଦଙ୍କ ଶିଷ୍ୟ । ଚୌଧୁରୀହେରିକା ସେତେବେଳେ ନବମ ଶ୍ରେଣୀର ଛାତ୍ର । ମହିମ ଶର୍ମାଂକ ବିଶେଷ ଅନୁଗତ । ମଝିରେ ମଝିରେ ସର୍ବସାଧାରଣ ସଭା ହୁଏ । ଚୌଧୁରୀହେରିକା ମହା ଉତ୍ସାହରେ ଚେୟାର ବେଞ୍ଚ ଟଣା ଟଣି କରନ୍ତି । ଥରେ ହିନ୍ଦୁ ଧର୍ମ ଗ୍ରହଣ କରିଥିବା ଜଣେ ଗ୍ରୀକ୍ ମହିଳା ଆସିଥିଲେ । ସଭାର ବହୁତ ଦିନ ଆଗରୁ ସେମାନେ କାଗଜରେ ଛପାଇ ପ୍ରଚାର କରିଥିଲେ । ଗ୍ରୀକ୍ ମହିଳାଙ୍କ ନାଆଁ ତଳେ ଲେଖା ହୋଇଥିଲା, ଏମ୍.ଏ, ଏମ୍.ଏସ୍.ସି., ପି.ଏଚ୍.ଡ଼ି. । ବିଖ୍ୟାତ ପଣ୍ଡିତ । ମହିମ ଶର୍ମା ଶ୍ରଦ୍ଧାପୂର୍ଣ୍ଣ ଭକ୍ତିଭାବରେ କୌତୂହଳୀ ପିଲାମାନଙ୍କୁ ବୁଝାଇ ଦେଇଥିଲେ । ମହିମ ଶର୍ମାଙ୍କ ଜୀବନରେ ଏଇଟା ହିଁ ସବୁଠାରୁ ବଡ଼ ଘଟଣା । ଉତ୍ତେଜିତ ଅବସ୍ଥାରେ ଚିଲ୍ଲାଇ ଚିଲ୍ଲାଇ ପିଲାମାନଙ୍କୁ ପରସ୍ପର ବିରୋଧୀ ନିର୍ଦ୍ଦେଶ ଦେଉଥିବା ବେଳେ ତାଙ୍କ କଣ୍ଠ ପଡ଼ିଗଲା । ସଭାରେ ସେ ନିଜେ ଭାଷଣ ଦେଇପାରିଲେନି । ସଭାସ୍ଥଳୀରେ ଗ୍ରୀକ୍ ମହିଳାଙ୍କ ପାଖ ଚେୟାରରେ କୃତାର୍ଥ ଭାବେ ବସି ରହିଲେ । ସଭାରେ ଶାଢ଼ୀ ପିନ୍ଧା ଗ୍ରୀକ୍ ମହିଳାଙ୍କୁ ଦେଖିବାକୁ ପ୍ରଚୁର ଜନସମାବେଶ ହୋଇଥିଲା । ଗ୍ରୀକ୍ ମହିଳା କ'ଣ କହିଥିଲେ ଚୌଧୁରୀଙ୍କ କିଛି ମନେ ନାହିଁ । ମନେ ରହିବା ଆବଶ୍ୟକ ନାହିଁ । ଅନ୍ୟମାନଙ୍କ ପରି ସେ ମୁଗ୍ଧ ନୟନରେ ଗ୍ରୀକ୍ ମହିଳାଙ୍କ ଆଡକୁ ଚାହିଁ ରହିଥିଲେ ।

ମିଶନ୍‌ରୁ ପ୍ରକାଶିତ ବହି ଆଉ ପତ୍ରିକା ମହିମ ଶର୍ମାଙ୍କ ପାଖକୁ ଆସୁଥିଲା । ପତ୍ରିକାରେ ଧର୍ମ ବିଷୟରେ କି ଗଭୀର ତତ୍ତ୍ୱର ବ୍ୟାଖ୍ୟା ଥିଲା, ଚୌଧୁରୀଙ୍କ ବିନ୍ଦୁଏ ମାତ୍ର ମନେ ନାହିଁ । କିନ୍ତୁ ପତ୍ରିକା ଶେଷ ପୃଷ୍ଠାରେ ହିନ୍ଦୁ ମହିଳାଙ୍କ ଉପରେ ମୁସଲମାନ ଦୁର୍ବୃତ୍ତ କରିଥିବା ପାଶବିକ ଅତ୍ୟାଚାରର ଯେଉଁ ସବୁ ବିଶଦ୍ ବର୍ଣ୍ଣନା ଥିଲା, ଘଟଣା ସବୁର କିଛି କଥା ତାଙ୍କର ଏବେ ମଧ୍ୟ ମନେ ଅଛି ।

ଦଶମ ଶ୍ରେଣୀରେ ପୁଣି ପରିବର୍ତ୍ତନ । ରମାପ୍ରସନ୍ନ ବରୁଆଙ୍କ ସଂସ୍ପର୍ଶରେ ଆସି ଚୌଧୁରୀ ହେରିକା ମହାତ୍ମା ଗାନ୍ଧିଙ୍କ ଆଦର୍ଶରେ ବିଶ୍ୱାସ କରିବାକୁ ଲାଗିଲେ । ବ୍ରାହ୍ମଣ, ଶୂଦ୍ର, ହିନ୍ଦୁ ମୁସଲମାନ, ଏଇ ଭେଦଭାବ ଥିବା ଦେଶର ଉନ୍ନତି ନାହିଁ । ମହାତ୍ମାଗାନ୍ଧିଙ୍କ ଆଦର୍ଶ ହେଲା, ସେମାନଙ୍କର ଆଦର୍ଶ । କଥାଗୁଡ଼ା ପୁରାପୁରି ଠିକ୍ ନୁହେଁ । ଅସଲକଥା ହେଲା, ରମା ପ୍ରସନ୍ନ ଯାହା କହୁଥିଲେ ସେମାନେ ତାକୁ ମାନି ନେଇଥିଲେ । ଏଇଠି ହେଲା ମୁସ୍କିଲ ।

ପ୍ରକୃତରେ ତାଙ୍କ ମନଟା ବିଭିନ୍ନ ଧାରଣାକୁ ଏକାଠି କରି ରଖି ପାରୁଥିବା ଗୋଟିଏ ଆଧାର । ଅହିଂସା ଆନ୍ଦୋଳନ, ସତ୍ୟାଗ୍ରହ । ଶବ୍ଦ, କେବଳ ଶବ୍ଦ । କିନ୍ତୁ ମଣିଷ ଜୀବନରେ ଶବ୍ଦର ପ୍ରଭାବ କମ୍ ନୁହେଁ । ମନ୍ତ୍ର ଭଳି କାମ କରେ । ମନ୍ତ୍ର ମଣିଷକୁ ପ୍ରେରଣା ଦିଏ, ଉତ୍ତେଜିତ କରାଏ । ମନ୍ତ୍ରମୁଗ୍ଧ ହେବା କଥାଟା ସେପାଇଁ ଅଛି । ଭୂଦେବ ଚୌଧୁରୀ ସେତେବେଳେ ମୋହାଚ୍ଛନ୍ନ ଅବସ୍ଥାରେ ଥିଲେ । ରମାପ୍ରସନ୍ନ ବରୁଆଙ୍କ ନିର୍ଦ୍ଦେଶକୁ ସର୍ବାନ୍ତକରଣର ମାନି ନେଉଥିଲେ । ତାକୁଡ଼ିରେ ସୂତା ବି କାଟିଥିଲେ ।

କଂଗ୍ରେସର ମିଟିଂ ଫିଟିଂ ହେଲେ ସେମିତି ବେଶୀ ଲୋକ ଆସନ୍ତିନି । ରମାପ୍ରସନ୍ନ ବରୁଆ ଆଉ ତାଙ୍କ ଶିଷ୍ୟମାନେ କଣ୍ଠ ଫଟେଇ, ''ମହାତ୍ମାଗାନ୍ଧି କି - ''ଜୟ'' ଓ ଆଉ ''ବଂଦେ ମାତରମ୍ ' ବୋଲି ଚିଲ୍ଲଉ ଥିଲେ ।

ମହାତ୍ମାଗାନ୍ଧି ଯୋଉ ଦିନ ଆସିଲେ, ସେଦିନ କିନ୍ତୁ ଲୋକମାନଙ୍କର ଭିଡ଼ ଲାଗି ଯାଇଥିଲା । ଜନସମୁଦ୍ର । ଗାନ୍ଧିଙ୍କ ଆସିବା ପୂର୍ବଦିନ ରାତିରେ ରୂପସୀର ଜମିଦାର ପଂକ୍ତି ଭୋଜନ ବ୍ୟବସ୍ଥା ଅର୍ଥାତ୍ ସବୁ ଜାତିର ଲୋକେ ସାଙ୍ଗ ହୋଇ ବସି ଅନ୍ନଗ୍ରହଣ କରିବା ବ୍ୟବସ୍ଥା କରିଥିଲେ । ପରଦିନ ସକାଳେ ଗାନ୍ଧିଜୀ ପଦଯାତ୍ରା କରି ରୂପସୀରୁ ଧୁବୁରୀ ପର୍ଯ୍ୟନ୍ତ ଯାଇଥିଲେ । ପୂର୍ବଦିନ ରାତିରୁ ଦୂରଦୂରାନ୍ତରୁ ବହୁତ ଲୋକ ଆସି ରାସ୍ତା ଦୁଇକଡ଼ରେ ଜମା ହୋଇଥିଲେ । ମଣିଷଙ୍କର ସ୍ରୋତ ଉଉାଳ ତରଙ୍ଗ ବୋଲି କହି ହେବ । ଚୌଧୁରୀ ଥିଲେ ସ୍ୱେଚ୍ଛାସେବକ ବାହିନୀ ଭିତରୁ ଜଣେ । ଭିଡ଼କୁ ସମ୍ଭାଳି ରଖିବା ଦାୟିତ୍ୱ ସେମାନଙ୍କର ।

ବୃଦ୍ଧ, ଯୁବକ ମିଶି ଭିତରେ ଗାଁମାନଙ୍କରୁ ଅସଂଖ୍ୟ ଲୋକ । ଏମାନେ ଗାନ୍ଧିଜୀଙ୍କ ଆଦର୍ଶ ବିଷୟରେ କଣ ଜାଣନ୍ତି ? ଜଣେ ଅର୍ଦ୍ଧନଗ୍ନ କ୍ଷୀଣକାୟ ମଣିଷ ଧୂଳି ଧୂସରିତ ରାସ୍ତାରେ ମନ୍ଥର ଗତିରେ ଚାଲି ଚାଲି ଆସୁଛି । ଅସଂଖ୍ୟ ଲୋକେ ସମ୍ମୋହିତ ଭାବେ ଆକୁଳ ଆଗ୍ରହରେ ସ୍ଥିର ଦୃଷ୍ଟିରେ ସେଇ ଆଡ଼କୁ ଚାହିଁ ରହିଛନ୍ତି ।

ରମାପ୍ରସନ୍ନ ବରୁଆଙ୍କ ଦଳ ମଧୁପୁରରେ ଗାନ୍ଧିଜୀଙ୍କୁ ଟଙ୍କା ତୋଡ଼ାଟିଏ ଉପହାର ଦେବାକୁ ବ୍ୟବସ୍ଥା କରିଥିଲେ । ଜମିଦାରଙ୍କ ଘର ଆଗ ଚାରି ଛକରେ ଠିଆ ହୋଇ ଗାନ୍ଧିଜୀ ସମସ୍ତଙ୍କ ଉଦ୍ଦେଶ୍ୟରେ ଅଳ୍ପ କିଛି କହିଲେ । ସେ କ'ଣ କହିଥିଲେ ଚୌଧୁରୀ ଶୁଣି ନାହାନ୍ତି । ଶୁଣିବା ଅସମ୍ଭବ ଥିଲା । ଗାନ୍ଧିଜୀ ଚାରିଛକ ଉପରେ ଠିଆ ହେବା ସାଙ୍ଗେ ସାଙ୍ଗେ ଚାରିଆଡୁ ଲୋକେ ସେଠାରେ କେନ୍ଦ୍ରୀଭୂତ ହେବାପାଇଁ ଠେଲାପେଲା ଆରମ୍ଭ କରିଦେଲେ । ଭିଡ ସମ୍ଭାଳିବାକୁ ଯାଇ ସେ ବ୍ୟତିବ୍ୟସ୍ତ ହୋଇଗଲେ ।

ଉପରିସ୍ଥ ଲୋକଙ୍କ ମନରେ ଗାନ୍ଧିଜୀଙ୍କ ପ୍ରଭାବ କେତେ ପରିମାଣରେ ସ୍ଥାୟୀ ହୋଇଥିବ କହିବା କଷ୍ଟ, କିନ୍ତୁ ଗାନ୍ଧିଜୀଙ୍କ ଆସିବାରେ ଅମର ଦେ'ଙ୍କ ଜୀବନରେ ଗୋଟାଏ ପରିବର୍ତ୍ତନ

ଆସିଲା । ମହାଦେବ ବରୁଆଙ୍କ ଘରେ ରହି ଅମର ଦେ ସ୍କୁଲରେ ପଢୁଥିଲେ । ଦଶମ ଶ୍ରେଣୀରେ ପଢୁଥିଲେ, ଯଦିଓ ତାଙ୍କ ବୟସ ଅଳ୍ପ ବେଶୀ ଥିଲା । ଖୁବ୍ ଭଲ ଛାତ୍ର । ଶାନ୍ତିପ୍ରିୟ ଲାଜକୁଳା ପିଲା । ଭୂଦେବ ଚୌଧୁରୀଙ୍କ ମନେ ଅଛି ପିଲାଟା ବହୁତ ଝାଳୁଆ ଥିଲା । ସବୁବେଳେ ଖାଲି ଗୋଡ଼ରେ ରହୁଥିଲା । କୋଉଠି ଠିଆ ହୋଇଗଲେ ମାଟିରେ ପାଣି ଦାଗ ପଡ଼ିଯାଉଥିଲା ।

ଅମର ରୂପସୀର ପଂକ୍ତି ଭୋଜନରେ ଯୋଗ ଦେଇଥିଲା । ମହାଦେବ ବରୁଆଙ୍କ ମା ଖବର ପାଇ ହୁଲସ୍ଥୁଲ କରିଦେଲେ । ଗୋବର ପାଣି ପିଇ ପ୍ରାୟଶ୍ଚିତ କରିବାକୁ ପଡ଼ିବ । କଣ ହୋଇଗଲା କି ? ମୋଟୀ ମେହେନ୍ତରଙ୍କ ସାଙ୍ଗରେ ବସି ଭାତ ଖାଇ ଆସିଛି । ଜାତି ଧର୍ମ ଆଉ କୋଉଠି ରହିଲା । ଭୁସ୍‌ଭାସ୍ ଘରେ ପଶିଗଲେ ହେଲା ? ଶାନ୍ତ ଶିଷ୍ଟ ପିଲାଟା । ଅମର ପ୍ରାୟଶ୍ଚିତ କରିବାକୁ ମନା କଲା । ଅମର, ମହାଦେବ ବରୁଆଙ୍କ ଘର ନୁହଁ, ମଧୁପୁର ଛାଡ଼ି ଚାଲି ଗଲା । ପରେ ତାର କଣ ହେଲା ଚୌଧୁରୀ ଆଉ ଜାଣନ୍ତିନି ।

''ସେଇ ଟୋକି ଏଇଠି ରହେ କି ?'' ସଦାନନ୍ଦଙ୍କ ହାଜରିକାଙ୍କ ଡାକ ଶୁଣି ଚୌଧୁରୀଙ୍କ ଚିନ୍ତାର ସୂଅ ଛିଣ୍ଡିଗଲା । ମଦନ ଦାସଙ୍କ ସ୍ତ୍ରୀ ମୀନା ତାଙ୍କ ବାରଣ୍ଡାକୁ ବାହାରି ଆସିଛନ୍ତି, ଏଆଡ଼େ ଚୌଧୁରୀଙ୍କ ବାରଣ୍ଡା କଡ଼କୁ ଯାଇ ହାଜରିକା ଅଶୋଭନୀୟ ଭାବେ ଗଳିଗଲାପରି ତାଙ୍କ ଆଡ଼କୁ ଚାହିଁ ରହିଛନ୍ତି ।

ଚୌଧୁରୀ ଡାକିଲେ, ''ହାଜରିକା, ଆସନ୍ତୁ, ବସନ୍ତୁ । ''କଣ ଏମିତି ଧ୍ୟାନମଗ୍ନ ହୋଇ ବସି ରହିଛନ୍ତି ? ନାଁ କାହା ଆଡ଼କୁ ସ୍ଥିର ହୋଇ ଚାହିଁଛନ୍ତି ? ଖୁବ୍... ଖୁବ୍... ଖୁବ୍ ।''

ଚୌଧୁରୀ ଗମ୍ଭୀର ହୋଇ କହିଲେ, ''ବସନ୍ତୁ ।''

ହାଜରିକା ପଚାରିଲେ, ''ଏମାନେ ଏଇଠି ରହନ୍ତି ?''

''ଏମାନେ ମାନେ ?''

''ମଦନ ଆଉ ମୀନା ? ନା ମଦନକୁ ଛାଡ଼ି ବର୍ତ୍ତମାନ ଆଉ କା' ସାଙ୍ଗରେ ଅଛି ?''

''କଣ କହୁଛନ୍ତି ଆପଣ ?''

''କାହିଁକି କହିବିନି ? ସେ ନିଜେ ଭଲ ହୋଇଥିଲେ କେବଟ (ଶାଳା) କୈବର୍ତ୍ତର ପୁଅ ବ୍ରାହ୍ମଣ ଝିଅଟାକୁ ଫୁସୁଲାଇ ବାହା ହୋଇ ପାରିଥାନ୍ତା ? ଦେଶଟା ଅଧଃପତନ ଆଡ଼କୁ ଗଲା ।''

''ମୀନା କଣ ବ୍ରାହ୍ମଣ ଝିଅ ?''

''ବ୍ରାହ୍ମଣ ଝିଅ ମାନେ ? ଗୋସେଇଁ ଘର ଝିଅ । ବାପ ପରମାନନ୍ଦ ଗୋସ୍ୱାମୀ ନାମକରା ପଣ୍ଡିତ । ସେଆଡ଼େ ସବୁଲୋକ ତାଙ୍କ ଶିଷ୍ୟ । ସମସ୍ତେ ତାଙ୍କୁ ଦେବତା ପରି ଭକ୍ତି କରନ୍ତି ! ସେମିତିଆ ପରର ଝିଅର ଏଇ କାମ ? ମୁଁ ଆଗରୁ ବାଧା ଦେଇଥିଲି । ଝିଅକୁ ଏମ୍.ଏ ପଢ଼ାଇ ପଣ୍ଡିତ କରିବେ । ମଜା ପାଇଲେ ଏବେ ?''

''ବାହାଘରେ ଘରର ମତ ନଥିଲା କି ?''

''କଣ ଆପଣ କହୁଛନ୍ତି ? ଜାଣିବାଶୁଣିବା ଲୋକ ହୋଇ କି କଥା ଯେ କୁହନ୍ତି ? ବାପ ନିଶ୍ଚିତ କରି କହିଦେଇଛି ମୋ ମଝିଆଁ ଝିଅ ନାହିଁ, ମରିଛି, ସେ ସେତିକିରେ କ୍ଷାନ୍ତ ହୋଇଛନ୍ତି । ମୋ ଝିଅ ହୋଇଥିଲେ, ତାକୁ ଖଣ୍ଡ ଖଣ୍ଡ କରି କାଟି ବ୍ରହ୍ମପୁତ୍ରରେ ଭସାଇ ଦେଇଥାନ୍ତି ।''

ଚୌଧୁରୀ ବୁଢ଼ା ଲୋକ । ମୀନା କଣ ଯେ ଅନ୍ୟାୟ କରିଛି ସେ କୌଣସି ପ୍ରକାରେ

ଭାବି ପାରିଲେନି । ବାଇଶ ବର୍ଷ ଆଗରୁ ହେଲେ ସେ କଣ କରିଥାନ୍ତେ ? ଏବେ ସହଜରେ କଥାଗୁଡ଼ା କଣ ମାନି ନେଇଥାନ୍ତେ ? ପ୍ରତ୍ୟେକ ମଣିଷର ମୂଲ୍ୟବୋଧ କ୍ରମେ କ୍ରମେ ପରିବର୍ତ୍ତନ ହେଉଥାଏ । ଏସବୁ ଭାବି ଲାଭ ନାହିଁ, କଳ୍ପିତ ପରିସ୍ଥିତିରେ କଳ୍ପିତ ପ୍ରତିକ୍ରିୟା ।

ପନ୍ଦର

ଭୂଦେବ ଚୌଧୁରୀ ହଠାତ୍ ସଚେତନ ହୋଇଗଲେ । ଆଜିକାଲି ସେ ଏମିତି ହଠାତ୍ ସଚେତନ ହୋଇ ଉଠନ୍ତି । ସଚେତନ ହେଲାପରେ ନିଜ ପାରିପାର୍ଶ୍ୱିକତା ସମ୍ବନ୍ଧରେ ଗୋଳମାଳ ହୋଇଯାଏ । ସମୟ ଆଉ ନିଜ ବୟସର ଧାରଣାରେ ବି ଭ୍ରମ ସୃଷ୍ଟି ହୁଏ । ସ୍ୱପ୍ନ ଜଗତରୁ ସ୍ୱାଭାବିକ ଜଗତ ସହିତ ନିଜକୁ ଖାପ ଖୁଆଇନେବାପାଇଁ କେତୋଟି ମୁହୂର୍ତ୍ତ ପାର ହୋଇଯାଏ । ସଚେତନ ହେବାପରେ ସ୍ୱପ୍ନରେ ଦେଖିଥିବା ଦୃଶ୍ୟମାନେ ମନର ପର୍ଦ୍ଦାରୁ ତତକ୍ଷଣାତ ନିଶ୍ଚିହ୍ନ ହୋଇଥାନ୍ତି । କିନ୍ତୁ ସ୍ୱପ୍ନରେ ଅନୁଭବ କରିଥିବା କଥାଗୁଡ଼ା ମନ-ଆକାଶରେ ଅନେକ ସମୟ ପର୍ଯ୍ୟନ୍ତ ଅସ୍ପଷ୍ଟ କୁହୁଡ଼ି ପରି ଭାସୁଥାନ୍ତି ।

ଧୀରେ ଧୀରେ ଚୌଧୁରୀ ସ୍ଥାନ ଓ କାଳ ବିଷୟରେ ସଜାଗ ହୋଇଯାଆନ୍ତି । ଛୋଟ ପିଲା ଥିବାରୁ ମଦନ ଦାସଙ୍କ ଶୋଇବା ଘରେ ସାରା ରାତି ଲାଇଟ ଜଳୁଥାଏ । ଝରକା କାଚ ଦେଇ ଆଲୁଅ ଚୌଧୁରୀଙ୍କ ଶୋଇବା ଘର କାନ୍ଥରେ ଆସି ପଡେ ! ଡ୍ରଇଁ ରୁମ୍‌ରେ ସ୍ପ୍ରିଙ୍ଗ୍ ସୋଫା ଉପରେ ଧପ୍ କରି ଗୋଟାଏ ଶବ୍ଦ ହେଲା । ସିଲିଂରୁ ବୋଧହୁଏ ଗୋଟାଏ ଝିଟିପିଟି ପଡ଼ିଲା । ଝିଟିପିଟିର ଆକାର ଅନୁପାତରେ ଶବ୍ଦ ଅସ୍ୱାଭାବିକ ଭାବେ ବେଶୀ । ବିଛଣା ତଳେ କରକ୍ କରକ୍ କରି ଲାଗରେ ଶବ୍ଦ । ବୋଧହୁଏ ମୂଷା ବହିଗୁଡ଼ାକୁ କାଟୁଛି । ଖଟତଳେ ବହିଗୁଡ଼ା ସବୁ ପଡ଼ିଛି । ଆଲମାରୀ, ର୍‍ୟାକ୍, ମେଜ, ଚୌକି କୋଉଠି ଆଉ ଜାଗା ନାହିଁ । ବାକୀ ବହି ସବୁ ଖଟତଳେ, ପଲାଟଟାଣ ଉପରେ ବିଶୃଙ୍ଖଳ ଭାବେ ପୋପାଡ଼ି ଦିଆହୋଇଛି । ଗୋଡ଼ ଦେବାକୁ ଜାଗା ନାହିଁ । ବିଭିନ୍ନ ପ୍ରକାରର ଏଇ ସବୁ ଶବ୍ଦ ଭୂଦେବ ଚୌଧୁରୀଙ୍କୁ ନିଜ କୋଠରୀକୁ ପୁଣି ନେଇ ଆସିଲା ।

ତାଙ୍କର ନିଦ ଆଦୌ ଆସୁନି । ଆଖି ବନ୍ଦ କରି ସେ ବିଛଣା ଉପରେ ଶୋଇ ଶୋଇ ସକାଳକୁ ଅପେକ୍ଷା କଲେ । ଭଙ୍ଗା, ଚିରା, ଅସ୍ପଷ୍ଟ ଚିତ୍ରଗୁଡ଼ିକ ଧାଡ଼ି ଧାଡ଼ି ହୋଇ ତାଙ୍କ ଆଖି ଆଗରେ ଭାସି ଉଠିଲା । ଘଟଣା ଆଉ ସମୟ ସବୁ ଗୋଳିଆମିଶା । ଗୋଟାଏ ଛବି ସ୍ପଷ୍ଟ ହେବା ଆଗରୁ ଆଉ ଗୋଟିଏ ଛବି ତା ଉପରେ ମାଡ଼ିଯାଏ । ବିଭିନ୍ନ ଦୃଶ୍ୟର ଅସଂଲଗ୍ନ ଧାଡ଼ି । ନିଦ ହେବାର ସମ୍ଭାବନା ନାହିଁ । ଦେଖୁ ଦେଖୁ ସକାଳ ହେଲା । ଏତେ ଶାନ୍ତ, ଏମିତି ଅବୋଧ ଏକ ଗୂଢ ତତ୍ତ୍ୱ ହଠାତ୍ ସତେ କି ଉପଲବ୍ଧ ହେଲା ।

ଭୂଦେବ ଚୌଧୁରୀ ଗୋଡ଼ ତଳେ ରଖିଲେ । ଗୋଡ଼ ତଳେ ପୁରାଏ ବହି । ଧୋତିକୁ ସେ ଲୁଙ୍ଗି କରି ପିନ୍ଧିଥିଲେ । ବିଛଣା କଡ଼ରେ ବସି ସେ ଗୋଡ଼ ଦି'ଟାକୁ ସିଧାକରି ଲମ୍ବେଇ ଦେଲେ । ଗୋଡ଼ ଦିଇଟା କାଉଁରିଆ କାଠି ପରି ସରୁ । ତାଙ୍କୁ ଦେଖି ଲୋକେ ଜାଣି ପାରନ୍ତିନି

ଲୋକଟା ଏତେ ଝଡ଼ି ଗଲାଣି । ଲମ୍ବା ପ୍ୟାଣ୍ଟ ପିନ୍ଧୁଥିବାରୁ ଗୋଡ଼ ଦି'ଟା ଲୋକଙ୍କ ଆଖିରେ ପଡ଼େନି । ମୁହଁଟା ଠିକ୍ ଅଛି । ବାହାରୁ ଧରିବା କଷ୍ଟ । ତାଙ୍କ ଦେହ ଯେ କ୍ରମେ ଖରାପ ହୋଇ ଆସୁଛି ସେ କଥା ସେ ନିଜେ ଉପଲବ୍ଧି କରିବାକୁ ରାଜି ନୁହନ୍ତି । ଆଜିକାଲି ସବୁବେଳେ ତାଙ୍କୁ କ୍ଲାନ୍ତ ଲାଗେ । ଯଦି କ୍ଲାନ୍ତ ଲାଗେ, ତାହେଲେ କୁଆଡ଼େ ନଯାଇ ବାରଣ୍ଡା ଉପରେ ବସି ରହିଲେ ହେଲା ।

ଭୂଦେବ ଚୌଧୁରୀ ବାଥ୍‌ରୁମ୍‌କୁ ଗଲେ । ଏ ପର୍ଯ୍ୟନ୍ତ କଳରେ ପାଣି ଆସିନି । କଳ ତଳେ ଥିବା ବାଲ୍ଟିରେ ଛୋଟ ଗୋଟାଏ କଣା ଥିଲା । ରାତିକ ଭିତରେ ସବୁ ପାଣି ବୋହି ଯାଇଛି । ସବୁବେଳେ ଭାବନ୍ତି ଚୂନ ଆଉ ଗୁଡ଼ ମିଶେଇ କଣାଟା ବନ୍ଦ କରିଦେବେ, ସବୁବେଳେ ଭୁଲିଯାଆନ୍ତି । ଆଜି ବୋଲି ନୁହେଁ, କରିବି କରିବି ବୋଲି ଭାବୁ ଭାବୁ ଦିନ ସବୁ ବାହାରିଯାଏ । ଗୁରୁତ୍ୱପୂର୍ଣ୍ଣ କାମ କିଛି କରିହେଲାନି ।

ଗାଧୋଇବା ତ ଦୂର କଥା ପାଇଖାନା ଯିବାକୁ ଉପାୟ ନାହିଁ । ବାଥରୁମ୍‌ରୁ ଆସି ବିଛଣା ଉପରେ ପୁଣି ଗଡ଼ିଗଲେ । ରାଗ ଆଉ ବିରକ୍ତି । କାହା ଉପରେ ନୁହେଁ, ବିକ୍ଷିପ୍ତ । ସେ ବୁଝି ପାରିଲେ ଯେ ସେ ନିଜ ବ୍ୟବସ୍ଥା ନିଜେ ନ କରି ପାରିଲା ପରି ଅବସ୍ଥା ହେଲାଣି । ଚାକର ଟୋକା ଯୋଗେନ୍‌କୁ ଉଠେଇ ଲାଭ ନାହିଁ । ନିଶ୍ଚୟ କୋଉଠି ପାଣି ରଖିନି । ପାଣି ନ ଆସିଲେ ସେ ଟା କରି ଦେଇ ପାରିବନି । ଗଜାନନ ରାୟଙ୍କ ଘରେ ନଳକୂପ ଅଛି, କୂଅ ଅଛି । ଯୋଗେନ୍ ଯାଇ ସେଠାରୁ ବାଲ୍ଟିଏ ପାଣି ଆଣି ପାରିବ । କିନ୍ତୁ ଭୂଦେବ ଚୌଧୁରୀ ଉଠିଯାଇ ଯୋଗେନ୍‌କୁ ଡାକିବାକୁ ଇଚ୍ଛା କଲେନି ।

ପ୍ରକୃତରେ ସେ ଆଉ ପାରିବେନି । ବୟସ ହେଲାଣି । ସିଟି ବସ୍‌ରେ ଚଢ଼ିଲା ବେଳେ ସେ ଏକଥା ସବୁ ଭଲଭାବେ ଉପଲବ୍ଧି କରନ୍ତି । ଅଧିକାଂଶ ଲୋକ ବିରକ୍ତ ହୁଅନ୍ତି । ବୁଢ଼ା ଲୋକଟାର କି କାଣ୍ଡ ? କଣ ଏମିତି ଠେଲା ପେଲା ? କେବେକେବେ କେହି ଯୁବକ ନିଜ ଆସନ ଛାଡ଼ି ତାଙ୍କୁ ବସିବାକୁ ଦିଏ । ''ବସନ୍ତୁ, ବୁଢ଼ା ଲୋକ, ଏମିତି ଓହଳି ଯିବେ କେମିତି ?'' ଇଏ ବି ଏକ ପ୍ରକାର ବିରକ୍ତିର ପ୍ରକାଶ । ତୁମେ ଜଣେ ବୁଢ଼ା ଲୋକ । ଭାରସାମ୍ୟ ରଖି ନପାରି ମୁହଁ ମାଡ଼ି ପଡ଼ିଗଲେ କଣ ହେବ ? ତୁମେ ଠେଲା ପେଲା କରି ନ ଆସିଲେ ତ ଏଇ ବିବେକ ଦଂଶନର ପ୍ରଶ୍ନ ଉଠନ୍ତା ନାହିଁ ।

ବାଲ୍‌ଟିଟା କଣା ହୋଇଛି । ବାଥ୍‌ରୁମ୍ କୁଣ୍ଡରେ ପାଣି ନଥାଏ । ଅନେକ ଦିନ ହେଲାଣି ଫିଲ୍‌ଟର କ୍ୟାଣ୍ଡଲ୍‌ଟା ଖରାପ ହୋଇଛି । କରିବି କରିବି ବୋଲି ଭାବି କୌଣସି କାମ ହୋଇପାରୁନି । ଗୋଟିଏ ବଡ଼ ଅବସନ୍ନତା ଚୌଧୁରୀଙ୍କୁ ଜାବୁଡ଼ି ଧରେ ।

ସ୍ତ୍ରୀଙ୍କ କଥା ମନେ ପଡ଼ିଲା । ବୟସ ହୋଇଥିଲେ ବି ରୁଗ୍ଣ ଶରୀରରେ ସେ ଘରଟାକୁ ସମ୍ଭାଳି ଥିଲେ, ସବୁଆଡ଼େ ନଜର ରଖିଥିଲେ । ଚୌଧୁରୀ କୋଉଦିନ ବି ଆଦର୍ଶ ଗୃହସ୍ଥ ନଥିଲେ । ଅଳସୁଆ, ଆରାମପ୍ରିୟ ଆଉ ଦୀର୍ଘସୂତ୍ରୀ । କାମ କରିଛନ୍ତି, ସାରାଜୀବନ ଅକ୍ଲାନ୍ତ ପରିଶ୍ରମ କରିଛନ୍ତି, କିନ୍ତୁ ବାଧ୍ୟ ହୋଇ । ସ୍ୱତଃପ୍ରବୃତ୍ତ ଭାବେ ନୁହେଁ । ଘରେ ମୁରବୀଙ୍କର ଏମିତି ସ୍ୱଭାବ ସ୍ତ୍ରୀଙ୍କ ପାଇଁ ସତରେ ବିରକ୍ତିକର ।

ସ୍ତ୍ରୀଙ୍କ କଥା ମନେ ପଡ଼ିଲେ ଚୌଧୁରୀଙ୍କ ମନ ଖରାପ ହୋଇଯାଏ । ସ୍ତ୍ରୀଙ୍କ ମନକଥା

ସେ କେବେ ବୁଝିବାକୁ ଚେଷ୍ଟା କରିନଥିଲେ । ପାଣି ଆଉ ପବନ ପରି ସେ ଯେମିତି ସହଜଲଭ୍ୟ ପ୍ରାକୃତିକ ସମ୍ପଦ ଥିଲେ । ଭୂଦେବ ଚୌଧୁରୀଙ୍କ ସ୍ତ୍ରୀ ଥିଲେ ପ୍ରାଚୀନ ଆଉ ଆଧୁନିକ ମୂଲ୍ୟବୋଧର ଏକ ଜଟିଳ ମିଶ୍ରଣ । ଚୌଧୁରୀଙ୍କ ଛାଇ ଉପରେ ଚାଲିବେନି ବୋଲି ଦୂରେଇ ଦୂରେଇ ଅର୍ଦ୍ଧବୃତ୍ତାକାର ଭାବେ ଜାଗାଟାକୁ ଅତିକ୍ରମ କରୁଥିଲେ । ଏଆଡ଼େ ଯୁକ୍ତିବାଦକୁ ମାନିବାକୁ ପ୍ରସ୍ତୁତ ଥିଲେ । ସେ ସେକାଳରେ ବି ଏ ପାସ କରିଥିଲେ. କିନ୍ତୁ ଏକୁଟିଆ ଘରୁ କୁଆଡ଼େ ବୁଲିଯିବାକୁ ଭଲ ପାଉନଥିଲେ । ଚୌଧୁରୀ ଏବେ ବୁଝିପାରନ୍ତି, ଦୋଷଟା ତାଙ୍କରି । ସେ ସାଙ୍ଗସାଥିଙ୍କ ସହ ସାରାଦିନ ବୁଲାବୁଲି କରି ପାରିବେ, କିନ୍ତୁ ପତ୍ନୀ କେଉଁଠାକୁ ଯିବାକୁ ବାହାରିଲେ ହଜାରେ ଝଞ୍ଜାଳ ଦେଖାଦିଏ । କେବେ କେବେ ଚୌଧୁରୀ କହୁଥିଲେ, ''ତୁମେ ଯାଉନା । ସାଙ୍ଗରେ ଯିବା କ'ଣ ଦରକାର ? ଏଇଠୁ ଏକୁଟିଆ ବୁଲି ଆସି ପାରିବନି ?''

''ଆଗରୁ ଏକୁଟିଆ ବୁଲିବାକୁ ଦେଇଥିଲେ ପାରିଥାନ୍ତି । ଅନ୍ୟମାନଙ୍କର ସ୍ତ୍ରୀ କ'ଣ ବୁଲାବୁଲି କରୁନାହାନ୍ତି ? କୋଉଠି ଭଲ ମାଛ ମିଳିବ. କୋଉଠି ଶସ୍ତାରେ କପଡା ମିଳିବ, ସବୁ କଥା ଜାଣନ୍ତି । ଆଗରୁ ମୋତେ ସେମିତି ଚଳିବାକୁ ଦେଇଥିଲେ ମୁଁ ବି ପାରିଥାନ୍ତି ।''

ଦୋଷ ସବୁ ଭୂଦେବ ଚୌଧୁରୀଙ୍କର । ସ୍ତ୍ରୀ ତାଙ୍କ ଆଡ଼କୁ ଅତି ନିକଟକୁ ଆସିବାକୁ ଚାହିଁଲେ ବି ସେ ଭରସା ଦେଉନଥିଲେ । ଲତାପୁଳିର ମୂଳ ଖୋଜି ଲାଭ ନାହିଁ । ଗଳ୍ପର ଉପାଦାନ ଖୋଜି ଲାଭ ନାହିଁ । ଭୂଦେବ ଚୌଧୁରୀ ଅନ୍ୟ କାହାକୁ ଭଲ ପାଉଥିଲେ ବୋଲି ଭାବିବା ଭୁଲ୍ । ଅସଲ କଥା ହେଲା ଆଳସ୍ୟ । ତା ସଙ୍ଗେସଙ୍ଗେ ସବୁଠାରୁ କମ୍ ପ୍ରତିବନ୍ଧକ ଥିବା ରାସ୍ତାରେ ଆଗେଇ ଯିବା ପାଇଁ ସ୍ୱାଭାବିକ ପ୍ରେରଣା । ଚୌଧୁରୀ ଏବେ ଏସବୁ କଥା ବୁଝିପାରନ୍ତି । ବହୁତ କଥା ଏବେ ହିଁ ସେ ବୁଝି ପାରନ୍ତି । କିନ୍ତୁ ସତରେ ଭାରି ଡେରି ହୋଇଯାଇଛି ।

ଦୋଷ ଭୂଦେବ ଚୌଧୁରୀଙ୍କର, ଦୋଷ ତାଙ୍କର ବର୍ହିମୁଖୀ ସ୍ୱଭାବର । ହୁଏତ ତାଙ୍କ ଜେଜେବାପାଙ୍କ ଠାରୁ ଉତ୍ତରାଧିକାର ସୂତ୍ରରେ ସେ ଏଇ ସ୍ୱଭାବ ପାଇଛନ୍ତି । ସବୁ ପ୍ରକାର ବନ୍ଧନ ବିରୁଦ୍ଧରେ ସହଜାତ ପ୍ରତିରୋଧ । ସବୁ ଚଢେଇ ସୁନ୍ଦର ବସା ତିଆରି କରିପାରିବେନି ।

ଚୌଧୁରୀଙ୍କ ଘରେ ଝର୍କା କାଚ ଭାଙ୍ଗି ଯାଇଛି । ସରକାରଙ୍କର ଘର. ଖବର ଦେଲେ ନୂଆ ଲଗେଇ ଦେବେ । କିନ୍ତୁ ସେତିକି ହୋଇ ପାରେନି । ପୁରୁଣା ଖବରକାଗଜ ଲଗା ଅବସ୍ଥାରେ ରହିଯାଏ । ବାହାଘର ଆଗରୁ ଘରେ ଥିଲେ ଭୂଦେବ ଚୌଧୁରୀ ଆଉ ତାଙ୍କ ଚାକର ଟୋକା ଧରଣୀ । ଘରଟାରେ ଜିନିଷପତ୍ର ବିଶୃଙ୍ଖଳ ହୋଇ ପଡୁଥିଲା । ମଶାରୀଟା ଟେକି ରଖା ହେଉନଥିଲା । ମାଛ ଆଣିଲେ ଦାଆରେ ରାମ୍ପୁଡ଼ି ରାମ୍ପୁଡ଼ି କାଟିବାକୁ ପଡ଼େ । ଚା ପାଇଁ ପାଣି ଗରମ କରି ଧରଣୀ ବର୍ମନ ଦୋକାନକୁ ଦୌଡ଼ ଦିଏ । ଘରେ ଚା-ଗୁଣ୍ଡ ନାହିଁ ।

ସବୁ ଦୋଷ ତାଙ୍କର, ତାଙ୍କ ବର୍ହିମୁଖୀ ସ୍ୱଭାବର । ବାହାଘର ପରେ ଝିଅର ପରିବର୍ତ୍ତନ ହୁଏ, କିନ୍ତୁ ପୁଅର ବିଶେଷ ପରିବର୍ତ୍ତନ ହୁଏନି । ଜଣେ ଚଞ୍ଚଳ ସ୍ୱଭାବ ଝିଅ ଜଣେ ଦାୟିତ୍ୱଶୀଳା ଗୃହିଣୀରେ ପରିଣତ ହୋଇଯାଏ ।

ବାହାଘର ହେବା ଆଗରୁ ଚୌଧୁରୀ ବ୍ରିଜ୍ ଖେଳୁଥିଲେ । ଚଲିହା, ଲହକର, ରହମାନ ଆଉ ଚୌଧୁରୀ । ଚଲିହା ବାହାସାହା ହୋଇ ନାହାଁନ୍ତି । ତାଙ୍କ ଘରେ ତାସ୍ ଆଡ୍ଡ଼ା ବସେ । ଚଲିହା କହିଲେ, ''ଚୌଧୁରୀଙ୍କୁ ଆଉ ଏବେ କୋଉଠି ପାଇବା ? ଅନ୍ୟ କାହାକୁ ଖୋଜିବାକୁ ପଡ଼ିବ ।''

ସ୍ତ୍ରୀ ସୁହାଗୀ ସ୍ୱାମୀ ନୁହଁନ୍ତି ବୋଲି ଦେଖେଇବାକୁ ଚୌଧୁରୀ ଦିନେ ସେମାନଙ୍କ ସହିତ ତାସ୍ ଖେଳିବାକୁ ଗଲେ । ସେ ଆଶ୍ଚର୍ଯ୍ୟ ହୋଇ ଲକ୍ଷ୍ୟ କଲେ ଯେ ବ୍ରିଜ୍ ଖେଳରେ ଆଗ୍ରହ ତାଙ୍କର ଅଳ୍ପ ବି କମିନି । ପୁଣି ସେ ନିୟମିତ ତାସ୍ ଖେଳିବାକୁ ଯିବା ଆରମ୍ଭ କରିଦେଲେ । କୋଉ ଭୁଲ ପାଇଁ ଛି.ଏସ୍.କଲ୍ ଦେଇ ଖେଳଟା କରିପାରିଲେନି, ଶୋଇ ଶୋଇ ସେଇ ଚିନ୍ତା କରୁଥିଲେ । ସ୍ତ୍ରୀ ଆପତ୍ତି କରି ନଥିଲେ, ଅନ୍ତତଃ ମୁହଁ ଖୋଲି ବାଧା ଦେଇ ନଥିଲେ । ଚୌଧୁରୀଙ୍କ କିନ୍ତୁ ଭାବିବା ଉଚିତ୍ ଥିଲା । ନୂଆ କରି ବାହାହୋଇ ଆସିଥିବା ଝିଅଟା ଭୂତଟି ପରି ଏକୁଟିଆ ସାରାଦିନ ଆଉ ରାତି ଦଶଟା ଏଗାରଟା ପର୍ଯ୍ୟନ୍ତ ଅପେକ୍ଷା କରି ବସିଥାଏ । ଶବରୀର ପ୍ରତୀକ୍ଷା । ଚୌଧୁରୀଙ୍କ ସ୍ତ୍ରୀ ଧୀରେ ଧୀରେ ନିଜକୁ ସଙ୍କୁଚିତ କରିଦେଲେ । ନିଜ ଭିତରେ ସେ ଲୁଚିଗଲେ ।

ଛୋଟ ଛୋଟ ସଂଖ୍ୟାମାନଙ୍କର ଯୋଗଫଳ କେବେକେବେ ସୀମାହୀନ ହୋଇଯାଇପାରେ । ଗଣିତର ଫେଡ୍ରାଣଫଳ କଥାଟା ଧର । ପ୍ରତିଟି ପଦ ସସୀମ, କିନ୍ତୁ ଯୋଗଫଳ ସୀମାହୀନ । ପ୍ରତିଟି ତୁଚ୍ଛ ଉପେକ୍ଷା ଜମା ହୋଇ ହୋଇ କେବେକେବେ ଦୁର୍ବହ ବୋଝରେ ପରିଣତ ହୋଇଯାଇପାରେ ।

ଯୋଉଦିନ ଚୌଧୁରୀଙ୍କ ବଦ୍ଲି ହେଲା, ସଞ୍ଜରେ ତାଙ୍କ ଘରକୁ ଆସି ତାଙ୍କୁ ଦେଖା ପାଇଲେନି, ସେଦିନ ପରିସ୍ଥିତି ଚରମ ସୀମାରେ ପହଞ୍ଚିଥିଲା । ଚଳିହାଙ୍କ ଘରକୁ ଯାଇ ଧରଣୀ ଖବର ଦେଲା । ଚୌଧୁରୀ ଏଲ୍.ଏସ୍. କଲ୍ ଦେଇଥିଲେ । ପେମ ଦେଲେ ଚବ ହେବ । ଉଠିବେ ଉଠିବେ ବୋଲି ଡେରି ହୋଇଗଲା । ଏଲ୍.ଏସ୍. ହେଲାନି । ତାଙ୍କ ଭୁଲ ପାଇଁ ଏଲ୍.ଏସ୍. ହେଲାନି ବୋଲି ପାର୍ଟନର ଅଭିଯୋଗ କରିଥିଲେ । ଯୁକ୍ତିତର୍କ କରୁ କରୁ ଆଉଟିକେ ଡେରି ହୋଇଗଲା । ସେ ଘରେ ଆସି ପହଞ୍ଚିବା ବେଳକୁ ଅତିଥି ଚାଲି ଯାଇଥିଲେ ।

ଦୋଷ ଚୌଧୁରୀଙ୍କର । ଏବେ ସେ କଥା ଭଲକରି ବୁଝି ପାରନ୍ତି । ହୁଏତ ସ୍ୱେଚ୍ଛାକୃତ ନୁହେଁ, କିନ୍ତୁ ଅଜ୍ଞାତରେ ଚିରିଦିନ ସେ ନିଜ ପତ୍ନୀଙ୍କୁ ଅବହେଳା କରିଆସିଛନ୍ତି । ଦୀର୍ଘଶ୍ୱାସଟାଏ ବାହାରି ଆସିଲା । ଏସବୁ କଥା ଭାବି ଏବେ ଲାଭ ନାହିଁ । ଖାଲି ଡେରି ହୋଇଯାଇଛି । ସବୁ ଚଢ଼େଇ ଭଲ ବସା ତିଆରି କରିପାରିବେନି । ଆଦର୍ଶ ସ୍ୱାମୀ ହେବା ପାଇଁ ଭୂଦେବ ଚୌଧୁରୀଙ୍କ ଯୋଗ୍ୟତା ନଥିଲା ।

ଷୋହଳ

ପ୍ରତ୍ୟେକ ଘର ଗୋଟିଏ ଗୋଟିଏ ଦୁର୍ଗ । ଅସଲ କଥା ପ୍ରତ୍ୟେକ ମଣିଷ ବି ଗୋଟିଏ ଗୋଟିଏ ଅଭେଦ୍ୟ ଦୁର୍ଗ । ନିଜ ଘର ଭିତରେ କିଏ କଣ କରୁଛି କିଏ ଜାଣେ ? ମଣିଷ ମନରେ କେଉଁ ପ୍ରକାର ଝଡ଼ ଚାଲିଛି ବାହାରୁ ଅନୁମାନ କରିବା ମୁସ୍କିଲ୍ ।

ଦିବାକର ଦାସ ଘରେ ନଥିଲେ । ଚୌଧୁରୀ ବହୁତ ସମୟ ଡାକିବା ପରେ ଦାସଙ୍କ ପତ୍ନୀ ଅତ୍ୟନ୍ତ କ୍ରୋଧ ଆଉ ବିରକ୍ତି ସହ ଜବାବ ଦେଲେ –

''ଘରେ ନାହାନ୍ତି ।''

''କୋଉଠିକି ଯାଇଛନ୍ତି ?''

''କୁଆଡ଼େ ମରିବାକୁ ଯାଇଛନ୍ତି କହି ପାରିବିନି ।''

ଚୌଧୁରୀ ଆଶ୍ଚର୍ଯ୍ୟ ହୋଇଗଲେ । ଦାସଙ୍କ ସ୍ତ୍ରୀ ଏମିତି କଥାବାର୍ତ୍ତା କରନ୍ତିନି । ସେ ଯେ ଚୌଧୁରୀଙ୍କ ଆଗକୁ ଆସନ୍ତିନି ସେ କଥା ନୁହେଁ, ସହଜ ଭାବେ ଆସନ୍ତି । କଥାବାର୍ତ୍ତା ମଧ୍ୟ କରନ୍ତି । ଦାସ ଘରେ ନଥିଲେ କେବେ କେବେ କହନ୍ତି, ''ଟିକିଏ ବସନ୍ତୁ । ବଜାର ଆଡ଼କୁ ଯାଇଛନ୍ତି । ଏବେ ଏଣି ଆସିବେ ।''

ଚୌଧୁରୀ ବସି ରହିଲେ ନିଜ ତରଫରୁ ଚା କପେ ଆଣି ଦିଅନ୍ତି । କଥାବାର୍ତ୍ତା ଅଳ୍ପ ବି କରନ୍ତି । ସେଦିନ ଆଶ୍ଚର୍ଯ୍ୟ ହୋଇ କିଛି ସମୟ ଅନିଶ୍ଚିତ ଭାବେ ଠିଆ ହୋଇ ରହିଲେ ।

ଚୌଧୁରୀ ପୁଣି ସାହସ କରି ପଚାରିଲେ - ''କେତେବେଳେ ଆସିବେ ?'' ସଂକ୍ଷିପ୍ତ ଓ ରୂକ୍ଷ ଉତ୍ତର, ''କହି ପାରିବିନି ।''

ଦାସଙ୍କ ସ୍ତ୍ରୀ କବାଟ ନଖୋଲି ଭିତରୁ ଜବାବ ଦେଲେ । ଚୌଧୁରୀ ଧୀରେ ଧୀରେ ବାରଣ୍ଡା ଉପରୁ ଓହ୍ଲେଇ ଆସିଲେ । ଚିନ୍ତିତ ଆଉ ବିସ୍ମିତ । ହଠାତ୍ ଦାସଙ୍କ ସ୍ତ୍ରୀ ଏମିତି କାହିଁକି ବ୍ୟବହାର କଲେ ସେ ବୁଝି ପାରିଲେନି !

ଦିବାକର ଦାସଙ୍କ ସ୍ତ୍ରୀ ହଠାତ କେବେ କେବେ ଏମିତି ହୋଇଯାନ୍ତି । ଅତୀତର ଗୋଟାଏ ବିଶେଷ ସ୍ମୃତି ମନରେ ଉଦୟ ହେଲେ ସେ ଅପ୍ରକୃତିସ୍ଥ ହୋଇ ଯାଆନ୍ତି । ଏଇ ସ୍ମୃତି କେତେବେଳେ କେଉଁ ପରିସ୍ଥିତିରେ ମନ ଭିତରେ ଦେଖାଦିଏ ତାର କିଛି ନିଶ୍ଚିତତା ନାହିଁ । ଘୃଣା, ବିଦ୍ୱେଷ, ନିଷ୍ଫଳ କ୍ରୋଧ ଆଉ ଆକ୍ରୋଶରେ ସେ ଅସ୍ଥିର ହୋଇ ଯାଆନ୍ତି । ସେ ନିଜକୁ ଘୃଣା କରନ୍ତି । ବାପା ମାଙ୍କୁ ଘୃଣା କରନ୍ତି । ମୁକ୍ତବ୍ରତକୁ ଘୃଣା କରନ୍ତି, ଏପରିକି ଦିବାକରଙ୍କୁ ବି ଛାଡ଼ନ୍ତିନି । ପ୍ରକୃତରେ ସାରା ପୃଥିବୀକୁ ସେତେବେଳେ ସେ ଘୃଣା କରନ୍ତି । ଉନ୍ମତ୍ତ ହୋଇ ଭାବନ୍ତି ଏ ସାରା ବିଶ୍ୱ ବ୍ରହ୍ମାଣ୍ଡ ଧ୍ୱଂସ ହୋଇଯାଉ । ଅତୀତ, ଭବିଷ୍ୟତ, ଧର୍ମ, ଅଧର୍ମ, ପାପ, ପୂଣ୍ୟ, ସ୍ୱର୍ଗ, ନର୍କ, ଇହକାଳ, ପରକାଳ ସବୁ ଯେମିତି ଶୂନ୍ୟରେ ବିଲୀନ ହୋଇଯାଉ । କୌଣସି ଘଟଣା କିମ୍ବା ଅନୁଭୂତିର ଚିହ୍ନବର୍ଣ୍ଣ ଯେମିତି ନରହୁ । ଚିରସ୍ଥାୟୀ ଅସୀମ ଶୂନ୍ୟତା !

ଅନେକ ଦିନ ତଳର ଘଟଣା । ମସ୍ତିଷ୍କରେ ଏତେବର୍ଷ ମୁହୂର୍ତ୍ତମାନଙ୍କ ଭିତରେ ନିଶ୍ଚିହ୍ନ ହୋଇ ଗଲାଣି । ସେ ଯେମିତି ଜୀବନର ବିଶେଷ କାଳଛାୟାରେ ଚିରଦିନ ପାଇଁ ଆବଦ୍ଧ ହୋଇଯାଇଛନ୍ତି । ଦୃଶ୍ୟର ପ୍ରତିଟି ଅଂଶ ପୁଣି ସ୍ପଷ୍ଟ ହୋଇ ଉଠୁଛି । ବାଆଁପଟ ମୁଣ୍ଡ ପଲଙ୍କ ବାଡ଼ରେ ବାଡ଼େଇ ହୋଇଗଲା ପରି ସ୍ପଷ୍ଟ ଅନୁଭବ କରୁଛନ୍ତି ।

ପିଲାପିଲି ଥିଲେ ଦିବାକର ଦାସଙ୍କ ସ୍ତ୍ରୀ ହୁଏତ ପାସୋରି ଦେଇଥାନ୍ତେ । ଦୁଃଶ୍ଚିନ୍ତା ତାଙ୍କୁ ଏମିତି ଜାବୋଡ଼ି ଧରିନଥାନ୍ତା । ହଠାତ୍ ସେ ପୂଜା ପାର୍ବଣରେ ମତ୍ତ ହୋଇ ଯାଆନ୍ତି । ପୁଣି ହଠାତ୍ ସବୁ ବନ୍ଦ କରିଦିଅନ୍ତି । ଏସବୁ କରି କିଛି ଲାଭ ନାହିଁ । ନିଷ୍ଫଳ ଅନୁଶୀଳନ, ଦିବାକର ଦାସ ତାଙ୍କୁ ପଚାରନ୍ତି, ''କଣ ହେଲା ? ସବୁ ଛାଡ଼ିଦେଲ ଦେଖୁଛି ।''

ଦିବାକର ଦାସଙ୍କ ସ୍ତ୍ରୀ ସୁରବାଳାଙ୍କ ମୁଣ୍ଡ ଗରମ ହୋଇଯାଏ । ସେ ଭାବନ୍ତି ଦାସ ତାଙ୍କୁ ବିଦ୍ରୂପ କରୁଛନ୍ତି । ସବୁ ଜାଣି ନଜାଣିଲା ଭଳି ହେଉଛନ୍ତି । ଦେଖିବାକୁ ବିରାଡ଼ି ବୈଷ୍ଣବ ହେଲେ କଣ ହେବ ? ଅସଲ ଗୋଟିଏ ଶୟତାନ୍ ।

ନାନା ପ୍ରକାର ସମ୍ଭାବନା କଥା ଭାବି ସୁରବାଳା ଅସ୍ଥିର ହୋଇ ପଡ଼ନ୍ତି । ପରଲୋକରେ ସଭିଏଁ ଜାଣିବେ । ଦିବାକରଙ୍କୁ ଏସବୁ କଥା ଲୁଚାଇ କଣ ଲାଭ ?

ପରଲୋକରେ ଶେଷରେ ସମସ୍ତେ ଜାଣିବେ । ନ ଜାଣିଥିଲେ ବି ଜାଣିବେ । ଜାଣିବେ, ନ ଜାଣିଥିଲେ । ଏବେ ନଜାଣି ଥିଲେ ... .. । ସୁରବାଳା ଦାସଙ୍କ ଆଡ଼କୁ ଅନେଇ ପାଉନ୍ତିନି ।

ଦିବାକର ଦାସଙ୍କ ମାମୁଁ ପୁଅ ଭାଇ ସମୀରର ସେତେବେଳେ ହାତ ଦେଖିବାଟା ଗୋଟାଏ ସଉକ ଥିଲା । ସମସ୍ତଙ୍କ ହାତ ବୁଲିବୁଲି ଦେଖୁଥିଲା । ଗୋଟିଏ ପ୍ରକାର ନିର୍ଦ୍ଦୋଷ ଆନନ୍ଦ । ଦିବାକରଙ୍କ ହାତ ଦେଖି ଗମ୍ଭୀର ଭାବେ ଅତୀତ ଆଉ ଭବିଷ୍ୟତ କଥା କହିଲେ ।

ସମୀର କହିଲେ, ''ନୂଆ ବୋଉ, ତୁମ ହାତ ଟିକିଏ ଦେଖେଇଲେ ଦେଖିବା ।'' ସୁରବାଳା ସାଙ୍ଗେ ସାଙ୍ଗେ ହାତଦୁଇଟାକୁ କୋଳ ଭିତରେ ଲୁଚେଇ ଦେଲେ ।

''ଭାଇଙ୍କ ହାତ ଦେଖିଲେ ହେବ ।'' ''ଆରେ ଦେଖାଉନା, ବାଆଁ ହାତଟା ଟିକିଏ ବାହାର କର ।''

ଦିବାକର ନିଜେ ସୁରବାଳାଙ୍କ ହାତ ଟାଣି ଆଣି ଦେଖେଇବାକୁ ଚେଷ୍ଟା କଲେ । ସୁରବାଳା ଅଗ୍ନି ଦୃଷ୍ଟିରେ ଦାସଙ୍କ ଆଡ଼କୁ ଚାହିଁ ହାତଟାକୁ ଝିଙ୍କି ଆଣିଲେ । ଥଟ୍ଟା ପରିହାସ ଭିତରେ ହାତ ଦେଖା ଆରମ୍ଭ ହୋଇଥିଲା । ସାରା ପରିବେଶ ହଠାତ ଗମ୍ଭୀର ହୋଇଗଲା ।

''ଭଲ ଲାଗେନି, ଏମିତି ଥଟ୍ଟା ତାମସା ମୋତେ ଭଲ ଲାଗେନା ।'' ସୁରବାଳା ବିରକ୍ତିରେ କଥାଗୁଡ଼ା କହି ଘର ଭିତରୁ ବାହାରି ଗଲେ । ପରିବେଶ ଅସ୍ୱସ୍ତିକର ହୋଇଗଲା ।

ଦିବାକର ଦୋକାନରୁ ଆସି କହିଲେ, ''ସୁବ୍ରତ ମରିଗଲା ।'' ସୁରବାଳା କିଛି କହିଲେନି । ସୁବ୍ରତ ସିଂହଙ୍କୁ କ୍ୟାନସର୍ ହୋଇଥିଲା । ଏଇଠିକା ହସ୍‌ପିଟାଲ୍‌ରେ ଥିଲେ । ଦିବାକର ଦାସ କିଛି ଦିନ ତଳେ କହିଥିଲେ, ''ସୁବ୍ରତ ଏଇଠିକା କ୍ୟାନସର୍ ହସ୍‌ପିଟାଲ୍‌ରେ ଅଛି । ଥରେ ଅନ୍ତତଃ ଯାଇ ଦେଖି ଆସିବା ।'' ସୁରବାଳା କିଛି କହିନଥିଲେ । ଆଉ ଦିନେ କହିଲାରୁ ସେ ଚିହିଁକି ଉଠିଲେ ।

''କୋଉଠି କାହାର କି ବେମାର ହୋଇଛି, ଖବର ପାଇ ଧାଇଁ ସଇଁ ହୋଇ ଦୌଡ଼ି ଗଲେ ହିଁ ହେଲା ।''

''ରାଗୁଛ କାହିଁକି ? ସମ୍ପର୍କରେ ତୁମର ବଡ଼ ଭାଇ । ଥରେ ଅନ୍ତତଃ ଦେଖା କରି ଆସିବା ଉଚିତ ।'' ''କୋଉ ସମ୍ପର୍କ ? ଲେଖାଯୋଖା ସମ୍ପର୍କ । ମୋର ନିଜ ରୋଗକୁ ଅନେଇବାକୁ ସମୟ ନାହିଁ । ଯଦି ଦରକାର ତୁମେ ନିଜେ ଯାଇ ସାରା ଦିନ ସେଠାରେ ବସି ରହୁନା କାହିଁକି ?''

ସେଥିପାଇଁ ମଧ୍ୟ ଦୁଶ୍ଚିନ୍ତା । ଅସୁସ୍ଥ ଅବସ୍ଥାରେ ସୁବ୍ରତ ଦିବାକରଙ୍କୁ କଣ ବା କହିବେ ? ଇଏ ଗୋଟାଏ ଅଶାନ୍ତି । ଅଭିଶାପ, ଅଭିଶାପ, ଗୋଟାଏ ଜୀବନ୍ତ ଅଭିଶାପ ।

ସେଦିନ ଦିବାକର ଦାସ କହିଲେ, ''ବର୍ତ୍ତମାନ ତୁମର ଥରେ ଅନ୍ତତଃ ଯିବା ଉଚିତ । ସୁବ୍ରତଙ୍କ ସ୍ତ୍ରୀଙ୍କୁ ସମ୍ଭାଳିବା କଷ୍ଟ ହୋଇଯାଉଛି । ମାଇପି ଲୋକ କେହି ନାହାନ୍ତି । ''ନାଁ, ମୁଁ ପାରିବି ନାହିଁ । ମୁଁ କାହାକୁ ସମ୍ଭାଳି ପାରିବିନି ।''

''ରାଗୁଛ କାହିଁକି ? ମୁଁ କିଛି ଅନ୍ୟାୟ କଥା କହୁନି । ବିପଦଆପଦ ହେଲେ ମଣିଷର କିଛି ସାମାଜିକ ଦାୟିତ୍ୱ ଅଛି ।''

''ତୁମକୁ ତ ମୁଁ ବାଧା ଦେଇନି । ଯାଉନା କାହିଁକି ? ଯାଇ ସାମାଜିକ ଦାୟିତ୍ୱ ପାଳନ କର ।'' ଦିବାକର ଦାସ ବିସ୍ମିତ ହୋଇଗଲେ । ସୁରବାଳାଙ୍କ କଥାବାର୍ତ୍ତା ତାଙ୍କ ସ୍ୱଭାବର ସଂପୂର୍ଣ୍ଣ ବିପରୀତ । ନୂଆକରି ମୁଣ୍ଡ ଟେକୁଥିବା ଶାନ୍ତି ନଗରରେ କାହାର ରୋଗବୈରାଗ ହେଲେ ସୁରବାଳା ଆଗେଇ ଯାଆନ୍ତି । ଭଲ ମାଛପାଛ ଆଣିଲେ ତର୍କାରୀ ଡାଟିଆଏ ଚୌଧୁରୀଙ୍କ ଘରକୁ ପଠାଇ ଦିଅନ୍ତି । ବୁଢ଼ା ମଣିଷଟା ଏକୁଟିଆ ଅଛି । କଣ ଖାଉଛନ୍ତି, ନ ଖାଉଛନ୍ତି କିଛି ଠିକ୍ ନାହିଁ ।

ଦିବାକର ଦାସଙ୍କ ଭ୍ରୂ କୁଞ୍ଚିତ ହୋଇଗଲା ।

''ସୁବ୍ରତ କଥା ଶୁଣିଲେ ତୁମେ ଏମିତି ବିହିଁକି ଉଠ କାହିଁକି କହିଲ ? ତୁମ ପରିବାର ସହିତ ତାଙ୍କର ଭଲ ପଡୁନଥିଲା ନାଁ କ ଣ ?''

ସୁରବାଳା ଅସହାୟ ବୋଧ କରନ୍ତି । କହିଦେବେ କି ? ଦିବାକର ଦାସ କଣ ସହି ପାରିବେ ?

କେତେ ବର୍ଷ ତଳର ଘଟଣା ? ପଚିଂଶ ନା ଚାଳିଶ ? ସୁରବାଳାଙ୍କ ସମୟର ଧାରଣା ଗୋଳମାଳ ହୋଇଯାଏ । ଷୋଳ ବର୍ଷ ବୋଧେ ଚାଲୁଥିଲା । ସରଳ ନିଷ୍ପାପ ଝିଅ । ସୁବ୍ରତ ସୁରବାଳାଙ୍କ ସମ୍ପର୍କୀୟ ପିଉସୀ ପୁଅ ଭାଇ । ମେଧାବୀ ଛାତ୍ର । ବି ଏସ୍ ସି ପରୀକ୍ଷା ପରେ କିଛି ଦିନ ପାଇଁ ସୁରବାଳାଙ୍କ ଘରକୁ ବୁଲି ଆସିଥିଲେ । ସୁବ୍ରତ ଆସିଥିବାରୁ ସମସ୍ତେ ଖୁସି ହୋଇଥିଲେ । ସତରେ ବହୁତ ଭଲ ପିଲା ! ପାଠ ପଢ଼ା, ସ୍ୱଭାବ, ଚରିତ୍ର, ସବୁ ଆଡୁ ଭଲ । ଷୋହଳ ବୟସୀ କିଶୋରୀ ସୁରବାଳାଙ୍କ ଆଖିରେ ଦେବତା ସଦୃଶ । ସମ୍ମାନ, ଭକ୍ତି ଆଉ ଭଲ ପାଇବା, ପାଣିପିଆ କାଚଗିଲାସ ପରି ସବୁ କିଛି ସହସ୍ର ଖଣ୍ଡରେ ଗୁଣ୍ଡ ଗୁଣ୍ଡ ହୋଇ ଭାଙ୍ଗି ଗଲା ।

ସୁରବାଳାଙ୍କ ବାପା ଧୁବୁରୀକୁ ଯାଇଥିଲେ । ସୁରବାଳାଙ୍କୁ ଇନ୍‌ଫ୍ଲୁଏନ୍‌ଜା ଭଲିଆ ପୂର୍ବ ଦିନ ଅଳ୍ପ ଜର ହୋଇଥିଲା । ମା ସାନ ଭଉଣୀକୁ ନେଇ ପଡ଼ିଶା ଘରର ବାହାଘର ଦେଖିବାକୁ ଗଲେ । ସୁରବାଳା ଘରେ ଥିଲେ । ମା ପଚାରିଥିଲେ, ''ରହି ପାରିବୁ ? ସୁବ୍ରତ ଅଛି । ଦେହ ଭଲ ନଲାଗିଲେ ମୋତେ ଡକେଇ ଆଣିବୁ ।''

ସୁରବାଳାଙ୍କ ଦେହ ଭଲ ଥିଲା । ସେ ବିଛଣାରେ ବସି ଗୋଲାକାର କାଠ ଫ୍ରେମ୍‌ରେ ଲଗେଇ ଟେବୁଲ୍ କ୍ଲଥ ଉପରେ ଫୁଲ ବୁଣୁଥିଲେ । ଅଳ୍ପ ସମୟ ପରେ ସୁବ୍ରତ ପଶି ଆସିଲେ ।

''ଦେହ କେମିତି ଅଛି ?''

''ଭଲ ।''

''ପିଇବା ପାଣି ଗିଲାସେ ଦେଇ ପାରିବ ?''

''କାହିଁକି ପାରିବିନି ।''

ସୁବ୍ରତ ଭାଇଙ୍କ ପାଇଁ କିଛି କରିବାକୁ ସୁଯୋଗ ପାଇ ସେ ମନେ ମନେ ଖୁସି ହେଲେ ।

ଆଲୁଅ ଆଉ ଅନ୍ଧାର, ସୀମାରେଖା ଅଦୃଶ୍ୟ । ଘର ଭିତରକୁ ପଶିବା ମାତ୍ରକେ ସୁବ୍ରତ ତାଙ୍କୁ କୁଣ୍ଢେଇ ପକେଇବାରୁ ତାଙ୍କ ହାତରୁ ଗିଲାସଟା ପଡ଼ି ଝଣଝଣ ହୋଇ ସହସ୍ର ଖଣ୍ଡ ହୋଇ ଭାଙ୍ଗିଗଲା । ଅପ୍ରତ୍ୟାଶିତ ଆଘାତରେ ତାଙ୍କର ସାରା ଦେହ ଅବଶ ହୋଇଗଲା । ମନଟା ବି ଜଡ଼ ହୋଇଗଲା । କଣ ଯେ ହୋଇଗଲା ସେ କିଛି ବୁଝି ପାରିଲେନି । ଶୃଙ୍ଖଳା ପତ୍ରକୁ ଧୂମାଳ ଉଡ଼େଇ ନେଲା ପରି ତାଙ୍କୁ ଉଠେଇ ବିଛଣାରେ ପକେଇ ଦେଲା । କାଠ ଫ୍ରେମ୍‌ଟା ବାଆଁପଟ

ମୁଣ୍ଡରେ ଲାଗିଛି ବୋଲି ସେ ଜାଣି ପାରିଲେ । ସୁବ୍ରତ ଯେତେବେଳେ ଘରୁ ବାହାରିଗଲେ, ଆତଙ୍କ ଆଉ ଯନ୍ତ୍ରଣାରେ ସୁରବାଳା ପ୍ରାୟ ଅଚେତନ ଅବସ୍ଥାରେ ପଡ଼ି ରହିଲେ ।

କେହି କିଛି ଜାଣିଲେନି । ନିର୍ଜୀବ ଭାବେ ସେ ବିଛଣା ଉପରେ ପଡ଼ିଥିବା ଦେଖି ମା ତାକୁ ଗାଳି ଦେଲେ ।

''ପୁଣି ଜର ହେଲା ନା଼ଁ କଣ ? ଉଠୁନୁ କାହିଁକି ? ଖଟା ବରକୋଳିଗୁଡ଼ା ଖାଉଥିଲୁ ବୋଧେ ? ମନା କଲେ କଥା ଶୁଣିବୁନି । ପିଲାଙ୍କ ପରି ହେଉଛୁ । ମୁଁ ତୋ ପଛେ ପଛେ କେତେ ନଜର ରଖିବି ? ଦେହରେ ଲୁଗା ରଖି ଶୋଇ ଥା । ଯାଏଁ, ସୁବ୍ରତ ପାଇଁ ଅଳ୍ପ ଭାତ ରାନ୍ଧେ । ଏବେ କହିଲା ସେ କୁଆଡ଼େ ସଂଧ୍ୟା ଟ୍ରେନ୍‌ରେ ଚାଲିଯିବ ।''

ଆଜି ସଞ୍ଜରେ ଦିବାକର ଦାସ ସୁରବାଳାଙ୍କୁ ଖବର ଦେଲେ ସୁବ୍ରତ ହସ୍‌ପିଟାଲ୍‌ରେ ମରିଗଲା । ସୁରବାଳାଙ୍କ ମୁଣ୍ଡ ଭିତରେ ନିଆଁ ଲାଗିଗଲା । ସୁବ୍ରତ ମରିଗଲା ବୋଲି ଅତୀତ ଆଉ ଭବିଷ୍ୟତ କଣ ପୋଛି ହୋଇଯିବ ? ଠିକ୍ ଏତିକି ବେଳେ ପୁଣି ଲୋକଙ୍କର ଉତ୍ପାତ । ରାଗ ଆଉ ବିରକ୍ତିରେ କର୍କଶ ଭାବରେ ଉତ୍ତର ଦେଲେ ।

''ଲୋକଟା ଘରେ ନାହିଁ ।''

''କୋଉଠିକି ଯାଇଛନ୍ତି ?''

''କୋଉଠିକି ମରିବାକୁ ଯାଇଛି କହି ପାରିବିନି ।''

ଚୌଧୁରୀ ଧୀରେ ଧୀରେ ଦିବାକର ଦାସଙ୍କ ବାରଣ୍ଡା ଉପରୁ ତଳକୁ ଓହ୍ଲେଇ ଆସିଲେ । ଚିନ୍ତିତ ଆଉ ବିସ୍ମିତ ।

ସତର

ଶାନ୍ତି ନଗର । ସହର ଉପକଣ୍ଠରେ ଏଇ ଜାଗାଟା ସତରେ ଭାରି ଶାନ୍ତିପୂର୍ଣ୍ଣ । କୋଳାହଳ ନାହିଁ । ଗାଡ଼ି ମଟରର ହଟ୍ଟଗୋଳ ନାହିଁ । ଅତି ଶାନ୍ତିପୂର୍ଣ୍ଣ ପରିବେଶ ।

ଭୂଦେବ ଚୌଧୁରୀ ବାରଣ୍ଡା ଉପରେ ବସିଛନ୍ତି । ଅଳ୍ପ ଆଗରୁ ମଦନ ଦାସଙ୍କ ପୁଅ ଜୋନ୍ ଏଇଠି ଆସି ଖେଳୁଥିଲା । ପ୍ରାୟ ଚାରି ବର୍ଷ ବୟସ । ଖଳବଳିଆ ପିଲାଟା । ଫାଙ୍କା ଦେଖିଲେ ଚୌଧୁରୀଙ୍କ ଘର ଆଡ଼େ ପଶିଆସେ । ଛବି ଥିବା ବହି ତା'ର ଦେଖିବା ଦରକାର । ମାତ୍ର ଗୋଳରେ ବହୁତ ଆଗ୍ରହ । 'ଡିସୁମ୍, ଡିସୁମ୍, କହି ବକ୍‌ସିଙ୍ଗ୍ କରିବା ଭଙ୍ଗୀରେ ଚୌଧୁରୀଙ୍କୁ ବକ୍‌ସିଙ୍ଗ ଶିଖେଇଦିଏ ।

ଦିନେ ଚୌଧୁରୀ ବାରଣ୍ଡା ଉପରେ ବସି ବହୁତ ମନଯୋଗ ଦେଇ ପତ୍ରିକାଟିଏ ପଢୁଥିଲେ । ଜୋନ୍ ବୋଧହୁଏ ତାଙ୍କୁ କିଛି କହୁଥିଲା, ସେ କାନ ଦେଇନଥିଲେ । ଜୋନ୍ ବୋଧେ ରାଗି ଯାଇଥିଲା । ଚୌଧୁରୀଙ୍କ ଠିକ୍ ଅଣ୍ଟାତଳ ହାଡ଼ ଉପରେ ଖୁବ୍ ଜୋର୍‌ରେ ଗୋଟାଏ ଘୁସି ମାରିଦେଲା । ଚୌଧୁରୀଙ୍କୁ କଷ୍ଟ ହେଲା । ସବୁ ଅନ୍ଧାର ଦେଖାଗଲା ପରି ଲାଗିଲା । ତାଙ୍କ ମୁହଁର

ଭାବ ଦେଖି ଜୋନ୍ ଅପ୍ରସ୍ତୁତ ହୋଇଗଲା । କଥା ବାଆଁରେଇ ଚୌଧୁରିଙ୍କୁ ଭୁଲେଇବାକୁ ଚେଷ୍ଟା କରିଲା ।

"ଅଜା, ହେଇ ହଳଦୀ ବସନ୍ତ ଦେଖ । ଡାକିଲ, ଡାକ । ଡାକିଲେ ଏଆଡ଼େ ଆସିବ ଯେ ।"

ଦୁଇଟି ବଣି ଚଢ଼େଇ ବଗିଚାରେ ଏପଟୁ ସେପଟ ଉଡାଉଡି କରୁଛନ୍ତି ।

କେବେ କେବେ ଜୋନ୍ କୌଣସି ପ୍ରକାରେ ଘରକୁ ଯିବାକୁ ରାଜି ହୁଏନି । ଖାସି ଆୟାର ସାଧ୍ୟ ନାହିଁ ତାକୁ ନେଇଯିବାକୁ । ବାପା ମା ଆସି ତାକୁ ଫୁସୁଲାଫୁସୁଲି କରି ନେଇ ଯାଆନ୍ତି । ଏଇ ସ୍ୱାମୀ-ସ୍ତ୍ରୀ ଦି'ଟା ସତରେ ବହୁତ ଭଲ । ମଦନ ଆଉ ମୀନା । ମଦନ ଦାସ ବ୍ୟାଙ୍କ ଅଫିସର, ମୀନା ମଧ୍ୟ ଗୋଟିଏ କଲେଜରେ ଅଧ୍ୟାପିକା । ଦି ଜଣ ଅତି ଭଦ୍ର, ଗମ୍ଭୀର । ପ୍ରୟୋଜନ ଥିଲେ ଚୌଧୁରୀଙ୍କୁ ସାହାଯ୍ୟ କରିବାକୁ ଉନ୍ମୁଖ । ଟଙ୍କା ଉଠେଇବି କି, ଜିନିଷପତ୍ର କିଛି ଆଣିବାକୁ ହେବ କି, ମଦନ ଦାସ ପ୍ରାୟ ଆସି ଖବର ନିଅନ୍ତି । ମୀନା ବହୁତ ଭଲଝିଅ । ଦେଖିବାକୁ ଭାରି ସୁନ୍ଦର, କେଶ କାନ୍ଧ ପର୍ଯ୍ୟନ୍ତ ପନିଥାଏ । ଭାରି ଭଲ ଲାଗେ । ଚାଲିରେ ଏକ ସୁନ୍ଦର ଛନ୍ଦ, ଛନ୍ଦଟା କିନ୍ତୁ ଚପଳା ନୁହେଁ । ଗାମ୍ଭୀର୍ଯ୍ୟପୂର୍ଣ୍ଣ । ସେମିତି ବେଶୀ ବୁଲାବୁଲି କରେନି । ଛୁଟି ଦିନ ସଞ୍ଜରେ ବାରଣ୍ଡା ଉପରେ ବସି ବହି ପଢୁଥାଏ । ସ୍ୱୟଂ ସଂପୂର୍ଣ୍ଣ । ପ୍ରକୃତି ବେଶ ଗମ୍ଭୀର । ଯଦି ହସିଦିଏ ମୁହଁଟା ତତକ୍ଷଣାତ ପ୍ରଦୀପ ପରି ଉଜ୍ଜ୍ୱଳ ହୋଇଯାଏ ।

ଚୌଧୁରୀ ବାରଣ୍ଡା ଉପରେ ବସିଥିଲେ । ଚାରିଆଡ଼ ନିର୍ଜନ । ଅନେକ ଘର ହୋଇଛି ଯଦିଓ ଜାଗାଟାର ଗ୍ରାମ୍ୟ ପରିବେଶ ଏବେବି ପୁରାପୁରି ଲୋପ ହୋଇଯାଇନି । ହଠାତ କୋଇଲି ଡାକେ । ଚଢେଇମାନେ କିଚିରିମିଚିରି କରି ଉଡି ବୁଲନ୍ତି । ଦୁଇଟି ବଣି ଚଢେଇ ସାମନା ବଗିଚାରେ ଏପଟ ସେପଟ ହେଉଥାନ୍ତି ।

ହଠାତ ଭୀଷଣ କୋଳାହଳ । ଦଳେ ଲୋକ ପଛେ ଗାଇଙ୍କୁ ଗୋଡେଇ ଗୋଡ଼େଇ ଚୌଧୁରୀଙ୍କ ଘର ଆଗଦେଇ ଯାଉଥିଲେ । ତାଙ୍କ ଭିତରୁ ଜଣେ ଚୌଧୁରୀଙ୍କ ପରିଚିତ । ଖୁବ୍ ଡେଙ୍ଗା ଏବଂ ଶକ୍ତ ବୟସ୍କ ଲୋକ । ପ୍ରାୟ ସକାଳେ ଶାଗ ପରିବା ଆଣି ଘରେ ଘରେ ବୁଲି ବିକ୍ରୀ କରେ । ଲାଉ କଖାରୁ କଞ୍ଚା କଦଳୀ, କଦଳୀଭଣ୍ଡା ଇତ୍ୟାଦି ଗାର୍ଡ଼େନ ପରିବା । ବୁଢା ଗେଟ୍ ପାଖରୁ ଚିତ୍କାର କରେ ।

"ପରିବା ନବ, ପରିବା ?"

"କି ପରିବା ଅଛି ?"

"କିଛି ନାହିଁ ।"

କେବେ କେବେ ଚୌଧୁରୀ ପଚାରନ୍ତି, "କଣ ଆଣିଛ ?"

"କିଛି ନାହିଁ ? ପିତା ତରାଡ଼ି କେତୋଟି ଅଛି ।"

"ପିତା ତରାଡ଼ି ମୁଁ ଖାଏନି ।"

"ବୁଢ଼ା ଲୋକ, ପିତା ତରାଡ଼ି ଖାଇବା ଭଲ ନୁହେଁ ।"

ବୁଢ଼ା କଥା ଶୁଣି ତା ବିକ୍ରୀବଟାର ସଫଳତା ବିଷୟରେ ସନ୍ଦେହ ହୁଏ । ଦଳ ଭିତରେ ବୁଢାର ଚେହେରାଟା ଆଖିରେ ପଡ଼ିଲା । ଭୀଷଣ ଉତ୍ତେଜିତ ଭାବେ ହାତ ମୁହଁ ଛିଞ୍ଚାଡ଼ି ଯାଉଥିଲା ।

ପଛଆଡୁ ଆଉ ଦଳେ ଲୋକ ଠେଙ୍ଗା, ବାଡ଼ି ଧରି ଗୋଡ଼େଇ ଗୋଡ଼େଇ ଆସି ଠିକ୍ ଭୂଦେବ ଚୌଧୁରୀଙ୍କ ଘର ଆଗରେ ସେଇ ଦଳଟା ପାଖରେ ପହଞ୍ଚିଲେ । ଦି ଦଳ ମଝିରେ ଭୟଙ୍କର ମାଡ଼ଗୋଳ ଆରମ୍ଭ ହୋଇଗଲା । ଜଣେ ଗେଡ଼ା ଲୋକ ଗୋଟାଏ ବଡ଼ ବାଉଁଶରେ ବୁଢ଼ାଟାର ମୁଣ୍ଡରେ ପିଟିବାକୁ ଲାଗିଲା । ବହୁତ ଗେଡ଼ା ହୋଇଥିବାରୁ ପ୍ରତିଥର ପିଟିଲା ବେଳେ ଲୋକଟା ଡେଇଁ ପଡୁଥିଲା । ଏଇଟା ତ ନରୋତ୍ତମ । ଚୌଧୁରୀ ଭଲଭାବେ ଜାଣନ୍ତି ।

ଦେଖି ଚୌଧୁରୀଙ୍କ ଧାରଣା ହେଲା ବୁଢ଼ାଟା ଆତ୍ମରକ୍ଷା ପାଇଁ କିଛି ଚେଷ୍ଟା କରୁନି । ତାକୁ କେହି ଜଣେ ଯେ ବାଡଉଛି ସେ ଯେମିତି ଜାଣି ପାରୁନି । ଘଟଣାଟି ଧୀର ଛାୟାଚିତ୍ର ପରି ଲାଗୁଛି । ନିର୍ବାକ ଛାୟାଚିତ୍ର । ଉତ୍ତେଜନା ଯୋଗୁଁ ଚୌଧୁରୀଙ୍କୁ କିଛି ଶବ୍ଦ ଶୁଣାଯାଉନଥିଲା । ବୁଢ଼ାର ଗେଞ୍ଜିଟା ଆସ୍ତେ ଆସ୍ତେ ଲାଲ୍ ହୋଇଗଲା, ଧୀରେ ଧୀରେ ଲୋକଟି ରାସ୍ତାରେ ଗଡ଼ିପଡ଼ିଲା । ସେତେବେଳେ ହିଁ ଚୌଧୁରୀ ଶବ୍ଦ ଶୁଣି ପାରିଲେ । ସେ ବୁଝିପାରିଲେ ଯେ ସେ ନିଜେ ଚିତ୍କାର କରୁଥିଲେ ।

''ଆରେ ନରୋତ୍ତମ, ନରୋତ୍ତମ !''

ନିଜ ଡାକ ବନ୍ଦ କରିବା ପରେ ଉପଲବ୍ଧି କଲେ ମୀନା ମଧ୍ୟ ଏତେ ସମୟ ଧରି ଚିତ୍କାର କରୁଥିଲା । ''ମାରିଦେଲେ, ମାରିଦେଲେ । ପରିବା ବିକା ବୁଢ଼ାଟାକୁ ମାରି ପକେଇଲେ ।'' ଜମିରେ ଗୋରୁ ପଶି ଧାନ ଖାଉଛି ବୋଲି ଦୁଇଟା ଗାଁ ଭିତରେ କଜିଆ । ଗୋଟାଏ ଗାଁରୁ କିଛି ଲୋକ ଗୋରୁଙ୍କୁ ଘୋଡ଼େଇ ଗୋଡ଼େଇ ପିଟିବାକୁ ଆସିଥିଲେ । ଆଉ ଗୋଟାଏ ଗାଁରୁ ଦଳେ ଲୋକ ଗୋରୁମାନଙ୍କୁ ନେଇ ଯିବା ପାଇଁ ଗୋଡ଼େଇ ଆସିଛନ୍ତି । ମହାଭାରତର ବିରାଟ ପର୍ବ ।

ଯା ଭିତରେ କେହି ଜଣେ ପୋଲିସକୁ ଖବର ଦେଇଦେଲା । ପୋଲିସ୍ ଗାଡ଼ି ଆସିବା ଦେଖି ଦୁଇ ପକ୍ଷର ଲୋକ ଛିନ୍‌ଛତର ହୋଇ ପଳେଇଲେ । ଖାଲି ରାସ୍ତାଟା ଉପରେ ବୁଢ଼ାଟା ଲହୁ ଲୁହାଣ ହୋଇ ପଡ଼ିରହିଥିଲା । ପୋଲିସ ତାକୁ ଜିପ୍‌ରେ ଉଠେଇ ନେଲେ ।

ଏତେ ଗୋଳମାଳ ଭିତରେ ବି ଯୋଗେନ୍ ଚୁପ୍‌ଚାପ୍ ଫୁଲଗଛର ମୂଳ ଖୁସାଉଥିଲା । ପରିବେଶ ପୁଣି ଶାନ୍ତ ହୋଇଗଲା ।

ଦୁଇଟି ବଣିରୁ ଗୋଟାଏ ପୁଣି ଉଡ଼ି ଆସି ବଗିଚା ଭିତରେ ପଶିଲା । ତାକୁ ଅନୁସରଣ କରି ଆରଟା ମଧ୍ୟ ଆସିଲା । ମାଡ଼ ଗୋଳର ଚିହ୍ନ ନାହିଁ । ରାସ୍ତାରେ ରକ୍ତର ଦାଗ ଟିକିଏ ଅଛି । ନଜାଣିଥିଲେ ରକ୍ତ ବୋଲି ଭାବିବା କଷ୍ଟ ।

ଯୋଗେନ କିଛି ଲକ୍ଷ୍ୟ କରୁନଥିବା କହିଲେ ଭୁଲ ହେବ । ବିଜ୍ଞ ମଣିଷଙ୍କ ପରି ହଠାତ୍ ସେ ମନ୍ତବ୍ୟ ଦେଲା ।

''ଏ ଗଣ୍ଡଗୋଳର ମୂଳ ମଞ୍ଜି ହେଉଛି ଏଇ ବୁଢ଼ା ।''

''କୋଉ ବୁଢ଼ାଟା ?''

''ଏଇ ପରିବାବିକା ବୁଢ଼ାଟା ମହା ବଜ୍ଜାତ । ଗୋଳମାଳ କରିବା ତାଳରେ ଥାଏ । କାହା ସହିତ ଭଲ ପଡ଼େ ନାହିଁ । ବୁଢ଼ାର ସ୍ତ୍ରୀ ପିଲାପିଲି କେହି ତା ସାଙ୍ଗରେ ରହୁନାହାନ୍ତି । ଏକୁଟିଆ ରହେ ।''

''ତୁ ଜାଣିଲୁ କେମିତି ?''

ଅବାନ୍ତର ପ୍ରଶ୍ନ । ଯୋଗେନ ସବୁ କଥା ଜାଣେ । ପାଖ ଆଖରେ କୋଉଠି କ'ଣ ହୁଏ ସବୁ ଖବର ତା ନଖ ଦର୍ପଣରେ । ଗୋରୁ ଧାନ ଖିଆରୁ କଳିଆର ସୂତ୍ରପାତ ବୋଲି ସିଏ କହିଲା ।

ନରୋତ୍ତମ ପାଖ ଗାଁର ଲୋକ । ଚୌଧୁରୀ ନିବାରଣ କୁମାରଙ୍କ ଘରେ ତା ଦେଖା ପାଇଥିଲେ । ଦେଖା ପାଇଥିଲେ ମାନେ କୁମାର ତାକୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରୁଥିଲେ ।

ସଞ୍ଜରେ କୁମାରଙ୍କ ଘରୁ ଫେରିବା ବେଳେ ରାସ୍ତା ଉପରେ ଟିକଏ ଡେରି ପଡ଼ିଲେ । ନିର୍ଜନ ରାସ୍ତାରେ ହଠାତ କାନ ପାଖରେ ଡାକ ଶୁଣି ସେ ଚକ ଖାଇଲା ପରି ହେଲେ ।

"ସାର୍ ।"

"କିଏ କିରେ ?"

"ମୁଁ, ନରୋତ୍ତମ ସାର୍ ।"

"କ'ଣ କିଛି ଦରକାର ଅଛି ?"

"ଆପଣଙ୍କ ଘରେ କିଛି କାମ ଅଛି କି ?"

"କୋଉ କାମ ?"

"ଏଇ ବଗିଚା ସଫା କରିବା କୋଡ଼ି ମାରିବା ଏଇ ସବୁ ।"

"ଭଲ କଥା । ବଗିଚାଟାରେ ଟିକେ କୋଡ଼ି ମାରିବା ଦରକାର ଥିଲା ।"

"ତାହେଲେ କାଲି ସକାଳେ ଆସିବି । ଘରେ କୋଡ଼ି ଅଛି ନା ମୁଁ ଆଣିବି ?"

"ଅଛି [illegible] ।"

"ଆଚ୍ଛା ସାର, ଆପଣଙ୍କ ପାଖରେ ଟଙ୍କା ଦି'ଟା ହେବକି ? ମଜୁରୀରୁ କାଟି ନେବେ ।

ତା ପରଦିନ ସେ ଆସିଲାନି । କିଛି ଦିନ ଯାଏଁ ତା'ର ପତ୍ତା ମିଳିଲାନି । ଏବେ ଆସେ । ମଝିରେ ମଝିରେ ଚୌଧୁରୀଙ୍କ ପାଖୁ ଧାର ମାଗିବାକୁ ଆସେ । କୋଉଠି କାମ ଧନ୍ଦା ଖୋଜି ପାଇଲାନି । ଘରେ ଖାଇବାକୁ ଭାତ ନାହିଁ । ଟଙ୍କା ପାଞ୍ଚଟା ଦରକାର । କିଛି ଦିନ ପରେ ଫେରେଇ ଦେବ ନହେଲେ କାମଧନ୍ଦା କରି ପରିଶୋଧ କରିବ । ନରୋତ୍ତମ ଜାଣେ ଏଇଟା ମିଛ କଥା । ଚୌଧୁରୀ ବି ଜାଣନ୍ତି ଏଇଟା ମିଛ କଥା । ନିୟମ ରକ୍ଷା । ଏମିତି ମଝିରେ ମଝିରେ ନରୋତ୍ତମ ଆସେ । ସେମିତି ଅଭିଯୋଗ, କାମଧନ୍ଦା ନାହିଁ ଘରେ ଚାଉଳ ନାହିଁ । କିଛି ନଦେଲା ପର୍ଯ୍ୟନ୍ତ ଯାଏନି । ମୂର୍ତ୍ତିଟିଏ ପରି ବାରଣ୍ଡାତଳେ ଠିଆ ହୋଇଥାଏ । ଥରେ ଦେବେନି କହିଦେଇ ଭିତରକୁ ଚାଲିଗଲେ । ଦି ଘଣ୍ଟା ପରେ ବାହାରକୁ ଆସି ଚୌଧୁରୀ ଦେଖିଲେ ନରୋତ୍ତମ ଠିକ୍ ଆଗପରି ସେଇଠି ଠିଆ ହୋଇ ରହିଛି । ଚାହାଣୀ ଗୋଟାଏ ପ୍ରକାରର । ଭୟ ବି ଲାଗେ । ଚୌଧୁରୀ ତାକୁ ବିଦା କରିବାକୁ ଟଙ୍କାଏ ଦି ଟଙ୍କା ଦେଇ ଦିଅନ୍ତି । ଟଙ୍କାର ପରିମାଣକୁ ନେଇ ନରୋତ୍ତମ ଆପତ୍ତି କରେନି ।

ଦୁଇ ସପ୍ତାହ ପରେ ପୁଣି ନରୋତ୍ତମ ଆସି ହାଜର । ଟଙ୍କା ପାଞ୍ଚଟା ନହେଲେ ହେବନି । ଦୁଇଦିନ ପରେ ଆସି ଫେରେଇ ଦେଇଯିବ । ଏଇ ସମୟରେ ପରିବା ଭାର ନେଇ ସେ ବୁଢ଼ାଟା ଆସି ପହଞ୍ଚିଲା । ବୁଢ଼ା ମୁଣ୍ଡରେ ଏପର୍ଯ୍ୟନ୍ତ ବି ସେ ବ୍ୟାଣ୍ଡେଜ ବନ୍ଧା ହୋଇଛି । ଚୌଧୁରୀ ଶଙ୍କିତ ହୋଇଗଲେ । ତାଙ୍କ ଘର ଆଗରେ ଗୋଟାଏ ସାଂଘାତିକ ମାଡ଼ଗୋଳ ଲାଗି ଯାଇପାରେ । ନରୋତ୍ତମ ଦେହରେ ଶକ୍ତି ଅଛି । ବୁଢ଼ା ହାତରେ ବାହୁଙ୍ଗୀଟା ଅଛି । ଚୌଧୁରୀ ନରୋତ୍ତମକୁ

ଦୂରେଇ ଯିବାପାଇଁ ଇଙ୍ଗିତ ଦେଲେ । ଏଆଡ଼େ ବୁଢ଼ାକୁ ବ୍ୟସ୍ତ ରଖିବାକୁ ଚେଷ୍ଟା କଲେ ।

''ପରିବା କ'ଣ ସବୁ ଅଛି ?''

''ନାହିଁ ସେମିତି, ପୋକା ବାଇଗଣ କେଇଟା ।''

''ଭଲ ହେଇ ଗଲଣି ନା ?''

'' ଏ ପର୍ଯ୍ୟନ୍ତ ଘା ଶୁଖିନି । ବସି ରହିଲେ କିଏ ଖାଇବାକୁ ଦେବ ?''

ନରୋତ୍ତମ ଆଡ଼କୁ ଚାହିଁ ବୁଢା ନରମ କଣ୍ଠରେ କହିଲା : ''ଭାରି ଅବାଗିଆ ଭାବେ ବାଡ଼େଇଲୁ ।''

''କ'ଣ କରିଥାନ୍ତି ଆଉ ? ତୁ କାହିଁକି ଏଚ୍ଛ କଳିଆ ଭିତରେ ପଶିଲୁ ? ବୁଢା ଲୋକ । ଏସବୁ କ'ଣ ? ରାଗ ବେଳେ କିଏ ବୁଢ଼ା, କିଏ ଟୋକା ସେ ସବୁ ଜ୍ଞାନ କ'ଣ ଥାଏ ? କ'ଣ କରିବୁ ? ଯା ହେଲା ହେଲା, ଭାଗ୍ୟକୁ ନିବାରଣ ଦାଦା ପୋଲିସ ପାଖରୁ ମୁକୁଳେଇ ଆଣିଲେ । ବିଡ଼ି ଗୋଟାଏ ଟାଣିବୁ କି ମଉସା ?''

''ଦେ ଗୋଟାଏ ।''

ନରୋତ୍ତମ ଆଉ ବୁଢା ଦୁଇଜଣଙ୍କର ଅଙ୍କ ପରିମାଣେ ଜମି ନାହିଁ କି ଗାଈଗୋରୁ ବି ନାହିଁ ।

ଅଠର

ନୂଆ ଜାଗାରେ ସାଧାରଣତଃ ଗୋଟିଏ ଜାଗାର ଲୋକେ ଏକାଠି ହୋଇ ରୁହନ୍ତି । ଶାନ୍ତି ନଗରରେ ଗୋଆଲପରାର କିଛି ଲୋକ ଘର କରି ରହୁଛନ୍ତି । ଅଧିକାଂଶ ଲୋକ ଅବସରପ୍ରାପ୍ତ । ଅବସର ନେବା କାହାର ଚାରି ବର୍ଷ, କାହାର ପାଞ୍ଚ ବର୍ଷ ଆଉ କାହାର ଦଶ ବର୍ଷ ହେଲାଣି । ଧର୍ମଅଧିକାରୀଙ୍କ ବର୍ଷଟିଏ ବି ହୋଇନି । ଅନ୍ୟମାନଙ୍କ ନିକଟରେ ସେ ଅର୍ବାଚୀନ । ଅଧିକାରୀ ଅଭୟାପୁରର ଲୋକ । ପି.ଡବ୍ଲ୍ୟୁ.ଡି. ରେ ଓଭରସିଅର ଥିଲେ । ଏସ୍.ଡି.ଏମ ହୋଇ ଅବସର ଗ୍ରହଣ କରିଛନ୍ତି । ଟଙ୍କା ପଇସା ଭଲ ଜମେଇଛନ୍ତି । ବାହାରୁ ଜଣା ପଡ଼େନି । ବାହାରୁ ଟଙ୍କା ପଇସା ଆସୁଥିଲେ ବି ଖର୍ଚ୍ଚ ବଢ଼େନା । ଲୋକେ ଯେମିତି ଜାଣି ନପାରିବେ ସେପାଇଁ ଚେଷ୍ଟା ।

ଅଧିକାରୀ ହାସ୍ୟରସିକ ବୋଲି ତାଙ୍କର ନାଆଁ ଅଛି । ନାଆଁ ରଖିବା ପାଇଁ ବେଳେବେଳେ ସେ ଆବଶ୍ୟକ ନଥିବା ଜାଗାରେ ରସିକତା କରି ଅସ୍ୱସ୍ତିକର ପରିବେଶ ସୃଷ୍ଟି କରିଦିଅନ୍ତି । ଟୋକା, ବୁଢ଼ା କିଛି ଜ୍ଞାନ ନଥାଏ । ଶାନ୍ତି ନଗରରେ ଗୋଟିଏ 'ନାମଘର' ତିଆରି କରିବା ପାଇଁ ଗଜାନନ ରାୟଙ୍କ ଘରେ ସେଦିନ ଗୋଟିଏ ମିଟିଙ୍ଗ ଚାଲିଥିଲା । କମିଟି ଗୋଟାଏ କରି ନାମଘର ତିଆରି କରିବା ଦାୟିତ୍ୱ ଦେବାଟା ଠିକ୍ ହେବ ବୋଲି ସ୍ଥିର କରାହେଲା । କମିଟିର ସଭାପତି ହେବାକୁ ଗଜାନନ ରାୟଙ୍କ ନାମ ପ୍ରସ୍ତାବ ହେଲାରୁ ସେ ଆପତ୍ତି କଲେ ।

''ମୁଁ ବୁଢ଼ା ଲୋକ, ମୋତେ ଛାଡ଼ି ଦିଅନ୍ତୁ । ଅଧିକାରୀଙ୍କୁ କରନ୍ତୁ । ଟୋକା ଲୋକ,

କାମ ଧନ୍ଦା କରିପାରିବେ ।'' ରାୟ ଥଟ୍ଟା କରିବା ଦେଖି ଅଧିକାରୀଙ୍କ ଦେହ କସମସ୍ ହେଲା । ସେ ରସିକତା କରିବା ପାଇଁ ସୁଯୋଗକୁ ଅପେକ୍ଷା କରି ରହିଲେ ।

ଯୁବ ଅଧ୍ୟାପକ ଜୀତେନ ତାମୁଲୀ କହଲେ, ''ମୁଁ ଯାଉଛି, ଶାଶୁଙ୍କ ଦେହ ଖରାପ । ଉପର ଓଳି ଚିଠି ପାଇଲି । ଆମର ୟାଙ୍କୁ ନେଇ ରାତି ଟ୍ରେନ୍‌ରେ ଯିବି ।''

ଧର୍ମଅଧିକାରୀ ସାଙ୍ଗେ ସାଙ୍ଗେ ମୁହଁ ଖୋଲିଲେ, ''କୋଉ ଶାଶୁଙ୍କର ଦେହ ଖରାପ ?'' ଉପସ୍ଥିତ ସବୁ ଲୋକେ ଚୁପ୍‌ଚାପ ହୋଇଗଲେ । ଭୟଙ୍କର ଅସ୍ୱସ୍ତି ବୋଧ କଲେ । ସମସ୍ତେ ଜାଣନ୍ତି ଜୀତେନ ତାମୁଲୀଙ୍କ ଶଶୁର ଧନଞ୍ଜୟ ବରୁଆଙ୍କର ଜଣେ ରକ୍ଷିତା ଅଛି । କୋର୍ଟରୁ ବାହାରି ସିଧା ସଳଖ ତାଙ୍କ ପାଖକୁ ଯାଆନ୍ତି । ରାତି ଅଧ ହେଲେ ଘରକୁ ଆସନ୍ତି । ଲୁଚା ଚୋରା ନୁହଁ, ସମସ୍ତେ ଏଇକଥା ଜାଣନ୍ତି ।

ରତିକାନ୍ତ କଳିତା ଛଟପଟ ହେଉଥିଲେ । ସେ ଠିଆ ହୋଇ ପଡିଲେ । ''ମୁଁ ଯାଉଛି. ନୂଆ ଗଭିଣୀ ଗାଈଟାର ଜନ୍ମ କରିବା ସମୟ ହେଲାଣି । ପାଖରେ ନଥିଲେ ଅସୁବିଧା ହୋଇପାରେ ।'' ଭୂଦେବ ଚୌଧୁରୀ ଅନ୍ୟମନସ୍କ ହୋଇ ବସି ରହିଥିଲେ । ହଠାତ ସେ ଚାଲିଯିବା ଦେଖି ଅନ୍ୟମନସ୍କ ଭାବେ କହିଲେ, "God was here but he left early !" ସଦାନନ୍ଦ ହାଜରିକା ବିରକ୍ତ ହୋଇ କହିଲେ, ''କ'ଣ କହିଲେ ?''

''କିଛି ନାହିଁ । ଗୋଟିଏ ବହିର ନାଁଟା । ଆରଉଇନ ଶ୍ୱକ ବହି ।''

''ବହି ନାଁଟା କହିବା କ'ଣ ଏମିତି ଦରକାର ପଡ଼ିଗଲା ?''

''ଏମିତି ନାଁଟା ମନେ ପଡିବାରୁ ମୁହଁରୁ ବାହାରି ପଡ଼ିଲା ।''

ଚୌଧୁରୀ ଚାଲିଯିବାପରେ ଜଣେ ଦୁଇଜଣ ତାଙ୍କ ବିରୁଦ୍ଧରେ ନିଶ୍ଚିନ୍ତରେ ମନ୍ତବ୍ୟ ଦେଲେ । ସଦାନନ୍ଦ ହାଜରିକା କହିଲେ, ''ନାଇଁ ହେ, ସେ ଲୋକ ଦେଖାଣିଆ । ମୁଁ ଲକ୍ଷ୍ୟ କରୁଥିଲି ।' ଦିବାକର ଦାସ ସାଙ୍ଗେ ସାଙ୍ଗେ ପ୍ରତିବାଦ କଲେ ।

''ନାଇଁ, ନାଇଁ, କ'ଣ ଗୋଟାଏ ହୋଇଛି । କିଛି ଦିନ ହେଲା ଘରୁ ବାହାରୁ ନାହାନ୍ତି । ଦେହ ପା ବୋଧେ ଭଲ ନାହିଁ ।''

ଦାସ ଠିକ୍ କଥାଟା କହିଲେ । କିଛି ଦିନ ହେଲା ତାଙ୍କର କ ଣ ଗୋଟାଏ ହୋଇଛି । ସେ ଯେମିତି ଗଭୀର ଚିନ୍ତାରେ ମଗ୍ନ । ସବୁବେଳେ ଅନ୍ୟମନସ୍କ, ସବୁବେଳେ କ୍ଲାନ୍ତ । ଭୂଦେବ ଚୌଧୁରୀଙ୍କର ଅତୀତ କଥା ସବୁ ଭାରି ମନେ ପଡୁଛି । ଘଟଣାସବୁର ପ୍ରତ୍ୟକ୍ଷ ଅଂଶ ଠାରୁ ଅପ୍ରତ୍ୟକ୍ଷ ଅଂଶଗୁଡ଼ା ଯେମିତି ବେଶୀ ତାତ୍ପର୍ଯ୍ୟପୂର୍ଣ୍ଣ । ଚୌଧୁରୀ ବିଶ୍ଳେଷଣ କରିବାକୁ ଚେଷ୍ଟା କରନ୍ତି । ଅସ୍ପଷ୍ଟ ଭାବେ ଉପଲବ୍ଧି କଲା ପରି ଲାଗେ । କିନ୍ତୁ ସ୍ପଷ୍ଟ ଭାବେ ବୁଝି ପାରନ୍ତିନି । ଅସଲକଥା ସେ ମଧୁପୁର ସ୍କୁଲରେ ଚାକିରି କରିବା କଥା । ବି.ଏ ପାସ ଆଗରୁ ଘରର ଅଚଳ ଅବସ୍ଥା । ସ୍କୁଲରେ କାମଟା ପାଇ ସେ ଯେମିତି ରକ୍ଷା ପାଇଲେ । ସେ ପ୍ରାୟ ଚାରିବର୍ଷ ସ୍କୁଲରେ ଥିଲେ । ଏମିତି ଗୋଟାଏ ଜୀବନକୁ ସେ ଗ୍ରହଣ କରି ନେଇଥିଲେ । ସମ୍ଭାବନାହୀନ ଉଚ୍ଚାଭିଳାଷୀ ବାତୁଳଙ୍କ ପରି ଲକ୍ଷଣ । ବି.ଏ. ପରୀକ୍ଷାର ଫିସ୍ ଦେବାପାଇଁ ସେ ତାଙ୍କର ମ୍ୟାଟ୍ରିକ ପରୀକ୍ଷାର ସୁନା ପଦକଟା ବିକ୍ରୀ କରିଦେଇଥିଲେ । କେହି ଜାଣନ୍ତିନି, ଖାଲି ମା ଛଡ଼ା ।

ନୀରେନ୍ ଦତ୍ତ ' ବ ଚୌଧୁରୀଙ୍କ ଭିଣୋଇ । ଚୌଧୁରୀ ଏମ.ଏ.ପଢ଼ିବା ଦରକାର ।

ଏକଥା ସବୁବେଳେ ସେ କହୁଥିଲେ । ସେଥିରେ ସେ ଜୋର୍ ଜବରଦସ୍ତି କଲେ । ''ଏମିତି ହେଲେ ତ ହେବନି, ଏଆଡ଼େ ବହୁତ ଡେରି ହୋଇଯାଇଛି, ଯା ପରେ ଆଉ ପାରିବୁନି ।''

ଚୌଧୁରୀ ଅଳ୍ପ ହସିଥିଲେ ।

''କହୁନୁ କାହିଁକି ?''

''କ'ଣ କହିବି ? ଆମ ଘର ଅବସ୍ଥା କ'ଣ ଜାଣି ନାହାନ୍ତି ?''

''କାହିଁକି ଜାଣିନି ? ସେ ପାଇଁ ତ କହୁଛି । ସ୍କୁଲରେ ଚାକିରି କରି ଘର ଖଣ୍ଡିଏ କରି ପାରିବୁ ?'' ଚୌଧୁରୀ ଚୁପ୍ ରହିଲେ ।

''କ'ଣ କିଛି କହୁନୁ କାହିଁକି ?''

''କ'ଣ କହିବି ?''

''ଶୁଣ୍, ମୋ କଥା । କେବେଠାରୁ ମୁଁ କହୁଛି ଯାହା ଖର୍ଚ୍ଚ ହେବ ମୁଁ ଦେବି । ପଛରେ ମୋତେ ଫେରେଇ ଦେଲେ ହେବ ।''

''ଖାଲି ମୋ କଥାଟା ତ ହେବନି, ଘର ଚଳିବ କେମିତି ?''

''ଘର କଥା ମୁଁ ଦେଖିବି । ବରଷ ଦି'ଟା ଆଖି ବୁଜି ଚାଲିଯିବ । ପରେ ତୁ ହିସାବ କରି ମୋତେ ସେତିକି ଫେରେଇ ଦେବୁ ।''

ଭୂଦେବ ଚୌଧୁରୀ ନୀରେନ୍ ଦତ୍ତଙ୍କ ଟଙ୍କା ଫେରେଇ ଦେଇଛନ୍ତି । ଟଙ୍କା ଫେରେଇ ଦେଲେ ବି ଋଣ ପରିଶୋଧ ହୁଏନି । ହଜାର ଗୁଣ ଦେଲେ ବି ନୁହେଁ । ନୀରେନ ଦତ୍ତଙ୍କ ଟଙ୍କାର ପରିମାଣ ଟଙ୍କା ପଇସାରେ ମାପି ହେବନି । ଜୀବନରେ ଚୌଧୁରୀଙ୍କ ଯାହାକିଛି ଉନ୍ନତି ହୋଇଛି, ଡିଗ୍ରୀ ପାଇବା ପରେ ସେ ସବୁ ସମ୍ଭବ ହୋଇଛି । ତଥାପି ମଧ୍ୟ ଚୌଧୁରୀଙ୍କ ପାଠପଢ଼ା ହୋଇନଥାନ୍ତା । ନାଁ ଲେଖାଇବାବେଳେ ତାଙ୍କର ବହୁତ ଡେରି ହୋଇଯାଇଥିଲା । ବିଶ୍ୱବିଦ୍ୟାଳୟ ପରିଚାଳନାଧୀନ ହଷ୍ଟେଲ ବା ମେସ୍‌ରେ ସିଟ୍ ପାଇଲେନି । କଲିକତା ଯାଇ ଆମର୍ହଷ୍ଟ ଷ୍ଟ୍ରୀଟ୍‌ରେ ଗୋଟାଏ ହୋଟେଲ୍‌ରେ ରହୁଥିଲେ । ହୋଟେଲ୍‌ରେ ରହି ପାଠ ପଢାପଢ଼ି କରିବା ପ୍ରଶ୍ନ ଉଠୁନି । ବାତାବରଣ ନାହିଁ । ତା ଉପରେ ଖର୍ଚ୍ଚ । ହୋଟେଲ୍ ମାଲିକ ଥଟ୍ଟା କରିଥିଲେ ।

''ମାସକୁ ଦୁଇ ବା ଅଢେଇଶ ଖରଚ କରି ପାଠ ପଢ଼ିବ ? ଗାଁରେ ଜମିଦାରୀ ଅଛି ନାଁ କ'ଣ ? ଜମିଦାରୀ ଅଛି ଯଦି ଏମ୍.ଏ. ପଢିବା କ'ଣ ଦରକାର ? ଆହୁରି ଦି' ଟା ହାତ ରହିବ କି ?'' ହୋଟେଲ୍ ପାଖ ହରିସନ୍ ରୋଡ୍‌ରେ ଗୋଟିଏ ମେସ୍‌ରେ ଚୌଧୁରୀଙ୍କ ଗାଁ ଆଡୁ କେତେ ଜଣ ଟୋକା ରହୁଥିଲେ, ଅଘୋର ବିଶ୍ୱାସ ଆଉ ସତ୍ୟେନ୍ ସରକାର । ଚୌଧୁରୀଙ୍କୁ ତାଙ୍କ ମେସକୁ ନେଇଗଲେ । ଅଘୋର ଓ ସତ୍ୟେନ, ଚୌଧୁରୀଙ୍କ ସ୍କୁଲ ବେଳର ସାଙ୍ଗ, ଅନେକ ବର୍ଷ ହେଲା କଲିକତାରେ ରହୁଛନ୍ତି । ନାଁ କୁ ବି.ଏ.,ବି.କମ୍. ଇତ୍ୟାଦି ପଢୁଛନ୍ତି । କେହି ସେପର୍ଯ୍ୟନ୍ତ ପାସ୍ କରିନାହାନ୍ତି । ହରିସନ୍ ରୋଡ ମେସ୍‌ରେ ରହିଥିଲେ ଚୌଧୁରୀଙ୍କ ପାଠପଢା ହୋଇନଥାନ୍ତା । ମିଶନାରୀ ହଷ୍ଟେଲରେ ସିଟ୍ ପାଇଥିଲେ ବୋଲି ସେ ଭଲ ଭାବେ ଏମ୍ ଏ ପାସ୍ କରି ପାରିଥିଲେ । ଏକୁଟିଆ ବସି ବସି ଚୌଧୁରୀ ସେଇକଥା ଭାବନ୍ତି । ଅସଂଖ୍ୟ ମଣିଷଙ୍କ ଠାରୁ ଅଯାଚିତ ଆଉ ଅପ୍ରତ୍ୟାଶିତ ଭାବେ ସାହାଯ୍ୟ ସହାନୁଭୂତି ପାଇଥିଲେ ବୋଲି ସେ ଏଯାଏଁ ଉଠି ପାରିଛନ୍ତି । ସବୁବେଳେ ଏସବୁ କଥା ମନେ ରହେନି । ସବୁ ସ୍ମୃତି ମଣିଷ ପାଇଁ ସୁଖପ୍ରଦ ନୁହେଁ । ନିଜର

ଦାମ୍ କମିଯାଏ ।

ଚୌଧୁରୀ କିଛି କଥା ପାସୋରି ଦେବାକୁ ଚେଷ୍ଟା କରନ୍ତି । ଶୂନ୍ୟରେ ତାରଟା ଉପରେ ସମସ୍ତେ ଚାଲି ପାରିବେନି । ସେ ବି ପାରିନାହାନ୍ତି । ସେ ଯୀଶୁଖ୍ରୀଷ୍ଟ କିମ୍ବା ବୁଦ୍ଧଦେବ ନୁହନ୍ତି । ସେ ଜଣେ ସାଧାରଣ ମଣିଷ । ସାଧାରଣ ମଣିଷର ଦୁର୍ବଳତା ତାଙ୍କର ଥିଲା । ସେ ଏମିତି କିଛି କାମ କରିଛନ୍ତି ଯା ପାଇଁ ସେ ଲଜ୍ଜିତ । ପରେ ପୁଣି ସେ ଏମିତି କାମ କରିଛନ୍ତି ଯା ପାଇଁ ସେ ଗର୍ବିତ ।

ଏକୁଟିଆ ବସି ବସି ପୁରୁଣା କଥା ସବୁ ଭାବନ୍ତି । ସ୍ମୃତିସବୁ ପ୍ରଥମେ ଆକାରବିହୀନ ପିଣ୍ଡ ପରି ଭାସି ଉଠନ୍ତି । ଆସ୍ତେ ଆସ୍ତେ ଭିନ୍ନ ରୂପରେ ପରିଣତ ହୁଏ । ଅଂସଖ୍ୟ ଚିନ୍ତା ଚୌଧୁରୀଙ୍କୁ ଘେରିଯାଆନ୍ତି । ଠିକ୍ କଥା, ସେ ଜଣେ ସାଧାରଣ ମଣିଷ । ପାଷଣ୍ଡ ନୁହନ୍ତି କି ଦେବତା ନୁହନ୍ତି । ନିଜ ବ୍ୟକ୍ତିଗତ ଧରାକୁ ନେଇ ସେ ଦଶଜଣଙ୍କ ଭିତରୁ ଜଣେ, କିନ୍ତୁ ଦଶଜଣଙ୍କ ଠାରୁ ଅଲଗା । ସେ ତାଙ୍କ ବାପା ମା'ଙ୍କର ସନ୍ତାନ, ସନ୍ତାନ ସନ୍ତତିର ପିତା, ପତ୍ନୀ ନିକଟରେ ସ୍ୱାମୀ, କାହାର ବା ବନ୍ଧୁ, ଆଉ ମଧ୍ୟ କାହାର ଶତ୍ରୁ । ଗୋଳମାଳ ହୋଇଯାଏ । ସେ ନିଜେ କହିପାରନ୍ତିନି ତାଙ୍କର ଅସଲ ରୂପଟା କ'ଣ, ଆଉ ତାଙ୍କର ଅସଲ ଭୂମିକା କୋଉଟା । ଚୌଧୁରୀ ନିଜେ ନିଜେ ଚିନ୍ତା କରୁଥିଲେ ।

''ମୁଁ ଗହଳି ଭିତରେ ରହିବାକୁ ଭଲପାଏ । ମୁଁ ବେଶୀ ଉପରେ ନାହିଁ କି ବେଶୀ ତଳେ ନାହିଁ । ମଧ୍ୟଭାଗରେ ବିସ୍ତୀର୍ଣ୍ଣ ସମତଳ ଭୂମିରେ ଅସଂଖ୍ୟ ଲୋକଙ୍କ ମେଳରେ ଠେଲା ପେଲା କରୁଛି । ଅନ୍ଧ ପରି ଅକାରଣେ ତା ଭିତରୁ କିଛି ଲୋକଙ୍କୁ ଆଘାତ କରିଛି, କିଛିଙ୍କୁ ସ୍ନେହ ଆଦରରେ ଆପଣେଇ ନେଇଛି । ବନ୍ଧୁମାନଙ୍କ ଗହଣରେ କେତେବେଳେ ନାଚେ, ଗୀତ ଗାଏ ଆଉ କେତେବେଳେ ଆକୁଳ ହୋଇ କାନ୍ଦେ । ନିଶ୍ଚିନ୍ତ ଚିନ୍ତା କରିବା ଦରକାର ନାହିଁ । ନିଜ ଆଡୁ କୌଣସି ସିଦ୍ଧାନ୍ତ ନେବା ଦରକାର ନାହିଁ । ମୋ ଚାରିପାଖେ ଭିଡ଼ ଜମେଇଥିବା ଅସଂଖ୍ୟ ଲୋକଙ୍କ ଭିତରେ ମୁଁ ଜଣେ । ପ୍ରତ୍ୟେକ ମୋରି ପ୍ରତିବିମ୍ବ ।

ଅନ୍ୟ କୋଉ ଗ୍ରହର ପ୍ରାଣୀ ଆମକୁ ଦେଖିଲେ ଭାବିବ ଆମେ ପଲେ ଲେମିଙ୍ଗ୍ ଆତ୍ମହତ୍ୟା କରିବାକୁ ଦଳବାନ୍ଧି ସମୁଦ୍ର ଭିତରକୁ ଡେଇଁବା ପାଇଁ ଠେଲାପେଲା ହେଉଛୁ । ଆଉ କୋଉ ଗ୍ରହର ପ୍ରାଣୀ ଅନ୍ୟବେଳେ ଦେଖିଲେ ଭାବିବ ଏମାନେ ସବୁ ହେଲେ ପେଙ୍ଗୁଇନ । ଧ୍ୟାନମଗ୍ନ ସନ୍ୟାସୀଙ୍କ ପରି ସ୍ଥିର । ଭିନ୍ନ ଗ୍ରହର ପ୍ରାଣୀ ଜଣେ ମଣିଷର ଶବକୁ ବ୍ୟବଚ୍ଛେଦ କଲେ ଅସଂଖ୍ୟ ଲୋକ ମଧ୍ୟରେ ପାର୍ଥକ୍ୟ ଧରି ପାରିବନି । ଏକା ରକ୍ତ, ଏକା ଶିରା ପ୍ରଶିରା, ଏକା ଅସ୍ଥି, ମେଦ, ମଜ୍ଜା ।

ତଥାପି ମୁଁ ଅଲଗା । ମୁଁ, ମୁଁ, ମୁଁ—ଭୂଦେବ ଚୌଧୁରୀ । ମୁଁ ଗଜାନନ ରାୟ ନୁହେଁ, ଦିବାକର ଦାସ ନୁହେଁ, ସଦାନନ୍ଦ ହାଜରିକା ନୁହେଁ ।

ମିଛ କଥା । ଭିଡ଼ ଭିତରେ ରହି ମୁଁ ଏକୁଟିଆ । ମୁଁ, ମୁଁ । ପ୍ରତ୍ୟେକ ଲୋକ ଅଲଗା । ସମ୍ପୂର୍ଣ୍ଣ ଭାବେ ନିଃସଙ୍ଗ । ଜଣେ ମଣିଷର ମୁଖାବୟବର ମାପ କେତେ ? କେଇ ବର୍ଗ ଇଞ୍ଚ ମାତ୍ର । ଯେ କୌଣସି ଦୁଇଜଣ ମଣିଷଙ୍କ ଆଖି ଆକାରର ପାର୍ଥକ୍ୟ ଏକ ବର୍ଗ ଇଞ୍ଚର ଏକ ଭଗ୍ନାଂଶ ମାତ୍ର । ନାକ କ୍ଷେତ୍ରରେ ? ତଥାପି ପୃଥିବୀରେ କୋଟି କୋଟି ଲୋକ ଦେଖିବାକୁ ଅଲଗା ଅଲଗା ।

ମାନସିକ ଭାବେ ପ୍ରତ୍ୟେକ ମଣିଷ ନିଶ୍ଚୟ ତଫାତ । ସାଧୁମାନେ ସାଧୁ, ପ୍ରତ୍ୟେକ ନିଜସ୍ୱ ଭାବେ ସାଧୁ । ପାଷଣ୍ଡମାନେ ପାଷଣ୍ଡ, ନିଜସ୍ୱ ଭାବେ ପାଷଣ୍ଡ । ଅସଲରେ ଯେ କୌଣସି ଦୁଇଜଣ ଲୋକ କୌଣସି ଏକ ସଂକୀର୍ଣ୍ଣ କ୍ଷେତ୍ରରେ ସମାନ । ଦୁଇଟା କାନ, ଦୁଇଟା ନାକ, ଦୁଇଟା ଆଖି । ତାଙ୍କ ଭିତରୁ କେହି ଜଣେ ମୋର ସ୍ତ୍ରୀ, ସାଙ୍ଗ ହୋଇ ଏକ ବିଛଣାରେ ଶୋଇପାରୁ । ଅନ୍ୟ ସାଥିରେ ନୁହେଁ ।

ମୁଁ ଜଣେ ସାଧାରଣ ମଣିଷ । ଉପରେ ନାହିଁ କି ବେଶୀ ତଳେ ନାହିଁ । ଛାତ୍ର ହିସାବରେ ମଧ୍ୟମ ସ୍ଥାନର । ଫୁଟବଲ ଖେଳୁଥିଲି, ତା ଅର୍ଥ ପେଲେ ନୁହେଁ । ଦୁଇ ଚାରିଟା ଗୀତ ଗାଇ ପାରୁଥିଲି, କିନ୍ତୁ ବଡ଼େ ଗୁଲାମ୍ ଅଲ୍ଲୀ ନୁହେଁ । କିଛି କ୍ଷୁଦ୍ର ଗଳ୍ପ ଲେଖିଥିଲି, କିନ୍ତୁ ଚେକଭ୍ ଭଳି ନୁହେଁ । ଭିଡ଼ ମଝିରୁ ନିଜକୁ ଟାଣି ବାହାର କରିବା କଷ୍ଟ ।

ଏଇ ମୋର ପରିଚୟ । ଭିଡ଼ ଭିତରୁ ବାହାରି ଗଲେ ମୋତେ ଅସହାୟ ଲାଗେ । ଦଶ ଜଣଙ୍କ ସାଙ୍ଗରେ ଥିଲେ ମୁଁ ସବୁକଷ୍ଟ ମାନି ନେଇପାରେ, ମୃତ୍ୟୁକୁ ମଧ୍ୟ ଭୟ କରେନି । ଭଲ କାମ କରିପାରେ, ଜଘନ୍ୟ କାମ କରିବାକୁ ସଙ୍କୋଚ ଲାଗେ ନାହିଁ ।

କିନ୍ତୁ ଆସ୍ତେ ଆସ୍ତେ ଭିଡ଼ ଭିତରୁ ମୁଁ ବାହାରି ଆସୁଛି । ମୋର ଅସଲ ବିଶିଷ୍ଟ ରୂପ ଅସ୍ପଷ୍ଟ ଭାବେ ଆଖିରେ ପଡ଼ି ବି ପଡ଼େନି । ମୋର ଅସଲ ରୂପଟା ସତରେ କ'ଣ ?

ନିଷ୍ଫଳ ଅନୁଶୀଳନ । ସ୍ମୃତି ମନ୍ଥନ କରି ଲାଭ ନାହିଁ । ସ୍ମୃତି ସବୁ ମଧ୍ୟ ଏତେ ନିର୍ଭର ଯୋଗ୍ୟ ନୁହେଁ । ବଛା ବଛି ସ୍ମୃତି । ସପନରେ ଦେଖିଲା ପରି ଘଟଣା । ଅସ୍ପଷ୍ଟ ଓ ଅସ୍ଥିର । ଏଇ ଅସମ୍ପୂର୍ଣ୍ଣ ସ୍ମୃତିକୁ ଭିତ୍ତି କରି ମୋର ମୂଲ୍ୟାୟନ । ଅନ୍ୟ କିଛି ଯଦି ଉପାୟ ଥାଏ ତାହହେଲେ ମୁଁ ଜାଣିନି । ସ୍ମୃତିକୁ ଦୂରେଇ ଦେଇ ନିଜକୁ ବର୍ତ୍ତମାନ ଭିତରେ ସୀମାବଦ୍ଧ କରିବାକୁ ଚାହିଁଲେ ମୋର ଅସ୍ତିତ୍ୱ ବିଲୀନ ହୋଇଯିବ । ମୁଁ ଭୂଦେବ ଚୌଧୁରୀ । ମୋର ଅତୀତକୁ ନେଇ ମୁଁ, ମୁଁ । ସ୍ମୃତି ଅଛି ବୋଲି ମୋର ବାପା, ମା ଅଛନ୍ତି, ଆତ୍ମୀୟସ୍ୱଜନ ଅଛନ୍ତି, ବନ୍ଧୁ ଅଛନ୍ତି, ପତ୍ନୀ ଓ କନ୍ୟା ଅଛନ୍ତି । ସ୍ମୃତି ଅଛି ବୋଲି ଦିନ ଶେଷରେ ମୁଁ ଘରକୁ ଫେରିଆସେ । ନିଜ ଘରକୁ ଚିହ୍ନି ବାହାର କରିପାରେ ।''ଭୂଦେବ ଚୌଧୁରୀ ଶଙ୍କିତ ହେଲେ ।

''ସମୟମତେ ନିଜ ଘରକୁ କ'ଣ ସତରେ ଚିହ୍ନି ବାହାର କରିପାରିବି । ଯଦି..... ।''

''ବାବୁ !''

ଭୂଦେବ ଚୌଧୁରୀ ଚମକି ପଡ଼ିଲେ । ଚାକର ଟୋକା ଯୋଗେନ୍ ପାଖରେ ଠିଆ ହୋଇ ତାଙ୍କୁ ଡାକୁଛି ।

''କ'ଣ ହେଲା ?''

''ରାତି ବେଶୀ ହେଲାଣି, ଭାତ ଖାଇବେନି ?''

''ଭୋକ ଲାଗୁନିରେ, ଆଜି ମୁଁ ଖାଇବିନି, ତୁ ଖାଇବୁ ଯା ।'' ଯୋଗେନ୍‌ର ମୁହଁଟା କଳା ପଡ଼ିଗଲା ।

''ଦିନରେ ଭଲ କରି ଖାଇ ନାହାନ୍ତି । ସୋରିଷବଟା ଦିଆ ମାଛ ତରକାରୀ ଭଲ ପାଆନ୍ତି ବୋଲି ଆଜି 'ଭାଙ୍ଗୋନ୍' ମାଛ ଆଣିଥିଲି । ଅଳ୍ପ କେଇଟା ଥିଲା, ଅନ୍ୟମାନଙ୍କ ସହ ଝଗଡ଼ା କରି ଆଣିଥିଲି ।''

''ଚାଲ୍ ତାହେଲେ ।''

ଉଣେଇଶ

ଧର୍ମଅଧିକାରୀଙ୍କର ହାସ୍ୟରସିକ ବୋଲି ନାଁ ଅଛି । ତେଣୁ ସବୁବେଳେ ସେ ରସପୂର୍ଣ୍ଣ କଥା କହିବାକୁ ଚେଷ୍ଟା କରନ୍ତି । ନିଜେ ପି ଡବ୍ଲ୍ୟୁ.ଡି.ରେ ଚାକିରି କରୁଥିଲେ । ତାଙ୍କ ଅଫିସରମାନେ କେମିତି ଘୁସ୍ ନିଅନ୍ତି, ସେ ସବୁ କଥାକୁ ଭାରି ରସ ଲଗେଇ କହନ୍ତି ।

''ଜଣେ ଠିକାଦାର ବନ୍ଧୁଙ୍କ କଥା କହୁଛି ଶୁଣନ୍ତୁ । ତାଙ୍କ ସାନ ପୁଅର ଜର ଛାଡ଼ିଥାଏ । ଡାକ୍ତର ପୁରୁଣା ଚାଉଳ ଭାତ ଆଉ ତୋଡ଼ି ମାଛ ଝୋଳ ଦେବାକୁ କହିଛନ୍ତି । ସେତେବେଳେ ତୋଡ଼ି ମାଛ ମିଳୁନଥାଏ । ଠିକାଦାର୍ ବହୁତ ଚେଷ୍ଟାକରି ମାଗୁର ମାଛ କେତୋଟି ଯୋଗାଡ଼ କଲେ । ଘରକୁ ଆସୁଥିଲା ବେଳେ ଏସ ଡ଼ି.ଓ.ଙ୍କୁ ଭେଟିବା ପାଇଁ ତାଙ୍କ ଘରକୁ ଗଲେ । ବାହାର ବାରଣ୍ଡାରେ ଦୁଆର ପାଖ କୋଣରେ ମାଛ ବ୍ୟାଗଟା ଥୋଇ ଅଫିସ୍ ଭିତରକୁ ଗଲେ । କିଛି ଗୋଟାଏ ସେମିତି ରଖିଥିବା ଦେଖି ଏସ.ଡ଼ି ଓ ପଚାରିଲେ–''ସେଇଟା କ'ଣ ?'' ''ମାଗୁର ମାଛ କେଇଟା । ମିଳୁନି, ବହୁ କଷ୍ଟରେ . ।'' ''ବାଃ, କୋଉଠୁ ପାଇଲ ? ମଧୁ. ଆରେ ମଧୁ, ମାଛ ଗୁଡ଼ା ନେଇଯା ।'' ଠିକାଦାର କ'ଣ କରିବେ ? ଦୁଇଥର ପାଟି ଖୋଲି ପୁଣି ବନ୍ଦ କରିଦେଲେ । ପାଟିରୁ କଥା ବାହାରିଲାନି ।''

ଘରେ ପଶୁ ପଶୁ ଧର୍ମଅଧିକାରୀଙ୍କ ଅଲଗା ରୂପ । ଭୟ, ମହା ଆତଙ୍କ । ବଡ଼ ପୁଅ ସୁଭାଷର ଭୟ । ସୁଭାଷ ବି.ଏସ୍ ସି ପଢ଼େ । ତା ସହିତ ପଦେ ଦି ପଦ କଥାବାର୍ତ୍ତା ହେବା କଷ୍ଟ । କିଛି କହିଲେ ଗରଗର ହେଉଥାଏ । କିନ୍ତୁ ସାଙ୍ଗ ହୋଇ ରହିଲେ ତ କେବେ କେବେ କଥା ହେବା ଦରକାର ପଡ଼େ ।

ଅଧିକାରୀଙ୍କ ବଡ଼ ଭାଇଙ୍କ ନାତୁଣୀଙ୍କ ବାହାଘର । ତାଙ୍କ ପୁତୁରା ଗାଁରୁ ଆସି ଖବର ଦେଇ ଯାଇଛି । ଯେକୌଣସି ପ୍ରକାରେ ଯିବାକୁ କହିଛି । ଅଧିକାରୀଙ୍କ ବାତ ଯନ୍ତ୍ରଣାରେ ଚାଲି ନପାରିବା ଭଳି ଅବସ୍ଥା ହୋଇଛି । ବାହାଘରଟାରେ କେହି ଜଣେ ନଗଲେ ଭାରି ଖରାପ କଥା ହେବ । ଅଧିକାରୀ ସୁଭାଷକୁ ଧରିଲେ ।

''କେହି ନଗଲେ ଭଦ୍ର ଖରାପ ଭାବିବ । ମୋର ତ ଅଚଳ ଅବସ୍ଥା, ତୁ ଯାଇ ବୁଲି ଆସ ।''

''ମୁଁ ପାରିବିନି ।''

''କାହିଁକି ? କ'ଣ ଅସୁବିଧା ?''

''ପାରିବିନି, ମୋର କାମ ଅଛି ।''

''କୋଉ କାମ ?''

''କୋଉ କାମ ତୁମର କ'ଣ ଦରକାର ? ଯାଇ ପାରିବିନି ବୋଲି କହୁଛି, ଯାଇ ପାରିବିନି ।''

''ନାଇଁ ନାଇଁ, ଆତ୍ମୀୟ ସ୍ୱଜନଙ୍କ ସହିତ ସମ୍ପର୍କ ରଖିବା ଦରକାର । ଅସୁବିଧା ହେଲେ ବି କିଛି କାମ କରିବାକୁ ପଡ଼େ ।'' ସାଙ୍ଗେ ସାଙ୍ଗେ ସୁଭାଷର ଆଖି ନାକ ଫୁଲି ଉଠିଲା । ଉଗ୍ର

ହୋଇଗଲା । "ବାସ୍, ବାସ୍, ସେତିକି । ଲେକ୍‌ଚର ଦେବା ଦରକାର ନାହିଁ । ତୁମର ଏମିତି ଲେକ୍‌ଚର ମୁଁ ବହୁତ ଶୁଣିଛି ।" ସୁଭାଷର କଥା ଅଧିକାରୀଙ୍କୁ ଭାରି ଦୁଃଖ ଲାଗିଲା । କ୍ଷୀଣ କଣ୍ଠରେ ସେ ଆପତ୍ତି କଲେ ।

"ଏମିତି କଥାବାର୍ତ୍ତା କାହିଁକି କରୁଛୁ ?"

"କେମିତି କରିବି ?"

ସୁଭାଷର କଥା ଆହୁରି କର୍କଶ । ଅଧିକାରୀ ଚୁପ୍ ରହିଲେ । ନିଜର ଯୁବକ ସମୟର କଥା ମନେ ପଡ଼ିଲା । ସେ ନିଜେ ମଧ୍ୟ ବାପାଙ୍କର ଅନେକ କଥାକୁ ଅଯୁକ୍ତିକର ଭାବୁଥିଲେ । ସହଜରେ ମାନି ନେବାକୁ ରାଜି ନଥିଲେ । କିନ୍ତୁ ଏମିତି କର୍କଶ ଭାବରେ ସେ ପ୍ରତିବାଦ କରୁନଥିଲେ ! କିଛି ଅସୁବିଧା ଥିଲେ ଖୋଲାଖୋଲି କହି ଦେଉଥିଲେ । ଆଗରୁ କିଛି କାମ କରିବେ ବୋଲି ଠିକ୍ କରିଛନ୍ତି, କିମ୍ବା ଅନ୍ୟ କିଛି ଅସୁବିଧା ଅଛି । ଅଧିକାରୀଙ୍କ ମନ ଖରାପ ହୋଇଯାଏ । କାନ୍ଦିବାକୁ ମନ ହୁଏ । ଭଲ କଥା କିଛି କହିଲେ ସୁଭାଷ ଗରଗର ହେଉଥାଏ । ଅଧିକାରୀ ଭାବନ୍ତି ହୁଏତ ତାଙ୍କର କିଛି ଭୁଲ ରହିଯାଇଛି । ପୁରୁଣା ବାତାବରଣ ଭିତରେ ବଢ଼ି ଥିବା ଲୋକ । ସବୁ କଥା ବୁଝି ପାରନ୍ତିନି । ଆଜିକାଲି ସବୁ ପୁଅ କେଜାଣି କାହିଁକି ଏମିତି । ତାହେଲେ ନିଶ୍ଚୟ ତାଙ୍କରି ଦୋଷ ।

ଅଧିକାରୀଙ୍କୁ ଅସହାୟ ଲାଗେ । କାନ୍ଦିବାକୁ ଇଚ୍ଛା ହୁଏ । ବାଡ଼ିଟାକୁ ଧରି ଠିକେଇ ଠିକେଇ ସେ ବାହାରି ଯାଆନ୍ତି । ସଦାନନ୍ଦ ହାଜରିକାଙ୍କ ତାସ୍ ଆଡ୍ଡା ବସେ । ସେ ସେଇଠି ପଶିଲେ । ଅବସରପ୍ରାପ୍ତ ସବ୍-ରେଜିଷ୍ଟ୍ରାର୍ ମହାନନ୍ଦ ପାଟଗିରି କଥାରେ କଥାରେ କହିଲେ,"ମେଧିଙ୍କ ଘରଟା ଦେଖିଲ ? କେତେ ପ୍ରକାଣ୍ଡ ଘର କରୁଛନ୍ତି । ସପ୍ଲାଇ ଇନ୍‌ସ୍‌ପେକ୍ଟର ଜଣେ କେତେ ଦରମା ପାଏ କିହେ ?"

ଅଧିକାରୀଙ୍କ ଆଖି ଆଗରେ ପାଟଗିରିଙ୍କ ପ୍ରାସାଦତୁଲ୍ୟ ଘରର ଛବି ଭାସି ଉଠିଲା । ନିଜକୁ ସଂଯତ କରିନପାରି ସାଙ୍ଗେ ସାଙ୍ଗେ କହି ପକେଇଲେ, "ନାରାୟଣ, ନାରାୟଣ ।" ହାଜରିକା କୌତୁକର ଗନ୍ଧ ପାଇ ପଚାରିଲେ ।

"କ'ଣ ହେଲା ଅଧିକାରୀ ? ନାରାୟଣଙ୍କ ନାମ ନେବାରେ କଣ ଦରକାର ପଡ଼ିଲା ?"

"ବିଷ୍ଣୁ ଦା'ଙ୍କ କୁହା କଥା ପଦେ ହଠାତ୍ ମନେ ପଡିଗଲା । ମୋର ପିଉସୀ ପୁଅ ଭାଇ, ଭାରି ରସାଳିଆ କଥା କହି ପାରନ୍ତି । ଲେଖାପଢ଼ି ସେମିତି କିଛି ନାହିଁ, କିନ୍ତୁ ଗୋଟାଏ ଗୋଟାଏ ଦାମୀ କଥା କହି ଦିଅନ୍ତି ।"

"କେମିତି କଥା ?"

"ବିଷ୍ଣୁ ଦା ମୋତେ କହିଥିଲେ, ତୁ ମାଛ, ମାଂସ, ଭାତ ଖାଉଛୁ, ମୁଁ ବି ମାଛ ମାଂସ, ଭାତ ଖାଉଛି । ଏଇଠି କୋଉ ସୁଖ ? ତୁ ଖାଇ ପାରୁନୁ, କିନ୍ତୁ ମୁଁ ତୋତେ ଦେଖାଇ ଦେଖାଇ ଆରାମରେ ଖାଉଥିବି, ସେତେବେଳେ ହିଁ ଠିକ୍ ସୁଖ ।" ସମସ୍ତେ ହୋ ହୋ ହୋଇ ହସି ଉଠିଲେ । ମହାନନ୍ଦ ପାଟଗିରି କ୍ରୋଧ ଦୃଷ୍ଟିରେ ଅଧିକାରୀଙ୍କ ଆଡ଼କୁ ଚାହିଁଲେ ।

ସୁଭାଷ ତିନିଟା ଲେଟର୍ ପାଇ ସ୍କୁଲ ଲିଭିଙ୍ଗ୍ ପରୀକ୍ଷା ପାସ କରିଛି । ସୁନ୍ଦର ସ୍ୱପ୍ନ ଆଉ ଉଜ୍ଜ୍ୱଳ ଦୃଷ୍ଟି ନେଇ ସେ ଗୌହାଟୀ କଲେଜରେ ପଢ଼ିବାକୁ ଗଲା । ସେତେବେଳେ ଅଧିକାରୀ

କୋଆର୍ଟରରେ ଥାଆନ୍ତି । ଅବସର ନେବାକୁ ବି ବରଷ ଥାଏ । ଶାନ୍ତି ନଗରରେ ଘର କାମ ଆରମ୍ଭ କରିଛନ୍ତି । କାମ ଶେଷ ହୋଇନି । ସୁଭାଷ ହଷ୍ଟେଲରେ ରହୁଥାଏ ।

ଗୌହାଟୀ ଯିବା ଆଗରୁ ଅଧିକାରୀ ସୁଭାଷକୁ ଉପଦେଶ ଦେଇଥିଲେ, ''ଏୟା କରିବୁ, ନୂଆ ପରିବେଶ, ସାବଧାନରେ ଥିବୁ । ଖରାପ ପିଲାଙ୍କ ସାଥିରେ ସାଙ୍ଗ ହେବୁନି ।''

ସୁଭାଷର ଆଖି ଯୋଡ଼ିକ ସେତେବେଳେ ନିଷ୍ପାପ ଆଉ ସ୍ୱଚ୍ଛ । ବାପାଙ୍କ ଆଡକୁ ଚାହିଁ ଗଭୀର ଆତ୍ମପ୍ରତ୍ୟୟ ସହିତ କହିଲା !

''କ'ଣ ଯେ କହୁଛ ? ଏତେଦିନ ଖରାପ ହୋଇନ ଯଦି ଏବେ ଆଉ ଖରାପ ହେବାର ସମ୍ଭାବନା ନାହିଁ । ତୁମେ ଭାବ କରନି ।''ଅଧିକାରୀଙ୍କ ମନରେ ଅନେକ ଆଶା, ଅନେକ ଆକାଂକ୍ଷା । ଏପର୍ଯ୍ୟନ୍ତ ଘରଛାଡ଼ି ଏକୁଟିଆ ସୁଭାଷ କୋଉଠି ରହିନି । ଦେହ ପା ଖରାପ ହେଲେ ଏବେ ବି ମା ପାଖରେ ଯାଇ ଶୁଏ ।

ସୁଭାଷ ତୃତୀୟ ଶ୍ରେଣୀରେ ପି.ୟୁ. ପରୀକ୍ଷା ପାସ୍ କଲା । ପାସ ଯେ କଲା ଏଇଟା ବଡ ଆଶ୍ଚର୍ଯ୍ୟର କଥା । ଜନ୍ମଗତ ବୁଦ୍ଧି ଥିବାରୁ କିଛି ପଢ଼ାପଢ଼ି ନକରିବି ପାସ୍ କରିଗଲା ।

ଯା ଭିତରେ ଶର୍ମା ଅଧିକାରୀଙ୍କ ଘର ତିଆରି କାମ ଶେଷ ହେଲା । ଅବସର ନେଇ ସେ ଶାନ୍ତି ନଗରରେ ରହିଲେ । ସୁଭାଷ ଅପେକ୍ଷାକୃତ ନିମ୍ନ ମାନର କଲେଜରେ ବି ଏସ୍.ସି ପଢ଼ିବାକୁ ଗଲା । କେମିଷ୍ଟ୍ରୀ ଅନର୍ସ । ଘର ସହିତ ସୁଭାଷର ସମ୍ପର୍କ ନାହିଁ । ଖାଲି ଖାଇବା ଆଉ ଶୋଇବା ପାଇଁ ଘରକୁ ଆସେ । ଘରେ ଥିଲାବେଳେ ରାଗରେ ଗରଗର ଆଉ ବିରକ୍ତ ହେଉଥାଏ । କେହି କିଛି କହିଦେନି କିଛି କହିଲେ ଗରଗର ହୁଏ । ଆଖି ମୁହଁ ଲାଲ୍ କରି ଧମକ ଦିଏ ।

କିଛି କହିବେବୋଲି ସ୍ଥିର କରି ମଧ୍ୟ ଅଧିକାରୀ ଦମ୍ପତି କହିପାରନ୍ତିନି । ସୁଭାଷ ରାତି ଦଶଟା ବାଜିଗଲେ ଘରକୁ ଆସେ, କେବେକେବେ ଆହୁରି ଡେରି ହୁଏ । ମା ଭାତ ତରକାରୀ ରଖି ବସି ରହିଥାଏ ।

ଅଧିକାରୀ ଭୟ ଭୟ ଭାବେ ଥରେ କହିଲେ, ''ପରୀକ୍ଷା ପାଇଁ ତ ଦିନ ଆଉ ନାହିଁ । ବହି ମଧ୍ୟ ତ ଏପର୍ଯ୍ୟନ୍ତ ଛୁଇଁନୁ, କ'ଣ କରିବୁ ?''

'କ'ଣ କରିବି ସେ କଥା ମୁଁ ଜାଣେ । ତୁମର କିଛି କହିବା ଦରକାର ନାହିଁ ।''

''ବହି ନ ପଢ଼ିଲେ ପାସ୍ କରିବୁ କେମିତି ?'

ସୁଭାଷ କିଛି ଉତ୍ତର ନଦେଇ ଫଟଫଟ୍ ହୋଇ ବାହାରିଗଲା ! କି ମୂର୍ତ୍ତି ? କାନ ପାଖକୁ ଓହଳିଥିବା ଦୀର୍ଘ ଅବିନ୍ୟସ୍ତ ଚୁଟି । ଆଗଆଡ଼କୁ ଓହଳି ଆସିଲେ ମୁଣ୍ଡକୁ ଝାଡ଼ି ଦେଇ ପଛକୁ ପଠେଇ ଦିଏ । ପୁରୁଣା ସିନେମାରେ ଚୀନଦେଶୀୟ ମଣିଷଙ୍କ ମୁଛ ଭଳିଆ ମୁଛ । ଜୀନ୍ ପ୍ୟାଣ୍ଟ । ଅତିକମ୍‌ରେ ଚାରିଇଞ୍ଚ ସୋଲ୍ ଥିବା ଜୋତା । ଜାମାର ବୋତାମଗୁଡ଼ା ଖୋଲା । ବେକରେ ପତଳା ଗୋଟାଏ ସୁନା ହାର । ହାତରେ ଗୋଟାଏ ଲୁହାର କଡ଼ା । ସୁଭାଷର ଚାଲି ଆଖିରେ ପଡ଼ିଲା ଭଳି । ହାତ ଦୁଇଟାକୁ ଅଣ୍ଟାରେ ରଖି କହୁଣୀକୁ ପଛ ଆଡ଼କୁ ବଢ଼ିଦେଇ ଚାଲେ । ଚାଲିଲା ବେଳେ ଏମିତି ଗୋଟାଏ ଢଙ୍ଗରେ ଚାଲେ ଯେ ମୁଣ୍ଡଟା ଛନ୍ଦୋବଦ୍ଧ ଭାବେ ତଳ ଉପର ହେଉଥାଏ । 'ଡନ୍' ପରି ଲାଗେ ।

ଚାଲିଗଲା । କେତେବେଳେ ଆସିବ ଠିକ୍ ନାହିଁ । ମା ବେଳେବେଳେ କହନ୍ତି, ''ବହି

ପତ୍ର ଏକବାରେ ନଛୁଇଁଲେ ପାସ୍ କରିବୁ କେମିତି ?''

ତିନି ଛକରେ ଲାଇନ୍ ବସ୍‌ରୁ ଓହ୍ଲାଇ ସୁଭାଷ ଆଉ ଆଗକୁ ଯାଇ ପାରିଲାନି । ଟଳମଳ ହୋଇ କିଛି ବାଟ ଆସି ରାଧା କଲିତାଙ୍କର ଫାର୍ମାସୀ ବାରଣ୍ଡା ଉପରେ ପଡ଼ିଗଲା । ପାନ ଦୋକାନୀ ସୁନନ୍ଦ ଦେଖି ରିକ୍ସାଟାଏ ଡାକି ଟେକି ଉଠେଇ ଦେଲେ । ଏଇଟା ହେଲା ଚରମ । ଅଧିକାରୀ ସ୍ତମ୍ଭିତ ହୋଇଗଲେ । ମୁହଁରୁ ପଦେ କଥା ବି ବାହାରିଲାନି ।

ରାତିଟାଯାକ ଅଧିକାରୀଙ୍କୁ ନିଦ ହେଲାନି । କ୍ଷୋଭ ନୁହେଁ, ଦୁଃଖ ନୁହେଁ, ଗୋଟାଏ ପ୍ରକାରର ଶୂନ୍ୟତା । ସେ ଶୂନ୍ୟରେ ଓହଳି ରହିଥିଲା ଭଳି ଅନୁଭବ କଲେ । ସିନ୍ଦୂରା ଫାଟିବା ବେଳକୁ ଉଠି ପଡ଼ିଲେ । ନିଜର ଧ୍ୟାନ ଧାରଣାକୁ ପୁନର୍ବିନ୍ୟାସ କରିବାକୁ ଚେଷ୍ଟା କଲେ । ହଜାର ପିଲାଙ୍କ ଭିତରେ ତାଙ୍କ ପୁଅ ଜଣେ, ସେମାନଙ୍କ ମୂଲ୍ୟବୋଧର ମେଳ ନାହିଁ । ପୁଅ ତାଙ୍କ ମୂଲ୍ୟବୋଧକୁ ମାନିନେଉ ସେଇଟା ସେ ଚାହାଁନ୍ତି । ଏଇଠି ସବୁ ଗୋଳମାଳ । ପ୍ରତ୍ୟାଶା ନକଲେ କିଛି ଅସୁବିଧା ନାହିଁ ।

ଅନ୍ଧାରୁଆ ବେଳୁ ତାଙ୍କୁ ବାହାରିଯିବା ଦେଖି ପତ୍ନୀ ଉଦ୍‌ବିଗ୍ନ ହୋଇଗଲେ । ସାରା ରାତି ତାଙ୍କ ପତ୍ନୀଙ୍କୁ ନିଦ ନାହିଁ । ସେ ଏପର୍ଯ୍ୟନ୍ତ ନିଜକୁ ସମ୍ଭାଳି ପାରିନାହାନ୍ତି । ସପନ ସବୁ ଧୂଳି ହୋଇ ମାଟିରେ ମିଶିଯାଇଛି ।

ଏତେ ସକାଳୁ ଭୂଦେବ ଚୌଧୁରୀଙ୍କୁ ବାରଣ୍ଡା ଉପରେ ବସିଥିବା ଦେଖି ଅଧିକାରୀ ଡାକ ଦେଲେ । ଦିହେଁ ଦି ଆଡୁ ଗେଟ୍ ଆଡ଼କୁ ପାଖେଇ ଆସିଲେ ।

ଅଧିକାରୀ ଆଖିପତା ନଚେଇ ଚୌଧୁରୀଙ୍କୁ କିଛି ରସାଳ କଥା କହିବାକୁ ଚେଷ୍ଟାକଲେ । ପାଟି ଖୋଲିଗଲେ ବି ମୁହଁରୁ କଥା ବାହାରିଲାନି । ରସପୂର୍ଣ୍ଣ କଥା କିଛି ମନେ ପଡ଼ିଲାନି । କିଛି କହିନପାରି କାନ୍ଦି ପକେଇଲେ । ଚୌଧୁରୀ ବ୍ୟତିବ୍ୟସ୍ତ ହୋଇପଡ଼ିଲେ ।

''ଆରେ, ଆରେ, କ'ଣ ହେଲା ?''

''ନାଇଁ, କିଛି ନାହିଁ ।''

ଅଧିକାରୀ ସାଙ୍ଗେ ସାଙ୍ଗେ ନିଜକୁ ସମ୍ଭାଳି ଦେଲେ ।

କୋଡ଼ିଏ

ସଦାନନ୍ଦ ହାଜରିକା ଦକ୍ଷ ଲୋକ । ଅଳପ ଦିନରେ ଶାନ୍ତିନଗର ଲୋକମାନଙ୍କୁ ଦି'ଟା ଦଳରେ ଭାଗ କରିଦେଲେ । ଗଜାନନ ରାୟ, ଦିବାକର ଦାସ, ଭୂଦେବ ଚୌଧୁରୀ ଏମାନେ ଆରମ୍ଭରୁ ଶାନ୍ତିନଗରରେ ରହୁଥିବା ଲୋକ । ଦୈବକ୍ରମେ ଏମାନେ ସମସ୍ତେ ଗୋଆଲପଡ଼ାର ଲୋକ, ନିଜ ଭିତରେ କଥାବାର୍ତ୍ତା ହେଲାବେଳେ ଏମାନେ ଗୋଆଲପଡ଼ାର ଭାଷାରେ କଥାବାର୍ତ୍ତା କରନ୍ତି । କେହି ଏକଥାକୁ ନଜର ଦେଉନଥିଲେ । ସଦାନନ୍ଦ ହାଜରିକା ପ୍ରଥମ କରି ଥଟ୍ଟା କଲେ । ଚୌଧୁରୀଙ୍କ ଦଳ ଆଗରେ ଥିଲେ ସେ ପରୋକ୍ଷରେ ପରିହାସ କରିବାକୁ ଆରମ୍ଭ କଲେ ।

''ଅଧିକାରୀ, ମୁଁଇଁ ଏଲା ଯା....(ଅଧିକାରୀ, ଏବେ ମୁଁ ଯାଏଁ) ।''

ଆସ୍ତେ ଆସ୍ତେ ଚୌଧୁରୀହେରିକା ଏକଘରିକିଆ ପରି ହୋଇଗଲେ । ନାମଘର ପ୍ରତିଷ୍ଠା କରିବାକୁ ଯଦିଓ ପ୍ରଥମେ ଗଜାନନ ରାୟଙ୍କ ଘରେ ଆଲୋଚନା ବସିଥିଲା, ତଥାପି ଧୀରେ ଧୀରେ ଏମାନଙ୍କ ଠାରୁ ସମସ୍ତେ ଦୂରେଇ ଗଲେ । ସଦାନନ୍ଦ ହାଜରିକା ବିଜ୍ଞ ଲୋକଙ୍କ ପରି ତାଙ୍କର ପାଣ୍ଡିତ୍ୟର ପରିଚୟ ଦେଲେ । "ଗୋଆଲପଡ଼ାର ଲୋକେ ଶଙ୍କରୀ କଳାକୃତି କ'ଣ ଜାଣନ୍ତି ?" ସେ କ'ଣ ଶବ୍ଦ ବ୍ୟବହାର ନକରି ଗୋଟାଏ ଖରାପ ଶବ୍ଦ ବ୍ୟବହାର କରିଥିଲେ । ସେ ଜାଣନ୍ତିନି, ଏହା ଠିକ୍ ନୁହେଁ । ଏସବୁ ଜ୍ଞାନ ତାଙ୍କର ଥିବା କଥା ନୁହେଁ । ଗୋଆଲପଡ଼ାର କୋଣେ କୋଣେ ଆଜି ବି ଅନେକ ମଠ ଧର୍ମଗୋଚରେ ବୈଷ୍ଣବ ଧର୍ମର କେନ୍ଦ୍ର ହୋଇ ରହିଛି । ସତ୍ରଶାଲ୍ ମଠ, ଦଲଗୋମା ମଠ, ବିଷ୍ଣୁପୁର ମଠ, ଏମିତିକି ଗୋଆଲପଡ଼ା ପଶ୍ଚିମରେ ଥିବା ବିଖ୍ୟାତ ମଧୁପୁର ମଠ । ଏଅମୃତ ଭୂଷଣ ଅଧିକାରୀଙ୍କ ଲେଖା 'ମନାମ ଘୋଷା' ଖୋଜିଲେ କୋଉଠି ମିଳିବନି । ଅଧିକାରୀ ମହାଶୟ ଆସାମ ସାହିତ୍ୟ ସଭାର ସଭାପତି ଥିଲେ ।

କିଏ ତାଙ୍କୁ ଖାତିର କଲା କିଏ ନକଲା ସେ ସବୁକୁ ଗଜାନନ ରାୟ ଭ୍ରୂକ୍ଷେପ କରନ୍ତିନି । ଦିବାକର ଦାସ ଶାନ୍ତ ଆଉ ନିର୍ବିରୋଧୀ ଲୋକ, କାହାମାନଙ୍କରେ ନଥାନ୍ତି କି କାହା ପାଞ୍ଚରେ ବି ନଥାନ୍ତି । ଭୂଦେବ ଚୌଧୁରୀ ଛୋଟ କଥାକୁ ନେଇ ମିଛଟାରେ କାଠ ବେମାରୀଙ୍କ ମଝିରେ ପଶିବାକୁ ଚାହାନ୍ତିନି ।

ସଦାନନ୍ଦ ହାଜରିକାଙ୍କର ତିନି ସ୍ତ୍ରୀ । ଅବଶ୍ୟ ଏକ ସମୟରେ କେବେ ବି ଏକାଧିକ ପତ୍ନୀ ନଥିଲେ । ପ୍ରଥମ ପତ୍ନୀଙ୍କର ଦୁଇଝିଅ । ପ୍ରଥମ ଜଣଙ୍କର ମୃତ୍ୟୁ ପରେ ପୁଣି ବାହାହେଲେ । ପିଲାପିଲି ହେବା ଆଗରୁ ଦ୍ୱିତୀୟ ଜଣଙ୍କର ମଧ୍ୟ ମୃତ୍ୟୁ ହେଲା । ତୃତୀୟ ପତ୍ନୀଙ୍କର ତିନିଜଣ ଝିଅ ଆଉ ଗୋଟିଏ ପୁଅ । ପୁଅ ସମସ୍ତଙ୍କଠାରୁ ସାନ । ହାଜରିକା ବଡ଼ ବି ଝିଅଙ୍କୁ ବାହା ଦେଇଛନ୍ତି । ତୃତୀୟ ଝିଅ କ୍ରମାଗତ ପି.ୟୁ ଫେଲ ହେବାରେ ଲାଗିଛି । ଏଇ ଝିଅଟାକୁ ନେଇ ହାଜରିକାଙ୍କର ଭାରି ଅସୁବିଧା । କୋଉଠି କାହା ସାଙ୍ଗରେ ବୁଲାବୁଲି କରେ ଠିକ୍ ନାହିଁ । ତାର ବିଶେଷ କରି ମାରୱାଡୀ ଟୋକାଙ୍କ ସହ ଭାରି ଯୋଡ଼ି । ପ୍ରଥମେ ପ୍ରଥମେ ମା ତାକୁ ସମର୍ଥନ କରିଥିଲେ ।

"ଆଜିକାଲିକା ଝିଅ । ସାଙ୍ଗସାଥୀମାନଙ୍କ ସହ ଟିକିଏ ବୁଲାବୁଲି କରିବ ନିଶ୍ଚୟ । ଘରେ ବାନ୍ଧି ରଖିବା କ'ଣ ସମ୍ଭବ ?" ଏବେ ଆଉ ମା ତାକୁ କିଛି କହିପାରନ୍ତିନି । ମଦନ ଦାସ ଆଉ ମୀନାଙ୍କର ବାହାଘରକୁ ନେଇ ସଦାନନ୍ଦ ହାଜରିକା ଯେଉଁଦିନ ତୀବ୍ର ପ୍ରତିକ୍ରିୟା ପ୍ରକାଶ କଲେ, ତାର କିଛିଦିନ ପରେ ତାଙ୍କର ଏଇ ଝିଅ କୁଆଡ଼େ ପଳେଇଲା । ଏମିତି ଘରକୁ ଫେରିଲାବେଳେ ମୀରାର କେବେକେବେ ରାତି ହୋଇଯାଏ । ସେଦିନ ରାତିରେ ଫେରିଲାନି ।

ପ୍ରାପ୍ତବୟସ୍କ ଝିଅ । ବେଶୀ ହୁଲ୍ଲୁଡ଼ କରିବାକୁ ଭୟ ଲାଗେ । ଖୋଜଖବର ନନେଇ ଉପାୟ ନାହିଁ । ଗାଡ଼ି ମଟର ସାଙ୍ଗରେ କ'ଣ ଦୁର୍ଘଟଣା ହେଲା ? ଯଦି କିଛି ହୋଇଥାନ୍ତା ତାହେଲେ ସେମାନେ କ'ଣ ଖବର ପାଇନଥାନ୍ତେ । ଖବରକାଗଜରେ ବାହାରନ୍ତା । କ'ଣ କରାଯିବ ? ବିରାଟ ଦୁଶ୍ଚିନ୍ତା । ଅନ୍ୟମାନଙ୍କ ପାଖକୁ ଯିବାପାଇଁ ସାହସ ହେଲାନି । ହାଜରିକା ପରାମର୍ଶ ନେବା ପାଇଁ ଭୂଦେବ ଚୌଧୁରୀଙ୍କ ପାଖକୁ ଆସିଲେ । ଅନ୍ତତଃ ଲୋକଟା ବେଶୀ ଇଦରଚିଆ ନୁହେଁ । ମଦନ ଦାସ ଚୌଧୁରୀଙ୍କ ପାଖରେ ଥିଲେ ।

''ମୀରା ? କାଲି ରାତିରେ ତାକୁ ଦେଖିଥିଲି ତ ।''

''କୋଉଠି ?''

''ଥିଏଟର ଦେଖି ଆମେ ଦୁଇଜଣ ଫେରୁଥିଲୁ । ମଡର୍ଣ୍ଣ ହୋଟେଲ ଆଗରେ ତାକୁ ସାଗର ମଲ୍ଲ ବୋଲି ଜଣେ ମାରଓ୍ୱାଡ଼ୀ ଟୋକାର ସ୍କୁଟର ପଛରେ ବସିଥିବା ଦେଖିଥିଲୁ । ନଜର ପଡ଼ିନଥିଲା, ସେ ଦେଖେଇ ଦେଲେ ।'' ସଦାନନ୍ଦ ହାଜରିକା କ୍ରୁଦ୍ଧ ଦୃଷ୍ଟିରେ ମଦନ ଦାସଙ୍କ ଆଡ଼କୁ ଚାହିଁ ଚିହିଙ୍କି ଉଠିଲେ । ''ସାଗର ମଲ୍ଲର ସ୍କୁଟର ପଛରେ ହିଁ ଦେଖିଥିଲ ! ତୁମେ କ'ଣ ସବଜାନତା ? ଗୌହାଟୀର ସବୁ ମାରଓ୍ୱାଡ଼ୀ ଟୋକାଙ୍କୁ ଚିହ୍ନି ପକେଇଛ ?''

''ସମସ୍ତଙ୍କୁ ଜାଣିନି । ଆମ ବ୍ୟାଙ୍କ ସହିତ ଯେଉଁମାନଙ୍କର ଲେନ୍ ଦେନ୍ ସେମାନଙ୍କୁ ଚିହ୍ନେ ।'' ନିଜ ଝିଅ ଅନ୍ୟ ଜାତିର ଟୋକା ସହିତ ବାହା ହେବା କଥା ଚିନ୍ତା କଲେ ଟିକ୍‌ଟିକ୍ କରି କାଟି ବ୍ରହ୍ମପୁତ୍ରରେ ଭସାଇ ଦେବେ ବୋଲି ହାଜରିକା କହିଥିଲେ । ବାହାଘର ପୂର୍ବରୁ ଯୌନ ସମ୍ପର୍କ ରଖିବାରେ ବୋଧହୁଏ ହାଜରିକାଙ୍କର ଆପତ୍ତି ନାହିଁ । ଚୌଧୁରୀ ଲଜ୍ଜିତ ହେଲେ । ଛିଃ, କ'ଣ ଏସବୁ ହିଂସକୁଟିଆ ଚିନ୍ତା ?

ଦି ଦିନ ପରେ ମୀରା ଘରକୁ ଫେରି ଆସିଲା । ନିର୍ବିକାର । ଚୌଧୁରୀ ଆଉ ମଦନ ଦାସଙ୍କ ପ୍ରତି ହାଜରିକାଙ୍କର ବିଦ୍ୱେଷ ଆହୁରି ବଢ଼ିଯାଇଥିଲା ।

''ବଡ଼ ବାପା ?''

''କିଏ ?''

''ମୁଁ ମୀରା ।''

କବାଟ ଖୋଲି ଚୌଧୁରୀ ଦେଖିଲେ ମୀରା ଆଉ ତା ସାଙ୍ଗରେ ଗୋଟାଏ ଅଥର୍ବ ବୁଢ଼ା ।

''କ'ଣ ହେଲା ମା ?''

''ଜେଜେଙ୍କୁ ଆଜି ରାତିକ ପାଇଁ ଏଠାରେ ରହିବାକୁ ଦିଅନ୍ତୁ । କାଲି ସକାଳେ ଆସି ମୁଁ ନେଇଯିବି ।''

ଚୌଧୁରୀଙ୍କ ମନରେ ବହୁତ ପ୍ରଶ୍ନ ଉଦୟ ହେଲା । କିଛି ପଚାରିଲେନି, ଲାଭ କ'ଣ ? ସଂକ୍ଷେପରେ କହିଲେ । ''ଆଚ୍ଛା ଠିକ୍ ଅଛି । ହେଲେ ରାତିଟାରେ ତୁ କେମିତି ଯିବୁ ?

ମୀରା ଅଳ୍ପ ହସିଲା ।

''ଯାଇପାରିବି, ମୋର ଅଭ୍ୟାସ ଅଛି ।''

ଭୃଗୁପତି ହାଜରିକାଂକୁ ନବେ ବର୍ଷରୁ ବେଶୀ ହେଲାଣି । ଏତେ ଦିନ ହେଲା ଗାଁରେ ସେ ବଡପୁଅ ପାଖରେ ରହୁଥିଲେ । ହଠାତ୍ ବସ୍ ଚଢ଼ି ସଦାନନ୍ଦ ହାଜରିକାଙ୍କ ଘରେ ଉପସ୍ଥିତ । ହାଜରିକା ଆଉ ତାଙ୍କ ପତ୍ନୀଙ୍କର ତାଙ୍କୁ ଦେଖି ମିଜାଜ ଗରମ ହୋଇଗଲା । ହାଜରିକାଙ୍କ ପତ୍ନୀଙ୍କର ବିରାଟ ଦୁଶ୍ଚିନ୍ତା । ବୁଢ଼ାଟା ବିଛଣାପତ୍ର ନଷ୍ଟ କରିବ । ଶେଷରେ ତାଙ୍କୁ ନିଜକୁ ସେଇ ସବୁ ସଫା କରିବାକୁ ପଡ଼ିବ । ଗୋଟାଏ ଗଳଗ୍ରହ ଆସି ପହଞ୍ଚିଲା । ଏଇଟା ହେଲା ହାଜରିକାଙ୍କ ଭୟ । ଏଠାରେ ଥିଲାବେଳେ ରୋଗ ବୈରାଗ ହୋଇପାରେ । ମରିଯାଇପାରେ । ସବ୍ ଝାମେଲା ତାଙ୍କର । ସଞ୍ଜବେଳଠାରୁ ବୁଢ଼ାକୁ ସ୍ୱାମୀ ସ୍ତ୍ରୀ ଶୁଣାଉଥିଲେ । ବୁଢ଼ା ସଦାନନ୍ଦ ହାଜରିକାଙ୍କ ପାଇଁ କ'ଣ କରିଛନ୍ତି ? କିଛି କରିନାହାନ୍ତି । ଘର ତିଆରି ବେଳେ ଏତେ କରି କହିବା ସତ୍ତ୍ୱେ ବି ଟଙ୍କା

କିଛି ଦେଲେନି । ଇଚ୍ଛା କରିଥିଲେ ପାଞ୍ଚ ହଜାର ଟଙ୍କା ଦେଇ ପାରିନଥାନ୍ତେ ! ବୁଢ଼ା ହାତରେ କଣ ଟଙ୍କା ନାହିଁ ? ଏତେଦିନ ଧାନ, ଝୋଟ ବିକ୍ରୀ କରି ଯୋଉ ଟଙ୍କା ଜମା କରିଛନ୍ତି, ସେସବୁ କ'ଣ ହେଲା ? ଜମି ବିକି ଟଙ୍କା ପାଞ୍ଚ ହଜାର ଦେଇପାରି ନଥାନ୍ତେ ? ଟଙ୍କା ଗୁଡ଼ା କଣ କଲେ ? ମଲାବେଳେ ସେସବୁ କ'ଣ କାନିରେ ଗଣ୍ଠେଇନେଇ ଯିବେ ? ବୁଢ଼ା ଆଖି ବୁଜିଲେ ଅନ୍ୟମାନେ ହିଁ ସବୁ ଜିନିଷ ପାଇବେ । ଏବେ ବୁଢ଼ାର ଗୋଡ଼ ତଳେ ପଡ଼ି କିଏ ଡାକୁଛି ? ସ୍ନେହ ମମତା ସତେକି ଉଛୁଳୁଛି । ନାତି ନାତୁଣୀ ନଦେଖି ରହିପାରୁନାହାନ୍ତି । ଆଃ, କି ସ୍ନେହ ! ହାଜରିକାଙ୍କ ଘରେ ଭଲ ବାସନ ବୋଲି କିଛି ନାହିଁ । କେତେ କଷ୍ଟରେ ଚଳିବାକୁ ପଡୁଛି ? ଘରୁ କିଛି ବାସନ କୁସନ ଆଣିଲାବେଳେ ବୁଢ଼ାର କି ଆପତ୍ତି ? ''ବାସନ କେତେଟା ପାଇଁ କାହିଁକି ଏତେ ଟଣା ଓଟରା ?'' ଏତେବେଳକୁ ପୁଅ ସୁହାଗ ବାହାରୁଛି. ଆହା—ହା—କି ସୁହାଗ ଉଛୁଳୁଛି ?

ଏଠି ଚାଉଳ ଭଲ ମିଳୁନି । ବୁଢ଼ାର ପାଟିକୁ ଭାତ ରୁଚେ ନାହିଁ । ସହର ବଜାର ଜାଗା । ତା ପାଇଁ କିଏ କୋଉଠିକି 'ଜହା' ଚାଉଳ ଖୋଜିଯିବ ? ଘରେ ଏତେ ଧାନ । ମଝିରେ ମଝିରେ ଅଳ୍ପ ପଠାଇପାରନ୍ତେ । ସେସବୁ କଥା ଆସେ ନାହିଁ । ହାଜରିକା ଚଳିବେ କେମିତି ? ଚାକିରି ବାକିରୀ ନାହିଁ । ଅବସର ନେଲେଣି । ବୁଢ଼ା ହେଲେ ଲୋକଙ୍କର ଅକଲ ଲୋପ ପାଏ ନା କ'ଣ ?

ଶୁଣି ଶୁଣି ଭୃଗୁପତି ହାଜରିକାଙ୍କୁ ଅସହ୍ୟ ଲାଗିଲା । ହଠାତ୍ ଉଠି ପଡ଼ି କହିଲେ, ''ଥାଉ ସେତିକି, କେତେ ଆଉ କହିବ ? ତୁମ ଘରେ ରହିବିନି ।''

ଥରଥର ହୋଇ ବୁଢ଼ା ସତରେ ଘରୁ ବାହାରି ରାସ୍ତା ଉପରକୁ ଆସିଲେ । ସଦାନନ୍ଦ ହାଜରିକାଙ୍କ ପତ୍ନୀ କହିଲେ, ''ଯାଅ, କ'ଣ ଆଉ ଦେଖୁଛ ? ଗୋଡ଼, ହାତ ଧରି ଘରକୁ ଡାକି ଆଣ । କିଛି ହୋଇଗଲେ ସାଇ ପଡ଼ିଶା ଲୋକେ ଆମକୁ କହିବେ । ବୁଢ଼ାର ମିଜାଜ୍ କମ୍ ନୁହେଁ, ବାପ୍‌ରେ !''

''ରହନା, ସାଇ ପଡ଼ିଶାକୁ କିଏ ଖାତିର କରୁଛି ମ ? ଦେଖିବ, ଟିକିଏ ପରେ ବଳେ ଆସିବେ । ରାତିଟାରେ ଯିବେ କୁଆଡ଼େ ?'' କିଛି ସମୟ ପରେ ସଦାନନ୍ଦ ହାଜରିକାଙ୍କ ରାଗ ଅଳ୍ପ କମିଲା । ବାପା ନଫେରିବା ଦେଖି ଅଳ୍ପ ଉଦ୍‌ବିଗ୍ନ ହେଉଥିଲେ । ଲୋକଟା ରାତିଟାରେ କୁଆଡ଼େ ଚାଲିଗଲା ? ଟର୍ଚ୍ଚଟା ନେଇ ବାପାଙ୍କୁ ଖୋଜିବାକୁ ବାହାରିଗଲେ । ସେପଟୁ ମୀରା ଆସୁଥିବା ଦେଖି ପଚାରିଲେ ।'

''ଏତେ ରାତିରେ ତୁ କୁଆଡୁ ଆସୁଛୁ ?

ମୀରା ଉତ୍ତର ନଦେଇ ଓଲଟି ତାଙ୍କୁ ପ୍ରଶ୍ନ କଲା ।

''ତୁମେ ରାତିରେ କୋଉଠିକି ଯାଉଛ ?''

''ଆଉ କହନି ସେ ଯନ୍ତ୍ରଣା, ତୋ ଜେଜେ ରାଗି ଘରୁପଳେଇ ଆସିଛନ୍ତି । କୋଉଠିକି ଯେ ଗଲେ ? ଦେଖିଲୁ ଏ କି କାଣ୍ଡ ? କି ଯନ୍ତ୍ରଣା ?''

''ଚିନ୍ତା କରିବା ଦରକାର ନାହିଁ । ସେ ତିନି ଛକ ଆଡ଼କୁ ଯାଇଥିଲେ । ଦେଖା ପାଇ ମୁଁ ତାଙ୍କୁ ଚୌଧୁରୀ ବଡ଼ ବାପାଙ୍କ ଘରେ ଛାଡ଼ି ଆସିଛି । କାଲି ଟିକେଟ କରି ବସ୍‌ରେ ଉଠେଇ ଦେବି । ଦରକାର ହେଲେ ମୁଁ ଗାଁକୁ ଯାଇ ଛାଡ଼ିଦେଇ ଆସିବି ।''

ଭୂଦେବ ଚୌଧୁରୀଙ୍କ କିଛି ଦୋଷ ନାହିଁ । ମୀରା ତା ଜେଜେଙ୍କୁ ତାଙ୍କ ଘରେ ଛାଡ଼ି ଆସିଥିଲା । କିନ୍ତୁ ଏଇ ଘଟଣା ପାଇଁ ତାଙ୍କ ଉପରେ ହାଜରିକାଙ୍କ ରାଗ ଦୁଇଗୁଣ ହୋଇଗଲା ।

ଏକୋଇଶ

ଶୋଇବାକୁ ଯିବା ଆଗରୁ ବିଛଣା ପାଖ ଆରାମ ଚେୟାର୍‌ରେ ବସି ଭୂଦେବ ଚୌଧୁରୀ ଗୋଟିଏ ପତ୍ରିକା ଉପରେ ଆଖି ପକାଉଥିଲେ । ବହୁତ ମଶା ହେଉଛନ୍ତି । ମଶା ମାରିବା ପାଇଁ ଦେହକୁ ବଙ୍କେଇ ଡାହାଣ ହାତରେ ବାଆଁ ଗୋଡ଼ରେ ଗୋଟିଏ ଚାପୁଡ଼ା ମାରିଲେ । ସାଙ୍ଗେ ସାଙ୍ଗେ ବାଆଁ ଗଣ୍ଠିରେ ତୀବ୍ର ଯନ୍ତ୍ରଣା ଅନୁଭବ କଲେ । ଏତେ କଷ୍ଟ ହେଲା ଯେ ସାରା ଦେହଟା କେମିତି ଗୋଟାଏ ଲାଗିଲା । ପ୍ରାୟ ଚେତନା ଲୋପ ହେଲା ପରି ଅବସ୍ଥା । କୌଣସି ଜିନିଷ ଉପରେ ସ୍ଥିର ଭାବେ ଦୃଷ୍ଟି ନିବଦ୍ଧ କରିପାରିଲେନି । ଯନ୍ତ୍ରଣାଟା ଆସ୍ତେ ଆସ୍ତେ ବାଆଁ ହାତରୁ ଉଠି ପୁଣି ତଳ ଆଡ଼କୁ ଚାଲି ଆସିଲା । ଚେୟାର ଉପରୁ ଉଠି କୁଜା ହୋଇ କୌଣସି ପ୍ରକାରେ ବିଛଣା ଉପରେ ପଡ଼ିଗଲେ । ବିଛଣାରେ ପହଞ୍ଚି ପାରିବେନି ବୋଲି ଲାଗୁଥିଲା । ମଶାରୀ ବାନ୍ଧି ପାରିଲେନି । ଲାଇଟ୍ ଜଳୁଥିଲା । ଟିକିଏ ବି ହଲଚଲ ନହୋଇ ସ୍ଥିର ହୋଇ ବିଛଣା ଉପରେ ଶୋଇ ରହିଲେ । ପନ୍ଦର କୋଡ଼ିଏ ମିନିଟ ପରେ ଯନ୍ତ୍ରଣାଟା ଆସ୍ତେ ଆସ୍ତେ କମି ଆସିଲା । ବାଆଁ ହାତଟା ଝିମ୍ ଝିମ୍ କରୁଥିଲେ ବି କଷ୍ଟ କମି ଯାଇଥିଲା । ଚୌଧୁରୀ ଚିନ୍ତିତ ହେଲେ । ହାର୍ଟ ଆଟାକ ହେଲା କି ? ରମେଶକୁ ଖବର ଦେବାକୁ ପଡ଼ିବ । କିନ୍ତୁ ସକାଳେ ଉଠି ସିଦ୍ଧାନ୍ତ ପରିବର୍ତ୍ତନ କଲେ । କିଛି ହୋଇନି ତାଙ୍କର । ମିଛଟାରେ ସମସ୍ତଙ୍କୁ ଉଦବିଗ୍ନ କରି ଲାଭ କ'ଣ ? ଭୂଦେବ ଚୌଧୁରୀଙ୍କ ଦେହ ପା ଭଲ ରହୁନଥିଲା । ନୃପେନ ଦାସଙ୍କ ଘରୁ ଫେରିଲାବେଳକୁ ରାତି ବେଶୀ ହୋଇଯାଇଥିଲା । ସେଥିରେ ପୁଣି ବର୍ଷା ପାଣିରେ ଅଳ୍ପ ଭିଜିଥିଲେ । ରାତି ସାଢେ ଆଠଟାବେଳେ ନୃପେନ ଦାସଙ୍କ ନାତୁଣୀ ତାଙ୍କୁ ଡାକି ସାଙ୍ଗରେ ନେଇଗଲା । ରାତିରେ ଛୋଟ ଝିଅଟା ବର୍ଷା ପାଣିରେ ଭିଜି ଦୌଡ଼ି ଦୌଡ଼ି ଆସୁଥିବା ଦେଖି ସେ ବ୍ୟସ୍ତ ହୋଇଗଲେ । ତାଙ୍କ ଘରେ ମେଟାସିନ ଟାବ୍‌ଲେଟ୍ ଥିଲା, ସେଥିରୁ ଦୁଇଟା ନେଇ ଝଟାପଟ୍ ଝିଅ ସାଙ୍ଗରେ ବାହାରି ଆସିଲେ ।

ଶାନ୍ତି ନଗରରେ ଘର କରି ରହିଥିବା ଅଧିକାଂଶ ଲୋକ ଅବସର ନେଇଛନ୍ତି । ଏଠାରେ ସବୁ ପ୍ରକାର ସୁବିଧା ସୁଯୋଗ ଅଛି, କିନ୍ତୁ ରୋଗ ବେମାର ହେଲେ ଭାରି ମୁସ୍କିଲ । ରାତି ବିକାଳି ହଠାତ୍ କାହାକୁ କିଛି ହେଲେ ଗୋଟିଏମତ ଭୟ ଲାଗିବା କଥା । ଏତେଗୁଡ଼ା ଅବସରପ୍ରାପ୍ତ ଲୋକ ଏକାଠି ଅଛନ୍ତି । ଡାକ୍ତର ଜଣେ ଆସୁନି କାହିଁକି ? ଅଧିକାରୀ ମନ୍ତବ୍ୟ ଦେଲେ, ''ଡାକ୍ତର କ'ଣ କେବେ ଅବସର ନିଏ ? ଚାକିରି କଲେ ବି ଚାକିରିଟା ପାର୍ଟ ଟାଇମ୍ କାମ । ଅସଲ କାମଟା ରହିଯାଏ ।''

ନୃପେନ ଦାସଙ୍କ ବଡ଼ ପୁଅ ଅରୁଣାଚଳରେ ଚାକିରି କରେ । ପିଲାପିଲିଙ୍କୁ ଏଠାରେ ଛାଡ଼ି ନେଇଛି । ନାତି ଟୋକା ସନ୍ତୁ ସଞ୍ଜରେ ବହି ନଧରି ମଲାପରି ବିଛଣା ଉପରେ ପଡ଼ି ରହିଥିଲା ।

ଆଈ ପଚାରିଲେ ''ଗୋଡ଼ ହାତ ଧୋଇଛୁ ?''

''ଧୋଇନି ।''

ଅଳ୍ପ ସମୟ ପରେ ଆସି ଦେଖିଲେ ସନ୍ତୁ ସେମିତି ବିଛଣା ଉପରେ ଶୋଇ ରହିଛି ।

''କ'ଣ ହୋଇଛି ? ଏମିତି ଶୋଇଛୁ କାହିଁକି ? ଦେହ ଖରାପ ଲାଗୁଛି କି ?''

''ନାହିଁ ।''

ତାଙ୍କର ସନ୍ଦେହ ହେଲା । ସନ୍ତୁର ମୁଣ୍ଡରେ ହାତ ଦେଇ ଚମକି ପଡ଼ିଲେ । ଦେହରେ ଜର ଖଇ ଫୁଟୁଛି ।

''ଆରେ ଜର ହୋଇଛି ତ । ଜରୁଆ ଦେହରେ ଏମିତି ପାଗରେ ଖେଳିବାକୁ ଯାଇଥିଲୁ କାହିଁକି ? ଦେଖେ, ଭଲ କରି ଶୋଇଲୁ । କ'ଣ ଯେ ସବୁ କରୁଛୁ ?'' କାର୍ତ୍ତିକ ମାସ, କୁଣ୍ଡା ଝାଡ଼ିଲା ପରି ହେଉଛି । ସାଇଁ ସାଇଁ ହୋଇ ପବନ ବହୁଛି । ଅଳ୍ପ ସମୟ ପରେ ସନ୍ତୁ ଭିଡ଼ି ମୋଡ଼ି ହେବାକୁ ଆରମ୍ଭ କଲା । ଦେହରେ ହାତ ଦେଇ ହେଉନି । ନିଆଁ ପରି ଗରମ । ଆଈ ଉଦବିଗ୍ନ ହୋଇ ଡାକିଲେ, ''ଆରେ ସନ୍ତୁରେ, ବାପାରେ, ଏମିତି ହେଉଛୁ କାହିଁକି ? କ'ଣ ହୋଇଛି କହୁନୁ ?''

ନାଇଁ, ପୁଅଟା ହଁ କି ଚୁଁ କିଛି କରୁନି ।

''ବାପାରେ, ଏ ସନ୍ତୁ ।''

''ଉଁ ..''

''ବେଶୀ ଖରାପ ଲାଗୁଛି ?''

''ନାଇଁ. ''

ଆଈ ନୃପେନ ଦାସଙ୍କୁ ଡାକିଲେ ।

''ଏଆଡ଼େ ଟିକିଏ ଆସିଲ, ଦେଖିଲ କେମିତି ହେଉଛି ?''

''ସତେ ତ, ଜର ବେଶୀ ହୋଇଛି, ମୁଣ୍ଡରେ ପାଣି ଢାଳ ।''

''ଜର ଯଦି ଆହୁରି ବଢ଼େ ? ବେଶୀ ହେଲେ ରାତିଟାରେ କ'ଣ କରିବା ?''

''ଯାଏଁ, ଯଦୁ ଡାକ୍ତର ପାଖକୁ ଯାଏଁ, ତୁମେ ମୁଣ୍ଡରେ ପାଣି ଦିଅ ।''

''ଶୀଘ୍ର ଆସିବ । ଘରେ କେହି ମଣିଷ ଲୋକ ନାହାନ୍ତି ।''

ଦେଢ଼ ମାଇଲ ଦୂରରେ ତିନିଛକି ପାଖରେ ଯଦୁ ଡାକ୍ତରଙ୍କ ଘର । ସେଠାରେ ଗୋଟିଏ ହାଟ ବସିଲା ପରି ହୋଇଛି । ଭଲ ଦୋକାନ କିଛି ବସିଛି । କିଛିଦିନ ତଳେ ରାଧା ଜଳିତା ଗୋଟିଏ ଫାର୍ମାସୀ ଖୋଲିଛନ୍ତି ।

ଯଦୁ ଡାକ୍ତର ଘରେ ନାହିଁ, ସକାଳୁ ଗାଁକୁ ଯାଇଛନ୍ତି ।

''ଆଜି ଆସିବେନି ?''

ତାଙ୍କ ପତ୍ନୀ କହିଲେ, ''ଆସିବା କଥା, ସାଢ଼େ ଛଅଟା ବସ୍‌ରେ ଆସିବେ ବୋଧେ ।''

କ'ଣ କରାଯିବ ? ଛଅଟା ବାଜିଲାଣି । ଉଦ୍‌ଗ୍ରୀବ ହୋଇ ବାରଣ୍ଡା ଉପର ବେତ ଚେୟାର୍‌ରେ ବସି ରହିଥିଲେ । ସାତଟା ବାଜିଲା । ନୃପେନ ଦାସ ଭିଡ଼ିମୋଡ଼ି ହେଲେ ।

ଯଦୁ ଡାକ୍ତରଙ୍କ ସ୍ତ୍ରୀ ପଦାକୁ ଆସିଲେ ।

''ଏତେବେଳ ହେଲାଣି ଆସି ନାହାନ୍ତି, କେତେ ଆଉ ଅପେକ୍ଷା କରିବେ ? ଆସିବେନି ବୋଧେ । ଆସିବାର ହୋଇଥିଲେ ଆସି ପହଞ୍ଚନ୍ତେଣି । ପାଗ ଖରାପ ପାଇଁ ରହିଗଲେ ବୋଧେ ।''

ଏତେ ସମୟ ହେଲା ନୃପେନ୍ ଦାସ ଅପେକ୍ଷା କରିବାଟା ଯୁକ୍ତିଯୁକ୍ତ ଲାଗୁଥିଲା । ବର୍ତ୍ତମାନ ମିଛଟାରେ ଏତେ ସମୟ ବସି ରହିବାଟା ଅନ୍ୟାୟ ହୋଇଛି ବୋଲି ଭାବିଲେ । ନିଜ ଉପରେ

ରାଗୁଥିଲେ । ଫାର୍ମାସୀର ମାଲିକ ରାଧା କଳିତା ଅବସରପ୍ରାପ୍ତ ଫାର୍ମାସିଷ୍ଟ । ଅଭିଜ୍ଞତା ଅଛି । ତାଙ୍କ ପାଖକୁ ଯିବା ଉଚିତ । ତାଙ୍କୁ ପଚାରି କିଛି ଔଷଧ ନେଇଗଲେ ଚଳିବ । ଏତେଗୁଡ଼ା ସମୟ ଏଠି ବସି ନରହି ସେଇଟା କରିବା ଉଚିତ ଥିଲା । ଛିଃ, ଦାସେ ଦୂରରୁ ଦେଖିଲେ ଫାର୍ମାସୀଟା ବନ୍ଦ ଅଛି । ତଥାପି ଦାସେ ପାଖକୁ ଆସିଲେ । ବର୍ଷା ପାଇଁ ରାଧା କଳିତା କବାଟ ବନ୍ଦ କରି ଭିତରେ ଥାଇପାରେ । ନାଇଁ, କବାଟରେ ତାଲା ଝୁଲୁଛି । ଅନ୍ୟ ଦୋକାନ ପ୍ରାୟ ସବୁ ବନ୍ଦ । ପାଖ ପାନ ଦୋକାନରେ ଲ୍ୟାମ୍ପଟିଏ ଜଳୁଛି । ଦୋକାନୀ ହାତଗୋଡ଼ ଜାକିଜୁକି ବସିଛି । ଦାସେ ଅନ୍ୟମନସ୍କ ଭାବେ ପଚାରିଲେ ।

''ଏଇ, ଫାର୍ମାସୀଟା କ'ଣ ବନ୍ଦ ହୋଇଗଲା ?''

''ଦୋକାନ ବନ୍ଦ କରି କଳିତା ଏଇକ୍ଷଣି ଗଲେ । ଏମିତି ପାଗରେ ଦୋକାନ ଖୋଲି ବସି ରହିଲେ ଲାଭ କ'ଣ ?''

ବିତୃଷ୍ଣା, ଧିକ୍କାର ଭାବ ଏବଂ ହତାଶା ନୃପେନ ଦାସଙ୍କୁ ଘେରିଗଲା । ବର୍ଷାର କୋପ ବଢ଼ୁଛି । କିଟିମିଟିଆ ଅନ୍ଧାର । ଲୋକବାକ ନାହାନ୍ତି । ପଳେଇଯିବା ପରିବେଶ । ଅନ୍ୟ ଦିନ ମାନଙ୍କରେ ବେଶୀ ରାତି ପର୍ଯ୍ୟନ୍ତ ଏଠାରେ ରିକ୍ସା ମିଳେ । ବର୍ତ୍ତମାନ ଖଣ୍ଡେ ବି ନାହିଁ. ଦାସେ ନିଜକୁ ନିଜେ କହିଲେ ।

''ରିକ୍ସାଟାଏ ନାହିଁ ଦେଖୁଛି ।''

ଦୋକାନୀ ସାଙ୍ଗେ ସାଙ୍ଗେ କହିଲା, ''କ'ଣ ଯେ କହୁଛନ୍ତି ? ଏଇ ବର୍ଷା କାଦୁଅରେ ତିନ୍ତିବୁଡ଼ି କିଏ ଏଠି ଅପେକ୍ଷା କରିବ ?'' ଡାକ୍ତର ଖୋଜି ସହରକୁ ଯିବା ପ୍ରଶ୍ନ ଉଠୁନି । ଅନ୍ଧାର ରାତି । ନିର୍ଜନ ରାସ୍ତାରେ ଘରକୁ ଫେରିବା ମଧ୍ୟ ଗୋଟିଏ ବଡ଼ ସମସ୍ୟା । ରାସ୍ତାରେ ଲୋକ ବାକ କେହି ନାହାନ୍ତି । ଶୁନ୍‌ଶାନ୍ ପରିବେଶ । ଦେହ ସିରିସିରେଇ ଉଠେ । ଜାଗାଟା ମଧ୍ୟ ଭଲ ନୁହେଁ । ଏକୁଟିଆ ଦେଖିଲେ କିଛି ଗୁଣ୍ଡା ପ୍ରକୃତିର ଲୋକ ବାଟୋଇର ଘଡ଼ି, ଟଙ୍କା ପଇସା ଛଡ଼େଇ ନେଇ ଯାଆନ୍ତି । ମରାମରି ବି କରନ୍ତି । ତିନି ଦିନ ତଳେ ଏମିତି ଗୋଟିଏ ଘଟଣା ହୋଇଥିଲା । ଶାନ୍ତିନଗରରେ ରହୁଥିବା ଜଣେ ଯୁବକ ଅଧ୍ୟାପକଙ୍କର ଟେରିଲିନ୍ ପ୍ୟାଣ୍ଟ ପର୍ଯ୍ୟନ୍ତ କାଢ଼ି ନେଇଗଲେ । ତିନିଟା ଲୋକ ଧରିଥିଲେ । ତା ଭିତରୁ ଜଣେ ଛୁରୀ ବାହାର କରି ତାଙ୍କୁ ଖତମ କରିଦେବାକୁ ପ୍ରସ୍ତାବ ଦେଇଥିଲା ।

ନିଶ୍ୱାସ ନେଇନପାରିଲା ପରି ଅବସ୍ଥା । ଫେରିଲାବେଳେ ବିରକ୍ତି ଆଉ ରାଗରେ ନୃପେନ ଦାସ ମଝିରେ ମଝିରେ ବଡ଼ପାଟି କରି ନିଜକୁ ଧିକ୍କାର କରୁଥିଲେ । ''ଧେତ୍‌ତେରି, ସାଲା, ଇଡ଼ିଅଟ୍,.....ଠିକ୍ ହୋଇଛି । ଉଚିତ୍ ଶିକ୍ଷା ହୋଇଛି ।'' ସେଇଟା କ'ଣ ? ନାଇଁ, ରାସ୍ତା କଡ଼ରେ ବୁଦାଗୁଡ଼ା । ନିଜ ବିପଦ ବିଷୟରେ ଚିନ୍ତା କରୁଥିବାରୁ ଦୁଃଶ୍ଚିନ୍ତା ଅଳ୍ପ କମି ଆସିଥିଲା । ଘର ପାଖ ହୋଇଯିବାରୁ ଦୁଃଶ୍ଚିନ୍ତା ପୁଣି ବଢ଼ିଗଲା । ଦୂରରୁ ଦେଖିଲେ ବାରଣ୍ଡା ଉପରେ ଲାଇଟ ଜଳୁଛି । ଦୁଶ୍ଚିନ୍ତାରେ ତାଙ୍କ ଦେହଟା କ'ଣ ହୋଇ ଯାଉଥିଲା । କାନ୍ଦି ଲାଗୁଥିଲା ।

ପୁଣି ବଡ଼ପାଟିରେ ସେ ଉଚ୍ଚାରଣ କଲେ, ''ହେ ଭଗବାନ ।'' ଅନେକ ସମ୍ଭାବ୍ୟ ବିପର୍ଯ୍ୟୟର ଦୃଶ୍ୟ ବିଜୁଳି ବେଗରେ କଳ୍ପନା କରି ସେ ଅସ୍ଥିର ହୋଇ ଉଠିଲେ । ଦୌଡ଼ିଯିବା ପାଇଁ ଚେଷ୍ଟା କରୁଥିବାବେଳେ ତାଙ୍କ ମୁଣ୍ଡଟା ଝାଳି ଆଗେଇ ଗଲା, ଗୋଡ଼ ଭାରସାମ୍ୟ ରଖି

ପାରିଲାନି । ଦାସଙ୍କୁ ଷାଠିଏ ପାର ହେଲାଣି । ପାଟି ଖୋଲାକରି ଜୋରରେ ନିଶ୍ୱାସ ପ୍ରଶ୍ୱାସ ନେବାକୁ ଆରମ୍ଭ କଲେ । ଏଇ କେଇପାଦ ବାଟ ଯେମିତି ସରୁନି ।

ସାମ୍ନା କବାଟ ଖୋଲା । ଘରେ ଭୂଦେବ ଚୌଧୁରୀ ବସିଛନ୍ତି । ଦାସଙ୍କର ସବୁ ଚିନ୍ତା ସାଙ୍ଗେ ସାଙ୍ଗେ ଉଭାନ ହୋଇଗଲା ! ମନଟା ପୁରାପୁରି ଶୂନ୍ୟ ହୋଇଗଲା ।

ସଁ ସଁ ହୋଇ ସେ ଚୌଧୁରୀଙ୍କୁ ପଚାରିଲେ, ''ଆପଣ ?''

''ନାଇଁ, ଚିନ୍ତା ନାଇଁ । ଜର କମିଛି, ନିଦ ହୋଇଛି ।''

ନୃପେନ ଦାସ ଠପ୍ କରି ଚେୟାର ଉପରେ ବସି ପଡ଼ିଲେ । ଚିନ୍ତାଗୁଡ଼ା ଆସ୍ତେ ଆସ୍ତେ ଏକାଠି ହୋଇଗଲା । ହଠାତ୍ ସେ ନିଜକୁ ଏତେ ହାଲ୍କା ଅନୁଭବ କଲେ ଯେ ସତେ କି ଅଳ୍ପ ଠେଲି ଦେଲେ ସେ ବେଲୁନ୍ ପରି ଶୂନ୍ୟରେ ଓହଳି ରହିବେ । ଚୌଧୁରୀଙ୍କ କଥାର ଅର୍ଥ ବୁଝିବାକୁ ତାଙ୍କୁ କିଛି ମୁହୂର୍ତ୍ତ ସମୟ ଲାଗିଲା ।

ଚୌଧୁରୀ କହିଲେ—''ଆପଣଙ୍କ ଫେରିବା ଡେରି ହେଲାରୁ ରିନି ମୋତେ ଡାକି ଆଣିଲା । ଜର କମେଇବାକୁ ହେବ । ମୋ ପାଖରେ ମେଟାସିନ ଥିଲା । ସେଇଟାକୁ ଦେଇଦେଲି । ଡାକ୍ତର ବି ସେୟା କରିଥାନ୍ତା । ତାଙ୍କୁ ଆଉ ଗୋଟିଏ ଦେଇଛି । ଜର ବେଶୀ ହେଲେ ଦେବେ । ଆଉ କିନ୍ତୁ ବଢ଼ିବନି । ଛୁଆମାନଙ୍କୁ ଜର ପ୍ରଥମେ ପ୍ରଥମେ ହୁର୍ ହୁର୍ କରି ବଢ଼ିଯାଏ । ଟାଇଲାମିନ୍ ସିରାପ୍ ଗୋଟିଏ ବୋତଲ ଘରେ ଆଣି ରଖିବେ ।'' କୃତଜ୍ଞତାରେ ଦାସଙ୍କ ମନ ଭରିଗଲା । ଏମିତି କୌଣସି କାରଣରୁ ସେ ଚୌଧୁରୀଙ୍କୁ ବେଶୀ ଭଲ ପାଆନ୍ତିନି । ଆଜି ଏମିତି ଗୋଟିଏ ମୁହୂର୍ତ୍ତରେ ଚୌଧୁରୀ ଦେବତା ପରି ଲାଗିଲେ । ଗୋଡ଼ତଳେ ପଡ଼ି ତ ସେବା କରି ପାରିବେନି, କ'ଣ କରାଯାଏ ?

''କୋଉଠିକି ଯାଉଛନ୍ତି ? ବସନ୍ତୁ, କଫି କପେ ଖାଇ ଯାଆନ୍ତୁ ?'' ଦାସଙ୍କ ପ୍ରସ୍ତାବ ଶୁଣି ଚୌଧୁରୀ ଆଶ୍ଚର୍ଯ୍ୟ ହେଲେ ।

''କଫି ? ଏତେ ରାତିରେ କ'ଣ କଫି ଖିଆଯାଏ ? ଥାଉ, ଏମିତି ଆପଣ ବହୁତ ବିବ୍ରତ ହୋଇପଡ଼ିଛନ୍ତି ।''

''ନାଇଁ ନାଇଁ, ଦେଖିଲେ କେମିତି ଚିନ୍ତି ବୁଢ଼ି ବୁଢ଼ୁ ବୁଢ଼ୁ ହୋଇଛି । ଆପଣଙ୍କ ନାଆଁରେ ମୁଁ ବି ଚା କପେ ଖାଇଦେବି, ହୋଃ ହୋଃ ହୋଃ ।''

ଦାସଙ୍କ ହସ ବନ୍ଦ ହେଲାନି । କୋଉ ଏମିତି ଥଟ୍ଟା ତାମସା କଥା ଏ ? ଏଥିରେ ହସିବା ର କ'ଣ ଅଛି ? ଚୌଧୁରୀ ଅଳ୍ପ ଆଶ୍ଚର୍ଯ୍ୟ ହୋଇ ଦାସଙ୍କ ଆଡ଼କୁ ଅନେଇ ରହିଲେ ।

ବାଇଶ

ରବୀନ ସହରିଆ କୁକୁରଙ୍କୁ ନେଇ ବ୍ୟସ୍ତ । ଜୀନ୍ ପ୍ୟାଣ୍ଟ, ସ୍କୋର୍ଟ ଗେଞ୍ଜି ଆଉ ଟେନିସ୍ ସୁ ପିନ୍ଧି ସନ୍ଧ୍ୟାବେଳେ କୁକୁରଗୁଡ଼ାକୁ ନେଇ ଘର ଆଗ ଲନ୍ ଭିତରେ ଦୌଡ଼ାଦୌଡ଼ି କରନ୍ତି । ମିସେସ୍

ସହରିଆ ବେତ ଚେୟାରରେ ବସି ଚୁପ୍‌ଚାପ୍ ଉଲ୍ ବୁଣୁ ଥାଆନ୍ତି, କିନ୍ତୁ କେହି ଯଦି ଭଲକରି ଲକ୍ଷ୍ୟ କରେ ଦେଖିବ ଯେ ସେ ଏମିତି ଉଲ୍‌ଟାକୁ ଧରି ବସି ରହିଛନ୍ତି । ଶୂନ୍ୟ ଦୃଷ୍ଟି, ପାରିପାର୍ଶ୍ୱିକ ବିଷୟରେ ସମ୍ପୂର୍ଣ୍ଣ ଅଚେତନ । ଏ ବୟସରେ ବି ସେ ବହୁତ ସୁନ୍ଦରୀ ଅଛନ୍ତି । ସହରିଆଙ୍କ ଚେହେରା ମଧ୍ୟ ଆକର୍ଷଣୀୟ । ଏବେ ବି ସହରିଆ ପତ୍ନୀଙ୍କୁ ନେଇ ବୁଲିବାକୁ ଗଲେ ଦୂରରୁ ଲୋକେ ଭାବନ୍ତି ହଲେ ଯୁବକ ଯୁବତୀ ବୁଲି ବାହାରିଛନ୍ତି ।

ମିସେସ୍ ସହରିଆ ଆଜିକାଲି ସବୁକଥା ଭୁଲି ଯାଆନ୍ତି । ଆଗରୁ ସେ କମ୍ କଥା କୁହନ୍ତି । ଆଜିକାଲି ଏକେବାରେ ଚୁପ୍ । କୋଉଠି ବସିଲେ ସେଇ ଗୋଟିଏ ଜାଗାରେ ସ୍ଥିର ହୋଇ ବସିଥାଆନ୍ତି । ସଜ୍ଞାନରେ ନୁହେଁ, ସମ୍ମୋହିତ ଭାବେ । କିଛିଦିନ ହେଲା ସହରିଆ ଏକଥାଟି ଜାଣି ପାରିଛନ୍ତି । ସେ ଉଠି ଆଗେଇ ଆସି ଦେଖିବାକୁ ଚାହିଁଲେ । ମିସେସ୍ ସହରିଆ ତାଙ୍କ ପାଖ ଦେଇ ଯାଇ ପୁଣି ବିଛଣାରେ ଶୋଇପଡ଼ିଲେ । ସହରିଆଙ୍କୁ ଦେଖି ପାରିଛନ୍ତି ବୋଲି ଜଣା ପଡ଼ିଲାନି । ନିଦରେ ଶୋଇ ସାରା ଘରଟାରେ ବୁଲିବୁଲି ଯେମିତି ଖୋଜୁଛନ୍ତି ପରି ଲାଗେ ।

ସକାଳେ ଅନୀତା ଆସି ଭୂଦେବ ଚୌଧୁରୀଙ୍କ ପାଖରେ ଉପସ୍ଥିତ । ନିଦ ଭାଙ୍ଗୁ ଭାଙ୍ଗୁ ରମେନ ସହିତ କଜିଆ ହୋଇଛି । ଏମିତିଆ କଜିଆ ମାସରେ ଅନ୍ତତଃ ଥରେ ଲାଗେ । ଚୌଧୁରୀ ପଚାରିଲେ "ଏକୁଟିଆ କାହିଁକି, ମୁନ୍‌ମୁନ୍, ଟୁନ୍‌ଟୁନ୍‌କୁ ଆଣିଲୁନି ? କିଏ ତାଙ୍କ ଦେଖା ଶୁଣା କରିବ ?"

"କାହିଁକି ଆଣିବି ? ବାପ ଦେଖିବନି କି ? ଏକୁଟିଆ ମୁଁ କାହିଁକି ସବୁ କରିବି ? ଇସ୍...."

"ପୁଣି କଜିଆ ଲାଗିଛି କି ?"

"ମୋର ଗୋଟିଏ କଥା ହେଲେ ଶୁଣନ୍ତେ । ମୋତେ ବୁଦ୍ଧି ଶିଖଉଛନ୍ତି, ପତି ପରମ ଗୁରୁ, ସେ ଯାହା କହିବେ ବିନା ବାକ୍ୟେ ମାନି ନେବାକୁ ହେବ । ଦୟାକରି ଶ୍ରୀଚରଣେ ସ୍ଥାନ ଦେଇଛି, ଶିରିଚରଣ, ଇସ୍.... ।"

ପୁଣି ଗୋଟାଏ ଲମ୍ୱା 'ଇସ୍ ।'

ଚୌଧୁରୀ ହସିଲେ ।

"ଆଚ୍ଛା ହେଲା ହେଲା । ଭଲ ଦିନଟାରେ ଆସିଚୁ । ଯୋଗେନ୍ ଆଜି ରୋହି ମାଛ ଆଣିଛି ।"

"ସତରେ ? ମାଛ ତର୍କାରୀ ମୁଁ କରିବି ତାହେଲେ ।"

ଚୌଧୁରୀ ଶଙ୍କିତ ହେଲେ,

"ତୁ ? ନା ଥାଉ । ଆସିଲୁ, ଭଲ ହୋଇଛି । ତୋର ଅଲଗା କାମ ଅଛି । ଆତ୍ମଜୀବନୀ ଲେଖିବାକୁ କହୁଚୁ, କେମିତି ଆରମ୍ଭ କରିବି ?"

ଅନୀତା ଉତ୍ସାହିତ ହୋଇଗଲା ।

"କେମିତି ଆରମ୍ଭ କରିବ ମାନେ ?"

"ମାନେ କୋଉଠୁ ? ରିଟାୟାର କରିବା ପରେ ନା ଏକେବାରେ ଜନ୍ମ ପରଠୁଁ ?"

"ରିଟାୟାର କରିବା ପରେ ଲେଖିବା ପାଇଁ କ'ଣ ଅଛି ?"

''କ'ଣ ନାହିଁ ? ଧରିଲୁ, ଏଇ ରିଟାୟାର କରିବା ସମୟ କଥା ଧର । ଏକୁଟିଆ ଲୋକ । କିଛି ଝଞ୍ଜାଳ ନାହିଁ । କ'ଣ ଆଉ କାମ କରିବା ଦରକାର ? ରିଟାୟାର କଲେ ରକ୍ଷା । ଶାନ୍ତିରେ ଟିକିଏ ରହିବି । ସେଇ କଥା ଭାବୁଥିଲି । ବିଦାୟ ସଭାରେ ସାଜ ସରଞ୍ଜାମ କରୁଥିବା ଜାଣି ମୁଁ ବାଧା ଦେଇଥିଲି । ରିଟାୟାର କରି ମୋର ଭଲ ହୋଇଛି । ରିଟାୟାର କରି ମନଟା ଯେ ବହୁତ ଦୁଃଖ ହେଉଛି ଏକଥା କାହିଁକି କହିବା ଦରକାର ? ମିଟିଙ୍ଗ୍‌ରେ ଉଠି ପଦେ ଦି' ପଦ କହିବାକୁ ଯାଇ ମୋର କାନ୍ଦ ବାହାରି ପଡ଼ିଲା । ଏତେ ଲାଜ ଲାଗିଲା .... ।''

ପୁଅଝିଅ ଦୁଇଟାକୁ ନେଇ ରମେନ୍ ସ୍କୁଟରରେ ହୁଲ୍‌ସ୍ଥୁଲ୍ କରି ପହଞ୍ଚିଲା । ପହଞ୍ଚୁ ପହଞ୍ଚୁ ହା–ହୋଲ୍ଲା ଆରମ୍ଭ କଲେ ।

''ଏଇ ଯୋଗେନ୍, ଯୋଗେ-ନ୍.... ।'' ରମେନ୍, ଚୌଧୁରୀଙ୍କୁ କହିଲେ, ''ଆଜି କୁଆଡ଼େ ଆମକୁ ଏଇଠି ଖାଇବାକୁ କହିଛନ୍ତି ? ସ୍କୁଟରରେ ସମସ୍ତେ ଆସିଲୁ, ଅସୁବିଧା ହେବ ବୋଲି ଅନୀତାକୁ ଆଗେ ପଠାଇ ଦେଲୁ । ଏଇ ଯୋଗେନ୍, ଆସିଲୁ ?''

''କାହିଁକି, ଯୋଗେନ୍ କ'ଣ କରିବ ? କୋଉଠି ଏବେ ପାଇବ ତାକୁ ? ଫାଙ୍କା ଟିକିଏ ପାଇଲେ କୁଆଡ଼େ ଯେ ଚାଲିଯାଏ ।''

''ଆସିଲାବେଳେ ବଜାରରେ ଲାଲ୍ ଚକ୍‌ଚକ୍ ହୋଇ ରୋହି ମାଛ କାଟୁଥିବା ଦେଖି ଲୋଭ ହେଲା, ଫୁଲକୋବି ମଧ ଆଣିଛି, ଫାଷ୍ଟକ୍ଲାସ କରୀ ହେବ ।''

''ଯୋଗେନ୍ ଯୋଉ ଫାଷ୍ଟକ୍ଲାସ କରୀ ରାନ୍ଧିବ ମୁଁ ଜାଣେ ।''

ଅନୀତା କହିଲା, ''ଯୋଗେନ୍ କାହିଁକି ? ମୁଁ ରାନ୍ଧିବି ।''

ରମେନ୍ ଚିନ୍ତିତ ହେଲେ,

''ତୁମ ଦେହ ଭଲ ନାହିଁ ବୋଲି କହୁଥିଲ । ଦରକାର ନାହିଁ, ରାନୁ ଅପା ରାନ୍ଧିବେ ।''

ଚୌଧୁରୀ ପଚାରିଲେ, ''ରାନୁକୁ କୋଉଠି ପାଇବ ?''

''ଆସୁଛନ୍ତି, ଆସିଲା ବେଳେ ସେମାନଙ୍କୁ ଡାକିଛନ୍ତି ବୋଲି କହି ଆସିଲି । ଆପଣ କଥା ସବୁ ଭଲ ଭାବେ ଭାବିବେନି । ଏକୁଟିଆ ଆମକୁ ଡାକି ଖୁଆଇଲେ ସେମାନେ ଖରାପ ଭାବିବେନି ? ସାନଝିଅ ପ୍ରତି ସବୁ ସ୍ନେହ । ଖରାପ ଭାବିବା କଥା । ଆମକୁ ନଡାକି ସେମାନଙ୍କୁ... ।''

''ଆଚ୍ଛା, ଆଚ୍ଛା, ଥାଉ, ଭଲ କରିଛ ।''

''ରାନୁଅପା ପିଲାପିଲିଙ୍କୁ ନେଇ ଏଇକ୍ଷଣି ଆସି ପହଞ୍ଚିବ । ଡ଼ାକ୍ତର ଡେରିରେ ଆସିବେ ବୋଲି କହିଛନ୍ତି ।'' ଅନୀତା ଆଖି ବଡ଼ ବଡ଼ କରି ରମେନ୍‌ର କଥା ସବୁ ଶୁଣୁଥିଲା । ତୀବ୍ର ପ୍ରତିବାଦ କରିବାକୁ ଯାଇ ଅଦମ୍ୟ ଭାବେ ହସି ପକେଇଲା ।

ଚୌଧୁରୀ ବ୍ୟସ୍ତତା ଦେଖାଇ ଏପଟ ସେପଟ ହୋଇ ଘରୁ ବାହାରି ଗଲେ । ଅନୀତା ହାତ ଦୁଇଟାକୁ ଅଣ୍ଟାରେ ଥୋଇ ରମେନ୍ ଆଗରେ ଛିଡ଼ା ହେଲା,''ମିଛ କଥାଗୁଡ଼ା ଏମିତି ଗଳ ଗଳ କରି କହିପାର । ଧନ୍ୟ !''

''କ'ଣ ମିଛ କଥା ?''

''ବାପା ତୁମକୁ ଅପାକୁ ଡାକିବାକୁ କହିଛନ୍ତି ?''

''ତାହେଲେ ମନା କରିଦେଇ ଆସେ । ଡ୍ରାଇଭରଟା ସେପର୍ଯ୍ୟନ୍ତ ଆସିନଥିଲା । ଛୋଉରେ ଗଲେ ଚଳିବ ।'' ରମେନ୍ ପାଖରେ ଏସବୁ ଅସାଧ ନୁହେଁ । ଘରୁ ବାହାରି ଯିବାବେଳେ ଅନୀତା ଖପ୍ କରି ହାତଟାକୁ ଧରି ଅଟକାଇ ଦେଲା । ରମେନ୍ ସନ୍ତର୍ପଣରେ ୟାଆଡ଼େ ସିଆଡ଼େ ଅନେଇବା ଦେଖି ଅନୀତା ଫଟକରି ଦୂରେଇ ଗଲା । ଆଖି ଦୁଲେଇ ରମେନ୍‌କୁ ଧମକ ଦେଇ କହିଲା, ''ଏଇ, ଖବରଦାର ।''

ସଞ୍ଜରେ ରବୀନ ସହରିଆ ପତ୍ନୀଙ୍କୁ ନେଇ ଅଚାନକ ଭୂଦେବ ଚୌଧୁରୀଙ୍କ ଘରକୁ ଆସିଲେ । ସେ ସାଧାରଣତଃ ସଞ୍ଜବେଳେ ବୁଲି ବାହାରନ୍ତିନି । ଘର ଆଗ ଲନ୍‌ରେ କୁକୁରଗୁଡ଼ାଙ୍କ ସହ ଖେଳନ୍ତି ।

ରାନୁ ବ୍ୟସ୍ତ ଭାବେ ତାଙ୍କୁ ଡ଼ାକି ବସେଇଲା ।

''ମାଉସୀ ଆସନ୍ତୁ, ମଉସା ଆସନ୍ତୁ ।''

ଚୌଧୁରୀ ସହରିଆଙ୍କୁ ପଚାରିଲେ, ''ଆପଣଙ୍କ କୁକୁରଦାହିନୀକୁ କୋଉଠି ଛାଡ଼ି ଆସିଲେ ?''

''ମୁସ୍ତାକ ପାଖରେ ଅଛନ୍ତି । ୟାଙ୍କୁ ନେଇ ଏମିତି ଟିକିଏ ବୁଲିବାକୁ ଆସିଛି । ରାନୁ ହେରିକା ଅଛନ୍ତି ଜାଣି ପଶି ଆସିଲୁ ।'' ମିସେସ୍ ସହରିଆ ସୋଫା ଉପରେ ବସିଲେ । ଶାରୀରିକ ଭାବେ ଉପସ୍ଥିତ ଥିଲେ ବି ମନ ଯେମିତି ବହୁତ ଦୂରରେ । ସତେ ଯେମିତି ସେ ଏଇ ପୃଥିବୀ ଭିତରେ ନାହାନ୍ତି । ମୋଟା ଫ୍ରେମ୍ ଚଷମା ଭିତରୁ ତାଙ୍କ ଆଖି ଦିଟା ଦେଖି ହୁଏନି ବୋଲି ତାଙ୍କ ମନର ଭାବ ବୁଝିବା କଷ୍ଟ । ସୋଫାରେ ବସିଛନ୍ତି ଯେ ନିଜକୁ ଭାରି ସଙ୍କୁଚିତ କରି ବସିଛନ୍ତି । ନିଜ ଡ଼ାହାଣ ହାତକୁ ଆଣ୍ଠୁ ଉପରେ ରଖିଛନ୍ତି । ହାତଟା ଉପରେ ତାଙ୍କର ଯେମିତି କିଛି କର୍ତ୍ତୃତ୍ୱ ନାହିଁ । ସ୍ୱୟଂକ୍ରିୟ ଭାବେ କମ୍ପିବାରେ ଲାଗିଛି ।

ରାନୁ ପଚାରିଲା, ''ମାଉସୀ, ସୁନୀତା ଠାରୁ ଚିଠି ପାଇଛନ୍ତି ?''

ମିସେସ୍ ସହରିଆ ଶୂନ୍ୟ ଦୃଷ୍ଟିରେ ରାନୁ ଆଡକୁ ଅନେଇଲେ ! ପ୍ରଶ୍ନଟା ସେ ଯେମିତି ବୁଝିପାରି ନାହାନ୍ତି ଅବା ପ୍ରଶ୍ନଟା ଶୁଣି ସେ ଯେମିତି ଆଶ୍ଚର୍ଯ୍ୟ ହୋଇ ଯାଇଛନ୍ତି ।

ସହରିଆ ଆଖି ଠାରି ରାନୁକୁ ଆଉ କିଛି ପଚାରିବାକୁ ମନାକଲେ । ମିସେସ୍ ସହରିଆ ତାଙ୍କୁ କିଛି ଦିନ ହେଲା ପ୍ରଶ୍ନ କରୁଛନ୍ତି ।

''ଆଚ୍ଛା, ସେମାନେ କୋଉଠି ? ପିଲାମାନେ କୋଉଠି ? ଆସିବେନି କି ? ଆଉ କଣ କେବେ ଆସିବେନି ? ମଲାବେଳେ ବି ପାଖରେ କାହାକୁ ପାଇବାନି ?'' ସହରିଆଙ୍କ ପୁଅଝିଅମାନେ ବହୁତ ଦିନ ହେଲା ଆସି ନାହାନ୍ତି । ଆମେରିକାରେ ସ୍ଥାୟୀ ଭାବେ ରହୁଛନ୍ତି । ଆସିବା କଷ୍ଟ । ସେମାନଙ୍କ ପିଲାପିଲିଙ୍କୁ ନେଇ ବଡ଼ ସମସ୍ୟା । ପୁରାପୁରି ଅଲଗା ପରିବେଶରେ ବଢ଼ିଛନ୍ତି । ଏକେବାରେ ଛୋଟ ବେଳୁ ନେଇ ଆସିଥିଲେ ଅଲଗା କଥା । ବର୍ତ୍ତମାନ ଚେର ଓପାଡ଼ି ଆଣିବା କଷ୍ଟ । ଏଠାକାର ସମାଜ ଭିତରେ ନିଜକୁ ଖାପ ଖୁଆଇବା କଷ୍ଟ ହେବ ।

ସହରିଆଙ୍କ ପୁଅ ଦି'ଜଣ ତାଙ୍କୁ ଆମେରିକା ଯିବା ପାଇଁ ଚିଠି ଲେଖନ୍ତି । ସୁନୀତା ମଧ ଭାଇ ଦୁଇଜଣଙ୍କୁ ସମର୍ଥନ କରେ । ସେମାନେ ବୁଝି ପାରନ୍ତିନି ଯେ ସେମାନଙ୍କ

ପିଲାପିଲିମାନଙ୍କ ପାଇଁ ଯୋଉଟା ସତ୍ୟ, ବୁଢ଼ା ବୁଢ଼ୀଙ୍କ ପାଇଁ ସେଇ କଥା ସତ୍ୟ । ସେମାନେ ଏ ବୟସରେ ଚେର ଉପାଡ଼ି ଆସାମ ଛାଡ଼ି ଯାଇପାରିବେନି । ପୁଅମାନେ ମଝିରେ ମଝିରେ ଚେକ୍ ପଠାନ୍ତି । ଚେକ୍ ପାଇଲା ମାତ୍ରକେ ସହରିଆଙ୍କ ମନ ଖରାପ ହୋଇଯାଏ । ପୁଅମାନେ ଭଲଭାବେ ଜାଣନ୍ତି ଟଙ୍କା ପଇସା ଅଛି । ସେଥିରେ ସେ ସାରାଜୀବନ ଆରାମରେ ଚଳି ଯିବେ । ଟଙ୍କା ପଠେଇ ସେମାନେ ତାଙ୍କ ବିବେକକୁ ସାନ୍ତ୍ୱନା ଦିଅନ୍ତି ନାଁ କଣ ? ଏପରି ବିକଳ୍ପ ତାଙ୍କର କି ପ୍ରୟୋଜନ ? କେବେ କେବେ ଭାଗଭାଗକରି ଚିଠି ଲେଖନ୍ତି । ''ସ୍ନେହର ଦୀପୁ, ତୁମେ ପଠେଇଥିବା ଦୁଇଶ ଡ଼ଲାରର ଚେକ୍‌ଟା ପାଇଲି । ବର୍ତ୍ତମାନ ଆମର ଟଙ୍କାର ସେମିତି ପ୍ରୟୋଜନ ନାହିଁ । ଦରକାର ହେଲେ... ।'' ଚିଠିଟାକୁ ଡ଼ାକରେ ଆଉ ପଠାନ୍ତିନି । ଟଙ୍କା ପଠେଇ ଯଦି ସେମାନେ ଶାନ୍ତି ପାଆନ୍ତି ତାହେଲେ ସେଇକଥା ହେଉ । ଏଇ ଗୋଟିଏ ସୂତ୍ର ବାକୀ ଅଛି । ଏଇ ସୂତ୍ରଟିକୁ ଛିଣ୍ଡେଇ ପକାଇବା ପ୍ରୟୋଜନ ନାହିଁ ।

ତେଇଶ

ଭୂଦେବ ଚୌଧୁରୀ ଯଦିଓ କ୍ଳାନ୍ତି ଅନୁଭବ କରୁଛନ୍ତି ତଥାପି ତାଙ୍କ ମନଟା ବେଶ ଭଲ ଲାଗୁଛି । ଆଜି ଅପ୍ରତ୍ୟାଶିତ ଭାବେ ଆପଣାର ଲୋକ ଏମନ୍ତେ ତାଙ୍କ ଘରେ ଏକାଠି ହୋଇଥିଲେ । ପ୍ରଥମେ ପତ୍ନୀଙ୍କ କଥା ମନେ ପଡ଼ିବାରୁ ତାଙ୍କୁ ଲାଗିଲା ଯେ କୌଣସି ପ୍ରକାରେ, କୌଣସି ଅବସ୍ଥାରେ, କୌଣସି ଗୋଟିଏ ରୂପରେ ତାଙ୍କ ପତ୍ନୀ ଏଇ ଉତ୍ସବରେ ଭାଗ ନେଇଥିଲେ । ଦିନଟାଯାକ ପ୍ରେମ, ପ୍ରୀତି ଆଉ କଳରବ ମୁଖରିତ ଶୁଭେଚ୍ଛାରେ ଆବୃତ୍ତ ହୋଇଥିଲେ ବି ମଝିରେ ମଝିରେ ସେ ଅନ୍ୟମନସ୍କ ହୋଇ ଯାଉଥିଲେ । ଦିନଟା ସତରେ ଭଲରେ କଟିଗଲା । ଏସବୁ ସାନ ଜ୍ୱାଇଁଙ୍କର କୀର୍ତ୍ତିପିଲାଟା ଭାରି ଭଲ । ପ୍ରକୃତି ଯଦିଓ ଟିକିଏ ଲଘୁ କିନ୍ତୁ ମନଟା ଖୁବ୍ ଭଲ । ଅନୀତା ସହ ଭଲ ମିଳିଛି ।

ଚୌଧୁରୀଙ୍କୁ ତାଙ୍କ ଆତ୍ମଜୀବନୀ ଲେଖିବାକୁ ଅନୀତା ଧରିଛି । ସେମିତି ବେଶୀ ଗୋଟାଏ ପ୍ରତ୍ୟୟର ସହ କଥାଟା କହୁଛି ତା' ନୁହେଁ । କଥାଗୁଡ଼ା କେମିତି ମୁଣ୍ଡ ଭିତରେ ପଶିଯାଇଛି ବୋଲି ଧରିଛି । କୌଣସି କଥା ଅନୀତା ଭଲ ଭାବେ ଚିନ୍ତା କରେନି, ଲଘୁ, ଚଞ୍ଚଳ ଆଉ ଅସ୍ଥିର ଚିତ୍ତ ।

ଲେଖିବାକୁ କଣ ବା ଅଛି ? ଚୌଧୁରୀ ଏମିତି କଣ ବଡ଼ କାମ ସବୁ ଜୀବନରେ କରିଦେଇଛନ୍ତି ? ପୃଥିବୀ ଛାତିରେ କୋଉ ଚିହ୍ନଟା ସେ ଛାଡ଼ି ଦେଇ ଯିବେ ? ସେଇ ଗୋଟିଏ କଥା । ପ୍ରଚଳିତ ଶବ୍ଦର ବନ୍ଧନରୁ କାହାରି ମୁକ୍ତି ନାହିଁ । ସେ ଯାହା ପ୍ରକାଶ କରିବାକୁ ଚାହାନ୍ତି ଶବ୍ଦର ଆବରଣ ତଳେ ଢ଼ାଙ୍କି ହୋଇ ତାର ରୂପ ପରିବର୍ତ୍ତନ ହୋଇଯାଏ । ଅନୁଭୂତି ସବୁ ବିକୃତ ରୂପରେ ପ୍ରକାଶ ପାଏ । ପୃଥିବୀ ଛାତିରେ କୋଉ ଚିହ୍ନଟା ସେ ଛାଡ଼ି ଦେଇ ଯିବେ ? ସ୍ୱୟଂକ୍ରିୟ ଭାବେ ଢ଼େଉ ପରି ଆସି ଶବ୍ଦମାନେ ଚିନ୍ତାଧାରାକୁ ନିର୍ଦ୍ଦିଷ୍ଟ ରୂପ ଦେବା ଆଗରୁ ଉଡ଼ାଇନିଅନ୍ତି । ହଜାର ହଜାର ବର୍ଷ ଧରି ବ୍ୟବହାର କରାହେଉଥିବାରୁ ଶବ୍ଦଗୁଡ଼ା ଜୀର୍ଣ୍ଣ ଆଉ ଅର୍ଥହୀନ

ହୋଇଯାଇଛି । ଏସବୁ ବକ୍ତା କିମ୍ୱା ଶ୍ରୋତା କାହାରି ମନରେ କିଛି ଦାଗ ଲଗେଇ ପାରିବନି । ଅବିରାମ ଭାବେ ଲହରୀମାଳ ମାଡ଼ି ଆସିଲା ପରି ।

ସ୍ଥାୟିତ୍ୱ କୌଣସି କାମରେ ସାର୍ଥକତାର ନିଦର୍ଶନ ହୋଇନପାରେ । ଏଇଟା ଗୋଟିଏ ହେଳିକି ଲଗେଇବା ଭଳି କଥା । ସହସ୍ର ବର୍ଷ, ଶତ ସହସ୍ର ବର୍ଷର ପ୍ରାନ୍ତ ସୀମା କେଉଁଠି ? ଯା ଭିତରେ ସବୁ ଧୂଳିସାତ୍ ହୋଇଯିବ । ସମୟ ସୁଅରେ ପବନ ପ୍ରକାଣ୍ଡ ଅଟ୍ଟାଳିକାମାନଙ୍କୁ ଧୂଳିବାଲି ପରି ଉଡ଼େଇ ନେଇଯିବ । ସୂର୍ଯ୍ୟ ବି ଦିନେ ହିମଶିଳା ପରି ଶୀତଳ ହୋଇଯିବ, ପୃଥିବୀରେ ଶୂନ୍ୟ ପ୍ରାନ୍ତରରେ ପବନ ଦୀର୍ଘଶ୍ୱାସ ଛାଡୁଥିବ । ହୁଏତ ଦିନେ ପବନ ବି ଆଉ ରହିବନି । ପୃଥିବୀ ଉପରେ ଧୂଳିର ଆବରଣ ଧୀରେ ଧୀରେ ଦୃଢ଼ ହୋଇଯିବ । ସେତେବେଳେ ? ଯବନିକା ପତନ ହେଲାପରେ କଣ କିଛି ଆଉ ରହିବ କି ? ପ୍ରେମ, ପ୍ରତ୍ୟାଶା, ଫୁଲର ସୁବାସ ଆଘ୍ରାଣ କରିବାରେ ଆନନ୍ଦ, ପାହାଡ଼ି ଝରଣା ଛାତିରେ ପ୍ରତିଫଳିତ କମ୍ପିତ ଚନ୍ଦ୍ର କିରଣ ଅବଲୋକନ କରି ମନରେ ସଞ୍ଚାରିତ ହେଉଥିବା ଗଭୀର ଉଲ୍ଲାସ, ଶୁଦ୍ଧ ଗାଣିତିକ ତତ୍ତ୍ୱ ଉଦ୍‌ଭାବନ କରିବାର ତୃପ୍ତି ? ପୃଥିବୀ ଛାତିରେ ଏସବୁ କଣ ସେତେବେଳେ ଅବଲମ୍ୱନଶୂନ୍ୟ ହୋଇ ରହିଯିବ ?

କାହିଁକି ତାହେଲେ ଏଇ ହଟ୍ଟଗୋଳ, ଅତୀତର ସ୍ମୃତି ଆଉ ଭବିଷ୍ୟତର ସ୍ୱପ୍ନ, କାଳର ପରିପ୍ରେକ୍ଷୀରେ ସବୁ କଥାର ମୂଲ୍ୟାୟନ ପ୍ରୟାସ ? ଅନୁକୂଳ ପରିବେଶରେ ରାସାୟନିକ ପ୍ରକ୍ରିୟା ଯୋଗୁ ଏଇ ଜୀବ ଜଗତର ସୃଷ୍ଟି । ଭିନ୍ନ ପରିବେଶରେ ଏହାର ପୁଣି ମୌଳିକ ଉପାଦାନରେ ରୂପାନ୍ତର ହେବ । ବାସ୍, ଏଇଠି ସବୁକଥା ଶେଷ ? ତାହେଲେ କାହିଁକି ଏ ହସ କାନ୍ଦ, ଏ ଦର୍ଶନ ଆଉ ବିଜ୍ଞାନ ?

ଅଥବା, ହଁ, ଅଥବା । ଏସବୁ ଅନ୍ତରାଳରେ ନିହିତ କିଛି ଗୋଟିଏ ଅଛି ଯାହାର ଅର୍ଥ ମଣିଷ ଏବେ ବି ଖୋଜି ପାଇନି । ଦିନଗୁଡ଼ିକର ଅର୍ଥହୀନତା ଆଉ ବଞ୍ଚିବା ପାଇଁ କଠିନ ସଂଗ୍ରାମ ଯୋଗୁଁ ମଣିଷ ଏବେବି ଏକ ବିଶେଷ ସ୍ତରରୁ ଉଠି ଅନ୍ୟ ସ୍ତରକୁ ଉତ୍ତୀର୍ଣ୍ଣ ହୋଇ ପାରିନି । ମଣିଷ ମନ ଭିତରେ ଦେବତାର ଯେଉଁ ଅସ୍ପଷ୍ଟ ଧାରଣା ଅଛି, ଦିନେ ହୁଏତ ତାର ଦୃଢ଼ ସଙ୍କଳ୍ପ ପାଇଁ ସେଇ ପରମ ସତ୍ୟ ଉପଲବ୍ଧି କରି ନିଜକୁ ସେମିତିଆ ଦେବତା ଭାବରେ ରୂପାନ୍ତର କରି ଦେଇ ବି ପାରେ ।

ଭୂଦେବ ଚୌଧୁରୀ ନିଜକୁ ଭାରୀ ଅନୁଭବ କଲେ । ଯେଉଁ ସବୁ ଜୀର୍ଣ୍ଣ ଶବ୍ଦମାନଙ୍କ ଭିତରେ ତାଙ୍କ ଅନୁଭୂତି ସବୁ ଢ଼ାଙ୍କି ହୋଇ ରହିଥିଲା, ସେଇ ଶବ୍ଦମାନେ ଗୋଟିକ ପରେ ଗୋଟିଏ ବିଲୀନ ହେବାକୁ ବସିଲେ । ସେ ହଠାତ୍ ମୁକ୍ତ ହୋଇଗଲେ । ବିଶୁଦ୍ଧ ସତ୍ତା, ସଂଜ୍ଞାହୀନ ଅସ୍ତିତ୍ୱ ? ଆନନ୍ଦ, ଉଲ୍ଲାସ ? ନାଁ, ଏଇ ଅତି ସାଧାରଣ ଶବ୍ଦମାନେ ତାଙ୍କ ଅନୁଭୂତିକୁ ପ୍ରକାଶ କରି ପାରିବେନି । ପ୍ରକାଶ ଯଦି କରିବାକୁ ପଡ଼େ ତାହେଲେ ରୂପକ ସାହାଯ୍ୟରେ ଏମିତି କହିଲେ ବା ଦୋଷ କଣ ଯେ ସେ ବିଜୁଳିର ତରଙ୍ଗରେ ରୂପାନ୍ତରିତ ହୋଇଗଲେ !

ପରଦିନ ସକାଳେ ଦଶଟା ବେଳେ ଯେତେବେଳେ ଚୌଧୁରୀ ତାଙ୍କ ଘର କବାଟ ଖୋଲିଲେନି, ସେତେବେଳେ ଯୋଗେନ୍ ଉଦ୍‌ବିଗ୍ନ ହୋଇ ମଦନ ଦାସଙ୍କୁ ଡ଼ାକି ଆଣିଲା ।